DHARITRI
ଭୁବନେଶ୍ୱର, ରବିବାର, ଅକ୍ଟୋବର ୧/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, October 1/2023 Page 16 ₹ 7.00 | SAMBALPUR
୪୯ଶ ଭାଗ ୩୦୭ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 307 ମୂଲ୍ୟ₹୭/-



**ପ୍ରୀତିଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା**
ଭାରତୀୟ ମହିଳା ବକ୍ସର ପ୍ରୀତି ପୱାର(୫୪ କିଗ୍ରା) ଏସିଆନ୍ ଗେମ୍ସ ସେମି ଫାଇନାଲରେ ପ୍ରବେଶ କରି ପ୍ୟାରିସ୍ ୨୦୨୪ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। **୧୩**

**୦୮** **ଅନୁଷ୍କାଙ୍କ ଦ୍ୱିତୀୟ ଗର୍ଭ ନେଇ ଚର୍ଚ୍ଚା**
ଅଭିନେତ୍ରୀ ଅନୁଷ୍କା ଶର୍ମା ଦ୍ୱିତୀୟଥର ଗର୍ଭବତୀ ଥିବା ନେଇ ପ୍ରଶଂସକଙ୍କ ମହଲରେ ଏବେ ଚର୍ଚ୍ଚା ହେଉଛି।



**ଆଜିର ସମ୍ପାଦକୀୟ** ତିନୋଟି ସ୍ତରରେ ଭେଦଭାବ | ସ୍କ୍ରବ୍ ଅଣାୟତ୍ତ: ସୁନ୍ଦରଗଡ଼ରେ କେନ୍ଦ୍ରୀୟ ଟିମ୍ | ୨

# ଭାରତକୁ ଖଲିସ୍ତାନୀଙ୍କ ବିରୋଧ ବଢ଼ୁଛି

**ଜୁନ୍ ୧୮ରେ ଖଲିସ୍ତାନୀ ନେତା ହରଦୀପ ସିଂ ନିଜ୍ଜରଙ୍କୁ ବ୍ରିଟିଶ୍ କଲମ୍ବିଆରେ ହତ୍ୟା କରାଯିବା ପଛରେ ନୂଆଦିଲ୍ଲୀର ସମ୍ପୃକ୍ତି ନେଇ କାନାଡା ଅଭିଯୋଗ ଆଣିବା ପରଠୁ ଭାରତ ପ୍ରତି ବିଚ୍ଛିନ୍ନତାବାଦୀଙ୍କ ବିରୋଧ ବଢ଼ିବାରେ ଲାଗିଛି। କାନାଡାରେ ଭାରତ ବିରୋଧୀ ବିକ୍ଷୋଭ ଜାରି ରହିଥିବାବେଳେ ଅନ୍ୟ ଦେଶଗୁଡ଼ିକରେ ମଧ୍ୟ ଅନୁରୂପ ଆନ୍ଦୋଳନ ଚଳାଇବା ପାଇଁ ଶିଖ୍ ଫର୍ ଜଷ୍ଟିସ୍ (ଏସ୍ଏଫ୍ଜେ) ଗତ ୨୫ରେ ଆହ୍ୱାନ ଦେଇଥିଲା। ଏହିକ୍ରମରେ ଶୁକ୍ରବାର ରାତିରେ ଖଲିସ୍ତାନୀ ସମର୍ଥକମାନେ ବ୍ରିଟେନରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତଙ୍କୁ ସ୍କଟଲାଣ୍ଡର ଏକ ଗୁରୁଦ୍ୱାରାରେ ପ୍ରବେଶ କରିବାକୁ ଦେଇନାହାନ୍ତି। ଆଗକୁ ମଧ୍ୟ ଶିଖ୍ ସମ୍ପ୍ରଦାୟ ବସବାସ କରୁଥିବା ରାଷ୍ଟ୍ରଗୁଡ଼ିକରେ ଭାରତୀୟ କୂଟନୀତିଜ୍ଞମାନଙ୍କୁ ଅନୁରୂପ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିପାରେ।**

## ସ୍କଟ୍‌ଲାଣ୍ଡ ଗୁରୁଦ୍ୱାରାରେ ଉଚ୍ଚାୟୁକ୍ତଙ୍କୁ ପୂରାଇଦେଲେନି



ଭାରତୀୟ ଉଚ୍ଚାୟୁକ୍ତ ବିକ୍ରମ ଦୋରାଇସ୍ୱାମୀ

**ଲଣ୍ଡନ/ନୂଆଦିଲ୍ଲୀ,୩୦।୯**

ବ୍ରିଟେନ୍‌ରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ ବିକ୍ରମ ଦୋରାଇସ୍ୱାମୀ ସ୍କଟ୍‌ଲାଣ୍ଡ ଗସ୍ତରେ ଥିବାବେଳେ ତାଙ୍କୁ ସେଠାରେ ଏକ ଗୁରୁଦ୍ୱାରା ପ୍ରବେଶକୁ ଖଲିସ୍ତାନୀ ସପକ୍ଷବାଦୀତତ୍ତ୍ୱ ଅବରୋଧ କରିଛନ୍ତି। ଏନେଇ ଭାରତ ବ୍ରିଟେନ ବହିର୍ବ୍ୟାପାର କାର୍ଯ୍ୟାଳୟରେ ଉଦ୍‌ବେଗ ଜଣାଇଛି। ଦୋରାଇସ୍ୱାମୀ ଶୁକ୍ରବାର ଗ୍ଲାସ୍‌ଗୋସ୍ଥିତ ଗୁରୁଦ୍ୱାରାକୁ ଯିବାକୁ ଚାହୁଁଥିବାବେଳେ କେତେଜଣ ଖଲିସ୍ତାନୀ ଉଗ୍ରପନ୍ଥୀ ତାଙ୍କୁ ଅଟକାଇଥିଲେ। ଭାରତୀୟ ଉଚ୍ଚାୟୁକ୍ତ ସେମାନଙ୍କ ସହ ଯୁକ୍ତିତର୍କ ନ କରି ଫେରିଯିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ସରକାରୀ ସୂତ୍ରରୁ କୁହାଯାଇଛି। ଆଲବର୍ଟ ଡ୍ରାଇଭ୍‌ଠାରେ ଥିବା ଗ୍ଲାସ୍‌ଗୋ ଗୁରୁଦ୍ୱାରାରେ ଦୋରାଇସ୍ୱାମୀ ପ୍ରବେଶ କରୁଥିବାବେଳେ ତାଙ୍କୁ ଜଣେ ଖଲିସ୍ତାନୀ ସପକ୍ଷବାଦୀ କର୍ମୀ ଅଟକାଉଥିବା 'ଶିଖ୍ ୟୁଥ୍ ୟୁକେ'ର ଇନ୍‌ଷ୍ଟାଗ୍ରାମ୍ ଚ୍ୟାନେଲରେ ପୋଷ୍ଟ ହୋଇଥିବା ଭିଡିଓରୁ ଦେଖିବାକୁ ମିଳିଛି। ସେମାନେ କାନାଡା ଓ ଅନ୍ୟତ୍ର ଶିଖ୍‌ମାନଙ୍କୁ ଆଘାତ ଦେଇଥିବାର ସେଠାରେ ଅନ୍ୟ ଜଣେ ବିକ୍ଷୋଭକାରୀ କହୁଥିବା ଶୁଣାଯାଇଛି। ସବୁଠି ଭାରତୀୟ ରାଷ୍ଟ୍ରଦୂତମାନଙ୍କୁ ଏଭଳି ବିରୋଧ କରାଯିବା ଆବଶ୍ୟକ ବୋଲି ସେ କହୁଛନ୍ତି। କୌଣସି ଭାରତୀୟ କୂଟନୀତିଜ୍ଞ କିମ୍ବା ସରକାରୀ ଅଧିକାରୀ ଗୁରୁଦ୍ୱାରା ଆସିଲେ ଏହିଭଳି ବ୍ୟବହାର କରାଯିବ ବୋଲି ଅନ୍ୟ ଜଣେ କହୁଥିବା ଭିଡିଓରୁ ଶୁଣିବାକୁ ମିଳିଛି।

ଖଲିସ୍ତାନୀ ଆତଙ୍କବାଦୀ ହରଦୀପ୍ ସିଂ ନିଜ୍ଜର ହତ୍ୟାକାଣ୍ଡରେ ଭାରତ ସମ୍ପୃକ୍ତ ଥିବା କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିସ୍ ଟ୍ରୁଡୋ ଅଭିଯୋଗ କରିବା ପରେ ଦୁଇଦେଶ ମଧ୍ୟରେ କୂଟନୈତିକ ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଛି। ଅଭିଯୋଗକୁ ଭାରତ ମନଗଢ଼ା ଏବଂ ଉଦ୍ଦେଶ୍ୟମୂଳକ କହି ଖଣ୍ଡନ କରିଥିବାବେଳେ ଅଭିଯୋଗ ସମ୍ପର୍କରେ କାନାଡା ଏପର୍ଯ୍ୟନ୍ତ କୌଣସି ପ୍ରମାଣ ଦେଖାଇ ପାରିନାହିଁ। ଏପରିସ୍ଥଳେ ବ୍ରିଟେନ୍‌ରେ ଭାରତୀୟ ଉଚ୍ଚାୟୁକ୍ତଙ୍କୁ ଗୁରୁଦ୍ୱାରାରେ ପ୍ରବେଶ କରାଇ ନ ଦେବାକୁ ନେଇ ନୂଆଦିଲ୍ଲୀ ଉଦ୍‌ବେଗ ପ୍ରକାଶ କରିଛି। ଏଭଳି ଘଟଣାକୁ ଭାଜପା ନିନ୍ଦା କରିଛି। ଗୁରୁଦ୍ୱାରା ସବୁ ଧର୍ମ ପାଇଁ। ଭାରତୀୟ କୂଟନୀତିଜ୍ଞଙ୍କୁ ଗୁରୁଦ୍ୱାରା ପ୍ରବେଶ କରାଇ ନ ଦେବା ନିନ୍ଦନୀୟ ବୋଲି ଶିରୋମଣି ଗୁରୁଦ୍ୱାରା ପ୍ରବନ୍ଧକ କମିଟି କହିଛି। ଏହା ପୂର୍ବରୁ ମଧ୍ୟ କାନାଡାରେ ଏକାଧିକ ଥର ଭାରତୀୟ ମିଶନକୁ ଟାର୍ଗେଟ କରାଯାଇଥିଲା। ସେହିପରି ମାର୍ଚ୍ଚ ୧୯ରେ ଆମେରିକାର ସାନ୍‌ଫ୍ରାନ୍‌ସିସ୍କୋସ୍ଥିତ ଭାରତୀୟ କନ୍‌ସୁଲେଟକୁ ଖଲିସ୍ତାନୀ ବିକ୍ଷୋଭକାରୀ ପ୍ରବେଶ କରି ଭଙ୍ଗାରୁଜା କରିଥିଲେ। ଜୁନ୍ ୧୨ରେ ଅଷ୍ଟ୍ରେଲିଆରେ ପ୍ରବାସୀ ଭାରତୀୟଙ୍କୁ କାର୍ ରାଲି ବେଳେ ଖଲିସ୍ତାନୀ ସମର୍ଥକମାନେ ଖଣ୍ଡାରେ ଆକ୍ରମଣ କରିଥିଲେ। ଜୁଲାଇ ୮ରେ ଖଲିସ୍ତାନୀ ବିକ୍ଷୋଭକାରୀ ଲଣ୍ଡନସ୍ଥିତ ଭାରତୀୟ ଦୂତାବାସରେ ଲାଗିଥିବା ତ୍ରିରଙ୍ଗାକୁ ଖୋଲିବା ସହ ଅଧିକାରୀମାନଙ୍କୁ ଦୁର୍ବ୍ୟବହାର କରିଥିଲେ।









# ପ୍ରଶ୍ନ ପଚାରୁଥିବା ଯାଏ ଜଣେ ଯୁବକ



ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ଜଗତ୍‌ସିଂହପୁରସ୍ଥିତ ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଶନିବାର ଆୟୋଜିତ 'ଗଣତନ୍ତ୍ର, ଗଣମାଧ୍ୟମ ଓ ଯୁବପିଢ଼ି' ଶୀର୍ଷକ ଜିଲାସ୍ତରୀୟ ଆଲୋଚନାଚକ୍ରରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି। **(ଫଟୋ: ମନୋରଞ୍ଜନ ମିଶ୍ର)**




ମଞ୍ଚାସୀନ ମୁଖ୍ୟବକ୍ତା ରାଷ୍ଟ୍ରୀୟ ଶ୍ରୀଜଗନ୍ନାଥ ମହିମା ପ୍ରଚାରକ ବାବା ସତ୍ୟାନନ୍ଦ ଦାସ, ଧରିତ୍ରୀ ତଥା ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଏବଂ ମୁଖ୍ୟଅତିଥି ବିଶିଷ୍ଟ ସାହିତ୍ୟିକ ଡ. ବୈଷ୍ଣବ ସାମଲ।

**ଜଗତ୍‌ସିଂହପୁର, ୩୦।୯ (ପ୍ରମୋଦ କୁମାର ନାୟକ)**

ଗୋଟିଏ ନିର୍ଦ୍ଦିଷ୍ଟ ବୟସକୁ ଯୁବକ କୁହାଯାଇ ନ ପାରେ। ଜାଣିବା ଓ ଶିଖିବାର ଇଚ୍ଛା ଥିବା ଯାଏ ଅର୍ଥାତ୍ ପ୍ରଶ୍ନ ପଚାରୁଥିବା ପର୍ଯ୍ୟନ୍ତ ଜଣଙ୍କୁ ଯୁବକ ବୋଲି କୁହାଯାଇପାରିବ। ପ୍ରଶ୍ନ ପଚାରିବାର ଶକ୍ତି କେବଳ ମଣିଷଙ୍କଠାରେ ଥାଏ। ସଭ୍ୟ ସମାଜରେ ଯେତେ ପ୍ରକାର ଶାସନ ବ୍ୟବସ୍ଥା ରହିଛି ସବୁଠାରୁ ଗଣତନ୍ତ୍ର ହେଉଛି ସର୍ବୋତ୍କୃଷ୍ଟ। ପ୍ରଶ୍ନ ପଚାରିବା ହେଉଛି ଏହାର ମଞ୍ଜି। ମାତ୍ର ଏବେ ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ ପ୍ରଶ୍ନ ପଚାରିବା ଉପରେ ବାରଣ କରାଯାଉଛି। ଯେଉଁଠି ପ୍ରଶ୍ନ କରିହେଉନି ସେଠି ଗଣତନ୍ତ୍ର ନାହିଁ। ସେହିପରି ୫ ବର୍ଷରେ ଥରେ ଭୋଟ ଦେଇଦେଲେ ଗଣତନ୍ତ୍ର ପ୍ରତିଷ୍ଠା ହୋଇଗଲା ବୋଲି ଭାବିବା ଉଚିତ ନୁହେଁ। ତେଣୁ ପ୍ରଶ୍ନ କରିବାର ପୂର୍ଣ୍ଣ ଅଧିକାରକୁ ଗଣତନ୍ତ୍ର ବୋଲି କୁହାଯିବ। ତେବେ ଦୁର୍ନୀତିରେ ନ ଥିବା ଯାଏ ପ୍ରଶ୍ନ କରିବା ସମ୍ଭବ ହୋଇଥାଏ ବୋଲି ଧରିତ୍ରୀର ୫୦ବର୍ଷ ଉପଲକ୍ଷେ ଜଗତ୍‌ସିଂହପୁରରେ ଶନିବାର ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର, ଯୁବପିଢ଼ି' ଶୀର୍ଷକ ଆଲୋଚନାଚକ୍ରରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ କହିଛନ୍ତି। ସେ ଆହୁରି କହିଛନ୍ତି, ଗଣମାଧ୍ୟମ ପ୍ରଶ୍ନ ପଚାରିବାକୁ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବୋଲି ମନେ କରିଆସୁଛି। ଏହି ଅଭିଯାନରେ ସମସ୍ତେ ସାମିଲ ହେବା ଉଚିତ। କିନ୍ତୁ ଗଣମାଧ୍ୟମ ଏବେ ଗୋଟେ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି। ମିଛ ଖବର ପ୍ରକାଶ କରିବାକୁ କୌଣସି ଗଣମାଧ୍ୟମ ଚିନ୍ତା କରେ ନାହିଁ। କିନ୍ତୁ ଗଣମାଧ୍ୟମ ଗାତରେ ପଶିଛି। ସତ୍ୟ ଅସତ୍ୟ ଦୋଛକିରେ ଫସିଯାଇଛି। କାରଣ ସତ କିଏ କହୁଛି ତାହା ଜାଣିବା କଷ୍ଟକର ହୋଇପଡ଼ିଛି। ଆମ ପାଇଁ ଯାହା ସତ୍ୟ ତାହା ଅନ୍ୟମାନଙ୍କ ପାଇଁ ମିଛ ହୋଇପାରେ। ସତ୍ୟର ଏକ ବାସ୍ତବ ରୂପରେଖ ଦେବା କଷ୍ଟକର ହୋଇପଡୁଛି। ତଥାପି ସତ୍ୟ ଖବର ପରିବେଷଣ ପାଇଁ ପ୍ରୟାସ ଜାରି ରହିବା ଉଚିତ ଏବଂ ଧରିତ୍ରୀ ଏ ଦିଗରେ ଯଥେଷ୍ଟ ଯତ୍ନବାନ ବୋଲି ସମ୍ପାଦକ ସତପଥୀ କହିଛନ୍ତି।

ଜଗତ୍‌ସିଂହପୁରସ୍ଥିତ ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଶ୍ରୀଜଗନ୍ନାଥ ମହିମା ପ୍ରଚାରକ ବାବା ସତ୍ୟାନନ୍ଦ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଆଲୋଚ୍ୟ ବିଷୟକୁ ଉପସ୍ଥାପନ କରିଥିଲେ। ଧରିତ୍ରୀ ହେଉଛି ଭୂଦେବୀ। ସେ ସର୍ବଦା କଲ୍ୟାଣମୟୀ। ସେହିପରି ଧରିତ୍ରୀ ଖବରକାଗଜ ନିଜର ସ୍ୱତନ୍ତ୍ରତା ବଜାଇ ରଖି ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ଯାଉଛି। ଗଣମାଧ୍ୟମ ବାସ୍ତବରେ ଜନତାଙ୍କ ପାଇଁ କାର୍ଯ୍ୟ କରେ। ଏହି ଦୃଷ୍ଟିରୁ ଧରିତ୍ରୀ ଅଗଣିତ ପାଠକମହଲରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଯେତେବେଳେ ଗଣମାଧ୍ୟମ ସତ୍ୟ ଓ ନିରପେକ୍ଷ ନୀତି ଅବଲମ୍ବନ କରିବା ପାଇଁ ସଂକଳ୍ପବଦ୍ଧ ହୋଇ ଅଗ୍ରସର ହେବ, ସେତେବେଳେ ଗଣତନ୍ତ୍ର ତା'ର ଶରଣାପନ୍ନ ହେବ। ଗଣତନ୍ତ୍ର ସଫଳତା କ୍ଷେତ୍ରରେ ଯୁବଶକ୍ତି ହେଉଛି ଶ୍ରେଷ୍ଠ ଶକ୍ତି। ମାତ୍ର ଏବେ ଯୁବଗୋଷ୍ଠୀକୁ ଧ୍ୱଂସ କରିବା ପାଇଁ ଉଦ୍ୟମ ଚାଲିଛି। ଯୁବଗୋଷ୍ଠୀ ବୁଝି ନ ପାରି ବିପଥଗାମୀ ହେଉଛନ୍ତି। ନୈତିକତା ଓ ଆଧ୍ୟାତ୍ମିକତାଠାରୁ ଦୂରେଇ ଯାଉଛ ବୋଲି ବାବା ସତ୍ୟାନନ୍ଦ କହିଛନ୍ତି। ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ସାହିତ୍ୟିକ ତଥା ଅବସରପ୍ରାପ୍ତ ପ୍ରଫେସର ଡ.ବୈଷ୍ଣବ ସାମଲ ଯୋଗଦେଇ କହିଛନ୍ତି, ଏ ମାଟିର ସନ୍ତାନମାନଙ୍କ ପ୍ରତି ହୋଇଥିବା ଅନ୍ୟାୟର ପ୍ରତିବାଦ ହେଉଛି ଧରିତ୍ରୀର ସ୍ୱର। ସତ୍ୟର ପ୍ରତିଷ୍ଠା ଓ ଜନକଲ୍ୟାଣ ଗଣମାଧ୍ୟମର ଲକ୍ଷ୍ୟ ହେବା ଉଚିତ। ଯୁବ ଗୋଷ୍ଠୀ ପ୍ରଥମେ ନିଜକୁ ଚିହ୍ନନ୍ତୁ, ନିଜକୁ ଚିହ୍ନିଲେ ଗଣତନ୍ତ୍ରର ପ୍ରକୃତ ରୂପକୁ ଚିହ୍ନପାରିବେ। ଗଣତନ୍ତକୁ ଚିହ୍ନଲେ ସେମାନେ ଛଳନା ଓ ପ୍ରତାରଣାକୁ ଭୁଲି ଜଗତ ପାଇଁ କାମ କରିବେ। ଧରିତ୍ରୀର ଜିଲା ପ୍ରତିନିଧି ପ୍ରମୋଦ କୁମାର ନାୟକ ସଭା ପରିଚାଳନା କରିଥିଲେ। ସଭା ପ୍ରାରମ୍ଭରେ ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନର କଳାକାରମାନଙ୍କ ଦ୍ୱାରା ଧରିତ୍ରୀ ପାଇଁ ସ୍ୱତନ୍ତ୍ର ସଙ୍ଗୀତ ନୃତ୍ୟ ମାଧ୍ୟମରେ ପରିବେଷଣ କରାଯାଇଥିଲା। ଏହି ଅବସରରେ ଜିଲାର ବିଭିନ୍ନ ମହାବିଦ୍ୟାଳୟରେ ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଜଗତ୍‌ସିଂହପୁରର ବିଭିନ୍ନ ସାମାଜିକ, ସାଂସ୍କୃତିକ ସଂଗଠନ ପକ୍ଷରୁ ଧରିତ୍ରୀ ସମ୍ପାଦକ ସତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବାହ୍ନରେ ଧରିତ୍ରୀ ସମ୍ପାଦକଙ୍କୁ ମା' ଶାରଳାଙ୍କ ପୀଠରେ ପଣ୍ଡା ଓ ସେବାୟତମାନଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।







ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନର କଳାକାରମାନଙ୍କ ଦ୍ୱାରା ଧରିତ୍ରୀ ପାଇଁ ସ୍ୱତନ୍ତ୍ର ସଙ୍ଗୀତ ନୃତ୍ୟ ମାଧ୍ୟମରେ ପରିବେଷଣ କରାଯାଉଛି।

## ଧରିତ୍ରୀ ସମ୍ପାଦକଙ୍କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧନା



ମା' ଶାରଳା ମନ୍ଦିରର ପଣ୍ଡା ଓ ସେବାୟତଗଣ



ଓଡ଼ିଶା ପାଠକ ସାମ୍ମୁଖ୍ୟ ଜଗତ୍‌ସିଂହପୁର ଜିଲା ଶାଖା



ଆଇଡିଆଲ୍ ନ୍ୟାଶ୍‌ନାଲ ସୋସାଇଟି ଫର୍ ଆୱାର୍‌ନେଶ୍ ଆଣ୍ଡ ଫର୍ଦରେନ୍ସ



ସୁଶାନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ଜଗତ୍‌ସିଂହପୁରର ଯୁବଗୋଷ୍ଠୀ



ପାରାଦୀପର ଆହ୍ୱାନ ଫାଉଣ୍ଡେଶନ୍




ଅରଣ୍ୟ ଅଭିଯାନ




ଅତିଥିଙ୍କ ଗହଣରେ ବକ୍ତୃତା ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର କୃତୀ ପ୍ରତିଯୋଗୀ।





କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ବୁଦ୍ଧିଜୀବୀମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଅକ୍ଟୋବର ୧/୨୦୨୩ | Bhubaneswar, Sunday, October 1/2023 | ପୃଷ୍ଠା-୧

# ସ୍କ୍ୱାଶରେ ଭାରତକୁ ସ୍ୱର୍ଣ୍ଣ

## ଫାଇନାଲରେ ପାକିସ୍ତାନକୁ ହରାଇଲା ପୁରୁଷ ଦଳ



ପୁରୁଷ ସ୍କ୍ୱାଶ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିବା ଭାରତୀୟ ଦଳର ଅଭୟ ସିଂ, ମହେଶ ମନଗାଓଁକର, ସୌରଭ ଘୋଷାଲ ଓ ହରିନ୍ଦର ପାଲ୍ ସାନ୍ଧୁ ପଦକ ସହ।

### ଏସିଆନ ଗେମ୍ସ

**ହାଙ୍ଗଝୋ,୩୦।୯(ପି.ଟି.)**

ଶନିବାର ଏସିଆନ ଗେମ୍ସ ୨୦୨୩ରେ ଭାରତୀୟ ପୁରୁଷ ସ୍କ୍ୱାଶ ଦଳ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରି ୮ବର୍ଷ ପରେ ଜିତିଛି ସ୍ୱର୍ଣ୍ଣ ପଦକ। କଡା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ ଭାରତ ୨-୧ରେ ବିଜୟୀ ହୋଇଥିଲା। ମ୍ୟାଚ୍ ୧-୧ ସ୍ଥିତିରେ ରହିଥିବା ବେଳେ ଭାରତର ଅଭୟ ସିଂ ପାକିସ୍ତାନର ନୁର୍ ଜମାନଙ୍କୁ ପରାସ୍ତ କରିଥିଲେ। ଟୁର୍ନାମେଣ୍ଟ ଆରମ୍ଭରୁ ଭାରତ ପୋଡିୟମ ଫିନିଶର ଦୃଢ ଦାବିଦାର ରହିଥିଲା। ମାଲେସିଆ ଓ ପାକିସ୍ତାନକୁ ଏହାର ପ୍ରତିଦ୍ୱନ୍ଦ୍ୱୀ ଭାବରେ ବିବେଚନା କରାଯାଉଥିଲା। ସୌରଭ ଘୋଷାଲଙ୍କ ନେତୃତ୍ୱାଧୀନ ଭାରତ ଏହାର ରୋଡ୍ ଟୁ ଫାଇନାଲରେ ଉଭୟ ଦଳଙ୍କୁ ପରାସ୍ତ ମଧ୍ୟ କରିଥିଲା।

ଶନିବାର ଫାଇନାଲ ମୁକାବିଲାରେ ଉଭୟ ଦଳ ମଧ୍ୟରେ କଡା ସଂଘର୍ଷ ଦେଖିବାକୁ ମିଳିଥିଲା। ଭାରତର ସୌରଭ ଘୋଷାଲ ଓ ପାକିସ୍ତାନର ନାସିର ଇକ୍‌ବାଲ ନିଜ ନିଜ ମ୍ୟାଚ୍‌ରେ ବିଜୟୀ ହେବା ପରେ ମ୍ୟାଚ୍ ୧-୧ ସ୍ଥିତିରେ ରହିଥିଲା। ନିର୍ଣ୍ଣାୟକ ବିଶ୍ୱ ମାନ୍ୟତାର ୬୯ ନମ୍ବର ସ୍ଥାନରେ ଥିବା ଅଭୟ ଓ ୧୧୩ ନମ୍ବର ସ୍ଥାନରେ ଥିବା ଜମାନଙ୍କ ମଧ୍ୟରେ କଡା ପ୍ରତିଦ୍ୱନ୍ଦ୍ୱିତା ☞ପୃଷ୍ଠା-୨

# କାର୍ ମାଡ଼ିଯାଇ ଶ୍ରମିକ ମୃତ

### ରାଜଧାନୀରେ ହିଟ୍ ଆଣ୍ଡ୍ ରନ୍

**ଭୁବନେଶ୍ୱର,୩୦।୯(ସତ୍ୟଜିତ୍ ରାଉତ)**

ରାଜଧାନୀରେ ହିଟ୍ ଆଣ୍ଡ୍ ରନ୍ ଘଟଣା ସାମ୍ନାକୁ ଆସିଛି। ଶୁକ୍ରବାର ବିଳମ୍ବିତ ରାତିରେ ରାଜମହଲ ଫୁଟ୍‌ପାଥ୍‌ରେ ଶୋଇଥିବା ଜଣେ ଶ୍ରମିକଙ୍କ ଉପରେ କାର୍ ମାଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତ ଶ୍ରମିକ ହେଲେ ପୁରୀ ଜିଲା ପିପିଲି ଅଞ୍ଚଳର ଦିନବନ୍ଧୁ ବରାଳ (୫୦)। ସବୁଠୁ ବଡ଼ କଥା ହେଲା ପୋଲିସକୁ ଚ୍ୟାଲେଞ୍ଜ୍ ଦେଇ ଚାଳକ ଜଣଙ୍କ ଦୁର୍ଘଟଣାଗ୍ରସ୍ତ କାର୍‌କୁ ନେଇ ଘଟଣାସ୍ଥଳରୁ ଚମ୍ପଟ୍ ମାରିଥିଲେ। ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ବାଙ୍କୁଆଳ ନଦୀ ବନ୍ଧ କଡ଼ରେ ସେ କାର୍ ଛାଡ଼ି ପଳାଇଯିବା ପରେ ପୋଲିସ ଲାଲ୍ ରଙ୍ଗର କାର୍ (ଓଡି୦୫ଏଏକ୍ସ୨୫୮୫)କୁ ଜବତ କରି ଥାନାକୁ ଆଣିଛି। କାର୍ ଦୁର୍ଘଟଣାଗ୍ରସ୍ତ ହୋଇ ସାମ୍ନା ପାର୍ଶ୍ୱ ଭାଙ୍ଗିଯିବା ସହ ଚେପା ହୋଇଯାଇଛି। ଏହି ସଂକ୍ରାନ୍ତରେ ☞ପୃଷ୍ଠା-୨

# ୭ ଯାଏ ବଦଳାଇହେବ ୨ ହଜାର ଟଙ୍କିଆ ନୋଟ୍

**ମୁମ୍ବାଇ,୩୦।୯(ପି.ଟି.)**

ଅର୍ଥ ବ୍ୟବସ୍ଥାରୁ ୨ ହଜାରିଆ ନୋଟ୍ ପ୍ରତ୍ୟାହାର ପାଇଁ ଚାଲିଥିବା ସ୍ୱତନ୍ତ୍ର ଅଭିଯାନର ଅବଧିକୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଅକ୍ଟୋବର ୭ ପର୍ଯ୍ୟନ୍ତ ବୃଦ୍ଧି କରିଛି। ଫଳରେ ଆସନ୍ତା ୭ ତାରିଖ ଯାଏ ଲୋକେ ବ୍ୟାଙ୍କଗୁଡ଼ିକରେ ୨,୦୦୦ ଟଙ୍କିଆ ନୋଟ୍ ଜମା କରିବା ସହ ବଦଳାଇପାରିବେ। ମେ' ୧୯ରୁ ଅଦ୍ୟାବଧି ଲୋକେ ବ୍ୟାଙ୍କ ଶାଖାଗୁଡ଼ିକ ଜରିଆରେ ୩.୪୨ ଲକ୍ଷ ☞ପୃଷ୍ଠା-୨

DSPL - 254

ବିଶ୍ୱ ରକ୍ତଦାନ ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ପ୍ରତିବର୍ଷ ଅକ୍ଟୋବର ୧ ତାରିଖକୁ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଭାବେ ପାଳନ କରାଯାଇଥାଏ । ଏହି ଅବସରରେ ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ମୁଁ ଆନ୍ତରିକ ଧନ୍ୟବାଦ ଜଣାଉଛି ।

ରକ୍ତଦାନ ସର୍ବଶ୍ରେଷ୍ଠ ଦାନ । ରକ୍ତଦାନ କରି ଜୀବନ ବଞ୍ଚାଇବାଠାରୁ ଅଧିକ ପୂଣ୍ୟ କିଛି ନାହିଁ । ରାଜ୍ୟରେ ରକ୍ତର ଆବଶ୍ୟକତା ପୂରଣ କରିବା ପାଇଁ ସ୍ୱେଚ୍ଛାକୃତ ରକ୍ତଦାନ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବାର ଆବଶ୍ୟକତା ରହିଛି । ଏଥିପାଇଁ ସମସ୍ତେ ସଚେତନ ହେବା ଜରୁରୀ ।

ଆସନ୍ତୁ, ଏହି ଅବସରରେ ଆମେ ସଂକଳ୍ପ ନେବା - ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ବହୁମୂଲ୍ୟ ଜୀବନ ବଞ୍ଚାଇବା ସହିତ ଏକ ସୁସ୍ଥ ସମାଜ ଗଠନ କରିବାରେ ସହାୟକ ହେବା ।

(ନବୀନ ପଟ୍ଟନାୟକ)

ବିଶ୍ୱ ରକ୍ତଦାନ ଦିବସ ଉପଲକ୍ଷେ ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ବାର୍ତ୍ତା

ଅକ୍ଟୋବର ୧ ତାରିଖ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଅବସରରେ ସମସ୍ତ ରକ୍ତଦାତା ଭାଇ ଓ ଭଉଣୀମାନଙ୍କୁ ଏବଂ ଏହି ମହତ କାର୍ଯ୍ୟରେ ସାମିଲ ହୋଇ କାର୍ଯ୍ୟକ୍ରମକୁ ସଫଳ କରୁଥିବା ସମସ୍ତ ଅନୁଷ୍ଠାନମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା । ରକ୍ତଦାନ ମହାପୂଣ୍ୟ । ଆମ ରାଜ୍ୟରେ ବର୍ଷକୁ ହାରାହାରି ୫ ଲକ୍ଷ ୟୁନିଟ ରକ୍ତର ଆବଶ୍ୟକତା ପଡୁଅଛି । ୧୮ ରୁ ୬୫ ବର୍ଷର ଯେ କୌଣସି ସୁସ୍ଥବ୍ୟକ୍ତି ରକ୍ତଦାନ କରିପାରିବେ । ରକ୍ତଦାନ କଲେ ଶରୀର ସୁସ୍ଥ ରହିଥାଏ ଓ ଜରୁରୀ ଭାବେ ରକ୍ତ ଆବଶ୍ୟକତା କରୁଥିବା ବ୍ୟକ୍ତିର ବହୁମୂଲ୍ୟ ଜୀବନ ରକ୍ଷା ହୋଇଥାଏ । ରାଜ୍ୟର ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ନିୟମିତ ସ୍ୱଇଚ୍ଛାରେ ରକ୍ତଦାନ କରି ରକ୍ତର ଆବଶ୍ୟକତା ପୂରଣ କରିବା ପାଇଁ ଆଗେଇ ଆସିବାକୁ ଆହ୍ୱାନ କରୁଛି ।

ଆସନ୍ତୁ, ଆଜି ଆମେ ଶପଥ ନେବା ଯେ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରି ଗୋଟିଏ ଜୀବନ ବଞ୍ଚାଇବାରେ ସହାୟକ ହେବା ।

(ନିରଞ୍ଜନ ପୂଜାରୀ)
ମାନ୍ୟବର ସଂସଦୀୟ ବ୍ୟାପାର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ, ଓଡ଼ିଶା

OIPR-10234/13/0002/2324

DSPL-252

5T TRANSPARENCY TECHNOLOGY TEAMWORK TIME TRANSFORMATION | ଓଡ଼ିଶା ସରକାର | ମୋ ସରକାର ☎ 14545

ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ
୧ ଅକ୍ଟୋବର ୨୦୨୩

"ରକ୍ତ ଜୀବନ ରକ୍ଷାକାରୀ ଏବଂ ବିକଳ୍ପ ବିହୀନ। ପ୍ରତ୍ୟେକ ଜୀବନ ମୂଲ୍ୟବାନ। ଅମୂଲ୍ୟ ମାନବ ଜୀବନ ବଞ୍ଚାଇବା ପାଇଁ ସମସ୍ତେ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିବାକୁ ମୁଁ ଅନୁରୋଧ କରୁଛି।"

ମୁଖ୍ୟମନ୍ତ୍ରୀ,ଓଡ଼ିଶା

ସୁସ୍ଥ ଓଡ଼ିଶା ସୁଖୀ ଓଡ଼ିଶା

- ପ୍ରତ୍ୟେକ ସରକାରୀ ଡାକ୍ତରଖାନାରେ ରାଜ୍ୟ ସରକାର ମାଗଣାରେ ରକ୍ତ ଯୋଗାଇ ଦେଉଛନ୍ତି।
- ମେଡିକାଲ୍ କଲେଜ୍, ଜିଲ୍ଲା ଓ ଉପଖଣ୍ଡ ଚିକିତ୍ସାଳୟ ତଥା ଅଧିକ ରୋଗୀ ଆସୁଥିବା ଚିକିତ୍ସାଳୟ ଗୁଡିକରେ ବ୍ଲଡ୍ ବ୍ୟାଙ୍କ / ବ୍ଲଡ୍ ଷ୍ଟୋରେଜ୍ ୟୁନିଟ୍ ଉପଲବ୍ଧ ଅଛି।
- ରାଜ୍ୟର ସମସ୍ତ ସ୍ଥାନରେ ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଯାନ ଦ୍ୱାରା ରକ୍ତଦାନ ଶିବିର ଅନୁଷ୍ଠିତ ହେଉଛି।
- ଯେକୌଣସି ବ୍ଲଡ୍‌ବ୍ୟାଙ୍କ୍‌ରେ ଉପଲବ୍ଧ ଥିବା ରକ୍ତର ପରିମାଣ ସମ୍ବନ୍ଧୀୟ ତଥ୍ୟ (ଗ୍ରୁପ୍ ଅନୁସାରେ) ଅନ୍‌ଲାଇନ୍‌ରେ ଇ-ବ୍ଲଡ୍‌ବ୍ୟାଙ୍କ୍ ପୋର୍ଟାଲ୍ (ୱେବ୍‌ସାଇଟ୍ (http://ebloodbank.nrhmodisha.in), ଏସ୍.ଏମ୍.ଏସ୍ (54323 for BSNL & 56767 for all mobile users) କିମ୍ବା ଆଇ.ଭି.ଆର୍.ଏସ୍ (Dial 18003457777) ମାଧ୍ୟମରେ ଜାଣିବାର ବ୍ୟବସ୍ଥା କରାଯାଇଛି।
- ରକ୍ତ ସମ୍ବନ୍ଧୀୟ ରୋଗରେ ପୀଡିତ ସମସ୍ତ ବ୍ୟକ୍ତିଙ୍କୁ ସରକାର ମାସିକ ୫୦୦ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି।

ପ୍ରତିଟି ରକ୍ତ ଦାନ, ବଞ୍ଚାଏ ଏକାଧିକ ଜୀବନ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
facebook.com/HFWOdisha
@HFWOdisha
http://www.health.odisha.gov.in/

OIPR-10003/13/0114/2324

DSPL-255

ଓଡ଼ିଶା ସରକାର

ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ

୧ ଅକ୍ଟୋବର ୨୦୨୩ । ସକାଳ ୯ଟା ୩୦ ମିନିଟ୍
ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱର

ବରିଷ୍ଠ ନାଗରିକମାନଙ୍କ କଲ୍ୟାଣ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ଯୋଜନା :

- ସାମାଜିକ ସୁରକ୍ଷା ନିମନ୍ତେ ମଧୁବାବୁ ପେନ୍‌ସନ୍ ଯୋଜନାରେ ମାସିକ ଭତ୍ତା ପ୍ରଦାନ।
- ଜରାଶ୍ରମଗୁଡିକରେ ବରିଷ୍ଠ ନାଗରିକମାନଙ୍କ ଉପଯୁକ୍ତ ସେବା ଯତ୍ନ ସହିତ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା।
- ରାଜ୍ୟରେ ପ୍ରତିଷ୍ଠିତ ସମନ୍ୱିତ ଭିତ୍ତିଭୂମି କେନ୍ଦ୍ରଗୁଡିକରେ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ବିଭିନ୍ନ ସୁବିଧା।
- ବାର୍ଦ୍ଧକ୍ୟଜନିତ ଅକ୍ଷମତା ଦୂର ପାଇଁ ଫିଜିଓଥେରାପି କେନ୍ଦ୍ର।
- ପ୍ରତି ଜିଲ୍ଲା ସଦର ମହକୁମା ଚିକିତ୍ସାଳୟରେ ୧୦ ଶଯ୍ୟାବିଶିଷ୍ଟ ଜେରିଆଟ୍ରିକ୍ ୱାର୍ଡର ସୁବିଧା।

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ

OIPR-46001/13/0017/2324

**ଆଜିର ମନ୍ତବ୍ୟ**

"ଇଲେକ୍ଟୋରାଲ ବଣ୍ଡ୍ ହେଉଛି 'ବୈଧୀକୃତ ଲାଞ୍ଚ'। ଅକ୍ଟୋବର ୪ରୁ ଏହା ପୁଣି ଆରମ୍ଭ ହେବାକୁ ଥିବାରୁ ଭାଜପାକୁ ସୁନା ଅମଳ କରିବା ପାଇଁ ସୁଯୋଗ ମିଳିଯିବ। **-ପି. ଚିଦାମ୍ବରମ୍, କଂଗ୍ରେସ ନେତା**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟଙ୍କା ଟାଣ ଅଟେ ପୁରୁଷ ପୁଅର**
**ମିଛ ଟାଣ ନେଇ ଚାଲେ ସିନା ଚୋର**
**କ୍ରନ୍ଦନଟି ଟାଣ ଅଟେ ଯେ ଶିଶୁର**
**ଦରିଦ୍ରର ଟାଣ କେବଳ ଈଶ୍ୱର।**

ଟଙ୍କା ଯେମିତି ପୁରୁଷର ବଳ, ମିଛ ସେମିତି ଚୋରର ବଳ ହୋଇଥାଏ। ଠିକ୍ ସେହିପରି କ୍ରନ୍ଦନ ହିଁ ଶିଶୁର ଶକ୍ତି ହୋଇଥିବାବେଳେ ଈଶ୍ୱର ହିଁ ଦରିଦ୍ରର ସହାୟକ ହୋଇଥାନ୍ତି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଟାହି ଟାମୁସି ଟାକୁଆ ଗାଲି**
**ସବୁ ପିଠାଯାକ ଖାଇଲା**
**ହାଣ୍ଡିରେ ଖାଇ ଚୁଲିରେ ହଗି**
**ଢିଙ୍କିଶାଳେ ଯାଇ ଶୋଇଲା।**

ଲୁଚେଇ ଛୁପେଇ ଖାଦ୍ୟ ଖାଇ ନ ଖାଇବାର ମିଛ ଅଭିନୟ କେବଳ ଧୂର୍ତ୍ତ ବା ସିଆଣିଆ ବ୍ୟକ୍ତି ହିଁ ବେଶ୍ ଭଲ ଭାବେ କରିପାରନ୍ତି। ଅତି ସନ୍ତର୍ପଣ ଭାବେ ଲୁଚେଇ ଚୋରେଇ ଖାଦ୍ୟ ଖାଉଥିବା ସ୍ତ୍ରୀଲୋକ ପ୍ରତି ଏଠାରେ ବ୍ୟଙ୍ଗୋକ୍ତି ଭାବ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ସ୍କ୍ରବ୍ ଅଣାୟତ୍ତ: ସୁନ୍ଦରଗଡ଼ରେ କେନ୍ଦ୍ରୀୟ ଟିମ୍

## ଜିଲାରେ ୨୯୫ ଆକ୍ରାନ୍ତ

ସୁନ୍ଦରଗଡ଼,୩୦।୯
(ଜୟ ନାରାୟଣ ମେଶ୍ଟୁଲି)

ସୁନ୍ଦରଗଡ଼ରେ ଅଣାୟତ୍ତ ହେଉଛି ସ୍କ୍ରବ୍ ଟାଇଫସ୍ ସଂକ୍ରମଣ। ଗତ୨୪ଘଣ୍ଟାରେ ୩ ନୂଆ ସଂକ୍ରମିତ ଚିହ୍ନଟ ପରେ ଏବେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଖ୍ୟା ୨୯୫ରେ ପହଞ୍ଚିଛି। ଶୁକ୍ରବାର ଜିଲାରେ ୬ ଜଣିଆ କେନ୍ଦ୍ରୀୟ ଟିମ୍ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ଟିମ୍ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କାହ୍ନୁଚରଣ ନାୟକଙ୍କ ସହ ସ୍କ୍ରବ୍ ଟାଇଫସ୍ ଉପରେ ଆଲୋଚନା କରିଥିଲେ। ନିଆଯାଉଥିବା ପଦକ୍ଷେପ ଓ ଏହାର ସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ। ପରେ ଏହି ଟିମ୍ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରୋଗୀ ଏବଂ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବା ନେଇ ସଦର ବ୍ଲକର ମଝାପଡ଼ା ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କ ସହ ଆଲୋଚନା ମଧ୍ୟ କରିଥିଲେ। ଏଠାରେ ଥିବା ପରୀକ୍ଷଣ କେନ୍ଦ୍ର ତଥା କୁଣ୍ଡୁକେଲା ଗ୍ରାମ ଓ ସୁନ୍ଦରଗଡ ମହେଶଡ଼ିହୀ ସ୍ଥିତ ଅର୍ବାନ ହେଲଥ ସେଣ୍ଟର ପରିଦର୍ଶନ କରିଥିଲେ। ଏହି ଟିମ୍‌ରେ କେନ୍ଦ୍ରର ଡା. ସମୀର ଗୁଲାଟି, ଡା. ଧରା ବି ଶାହ, ଡା. ଆରୁଷି ଘାଇ, ଡା. ତୁଷାର ନାଲେ ଥିବାବେଳେ ରାଜ୍ୟର ଡା. ସୁରଜିତ ଗରାବଡୁ ଓ ରାଜ୍ୟ ଟାଟା ମ୍ୟାନେଜର ଶୁଭାଶିଷ ଜେନା ସାମିଲ ହୋଇଥିଲେ। ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନାୟକଙ୍କ କହିବା ଅନୁଯାୟୀ, ଚିଗର ନାମକ ଏକ ବିଷାକ୍ତ କୀଟ କାମୁଡିବା ଦ୍ୱାରା ଏହି ରୋଗ ହୋଇଥାଏ। ଏହି କୀଟ କାମୁଡିବା ଦ୍ୱାରା ଶରୀରରେ ଘା' ଲକ୍ଷଣ ଦେଖାଯାଇଥାଏ। ପରେ ଘା'ର ଚାରିପାଖ ନାଲି ପଡିଯାଏ ଓ ଧୀରେଧୀରେ ମଝି ଅଂଶ କଳା ପଡିଯାଏ। ଏଥିରେ ଆକ୍ରାନ୍ତ ରୋଗୀଙ୍କ ଶରୀର ଘୋଳାବିନ୍ଧା ସହ ଜ୍ୱର ହୋଇଥାଏ। ବର୍ତ୍ତମାନ ବର୍ଷା ଲାଗି ରହିଥିବାରୁ ବୁଦାଳିଆ ସ୍ଥାନ ଓ ଚାଷ ଜମିକୁ ଯିବା ବେଳେ ଶରୀରକୁ ସମ୍ପୂର୍ଣ୍ଣ ଘୋଡାଇ ହୋଇ ଯିବାକୁ ଲୋକଙ୍କୁ ସଚେତନ କରାଯାଉଛି।ଏପରି ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବାକୁ ସେ କହିଛନ୍ତି। ସୂଚନାଯୋଗ୍ୟ, ଶୁକ୍ରବାର ୨୦ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ।


କେନ୍ଦ୍ରୀୟ ଟିମ୍ ସଦସ୍ୟମାନେ ସ୍କ୍ରବ୍ ଟାଇଫସ୍ ସ୍ଥିତି ସମୀକ୍ଷା କରୁଛନ୍ତି।

# ସାନ୍ତାଳୀ-ଓଡ଼ିଆ-ଇଂରାଜୀ ଶବ୍ଦକୋଷର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୩୦।୯(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ନବୀନ ନିବାସଠାରେ ଜନଜାତି ଭାଷା ସଂସ୍କୃତି ପ୍ରତିଷ୍ଠାନ ପକ୍ଷରୁ ପ୍ରକାଶିତ ସାନ୍ତାଳୀ-ଓଡ଼ିଆ-ଇଂରାଜୀ ଶବ୍ଦକୋଷକୁ ଲୋକାର୍ପଣ କରିଛନ୍ତି। ଏଥିସହିତ ସୌରା, କୁଇ, କୁଭି, ଗୋଣ୍ଡି ଓ ମୁଣ୍ଡା ଭାଷାର ପ୍ରାଥମିକ ଶ୍ରେଣୀ ନିମନ୍ତେ ୨୧ଟି ଅତିରିକ୍ତ ପାଠ୍ୟପୁସ୍ତକ ମଧ୍ୟ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ଉପସ୍ଥିତ ଜନଜାତି ସମ୍ପ୍ରଦାୟର ପ୍ରତିନିଧିମାନଙ୍କୁ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଅଭିଧାନ ସାନ୍ତାଳୀ ଭାଷାକୁ ଆହୁରି ସମୃଦ୍ଧ କରିବ ଏବଂ ସାନ୍ତାଳୀ ଭାଷା ଶିକ୍ଷା କରିବା ପାଇଁ ଅନ୍ୟମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବ। ପ୍ରାଥମିକ ଶିକ୍ଷା ପାଇଁ ଅତିରିକ୍ତ ପାଠ୍ୟପୁସ୍ତକ ଛାତ୍ରୀଛାତ୍ରଙ୍କ ପାଇଁ ବିଶେଷ ଉପଯୋଗୀ ହେବ। ଏଥିପାଇଁ ନିଷ୍ଠାର ସହ କାମ କରିଥିବା ସାନ୍ତାଳୀ ଭାଷାବିତ୍, ଗବେଷକ ଏବଂ ଜନଜାତି ଭାଷା ସଂସ୍କୃତି ପ୍ରତିଷ୍ଠାନକୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ବିଶିଷ୍ଟ ସାନ୍ତାଳୀ ଭାଷାବିତ୍ ଚୈତନ୍ୟ ପ୍ରସାଦ ମାଝି ଏ ଶବ୍ଦକୋଷକୁ ପ୍ରସ୍ତୁତ କରିଛନ୍ତି। ତାଙ୍କୁ ସାନ୍ତାଳୀ ଭାଷାର ଭାଷାବିତ୍‌ମାନେ ସହଯୋଗ କରିଛନ୍ତି। ସାନ୍ତାଳୀ ଭାଷା ଆମ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସ୍ଥାନିତ ହୋଇଛି। ସାନ୍ତାଳୀ ସହିତ ଅନ୍ୟ ଜନଜାତି ଭାଷାରେ ଶବ୍ଦକୋଷ ପ୍ରକାଶନ ପାଇଁ ସରକାରୀ ସ୍ତରରେ ଉଦ୍ୟମ ଜାରି ରହିଛି। ବିଭାଗ ପକ୍ଷରୁ ଆଉ ୧୧ଟି ଜନଜାତି ଭାଷାରେ ପ୍ରାଥମିକ ଅତିରିକ୍ତ ପାଠ୍ୟପୁସ୍ତକ ପ୍ରସ୍ତୁତି ପାଇଁ କାର୍ଯ୍ୟ ଜାରି ରହିଛି। ଜନଜାତି ସାହିତ୍ୟ ଓ ସଂସ୍କୃତି ସମ୍ପର୍କରେ ଆଗ୍ରହ ଓ ସଚେତନତା ସୃଷ୍ଟି କରିବା ପାଇଁ ବିଭାଗ ପକ୍ଷରୁ ଏ ସବୁକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଅନ୍‌ଲାଇନରେ ଉପଲବ୍ଧ ହେବ। ବିଭିନ୍ନ ଜନଜାତି ଭାଷାରେ ସାର୍ଟିଫିକେଟ କୋର୍ସ କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ପ୍ରତି ଜିଲାରେ ଭାଷା ଲାବ୍ କରାଯିବ। ଏହାଦ୍ୱାରା ଜନଜାତି ଭାଷା ସାହିତ୍ୟ ଓ ସଂସ୍କୃତି ଉପରେ ଅଧିକ ଗବେଷଣା କରିବା ପାଇଁ ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି, ଜାତି, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ ଜନଜାତି ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରଚାର ପାଇଁ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ବିଭାଗୀୟ କମିଶନର ତଥା ଶାସନ ସଚିବ ରୂପାରୋଶନ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସାନ୍ତାଳୀ ଭାଷାବିତ୍ ଚୈତନ୍ୟ ପ୍ରସାଦ ମାଝୀଙ୍କ ସହ କୁଇ,କୁଭି, ଗୋଣ୍ଡି ଓ ମୁଣ୍ଡା ଜନଜାତି ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ପ୍ରଯୁକ୍ତି ସହ ଭାରତର ସମ୍ପର୍କ ଅତୁଟ: ଧର୍ମେନ୍ଦ୍ର


ଭାରତୀୟ ଭାଷା ଶିଖର ସମ୍ମିଳନୀରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଭୁବନେଶ୍ୱର, ୩୦।୯(ସୁନିତ୍ ମିଶ୍ର)

ଭାରତ ଭଳି ପୁରାତନ ସଭ୍ୟତାର ପ୍ରଯୁକ୍ତିବିଦ୍ୟା ସହ ଅତୁଟ ସମ୍ପର୍କ ରହିଛି। ଭାରତୀୟ ଭାଷା ଏବଂ ପ୍ରଯୁକ୍ତିବିଦ୍ୟା ଜ୍ଞାନକୌଶଳର ସମାଗମ ଦେଶର ପ୍ରତିଭାବାନ୍‌ଙ୍କ ପାଇଁ ଅପାର ସମ୍ଭାବନାର ଦ୍ୱାର ଖୋଲିବ ବୋଲି ଶନିବାର ନୂଆଦିଲ୍ଲୀଠାରେ ୭୫ ଦିନିଆ ଭାରତୀୟ ଭାଷା ଉତ୍ସବ ଏବଂ ୨ ଦିନିଆ ପ୍ରଯୁକ୍ତିବିଦ୍ୟା ତଥା ଭାରତୀୟ ଭାଷା ଶିଖର ସମ୍ମିଳନୀକୁ ଶୁଭାରମ୍ଭ କରିବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ସ୍ୱାଧୀନତା ସଂଗ୍ରାମୀ, ବିଶିଷ୍ଟ ତାମିଲ କବି ମହାକବି ଚିନ୍ନାସ୍ୱାମୀ ସୁବ୍ରମଣ୍ୟ ଭାରତୀଙ୍କ ଜନ୍ମଦିନ ତଥା ଭାରତୀୟ ଭାଷା ଦିବସ ପାଳନ କରିବା ପାଇଁ ଭାରତ ସରକାରଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଉଛି। ଏହି ଉତ୍ସବ ସେପ୍ଟେମ୍ବର ୨୮ରୁ ଆରମ୍ଭ ହୋଇଥିବା ବେଳେ ଡିସେମ୍ବର ୧୧ ପର୍ଯ୍ୟନ୍ତ ଚାଲିବ। ଏହା ଶିକ୍ଷାରେ ଭାରତୀୟ ଭାଷାଗୁଡିକୁ ସମୃଦ୍ଧ ଭବିଷ୍ୟତର ମାର୍ଗ ପ୍ରସ୍ତୁତ କରିବ। ସରକାରଙ୍କ ସମ୍ପୂର୍ଣ୍ଣ ଆଭିମୁଖ୍ୟ ସହ ପାଳନ ହେଉଥିବା ଏହି ଉତ୍ସବ ଭାରତୀୟ ଭାଷାକୁ ପ୍ରୋତ୍ସାହିତ କରିବା ସହ ଆମର ପୁରାତନ ଜ୍ଞାନ ପରମ୍ପରାର ଆଧାରରେ ସମୃଦ୍ଧ ଭବିଷ୍ୟତ ଦିଗରେ ଆଗକୁ ବଢ଼ିବାର ଉଦ୍ୟମ। ଟେକ୍ନୋଲୋଜି ମାଧ୍ୟମରେ ଭାରତୀୟ ଜ୍ଞାନ ପ୍ରବାହକୁ ଆଜିର ଆବଶ୍ୟକତା ଅନୁସାରେ ରୂପ ଦେବ। ଭାଷା ପାଇଁ ପ୍ରଯୁକ୍ତିବିଦ୍ୟା, ପ୍ରଯୁକ୍ତିବିଦ୍ୟାରେ ଭାଷା ଏବଂ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଭାଷା ଭାରତୀୟ ଭାଷା ପାଇଁ ଏକ ମଜଭୁତ ଇକୋସିଷ୍ଟମ ତିଆରି କରିବ। ଜାତୀୟ ଶିକ୍ଷା ନୀତିରେ ସବୁ ଭାରତୀୟ ଭାଷାକୁ ରାଷ୍ଟ୍ରୀୟ ଭାଷା ବୋଲି ଅଭିହିତ କରାଯାଇଛି। ପିଲାଙ୍କ ଭିତରେ ମାତୃଭାଷା ସେମାନଙ୍କ ଆତ୍ମବିଶ୍ୱାସ ଭରିଥାଏ। କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନିଜର ଅଭିଜ୍ଞତାକୁ ୨୨ଟି ଭିନ୍ନଭିନ୍ନ ଭାଷାରେ ମତ ରଖିଥିଲେ, ଯାହାକୁ ନେଇ କେନ୍ଦ୍ରମନ୍ତ୍ରୀ ଖୁସିବ୍ୟକ୍ତ କରିଥିଲେ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ମନ୍ତ୍ରୀଙ୍କୁ ଭେଟିଲେ, ଚାଲିବ ଆନ୍ଦୋଳନ

## ବେସରକାରୀ ଅନୁଦାନ ଓ ଅଣ-ଅନୁଦାନପ୍ରାପ୍ତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ସଂଘର ମହାସମାବେଶ

ଭୁବନେଶ୍ୱର,୩୦।୯(ଅନୁରାଧା ମହାରଣା)

ସରକାରୀ ଅନୁଦାନ ନୀତି (ଜିଆଇଏ) ଲାଗୁ କରିବା ପାଇଁ ସମସ୍ତ ବେସରକାରୀ ଅନୁଦାନ ଓ ଅଣ-ଅନୁଦାନ (ଯୁକ୍ତ ୨ ଓ ଯୁକ୍ତ ୩) ମହାବିଦ୍ୟାଳୟ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସଂଘ ଗାନ୍ଧୀମାର୍ଗରେ ୭୫ ଦିନ ଧରି ଶାନ୍ତିପୂର୍ଣ୍ଣ ଭାବେ ଅହୋରାତ୍ର ଧାରଣା ଦେଉଛନ୍ତି। ବିଭିନ୍ନ ଉପାୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିଲେ ମଧ୍ୟ ସରକାର କୌଣସି ଦାବି ପୂରଣ କରି ନ ଥିବାରୁ ଶନିବାର ସଂଘ ପକ୍ଷରୁ ମହାସମାବେଶ କରାଯାଇଥିଲା। ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି କ୍ରମରେ ସଂଘର ଏକ ପ୍ରତିନିଧି ଦଳ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସାବ୍ୟସଚୀ ନାୟକଙ୍କୁ ଓଡ଼ିଶା ବିଧାନସଭାରେ ଭେଟିଥିଲେ। ସଂଘର ରାଜ୍ୟ ସଭାପତି ଡ. ଦେବ ବିଜୟ ମିଶ୍ର, ବିଭୁ ପ୍ରସାଦ ମିଶ୍ର, କୁଶ ମଲ୍ଲିକ, ଦମୟନ୍ତୀ ଷଣ୍ଢ, ଶଙ୍କର ପାଢ଼ୀ ପ୍ରମୁଖ ମନ୍ତ୍ରୀଙ୍କ ସହ ଆଲୋଚନା ପାଇଁ ଯାଇଥିଲେ। ଆଗାମୀ ଆନ୍ତଃମନ୍ତ୍ରୀସ୍ତରୀୟ ବୈଠକରେ ଏନେଇ ଆଲୋଚନା କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

# ମାଟ୍ରିକ ପରୀକ୍ଷା: ଫର୍ମପୂରଣ ଅବଧି ବଢ଼ିଲା

କଟକ,୩୦।୯ (ସୁପ୍ରିୟା ପ୍ରିୟଦର୍ଶିନୀ)

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ମାଟ୍ରିକ ପରୀକ୍ଷା ପାଇଁ ଫର୍ମପୂରଣ ଅବଧିକୁ ବୃଦ୍ଧି କରାଯାଇଛି। ଅକ୍ଟୋବର ୫ ତାରିଖ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ୍‌ରେ ଫର୍ମ ପୂରଣ କରିପାରିବେ। ସେହିପରି ଅକ୍ଟୋବର ୫ ତାରିଖକୁ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ଅନ୍‌ଲାଇନ୍ ଓ ମଧ୍ୟମା ପରୀକ୍ଷା ନିମନ୍ତେ ଅଫ୍‌ଲାଇନ୍‌ରେ ଫର୍ମପୂରଣ ଅବଧି ବୃଦ୍ଧି କରାଯାଇଛି। ଏହାପରେ ଆଉ ଫର୍ମପୂରଣ ଅବଧି ବୃଦ୍ଧି କରାଯିବ ନାହିଁ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରଥମ ପୃଷ୍ଠାରୁ...

## କାର୍ ମାଡ଼ିଯାଇ ଶ୍ରମିକ ମୃତ,...

କ୍ୟାପିଟାଲ ଥାନା ପୋଲିସ ଆଇପିସି ଦଫା ୨୭୯, ୩୦୪ (କ)ରେ ଏକ ମାମଲା (ନଂ.୫୮୨/୨୦୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

ଦୁର୍ଘଟଣା ଘଟାଇଥିବା କାର୍ କଟକ ଆର୍‌ଟିଓରେ ପଞ୍ଜୀକୃତ ହୋଇଥିବାବେଳେ ଏହାର ମାଲିକ ପୁରୀ ଜିଲା କାକଟପୁର ଅଞ୍ଚଳର ବିକାଶ ପାଲ୍ ବୋଲି ପୋଲିସ ଜାଣିବାକୁ ପାଇଛି। ବିକାଶ ତାଙ୍କ ପରିବାର ସହ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ପୋଖରୀପୁଟ୍‌ରେ ରହୁଛନ୍ତି। ପୋଲିସ ତାଙ୍କ ପରିବାର ସହ ଯୋଗାଯୋଗ କରିବାରୁ ବିକାଶ ଶୁକ୍ରବାର ରାତିଠୁ କାର୍ ନେଇ କୁଆଡ଼େ ଯାଇଥିବାବେଳେ ଘରକୁ ଫେରି ନ ଥିବା କହିଛନ୍ତି। ପରିବାର ଲୋକଙ୍କ ଏଭଳି ବୟାନ ପରେ ବିକାଶ ହିଁ ଏହି ଦୁର୍ଘଟଣା ଘଟାଇପାରିଥାନ୍ତି ବୋଲି ପୋଲିସ ସନ୍ଦେହ କରୁଛି। ତାଙ୍କୁ ଠାବ କରିବାକୁ ପୋଲିସ ଟିମ୍ ପ୍ରୟାସ ଜାରି ରଖିଛି। ଏପଟେ କ୍ୟାପିଟାଲ ହସ୍ପିଟାଲରେ ମୃତ ଶ୍ରମିକ ଦିନବନ୍ଧୁଙ୍କ ବ୍ୟବଚ୍ଛେଦ ହୋଇଛି। ତେବେ ରାଜଧାନୀରେ କମିଶନରେଟ୍ ପୋଲିସର କଡ଼ା ପାଟ୍ରୋଲିଂ ଓ ସିସିଟିଭି ସ୍କାନର୍‌ରୁ କାର୍ ଚାଳକ ଖସିଯିବା ଘଟଣାକୁ ନେଇ ଚାରିଆଡ଼େ ପ୍ରଶ୍ନ ଉଠିଛି। କାର୍ ଚାଳକଙ୍କୁ ଧରିବାକୁ ପ୍ରୟାସ କରାଯାଉଥିବା ଜୋନ୍ ଏସିପି ମାନସ ଗଡ଼ନାୟକ କହିଛନ୍ତି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ମୃତ ଦିନବନ୍ଧୁ ଏଠାରେ ଦିନମଜୁରିଆ ଭାବେ କାମ କରୁଥିବାବେଳେ ମଝିରେ ମଝିରେ ଘରକୁ ଚାଲିଯାଆନ୍ତି। ଯେଉଁଦିନ ସେ ଘରକୁ ଯାଇପାରନ୍ତି ନାହିଁ ରାଜମହଲ ଛକ ଫୁଟ୍‌ପାଥ୍‌ରେ ଶୋଇ ରାତି କାଟି ଦିଅନ୍ତି। ରାତି ୧ଟାଏରୁ ୧.୪୦ ମଧ୍ୟରେ ଏହି ଦୁର୍ଘଟଣା ଘଟିଥିଲା। ଫୁଟପାଥ୍‌ରେ କେତେଜଣ ଶ୍ରମିକ ଆଶ୍ରୟ ନେଇ ଶୋଇଥିବା ବେଳେ ଏଜିଛକରୁ କାର୍‌ଟି ଦ୍ରୁତଗତିରେ ମାଡ଼ି ଆସିଥିଲା। କାର୍‌ଟି ପ୍ରଥମେ ରାଜମହଲ ଛକ ଡାହାଣ ପାର୍ଶ୍ୱ ଡିଭାଇଡର୍‌ରେ ପିଟିହୋଇ ଅପରପାର୍ଶ୍ୱକୁ ଚାଲିଯାଇଥିଲା। ସେହି ସମୟରେ କାର୍‌ଟି ଦିନବନ୍ଧୁଙ୍କୁ ଘୋଷାଡ଼ି ନେଇଥିଲା। ଦୁର୍ଘଟଣା ବେଳେ ଅନ୍ୟମାନେ ଚିତ୍କାର କରୁଥିବାବେଳେ କାର୍ ଚାଳକ ଜଣକ ପୁଣି ଏଜି ଛକକୁ ବୁଲିଯାଇ କ୍ୟାପିଟାଲ ହସ୍ପିଟାଲ ଛକ ହୋଇ ପଳାଇଯାଇଥିଲେ। ପୋଲିସ ଖବର ପାଇ ଦିନବନ୍ଧୁଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏପଟେ ଦୟାନଦୀ ନଦୀ ବାଙ୍କୁଆଳ ନଦୀ ବନ୍ଧ କଡ଼ରେ ଦୁର୍ଘଟଣାଗ୍ରସ୍ତ କାର୍‌ଟି ଛିଡ଼ା ହୋଇଥିବା ଖବର ପାଇ ଧଉଳି ପୋଲିସ ତାହାକୁ ଜବତ କରି ଥାନାକୁ ନେଇ ଖବର ଦେଇଥିଲା। ଶନିବାର ସକାଳେ ଦୁର୍ଘଟଣାସ୍ଥଳରେ ଡିଭାଇଡର୍ ଭାଙ୍ଗିଯାଇଥିବା ବେଳେ ସେଠାରେ ରକ୍ତ ଛିଟା ପଡ଼ିଥିବା ଦେଖିବାକୁ ମିଳିଥିଲା। ଏପରିକି ଦିନବନ୍ଧୁଙ୍କ ସାଇତା ଚାଉଳ ମଧ୍ୟ ବିଚ୍ଛୁଡ଼ି ହୋଇ ପଡ଼ି ରହିଥିବା ସ୍ଥାନୀୟ ଲୋକମାନେ ଦେଖିବାକୁ ପାଇଥିଲେ।


ଦୁର୍ଘଟଣା ପରେ କାର୍‌କୁ ଛାଡ଼ି ଫେରାର ହୋଇଯାଇଛନ୍ତି ଚାଳକ।

## ୭ ଯାଏ ବଦଳାଇହେବ ...

କୋଟି ଟଙ୍କାର ଏହି ବଡ଼ ନୋଟ୍ ବଦଳାଇସାରିଲେଣି ବୋଲି ଆର୍‌ବିଆଇ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବରୁ ଏହି ଅବଧି ସେପ୍ଟେମ୍ବର ୩୦ ଯାଏ ନିର୍ଦ୍ଧାରିତ ହୋଇଥିବାବେଳେ ଶେଷ ଦିନରେ ଆଉ ସପ୍ତାହେ ବୃଦ୍ଧି କରାଯାଇଛି। ୨୯ ତାରିଖ (ଶୁକ୍ରବାର) ସୁଦ୍ଧା ମୋଟ ୯୬% ନୋଟ୍ ଜମା ହୋଇଥିବାବେଳେ ଅବଶିଷ୍ଟ ୪% ଡିପୋଜିଟ୍ ପାଇଁ ଏହି ସୁବିଧା କରାଯାଇଛି।

## ସ୍କ୍ୱାଶରେ ଭାରତକୁ...

ଦେଖିବାକୁମିଳିଥିଲା। ୧୧-୭, ୯-୧୧, ୮-୧୧, ୧୧-୯ ଓ ୧୨-୧୦ରେ ଅଭୟ ଏହି ମ୍ୟାଚକୁ ଜିତି ନେଇଥିଲେ। ଚତୁର୍ଥ ସେଟରେ ଜମାନ ୯-୭ରେ ଆଗୁଆ ରହିଥିବା ବେଳେ ଅଭୟ ନିଜ ଅଭିଜ୍ଞତାର ଉପଯୋଗ କରି ମ୍ୟାଚ୍‌କୁ ୧୧-୯ରେ ଜିତି ନେଇଥିଲେ। ମ୍ୟାଚ୍‌ଟି ୬୫ ମିନିଟ ଧରି ଚାଲିଥିଲା। ପ୍ରଥମ ସେଟ୍‌ରେ ଭାରତର ମହେଶ ମନଗାଓଁକର ୮-୧୧, ୨-୧୧ ଓ ୩-୧୧ ସେଟ୍‌ରେ ପାକିସ୍ତାନର ଇକବାଲ ନାସିରଙ୍କଠାରୁ ପରାଜିତ ହୋଇଥିଲେ। ଭାରତୀୟ ଅଧିନାୟକ ଘୋଷାଲ ପରବର୍ତ୍ତୀ ମ୍ୟାଚ୍‌ରେ ୧୧-୫, ୧୧-୧ ଓ ୧୧-୩ରେ ମହମ୍ମଦ ଆସିମ୍ ଖାନଙ୍କୁ ପରାସ୍ତ କରି ମ୍ୟାଚ୍‌କୁ ୧-୧ ସ୍ଥିତିକୁ ଆଣିଥିଲେ। ଶେଷ ଥର ପାଇଁ ଭାରତୀୟ ପୁରୁଷ ସ୍କ୍ୱାଶ ଦଳ ୨୦୧୪ ଇଞ୍ଚିଅନ୍ ଗେମ୍ସରେ ଏକ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ଅନ୍ୟପକ୍ଷରେ ପାକିସ୍ତାନ ୨୦୧୦ ଗୁଆଙ୍ଗଝୋ ଗେମ୍ସରେ ସ୍ୱର୍ଣ୍ଣ ବିଜୟୀ ହୋଇଥିଲା। ଭାରତୀୟ ଦଳର ଅଧିନାୟକ ସୌରଭ ଘୋଷାଲ ନିଜର ଷଷ୍ଠ ଏସିଆନ୍ ଗେମ୍ସ ଖେଳୁଛନ୍ତି। ୩ ବ୍ରୋଞ୍ଜ ଓ ୧ ରୌପ୍ୟ ପଦକ ହାସଲ କରି ସାରିଥିବା ଘୋଷାଲ ବ୍ୟକ୍ତିଗତ ଇଭେଣ୍ଟରେ ପ୍ରଥମ ସ୍ୱର୍ଣ୍ଣ ପଦକ ଲକ୍ଷ୍ୟରେ ରହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ଚତୁର୍ଥକେନ୍ଦ୍ରରେ ଶୁକ୍ରଙ୍କ ସ୍ଥିତିଜନିତ କାର୍ଯ୍ୟାରମ୍ଭ ସକାଶେ ଆଲୋଚନା କରିବେ। ପ୍ରତ୍ୟୁଷ ଯାତ୍ରା ସମୟରେ ଅନ୍ୟ କାହାର କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ଦୂରାଗତ ବନ୍ଧୁଙ୍କ ପାଇଁ ମନ ଛଟପଟ ହେବ, କାରଣ ତାହାଙ୍କ କେତେକ ସମସ୍ୟା ସମାଧାନ ପାଇଁ ନିଜକୁ କିଛି କରିବାକୁ ପଡ଼ିପାରେ। ରାଜନୀତି, ପ୍ରଶାସନ କ୍ଷେତ୍ରରେ ଶୁଭଫଳ ପାଇବେ।

**ବୃଷ** - ଆଜି କେନ୍ଦ୍ରସ୍ଥ ବୁଧ କାରଣରୁ ଭାଇ, ବନ୍ଧୁ ଓ ନିଜର ଲୋକଙ୍କୁ ମନେଇବାରେ ସଫଳ ହେବେ। ଅଫିସ୍‌ରେ କେତେକ ଅଟକି ରହିଥିବା ଫାଇଲ୍ କାମ ସକାଶେ ବ୍ୟସ୍ତତା ବୃଦ୍ଧି ପାଇପାରେ। ସ୍ନାୟବିକ ଦୁର୍ବଳତା ଅନୁଭବ କରିବେ, କିନ୍ତୁ କୌଣସି କାମ ଅଟକିବ ନାହିଁ। ଶିଳ୍ପ ଓ ବାଣିଜ୍ୟ ବ୍ୟବସାୟ, ପରିବହନରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ** - ଶନି ଓ ବୁଧଙ୍କ ପାରସ୍ପରିକ ଦୃଷ୍ଟି ହେତୁ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି। ପାରିବାରିକ ଅସ୍ଥିରତା କାରଣରୁ ଅଧିକାଂଶ ସମୟ ଅନ୍ୟମନସ୍କ ରହିପାରନ୍ତି। ଅଫିସ୍‌ରେ କିମ୍ବା ସଭାସମିତିରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ।

**କର୍କଟ** - ଅପ୍ରିୟ ସତ୍ୟ ଭାଷଣ ସାଙ୍ଗକୁ ପରକଥାକୁ ବିଶ୍ୱାସ କରି ନିଜ ଲୋକଙ୍କୁ ସନ୍ଦେହ କରିବେ। ଭୁଲ୍ ବୁଝାମଣା ହେତୁ ଭାବପ୍ରବଣତା ବୃଦ୍ଧି ପାଇବ ଏବଂ ପରିବାରରେ ଭ୍ରାତୃବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। ଶେୟାର ବଜାର କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହେବ। ବିବାଦୀୟ ଘଟଣାରେ ନୀରବତା ଶ୍ରେୟ ଅଟେ।

**ସିଂହ** - ମୁଖ୍ୟ ଭାବରେ ରବି ଓ ମଙ୍ଗଳଙ୍କ କୁପ୍ରଭାବରେ କୌଣସି ବ୍ୟକ୍ତି ଉପରେ ରାଗ ଶୁଝାଇବାକୁ ଯାଇ କଡ଼ାଭାଷା ପ୍ରୟୋଗ କରିପାରନ୍ତି। ସଭାସମିତିରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ସନ୍ଧ୍ୟାରେ ସାମାନ୍ୟ ଅସୁସ୍ଥି ଅନୁଭବ କରିପାରନ୍ତି। ପରିବାରରେ ସ୍ତ୍ରୀ କିମ୍ବା ସ୍ୱାମୀଙ୍କ ସହମତିରେ କାମ କଲେ ଉପକୃତ ହେବେ।

**କନ୍ୟା** - ଷଷ୍ଠସ୍ଥ ଶନି ରୋଗ, ଋଣ ଓ ଶତ୍ରୁତାର ପରିସମାପ୍ତି ଦିଗରେ ଅନୁକୂଳ ବାତାବରଣ ସୃଷ୍ଟି କରିପାରନ୍ତି। ପାରିବାରିକ କ୍ଷେତ୍ରରେ ସମସ୍ୟା ବଢ଼ିଯାଉଥିବାରୁ ଦୁର୍ଭାବନା ବଢ଼ିଚାଲିବ। ଫାଇଦା ହାସଲ ପାଇଁ ନିକଟସ୍ଥ ବନ୍ଧୁମାନେ ଫନ୍ଦିଫିକର କରିବା ଲାଗି ମନ ବଳାଇବେ। ଆବଶ୍ୟକତା ପୂରଣ କରିବାକୁ ଯାଇ ଧାର କରଜ କରିବାକୁ ପଡ଼ିପାରେ।

**ତୁଳା** - ରାଶିରେ କେତୁ ଓ ପାପଗ୍ରହ ପ୍ରଭାବରୁ ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିବ। ଦୀର୍ଘଦିନରୁ ଚିନ୍ତା କରିଥିବା ଜମିଜମା କାରବାର କିମ୍ବା ନୂତନ ଚୁକ୍ତିପତ୍ର ସମ୍ବନ୍ଧୀୟ କାମଟି ହଠାତ୍ ହୋଇଯିବ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ଅବଶ୍ୟ ପ୍ରକାଶନ କ୍ଷେତ୍ର, ରାଜନୈତିକ ସ୍ଥିତି, ବନ୍ଧୁଙ୍କ ସହ ଆଲୋଚନା ନିଷ୍ଫଳ ହେବନାହିଁ।

**ବିଛା** - ଭାଗ୍ୟସ୍ଥ ଶୁକ୍ରଜନିତ କର୍ମାରମ୍ଭ ସାଙ୍ଗକୁ ଆର୍ଥିକ ପରିସ୍ଥିତିରେ ସୁଧାର ହେବ। ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ, କିନ୍ତୁ ନିର୍ଦ୍ଦିଷ୍ଟ ସମୟ ଅତିକ୍ରାନ୍ତ ପରେ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବାର ସୂଚନା ରହିଛି।

**ଧନୁ** - ପାପାକ୍ରାନ୍ତ ବୃହସ୍ପତିଙ୍କ ଦୃଷ୍ଟି ସ୍ୱାସ୍ଥ୍ୟ ଓ ପାରିବାରିକ ଜୀବନ ପ୍ରତି ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିପାରେ। କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ ଭାଷଣରୁ ନିବୃତ୍ତ ରୁହନ୍ତୁ ନଚେତ୍ ଅନର୍ଥ ଅବଶ୍ୟମ୍ଭାବୀ। ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିବେ, ତଥାପି ଶେଷ ସମୟରେ ତାହା ସ୍ଥଗିତ ରଖିବାକୁ ବାଧ ହୋଇପାରନ୍ତି। ଦୂରଯାତ୍ରା ଅନୁକୂଳ ହେବ।

**ମକର** - ଦାମ୍ପତ୍ୟ ଜୀବନରେ ସହନଶୀଳତା ଗୁଣର ଅଭାବ ଅଶାନ୍ତିର କାରଣ ହେବ। ପାରିବାରିକ ଅଶାନ୍ତିଜନିତ ମାନସିକ ଦୁଶ୍ଚିନ୍ତା ବୃଦ୍ଧି ପାଇପାରେ। କର୍ମକ୍ଷେତ୍ରରେ ବିଗତ ଦିନଗୁଡ଼ିକର ଘଟଣା ଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବେ। ସଭାସମିତିରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**କୁମ୍ଭ** - ଆଜି ତୃତୀୟସ୍ଥ ଏକାଧିକ ଗ୍ରହ ହେତୁ ବନ୍ଧୁଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଆଲୋଚନା କରିପାରନ୍ତି। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଦ୍ୱାରା ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଅନୁଭବ କରିବେ। ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତତା ବୃଦ୍ଧି ପାଇବ।

**ମୀନ** - ରାଶ୍ୟାଧିପ ବୃହସ୍ପତିଙ୍କ ଅଶୁଭତ୍ୱ କାରଣରୁ ସାମୟିକ କ୍ରନିକ୍ ରୋଗରେ କଷ୍ଟ ପାଇବେ। ଉଦ୍ୟମ ସଫଳ ଦିଗରେ ଦୁଇଜଣ ଗୌରବର୍ଣ୍ଣ ବ୍ୟକ୍ତି ସାହାଯ୍ୟ କରିପାରନ୍ତି। କଚେରି ମାମଲା, ପ୍ରଶାସନିକ ଆଲୋଚନା, ରାଜନୈତିକ ବିତର୍କ, ସାହିତ୍ୟ ସମାଲୋଚନା କ୍ଷେତ୍ରରେ ସୁଫଳ ମିଳିବ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି।

ଆଜି ଆଶ୍ୱିନ କୃଷ୍ଣ ଦ୍ୱିତୀୟା ଯୁକ୍ତ ତୃତୀୟା ରବିବାର, ଅକ୍ଟୋବର ୧ ତାରିଖ, ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ, ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ, ରାଶିନକ୍ଷତ୍ର-ଅଶ୍ୱିନୀ/ମେଷ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୨୮ ଗତେ ଘ.୦୮।୫୦ ମଧ୍ୟେ, ଘ.୦୧।୦୫ ଗତେ ଘ.୦୩।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୦୪।୦୨ ଗତେ ଘ.୦୫।୩୧ ମଧ୍ୟେ ରାହୁକାଳ।

**୨ରୁ ଅବିଭକ୍ତ କୋରାପୁଟ ଜିଲାରେ ଘରୋଇ ବସ୍ ଚଳାଚଳ ବନ୍ଦ**

ଜୟପୁର,୩୦।୯(ପବନ ପାଣିଗ୍ରାହୀ): ଅକ୍ଟୋବର ୨ରେ ରାଜ୍ୟ ସରକାରଙ୍କ ପକ୍ଷରୁ ମାଲକାନଗିରି ଜିଲାରୁ ଲକ୍ଷ୍ମୀ ଯୋଜନାରେ ବସ୍ ସେବା ଆରମ୍ଭ ହେଲେ ଘରୋଇ ବସ୍ ଉପରେ ପ୍ରଭାବ ପଡ଼ିବ। ଏହାର ପ୍ରତିବାଦରେ ଆସନ୍ତା ୨ରେ ଅବିଭକ୍ତ କୋରାପୁଟ ଜିଲାରେ ଘରୋଇ ବସ୍ ଚଳାଚଳ ବନ୍ଦ ପାଇଁ ଅବିଭକ୍ତ କୋରାପୁଟ ଜିଲା ଘରୋଇ ବସ୍ ମାଲିକ ସଂଘ ବନ୍ଦ ଡାକରା ଦେଇଛି। ସଂଘର ଆବାହକ ନରେନ୍ଦ୍ର ମହାନ୍ତି କହିଛନ୍ତି ଯେ, ଏହି ଦିନ ଅବିଭକ୍ତ କୋରାପୁଟ ଜିଲାର କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଓ ମାଲକାନଗିରି ଜିଲାରେ ଘରୋଇ ବସ୍ ଚଳାଚଳ ବନ୍ଦ ରହିବ। ତେବେ ଏହି ଦିନ ମାଲକାନଗିରି ଜିଲାରେ ଘରୋଇ ବସ୍ ଚଳାଚଳ କରିବ ବୋଲି ମାଲକାନଗିରି ଜିଲା ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ କୁହାଯାଇଛି।




# ଜେଲରେ ନିଜ ଗୁପ୍ତାଙ୍ଗ କାଟିଲେ କଏଦୀ

ଭଦ୍ରକ, ୩୦।୯(ସନାତନ ରାଉତ)

ଭଦ୍ରକ ଉପକାରାଗାରରେ ଶନିବାର ଜଣେ ବିଚାରାଧୀନ କଏଦୀ ଶୌଚାଳୟରେ ନିଜ ହାତ ଓ ଗୁପ୍ତାଙ୍ଗ କାଟି ଦେଇଛନ୍ତି। ସେ ହେଲେ ତିହିଡ଼ି ଥାନା ଅଧୀନ କୋହ୍ଲ ଅଞ୍ଚଳର ସୁଶାନ୍ତ ମାଝୀ। ସେ ଏବେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ସୂଚନା ଅନୁଯାୟୀ, ସୁଶାନ୍ତ ତାଙ୍କ ସ୍ତ୍ରୀଙ୍କୁ ଆକ୍ରମଣ କରିଥିବା ନେଇ ତିହିଡ଼ି ଥାନାରେ ଅଭିଯୋଗ ହୋଇଥିଲା। ଗତ ୨୪ ତାରିଖରେ ସୁଶାନ୍ତଙ୍କୁ ଗିରଫ କରି କୋର୍ଟଚାଲାଣ ପରେ ବିଚାରାଧୀନ ବନ୍ଦୀ ଭାବେ ସେ ଭଦ୍ରକ ଜେଲରେ ଥିଲେ ବୋଲି ତିହିଡ଼ି ଥାନାଧିକାରୀ ମହମ୍ମଦ ହାଫିଜ୍ କହିଛନ୍ତି। ଦିନ ପ୍ରାୟ ଗୋଟାଏ ବେଳେ ସେ ଶୌଚାଳୟକୁ ଯାଇ ସେଠାରେ ତାଙ୍କ ବାମହାତ ଓ ଗୁପ୍ତାଙ୍ଗ କାଟି ଦେଇଥିଲେ। ପରେ ଯନ୍ତ୍ରଣା ସହି ନ ପାରି ଚିତ୍କାର କରିଥିଲେ। ଚିତ୍କାର ଶୁଣି ଜେଲ୍ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ପରେ ତାଙ୍କୁ କଟକ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ମଶାଧୂପ ଷ୍ଟାଣ୍ଡରେ କାଟିଥିବା ସୁଶାନ୍ତ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ କହିବା ପରେ ଚାରିଆଡ଼େ ଖୋଜାଖୋଜି ସତ୍ତ୍ୱେ କୌଣସି ଧାରୁଆ ଅସ୍ତ୍ର ମିଳି ନ ଥିବା ଭଦ୍ରକ ଜେଲର ରଷିନାଥ ନାୟକ କହିଛନ୍ତି। ତେବେ ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜେଲର ଜଣାଇଛନ୍ତି।

# ବିଧାନସଭାରେ ଭାଜପା ସଭ୍ୟଙ୍କ ହଙ୍ଗାମା

## ଦିନତମାମ ଗୃହ ଅଚଳ

### 'ମେଣ୍ଟାଲ ଡିଜ୍‌ଅର୍ଡର' ଶବ୍ଦ ବିବରଣୀରୁ ବାଦ୍ ଦେଲେ ବାଚସ୍ପତି

ଭୁବନେଶ୍ୱର,୩୦।୯(ଅନିଲ ଦାସ)

ବାଚସ୍ପତିଙ୍କ ପୋଡିୟମ ଉପରକୁ ଡାଲି ଫିଙ୍ଗିବା ଘଟଣାରେ ଭାଜପାର ୨ ବିଧାୟକ ମୋହନ ଚରଣ ମାଝି ଏବଂ ମୁକେଶ ମହାଲିଙ୍ଗ ବିଧାନସଭାରୁ ନିଲମ୍ବିତ ହୋଇଛନ୍ତି। ଏଥିସହିତ ଶାସକ ଦଳ ସଦସ୍ୟ ଅରୁଣ ସାହୁଙ୍କ ବିରୋଧୀ ଦଳ ନେତାଙ୍କ ମାନସିକ ସ୍ଥିତି ଭଲ ନ ଥିବା ମନ୍ତବ୍ୟକୁ ନେଇ ଶନିବାର ବିଧାନସଭାରେ ଭାଜପା ସଦସ୍ୟମାନେ ପ୍ରବଳ ହଟ୍ଟଗୋଳ କରିଥିଲେ। ଭାଜପା ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁ ବିଧାନସଭାରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ପ୍ରଶ୍ନୋତ୍ତର, ଶୂନ୍ୟକାଳ, ମୁଲତବୀ, ଅତିରିକ୍ତ ବଜେଟ ଆଲୋଚନା ସବୁକିଛି ବାଏଁ ବାଏଁ ଉଡ଼ିଯାଇଛି। ମେଣ୍ଟାଲ ଡିଜ୍‌ଅର୍ଡର ଶବ୍ଦକୁ ବାଚସ୍ପତି ଗୃହର ବିବରଣୀରୁ ବାଦ୍ ଦେବା ପରେ ମଧ୍ୟ ଭାଜପା ସଦସ୍ୟମାନେ ଶାନ୍ତ ହୋଇନାହାନ୍ତି। ୨ ସଦସ୍ୟଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିବା ଜିଦ୍‌ରେ ଅଟଳ ରହିବା ସହ ବିଧାନସଭାକୁ ଅଚଳ କରିଛନ୍ତି।

ଶନିବାର ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ପ୍ରମିଳା ମଲ୍ଲିକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା ସହ ବିଜେଡି ସଭ୍ୟ ସୁଧୀର ସାମଲ ପଚାରିଥିବା ପ୍ରଶ୍ନ ନଂ. ୧୫୧ର ଉତ୍ତର ଦେବାକୁ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ରଙ୍କୁ କହିଥିଲେ। ଏହି ସମୟରେ ଭାଜପା ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ହଟ୍ଟଗୋଳ କରିଥିଲେ। ନିଲମ୍ବିତ ୨ ବିଧାୟକଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିବାକୁ ଦାବି କରି ସ୍ଲୋଗାନ ଦେଇଥିଲେ। ହଟ୍ଟଗୋଳ ଯୋଗୁ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ଅପରାହ୍ନ ୪ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ଅନୁରୂପ ଅବସ୍ଥା ସୃଷ୍ଟି ହୋଇଥିଲା। ବାଚସ୍ପତି ଗତ ୨୮ତାରିଖରେ ଶାସକ ଦଳ ବିଧାୟକ ଅରୁଣ ସାହୁ ବିରୋଧୀ ଦଳର ଦୁଇ ବରିଷ୍ଠ ନେତାଙ୍କୁ ଆକ୍ଷେପ କରି କହିଥିବା 'ମେଣ୍ଟାଲ ଡିଜ୍‌ଅର୍ଡର' ଶବ୍ଦକୁ ଗୃହ ବିବରଣୀରୁ ବାଦ୍ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ପରେ ବି ଗୃହ ସ୍ୱାଭାବିକ ହୋଇପାରି ନ ଥିଲା। ବାଚସ୍ପତି ଗୃହକୁ ବାରମ୍ବାର ମୁଲତବୀ ଘୋଷଣା କରିଥିଲେ। ଗୃହକୁ ସ୍ୱାଭାବିକ କରିବାକୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ ମଧ୍ୟ ତାହା ସଫଳ ହୋଇ ନ ଥିଲା।

ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ବାଚସ୍ପତିଙ୍କୁ କହିଥିଲେ, ନିଲମ୍ବିତ ୨ ଭାଜପା ସଦସ୍ୟଙ୍କ ଉପରୁ ନିଃସର୍ତ୍ତ ଭାବେ ନିଲମ୍ବନ ପ୍ରତ୍ୟାହାର କରାଯାଉ। ସେମାନେ ଗୃହରେ କ'ଣ କହିବେ, ତାଙ୍କ ବିବେକ ଉପରେ ଛାଡ଼ି ଦିଆଯାଉ। ଗୃହକୁ ସୁରୁଖୁରୁରେ ବାଚସ୍ପତି ଚଳାନ୍ତୁ, ସହଯୋଗ କରିବାକୁ ବିରୋଧୀ ଦଳ ପ୍ରସ୍ତୁତ ଅଛି ବୋଲି ସେ କହିଥିଲେ। ଏହି ପ୍ରସ୍ତାବକୁ ବିଚାର କରିବେ ବୋଲି ବାଚସ୍ପତି କହିଥିଲେ। ତେବେ ଗୃହ ଠିକ୍‌ରେ ଚାଲୁ ନ ଥିବା ଅଭିଯୋଗ କରି କଂଗ୍ରେସ ବିଧାୟକମାନେ କକ୍ଷତ୍ୟାଗ କରିଥିଲେ।

ଉଲ୍ଲେଖଯୋଗ୍ୟ, ବିରୋଧୀ ଦଳ ନେତାଙ୍କ ପ୍ରତି ଶାସକ ବିଧାୟକ ଅରୁଣ ସାହୁ 'ମାନସିକ ସ୍ୱାସ୍ଥ୍ୟ' ଠିକ୍ ନାହିଁ ବୋଲି କହିବାକୁ ନେଇ ଉଭୟ କଂଗ୍ରେସ ଓ ଭାଜପା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏପରି କି ଭାଜପା ଏହି ଶବ୍ଦକୁ ଗୃହ ବିବରଣୀରୁ ବାଦ୍ ଦେବାକୁ ଜିଦ୍ କରିଥିଲେ ମଧ୍ୟ ବାଚସ୍ପତି ସେଥିପ୍ରତି କର୍ଣ୍ଣପାତ ନ କରିବାରୁ ଭାଜପା ସଦସ୍ୟମାନେ ଭିନ୍ନ ଢଙ୍ଗରେ ପ୍ରତିବାଦ କରି ବାଚସ୍ପତିଙ୍କ ପୋଡ଼ିୟମକୁ ଡାଲି ଫିଙ୍ଗିଥିଲେ। ସେଥିପାଇଁ ୨୮ତାରିଖରେ ଭାଜପାର ୨ ସଦସ୍ୟଙ୍କୁ ବାଚସ୍ପତି ଚଳିତ ଅଧିବେଶନର ଅବଶିଷ୍ଟ କାର୍ଯ୍ୟଦିବସ ନିମନ୍ତେ ନିଲମ୍ବନ ଘୋଷଣା କରିଥିଲେ। ଉକ୍ତ ୨ ବିଧାୟକଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର ଦାବି କରି ଭାଜପା ସଦସ୍ୟମାନେ ଗୃହରେ ହଟ୍ଟଗୋଳ ଜାରି ରଖିଛନ୍ତି।

# ମୁଣ୍ଡରେ ରିବନ୍ ବାନ୍ଧି ଝାଡ଼ୁ କଲେ, ଦଣ୍ଡବତ ହେଲେ



ଗାଁ ସାଥୀମାନେ ଲୋୟର ପିଏମ୍‌ଜିକୁ ସଫେଇ କରିବା ସହ ଦଣ୍ଡବତ ହୋଇ ଧାରଣାସ୍ଥଳରୁ ବିଧାନସଭା ଅଭିମୁଖେ ଯାଉଛନ୍ତି।

## ଗାଁ ସାଥୀଙ୍କ ଅଭିନବ ପ୍ରତିବାଦ

ଭୁବନେଶ୍ୱର,୩୦।୯(ଅନୁରାଧା ମହାରଣା)

ଗାଁ ସାଥୀଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଗାଇଡ୍‌ଲାଇନ କାର୍ଯ୍ୟକାରୀ କରାଯାଉନାହିଁ। ମାସିକ ପ୍ରୋତ୍ସାହନ ରାଶି ପ୍ରଦାନ ପାଇଁ ୨୦୨୧ ମସିହାରେ ତତ୍କାଳୀନ ପଞ୍ଚାୟତିରାଜ ମନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ହୋଇଥିଲେ ମଧ୍ୟ ବର୍ତ୍ତମାନ ଯାଏ ଏହାକୁ କାର୍ଯ୍ୟକାରୀ କରାଯାଉନାହିଁ। ଏଭଳି ୨ଟି ଅଭିଯୋଗ ନେଇ ଗାଁ ସାଥୀ(ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଭୁବନେଶ୍ୱରଠାରେ ଆନ୍ଦୋଳନ ଜାରି ରହିଥିଲେ ମଧ୍ୟ ସରକାର ସେମାନଙ୍କ ଦାବି ଶୁଣୁ ନ ଥିବାରୁ ଅଭିନବ ଉପାୟରେ ପ୍ରତିବାଦ କରାଯାଉଛି। ଜୀବନଜୀବିକା ବିପନ୍ନ ହୋଇଯାଇଥିବା ଦର୍ଶାଇ ପୂର୍ବରୁ ଘାସ ଓ ନଡ଼ା ଖାଇ ପ୍ରତିବାଦ କରିଥିବାବେଳେ ଶନିବାର ସଂଘର ରାଜ୍ୟ ସଭାପତି ଲକ୍ଷ୍ମୀଧର ବିଶ୍ୱାଳଙ୍କ ନେତୃତ୍ୱରେ ହଜାର ହଜାର ଗାଁ ସାଥୀ ମୁଣ୍ଡରେ ରିବନ ବାନ୍ଧି ରାସ୍ତା ସଫେଇ କରିବା ସହ ଆଣ୍ଠେଇ ଆଣ୍ଠେଇ ଦଣ୍ଡବତ କରି ଧାରଣାସ୍ଥଳରୁ ବିଧାନସଭା ଅଭିମୁଖେ ବାହାରିଥିଲେ। ଆନ୍ଦୋଳନକାରୀମାନେ ରାମଧୁନ୍ ସହ ଅନ୍ୟ ପ୍ରତିବାଦମୂଳକ ଗୀତ ପରିବେଷଣ କରି ଦାବି ଉପସ୍ଥାପନ କରିଥିଲେ। ଧାରଣା ସ୍ଥଳରେ ଭାଜପା ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ଅନ୍ୟ ଭାଜପା ନେତା ଉପସ୍ଥିତ ରହି ସମର୍ଥନ ଜଣାଇଥିଲେ। ଧାରଣାସ୍ଥଳରୁ ନବୀସ ନିବାସ ମାତ୍ର କିଛି ଦୂରରେ ରହିଥିଲେ ମଧ୍ୟ ସେ କିମ୍ବା ତାଙ୍କ ପ୍ରତିନିଧି ଧାରଣାସ୍ଥଳକୁ କାହିଁକି ଆସୁନାହାନ୍ତି ବୋଲି ସୂର୍ଯ୍ୟବଂଶୀ ପ୍ରଶ୍ନ କରିଥିଲେ।

**ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ**

# ସାଇବର ଅପରାଧ ପ୍ରତି ସତର୍କ ରୁହ

ଭୁବନେଶ୍ୱର,୩୦।୯(ଅନିଲ ଦାସ)



**ସାଇବର ସୁରକ୍ଷା ଅଭିଯାନର ଶୁଭାରମ୍ଭ**

- ୧୫ ଯାଏ ବୁଲିବ ୩୪ ରଥ
- ଦିନକୁ ୨ ସ୍କୁଲରେ ବାଣ୍ଟିବ ସଚେତନତା ବାର୍ତ୍ତା

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ସାଇବର ସୁରକ୍ଷା ଅଭିଯାନର ଶୁଭାରମ୍ଭ କରିଛନ୍ତି। ସାରା ରାଜ୍ୟର ବିଭିନ୍ନ ସ୍କୁଲ, କଲେଜ ଓ ପଞ୍ଚାୟତ ଆଦିକୁ ୩୪ଟି ସାଇବର ସୁରକ୍ଷା ରଥ ଭ୍ରମଣ କରି ସାଇବର ଅପରାଧୀଙ୍କଠାରୁ ସୁରକ୍ଷିତ ରହିବା ସମ୍ପର୍କରେ ସଚେତନତାର ବାର୍ତ୍ତା ପ୍ରଦାନ କରିବ।

ଏହି ଅଭିଯାନରେ ଜିଲା ପ୍ରଶାସନ ତରଫରୁ ସାଇବର ସୁରକ୍ଷା ରଥକୁ ସ୍ୱାଗତ କରାଯିବ। ପ୍ରତିଦିନ ଅତିକମ୍‌ରେ ଦୁଇଟି ଶିକ୍ଷାନୁଷ୍ଠାନରେ ସଚେତନତା କାର୍ଯ୍ୟକ୍ରମ କରାଯିବ। ଏଥିସହ ବ୍ଲକ୍ ଓ ପୋଲିସ ଷ୍ଟେଶନ ଅଞ୍ଚଳରେ ଥିବା ବିଭିନ୍ନ ଜନଗହଳି ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସ୍କୁଲ ଓ କଲେଜଗୁଡ଼ିକରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା କରାଯିବ।

ଅକ୍ଟୋବର ୮ ତାରିଖ ସକାଳେ ବିଭିନ୍ନ ସହରାଞ୍ଚଳରେ ମିନି ମାରାଥନ ଆୟୋଜନ କରାଯିବ। ୧୪ ତାରିଖରେ ବରିଷ୍ଠ ନାଗରିକମାନଙ୍କୁ ସଚେତନ କରିବାକୁ ସାନ୍ଧ୍ୟ ଭ୍ରମଣ(ଇଭିନିଂ ୱାକ୍) କାର୍ଯ୍ୟକ୍ରମ ଆୟୋଜନ କରାଯିବ। ୧୫ ତାରିଖରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ଜିଲା ପ୍ରଶାସନର ଅଧିକାରୀମାନଙ୍କ ସହିତ ପଦ୍ମ ପୁରସ୍କାରପ୍ରାପ୍ତ ବିଶିଷ୍ଟ ବ୍ୟକ୍ତିଗଣ, ସ୍ୱାଧୀନତା ସଂଗ୍ରାମୀମାନେ ଉପସ୍ଥିତ ରହିବେ।

ଏହି ଅଭିଯାନରେ ପଞ୍ଚାୟତ ପ୍ରତିନିଧି, ମିଶନ ଶକ୍ତି ସଦସ୍ୟ, ସ୍କୁଲ ଓ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ, ପଞ୍ଚାୟିତରାଜ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିବେ।

ଗତ କିଛିବର୍ଷ ମଧ୍ୟରେ ସାରା ଦେଶ ଓ ରାଜ୍ୟରେ ସାଇବର ଅପରାଧର ମାତ୍ରା ଚିନ୍ତାଜନକ ଭାବେ ବୃଦ୍ଧି ପାଇଛି। ସଚେତନତା ଓ ସତର୍କତା ଏହାକୁ ରୋକିବାର ଏକ ପ୍ରମୁଖ ଉପାୟ। ସାରା ରାଜ୍ୟରେ ସବୁ ସ୍ତରରେ ଏ ସମ୍ପର୍କରେ ସଚେତନତା ଆଣିବା ପାଇଁ ଏହି ଅଭିଯାନ ଆରମ୍ଭ କରାଯାଇଛି। ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ସତର୍କ ଓ ସୁରକ୍ଷିତ ରହିବାକୁ ଆହ୍ୱାନ ଦେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ମନ୍ତ୍ରୀ ଅଶୋକ ପଣ୍ଡା, ଭୁବନେଶ୍ୱରର ୨ ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ, ମୁଖ୍ୟ ଶାସନ ସଚିବ ପି.କେ. ଜେନା, ଡିଜିପି ସୁନୀଲ କୁମାର ବଂଶଲ ପ୍ରମୁଖ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପ୍ରତିବର୍ଷ ଏମ୍‌ସକୁ ଆସୁଛନ୍ତି ୩ଶହରୁ ଊର୍ଦ୍ଧ୍ୱ ନୂଆ ଶିଶୁ କର୍କଟ ରୋଗୀ

ଭୁବନେଶ୍ୱର, ୩୦।୯(ଅସମାପିକା ସାହୁ)

**୭୫-୮୦% ରୋଗୀ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇପାରିବେ**

ଶିଶୁ କର୍କଟ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଶନିବାର ଏମ୍ସ ଭୁବନେଶ୍ୱରଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଯୋଗଦେଇ କହିଲେ, ଶିଶୁ କର୍କଟ ରୋଗୀଙ୍କୁ ବିଶେଷ ଚିକିତ୍ସା ଯୋଗାଇ ଦେବାରେ ଏମ୍ସ ଭୁବନେଶ୍ୱର ହେଉଛି ରାଜ୍ୟର ଏକମାତ୍ର ସରକାରୀ ଅନୁଷ୍ଠାନ। ପ୍ରତିବର୍ଷ ଏହି ଜାତୀୟ ଅନୁଷ୍ଠାନକୁ ୨୫୦ରୁ ୩୫୦ ନୂତନ ଶିଶୁ କର୍କଟ ରୋଗୀ ଚିକିତ୍ସା ନିମନ୍ତେ ଆସୁଛନ୍ତି। ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଛତିଶଗଡ଼ ଓ ଝାଡ଼ଖଣ୍ଡ ଆଦି ପଡ଼ୋଶୀ ରାଜ୍ୟରୁ ଆସୁଥିବା ଶିଶୁ କର୍କଟ ରୋଗୀଙ୍କୁ ମଧ୍ୟ ଚିକିତ୍ସା ସେବା ପ୍ରଦାନ କରାଯାଉଛି। ଏମ୍‌ସର ମେଡିକାଲ ଅଙ୍କୋଲୋଜି/ହେମାଟୋଲୋଜି ବିଭାଗକୁ ବର୍ତ୍ତମାନ ସୁଦ୍ଧା ୧୨ଶହରୁ ଅଧିକ ଶିଶୁ କର୍କଟ ରୋଗୀ ଆସିଥିବା ଡା. ବିଶ୍ୱାସ ସୂଚନା ଦେଇଛନ୍ତି।

ବିଭାଗୀୟ ଅତିରିକ୍ତ ପ୍ରଫେସର ଡା. ସୋନାଲି ମହାପାତ୍ର କହିଛନ୍ତି, ବିଭାଗ ପକ୍ଷରୁ ହେମାଟୋପିଏଟିକ୍ ଷ୍ଟେମ୍ ସେଲ୍ ପ୍ରତିରୋପଣ ଆରମ୍ଭ ହେବାକୁ ଯାଉଛି। ଶିଶୁ କର୍କଟ ରୋଗ ଚିକିତ୍ସାର ଫଳାଫଳ ଗତ ୫୦ ବର୍ଷ ମଧ୍ୟରେ ୮୦-୯୦ ପ୍ରତିଶତ ଅଧିକ ବଞ୍ଚିବାର ଆଶା ଦେଇଛି। ବର୍ତ୍ତମାନ ଏହି ଜଟିଳ ରୋଗରେ ପୀଡ଼ିତ ୭୫-୮୦ ପ୍ରତିଶତ ଶିଶୁ କର୍କଟ ରୋଗୀ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇପାରିବେ। ଜଟିଳ ଲିମ୍ଫୋବ୍ଲାଷ୍ଟିକ୍ ଲ୍ୟୁକେମିଆ(ରକ୍ତ କର୍କଟ), ଲିମ୍ଫୋମା ଏବଂ ବୃକକ୍ ଟ୍ୟୁମର ଭଳି କେତେକ କର୍କଟରେ ବଞ୍ଚିବା ସମ୍ଭାବନା ୯୦ ପ୍ରତିଶତରୁ ଅଧିକ ରହିଥିବା ଡା. ମହାପାତ୍ର କହିଛନ୍ତି।

ଏଥିସହ ଶୈଶବ ଅବସ୍ଥାରେ ହେଉଥିବା କର୍କଟ ରୋଗର ବିଭିନ୍ନ ଦିଗ ଉପରେ ସଚେତନତା ସୃଷ୍ଟି କରିବାକୁ ୱାକାଥନ୍, ରୋଗୀ/ମାତାପିତା ଏବଂ ଡାକ୍ତରଙ୍କ ସହିତ ଖୋଲା ଆଲୋଚନା ଭଳି ଏକାଧିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମେଡିକାଲ୍ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡ଼ା, ଡା. ଦେବାଶିଷ ସାହୁ, ଡା. କନିଷ୍କ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସେପ୍ଟେମ୍ବରକୁ ସାରା ବିଶ୍ୱରେ ଶିଶୁ କର୍କଟ ସଚେତନତା ମାସ ଭାବେ ପାଳନ କରାଯାଇଥାଏ।




"ଆମ ମନ ଆଉ ପ୍ରାଣ ସବୁବେଳେ ପ୍ରଶଂସା ଶୁଣିବାକୁ ବ୍ୟାକୁଳ ହୁଏ। ସେଥିପାଇଁ ଆମେ ସମାଲୋଚନା ସହିପାରୁନା ଏବଂ କାହା ଦ୍ୱାରା ନଗଣ୍ୟ ଓ ଉପେକ୍ଷିତ ହେବାକୁ ଚାହୁଁ ନାହିଁ। କିନ୍ତୁ ଆମେ ଯେପରି ସର୍ବଦା ଧକ୍କା ଓ ପରାଜୟ ନିମିତ ପ୍ରସ୍ତୁତ ହେବାକୁ ପଡିବ ଏବଂ ଧୀର ଶାନ୍ତ ଭାବେ ସହିବାକୁ ପଡ଼ିବ। —ଶ୍ରୀମା



# ତିନୋଟି ସ୍ତରରେ ଭେଦଭାବ



## ଆକାର ପଟେଲ

୪ ଶତାବ୍ଦୀ ପୂର୍ବରୁ ରାଷ୍ଟ୍ରଦୂତ ସାର୍ ହେନେରୀ ୱାଟନ କୂଟନୀତିଜ୍ଞଙ୍କ ସଂଜ୍ଞା ନିରୂପଣ କରିଥିଲେ। ତାଙ୍କ ମତରେ କୂଟନୀତିଜ୍ଞ ହେଉଛନ୍ତି ଜଣେ ସଚ୍ଚୋଟ ଭଦ୍ରଲୋକ, ଯାହାଙ୍କୁ ନିଜ ଦେଶର ମଙ୍ଗଳ ପାଇଁ ବିଦେଶରେ ମିଛ କହିବା ପାଇଁ ପଠାଯାଇଥାଏ। ଆମ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ସରକାରଙ୍କର ଜଣେ ଭଲ ମୁଖପାତ୍ର। ତେଣୁ ସେ ଯାହା କହୁଛନ୍ତି, ତାହା ତାଙ୍କର ବ୍ୟକ୍ତିଗତ ଦୃଷ୍ଟିକୋଣ ବୋଲି ବିବେଚନା କରାଯିବା ଉଚିତ ନୁହେଁ। ଆମ ଦେଶର ମଙ୍ଗଳ ପାଇଁ ତାଙ୍କୁ ବିଦେଶରେ ମିଛ କହିବାକୁ ପଠାଯାଇଛି। ଆଜିକାଲି ସେ ୱାଶିଂଟନରେ ରହି ଭାରତରେ ଘଟୁଥିବା ବଡ଼ ଘଟଣାଗୁଡ଼ିକ ଉପରେ ବିଶ୍ୱକୁ ସୂଚିତ କରୁଛନ୍ତି। ଥରେ ଏକ ସଭାରେ ତାଙ୍କୁ ଜଣେ ସାମ୍ବାଦିକ ବିଦେଶରେ ଭାଜପା ନେତାମାନେ ସାମ୍ନା କରୁଥିବା ଏକ ପ୍ରଶ୍ନ ବିଷୟରେ ପଚାରିଥିଲେ। ପ୍ରଶ୍ନଟି ହେଉଛି- 'ଆପଣ ଅନ୍ୟ ଭାରତୀୟ, ବିଶେଷକରି ମୁସଲମାନମାନଙ୍କୁ କାହିଁକି ଟାର୍ଗେଟ କରୁଛନ୍ତି? ଜୟଶଙ୍କର କହିଥିଲେ, ''ମୋତେ ଆପଣ ଭେଦଭାବପୂର୍ଣ୍ଣ ବୋଲି ଯାହା ଦର୍ଶାଇବାକୁ ଚାହୁଁଛନ୍ତି ତାହାକୁ ମୁଁ ଅସ୍ୱୀକାର କରେ'' ଏବଂ ଏହା ଏଏନ୍ଆଇ ନ୍ୟୁଜ୍ ଏଜେନ୍ସି ଦ୍ୱାରା ପ୍ରକାଶ ପାଇଥିଲା। ଏହା ଅତ୍ୟନ୍ତ ସ୍ପଷ୍ଟ ଏବଂ କାହାକୁ ଦେଖାଇବା କିମ୍ବା ବୁଝାଇବା ଆବଶ୍ୟକ ନାହିଁ। ତିନୋଟି ସ୍ତରରେ ଭାଜପା ଭେଦଭାବ କରେ। ପ୍ରଥମଟି ହେଉଛି ଅନ୍ୟକୁ ବାଦ୍ ଦେଉଛି। ଇତିହାସରେ ପ୍ରଥମ ଥର ପାଇଁ ଆମର କୌଣସି ମୁସଲିମ କେନ୍ଦ୍ରମନ୍ତ୍ରୀ ନାହାନ୍ତି, କୌଣସି ମୁସଲମାନ ସାଂସଦ ନାହାନ୍ତି, ଭାରତର କୌଣସି ସ୍ଥାନରେ ଭାଜପାର କୌଣସି ମୁସଲମାନ ବିଧାୟକ ନାହାନ୍ତି। ଦ୍ୱିତୀୟରେ ଭାଜପା ଆଇନ ମାଧ୍ୟମରେ ସଂଖ୍ୟାଲଘୁଙ୍କୁ ଜାଣିଶୁଣି ହଇରାଣ କରୁଛି। ପ୍ରଧାନମନ୍ତ୍ରୀ ଗୋଲାପୀ ବିପ୍ଳବ ଘୋଷଣା କରିବା ପରେ ଭାରତରେ ବିଫ୍ ଲିଚିଂ ବା ଗୋମାଂସକୁ ନେଇ ଭିଡ଼ହିଂସା ଦେଖାଦେଲା। ୨୦୧୫ରେ ଭାଜପା ଶାସିତ ରାଜ୍ୟ ମହାରାଷ୍ଟ୍ର ଓ ହରିୟାଣା ଗୋମାଂସ ରଖିବାକୁ ଅପରାଧ ଦର୍ଶାଇବା ପାଇଁ ଆଇନ ଆଣିବା ପରେ ପରେ ଭିଡ଼ ହିଂସା ଆରମ୍ଭ ହୋଇଗଲା।

୨୦୧୯ରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ପାସ୍ କରାଗଲା। ଭାରତର ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଏହାକୁ ସଣ୍ଢୁଆସୀର ଗୋଟିଏ ଭାଗ ବୋଲି କହିଥିଲେ। ଅନ୍ୟଟି ଥିଲା ଜାତୀୟ ନାଗରିକ ପଞ୍ଜୀକରଣ(ଏନ୍ଆର୍ସି)। ପଡୋଶୀ ରାଜ୍ୟରୁ ଅଣ-ମୁସଲମାନ ପ୍ରବାସୀମାନଙ୍କୁ ବାଛି ବାହାର କରିବା ଏବଂ ପରେ ମୁସଲମାନମାନଙ୍କ ପାଇଁ ଏହା ଲାଗୁ କରିବା ଏହିସବୁ ଆଇନର ଉଦ୍ଦେଶ୍ୟ ବୋଲି ସେ ପ୍ରକାଶ କରିଥିଲେ। କେବଳ ଭାରତରେ ଥିବା ମୁସଲମାନଙ୍କ ପାଇଁ ଛାଡ଼ପତ୍ର ଏକ ଅପରାଧ। ବାକି ସମସ୍ତଙ୍କ ପାଇଁ ଏହା ବ୍ୟକ୍ତିଗତ ଅଧିକାରର ଉଲ୍ଲଂଘନ। ୨୦୧୯ରେ ଆଇନର ଏକ ପରିବର୍ତ୍ତନ ଦ୍ୱାରା ଏହା ଘଟିଛି। ୨୦୧୮ରୁ ଭାଜପା ଶାସିତ ରାଜ୍ୟଗୁଡିକ ଆନ୍ତଃ ଧର୍ମୀୟ ବିବାହର ଅପରାଧୀକରଣ ଆଇନ ଆଣିଛନ୍ତି ଓ ଏହାକୁ ସେମାନେ 'ପ୍ରେମ ଜିହାଦ' ବୋଲି କହିଛନ୍ତି। ତେବେ ସଂସଦରେ ଏକ ପ୍ରଶ୍ନର ଉତ୍ତରରେ ଭାଜପା ସ୍ୱୀକାର କରିଛି ଯେ, ପ୍ରେମ ଜିହାଦ ଭଳି କୌଣସି ବିଷୟ ନାହିଁ, ତଥାପି ଆଇନଗୁଡ଼ିକ ଆବଶ୍ୟକ। ମଧ୍ୟପ୍ରଦେଶର ୨୦୨୧ରେ ପାରିତ ହୋଇଥିବା ଆଇନରେ ଜଣଙ୍କର ସନ୍ତାନ ଥିଲେ ବିବାହକୁ ରଦ୍ଦ କରିବାର କ୍ଷମତା ରହିଛି। ଏହି ଆଇନ ଉତ୍ତରାଖଣ୍ଡ (୨୦୧୮), ହିମାଚଳ ପ୍ରଦେଶ (୨୦୧୯), ଉତ୍ତରପ୍ରଦେଶ (୨୦୨୦), ଗୁଜରାଟ ଏବଂ ମଧ୍ୟପ୍ରଦେଶ (୨୦୨୧), କର୍ଣ୍ଣାଟକ ଏବଂ ହରିୟାଣା (୨୦୨୨)ରେ ଅଣାଯାଇଛି। ୨୦୧୯ରେ ଗୁଜରାଟ ଏକ ଆଇନରେ କରାଯାଇଥିବା ସଂଶୋଧନ ମୁସଲମାନଙ୍କ ସମ୍ପତ୍ତି ବିକ୍ରୟ ଏବଂ ଲିଜ୍ ପ୍ରତ୍ୟାହାର କରିବାକୁ ଜିଲାପାଳଙ୍କୁ ଅଧିକାର ପ୍ରଦାନ କରିଛି। ଅର୍ଥାତ୍ ଗୁଜରାଟର ମୁସଲମାନମାନେ ଗୁଜରାଟରେ ସମ୍ପତ୍ତି ଲିଜ୍ ନେବା କିମ୍ବା କ୍ରୟ କରିପାରିବେ ନାହିଁ, ଅଥଚ ବିଦେଶୀମାନେ ସେଠାରେ ତାହା ପାରିବେ। ୨୦୧୭ରେ ଗୁଜରାଟରେ ଗୋହତ୍ୟାକୁ ଏକ ଆର୍ଥିକ ଅପରାଧ ଦର୍ଶାଯାଇ ଦଣ୍ଡସ୍ୱରୂପ ଆଜୀବନ କାରାଦଣ୍ଡ ରଖାଯାଇଛି। ଅନେକ ହଜାର କୋଟି ଟଙ୍କା ଠକେଇ ସମେତ ଭାରତରେ ଅନ୍ୟ କୌଣସି ଅର୍ଥନୈତିକ ଅପରାଧ ଆଜୀବନ ଜେଲଦଣ୍ଡକୁ ସୂଚିତ କରେ ନାହିଁ।

ନିକଟରେ ଜଣାପଡ଼ିଛି ଯେ, ଉତ୍ତରପ୍ରଦେଶରେ ଜାତୀୟ ନିରାପତ୍ତା ଆଇନ(ଏନ୍ଏସ୍ଏ) ବଳରେ ଜେଲରେ ଥିବା ୧୩୯ ଜଣଙ୍କ ମଧ୍ୟରୁ ୭୬ ଜଣ ଗୋହତ୍ୟା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଯାହା ହେଲେ ବି ଆମେ ଏହି ଆଇନଗୁଡ଼ିକୁ ନେଇ ଆଗକୁ ଯାଇପାରିଲେ। କିନ୍ତୁ ଆସନ୍ତୁ ଦେଖିବା ତୃତୀୟ ସ୍ତରରେ ଜୟଶଙ୍କର ଓ ତାଙ୍କ ଦଳର କାର୍ଯ୍ୟକଳାପ କିଭଳି ସଂଖ୍ୟାଲଘୁଙ୍କୁ ଭେଦଭାବ କରନ୍ତି। ଜୟଶଙ୍କରଙ୍କ ସରକାର(ଭାଜପା) ନିର୍ଦ୍ଦେଶରେ ୨୦୨୨ରେ ଜଣେ ଗୁଜରାଟୀ ମୁସଲମାନ ମହିଳାଙ୍କ ବଳାତ୍କାରରେ ଦୋଷୀ ସାବ୍ୟସ୍ତ ବ୍ୟକ୍ତିମାନଙ୍କୁ ମୁକ୍ତ କରାଯାଇଥିଲା। ମହିଳାଙ୍କ ଶିଶୁ କନ୍ୟାକୁ ଏହି ବଳାତ୍କାରକାରୀମାନେ ହତ୍ୟା କରିଥିଲେ। ଜଣେ ମୁସଲମାନଙ୍କ ଭିଡ଼ ହିସାକୁ କେନ୍ଦ୍ରକରି ଦୋଷୀ ସାବ୍ୟସ୍ତ ବ୍ୟକ୍ତିମାନେ ୨୦୧୮ରେ ଜୟଶଙ୍କରଙ୍କ ଜଣେ ସାଥୀ ମନ୍ତ୍ରୀଙ୍କୁ ଫୁଲମାଳ ପିନ୍ଧାଇଥିଲେ। ଜୟଶଙ୍କରଙ୍କ ସାଂସଦମାନେ ସଂସଦ ଭିତରେ ମୁସଲମାନମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ତାଙ୍କ ସହକର୍ମୀମାନେ କହିଥିବା ବିଷୟଗୁଡ଼ିକର ତାଲିକା ବହୁତ ଲମ୍ବା। ଏସବୁ କହିବା ପରେ ସେମାନେ ଯାହା କରିଥିଲେ ସେଥିପାଇଁ ସେମାନଙ୍କୁ ପୁରସ୍କୃତ କରାଯାଇଛି। ମୁସଲମାନମାନଙ୍କୁ ଯାହା ନ କହିବା କଥା ତାହା ଜଣେ ମହିଳା କହିଲେ। କେନ୍ଦ୍ର ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ସେ ଜଣେ ମନ୍ତ୍ରୀ। ସେ କହିଲେ, ଯଦି ସମସ୍ତ ମୁସଲମାନଙ୍କୁ ଭାରତ ଛାଡ଼ି ଚାଲିଯିବାକୁ କୁହାଯାଏ, ତେବେ ଆଜିର ଦିନରେ ଦେଶର ସ୍ଥିତି ଖୁବ୍ ଭଲ ହୋଇଯିବ। କଥା ହେଉଛି,ସଭାରେ ଏମିତି କହିବାବେଳେ ଜୟଶଙ୍କର ସେମାନଙ୍କ ପାଖରେ ବସିଥା'ନ୍ତି।

ଏହି ତଥ୍ୟଗୁଡିକୁ ଦେଖି ଆମେ କେହି ଆଶ୍ଚର୍ଯ୍ୟ ହେବା ଉଚିତ ନୁହେଁ, କାରଣ ୨୦୧୪ରୁ ସେଗୁଡ଼ିକ ସହ ଆମେ ରହିଆସୁଛୁ। କେବଳ ନୂଆ ଭାରତରେ ଧର୍ମାନ୍ଧତା ଏବଂ କୁସଂସ୍କାର ଏବଂ ଭେଦଭାବ ସାଧାରଣ ବିଷୟ ହୋଇନାହିଁ, ବରଂ ଜୟଶଙ୍କର ଏବଂ ତାଙ୍କ ଦଳ ରାଜନୈତିକ ଦୃଷ୍ଟିରୁ ଲୋକପ୍ରିୟ ହେବାର ଏହା ମଧ୍ୟ ଏକ କାରଣ। ତାହାକୁ ପ୍ରକାଶ କରିବା ଦ୍ୱାରା କ୍ଷତି ଘଟୁଛି, ଯାହା ଆମେ ଦେଖୁଛୁ, ଶୁଣୁଛୁ ଓ ଅନୁଭବ କରିପାରୁଛୁ। ସମସ୍ତ ଦେଶରେ ତ୍ରୁଟି ରହିଛି ଏବଂ କୂଟନୀତିଜ୍ଞମାନେ ବିଦେଶରେ ମିଛ କହୁଥିବା ମନେକରାଯାଏ। ହେଲେ ଜୟଶଙ୍କରଙ୍କୁ କହିବାକୁ ହେବ ଯେ, ଏହା ସେମାନଙ୍କ ଦେଶର ମଙ୍ଗଳ ପାଇଁ ହେଉଛି।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 6 | | | | | |
| | 4 | | 1 | | | | | 9 |
| | | | | 2 | 3 | 7 | | 4 |
| 8 | 3 | | | | | | | |
| | | 7 | 3 | 5 | | | | |
| | | | | | | 8 | 1 | |
| | | | | | | | | 1 |
| | 9 | 4 | | 6 | 1 | 2 | | |
| | 7 | 3 | | | | 4 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 4 | 3 | 5 | 7 | 2 | 8 | 6 | 1 |
| 2 | 6 | 1 | 3 | 8 | 9 | 7 | 5 | 4 |
| 8 | 7 | 5 | 1 | 6 | 4 | 3 | 2 | 9 |
| 1 | 8 | 6 | 9 | 2 | 3 | 5 | 4 | 7 |
| 7 | 3 | 9 | 8 | 4 | 5 | 6 | 1 | 2 |
| 5 | 2 | 4 | 6 | 1 | 7 | 9 | 8 | 3 |
| 3 | 5 | 2 | 4 | 9 | 8 | 1 | 7 | 6 |
| 4 | 1 | 8 | 7 | 3 | 6 | 2 | 9 | 5 |
| 6 | 9 | 7 | 2 | 5 | 1 | 4 | 3 | 8 |

ଗତ କାଲିର ଉତ୍ତର

# ଦେଢ଼ ଡିଗ୍ରୀର ସଙ୍କଳ୍ପ



ଡ. ଜୟକୃଷ୍ଣ ପାଣିଗ୍ରାହୀ

ସମୟର ପ୍ରବାହରେ ପୃଥିବୀର ଜଳବାୟୁ କେତେକ ପ୍ରାକୃତିକ ପରିବର୍ତ୍ତନର ସମ୍ମୁଖୀନ ହୋଇ ନୂତନତ୍ୱ ହାସଲକରେ। ସୂର୍ଯ୍ୟାଲୋକର ତୀବ୍ରତା, ଆଗ୍ନେୟଗିରି ଉଦ୍‌ଗିରଣ ଏବଂ ପ୍ରାକୃତିକଭାବେ ଉତ୍ପନ୍ନ ହେଉଥିବା ବିବିଧ ସବୁଜଗୃହ ବାଷ୍ପ ପରି କାରକର ହ୍ରାସବୃଦ୍ଧି ଜଳବାୟୁ ପରିବର୍ତ୍ତନରେ ସହାୟତା କରୁଥିବା ଶକ୍ତିମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ। ମନୁଷ୍ୟର ଅଭ୍ୟୁଦୟର ବହୁ ପୂର୍ବରୁ ପୃଥିବୀ ଉଷ୍ଣ ଏବଂ ଶୀତଳ ପର୍ଯ୍ୟାୟ ଦେଇ ଗତିକରିଆସିଛି। କିନ୍ତୁ ବର୍ତ୍ତମାନ ସଂଘଟିତ ହେଉଥିବା ଜଳବାୟୁ ବିପର୍ଯ୍ୟୟ ଯେ ସମ୍ପୂର୍ଣ୍ଣରୂପେ ମାନବ ପ୍ରବର୍ତ୍ତିତ ଏହା ନିଃସନ୍ଦେହ, ଯାହା ପ୍ରାକୃତିକ ପ୍ରକ୍ରିୟାର ବ୍ୟତିକ୍ରମ। ବର୍ଦ୍ଧିତ ଶକ୍ତି ଆବଶ୍ୟକତାର ପୂରଣ ନିମନ୍ତେ ବିଗତ ଦଶନ୍ଧିଗୁଡ଼ିକରେ ଜୀବାଶ୍ମ ଇନ୍ଧନର ଅତ୍ୟଧିକ ବ୍ୟବହାର ବିଶ୍ୱ ପରିବେଶରେ ପ୍ରଦୂଷଣ ବୃଦ୍ଧି କରିଛି। ଏହାସହ ଏବେ ଅଙ୍ଗାରକାମ୍ଳ, ମିଥେନ୍ ଏବଂ ନାଇଟ୍ରସ୍ ଅକ୍ସାଇଡ୍ ପରି ସବୁଜ ଗୃହବାଷ୍ପ (ଗ୍ରୀନ୍ ହାଉସ ଗ୍ୟାସ୍)ର ସାନ୍ଦ୍ରତା ଅତି ଉଚ୍ଚସ୍ତରରେ ପହଞ୍ଚିଛି, ଯାହା ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ଭଳି ସମସ୍ୟାର ପ୍ରମୁଖ କାରଣ ପାଲଟିଛି। ବିଗତ ୮ଲକ୍ଷ ବର୍ଷ ତୁଳନାରେ ଏସବୁର ପରିମାଣ ବର୍ତ୍ତମାନ ସର୍ବାଧିକ ସ୍ତରରେ ପହଞ୍ଚିଛି ବୋଲି ଆମେରିକାର ପରିବେଶ ସୁରକ୍ଷା ଏଜେନ୍ସିର ତଥ୍ୟରୁ ଜଣାପଡ଼ିଛି। ପୃଥିବୀର ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରକ ସାଜିଥିବା ଅଙ୍ଗାରକାମ୍ଳ ପ୍ରାକ୍-ଶିଳ୍ପବିପ୍ଳବ ସମୟରୁ ଅଧୁନା ୪୬ ଶତାଂଶ ଅଧିକ ବୃଦ୍ଧିପାଇଛି। ବିଦ୍ୟୁତ୍ ଶକ୍ତି, ଉତ୍ତାପ ଓ ପରିବହନ ଆଦି କ୍ଷେତ୍ରରେ କୋଇଲା, ତୈଳ ଏବଂ ଗ୍ୟାସ୍ ଭଳି ଜୀବାଶ୍ମ ଇନ୍ଧନର ଅନିୟନ୍ତ୍ରିତ ପ୍ରୟୋଗ ଏବଂ ଜଙ୍ଗଲ ନଷ୍ଟ ହେଉଛି ସବୁଜଗୃହ ବାଷ୍ପ ନିର୍ଗମନର ପ୍ରମୁଖ ଉତ୍ସ। ରାସାୟନିକ ସାର ବ୍ୟବହାର, ପଶୁପାଳନ କ୍ଷେତ୍ରର ପ୍ରସାରଣ, କେତେକ ଶିଳ୍ପ ପ୍ରକ୍ରିୟା ଏବଂ ଅନ୍ୟାନ୍ୟ ଉତ୍ସରୁ ମଧ୍ୟ ଏସବୁ ବାଷ୍ପର ଅଧିକ ନିର୍ଗମନ ଘଟୁଛି। ଆମ ଗ୍ରହର ପ୍ରାକୃତିକ ଅଙ୍ଗାରକଭଣ୍ଡାର ରୂପେ କାର୍ଯ୍ୟରତ ଜଙ୍ଗଲ ଏବଂ ମହାସାଗରଗୁଡ଼ିକ ବାୟୁମଣ୍ଡଳରୁ ଏହି ଅତିରିକ୍ତ ପରିମାଣର ବାଷ୍ପକୁ ଶୋଷଣକରିବାରେ ଅସମର୍ଥ ହେଉଥିବା ପରିପ୍ରେକ୍ଷୀରେ ପ୍ରାକୃତିକ ସନ୍ତୁଳନରେ ବ୍ୟାଘାତ ଘଟୁଛି ତଥା ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନର ଗମ୍ଭୀରତା ବୃଦ୍ଧିପାଉଛି।

ଏବେ ଖବରକାଗଜର ପୃଷ୍ଠା ଉନ୍ମୋଚନ ଅଥବା ଟିଭି ଖବର ଉପରେ ଦୃଷ୍ଟି ନିକ୍ଷେପକଲେ ଦୈନିକ ଭିତ୍ତିରେ ବିଶ୍ୱତାପନ ଏବଂ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧୀୟ ଅନେକ ଭୟାବହ ଘଟଣା ଆମର ଦୃଷ୍ଟିଗୋଚର ହେଉଛି। ଉତ୍ତାପ ବୃଦ୍ଧି, ଗ୍ରୀଷ୍ମପ୍ରବାହ, ଝଡ଼ବାତ୍ୟା, ବାଦଲଫଟା ବର୍ଷା, ତ୍ୱରିତ ବନ୍ୟା, ବଜ୍ରପାତ, ଭୂସ୍ଖଳନ, ଜଙ୍ଗଲାଗ୍ନି, ମରୁଡ଼ି ଏବଂ ସମୁଦ୍ରପତ୍ତନର ଉତ୍ଥାନ ଆଦି ଚରମ ପାଣିପାଗଜନିତ ଘଟଣା ବିଶ୍ୱର ବିଭିନ୍ନ ପ୍ରାନ୍ତରେ ସଂଘଟିତ ହେଉଛି। ଏସବୁର ସଂଖ୍ୟା ଓ ତୀବ୍ରତାରେ କ୍ରମାଗତ ବୃଦ୍ଧି ଆମକୁ ଜଳବାୟୁ ବିପର୍ଯ୍ୟୟର ଗମ୍ଭୀରତା ଏବଂ ପ୍ରତିହତ ନିମନ୍ତେ ଆବଶ୍ୟକ ଜରୁରୀ ପଦକ୍ଷେପ ବିଷୟରେ ସତର୍କ କରାଉଛି। ବିଶ୍ୱାସଯୋଗ୍ୟ ହେଉ ନ ଥିଲେ ମଧ୍ୟ ଗ୍ରହର ସର୍ବାଧିକ ଶୀତଳ ଏବଂ ଶୁଷ୍କ ମହାଦେଶ ଆଣ୍ଟାର୍କଟିକା ଏସବୁ ଘଟଣାର ବ୍ୟତିକ୍ରମ ନୁହେଁ, ଯେଉଁଠି ୨୦୨୨ରେ ଅଭୂତପୂର୍ବ ଗ୍ରୀଷ୍ମପ୍ରବାହ ଏବଂ ଅତ୍ୟଧିକ ବୃଷ୍ଟିପାତ ଘଟଣା ଦୃଶ୍ୟମାନ ହୋଇଥିଲା। ନିକଟରେ ଆମେରିକୀୟ ପାଣିପାଗ ସମିତିର ବୁଲେଟିନ୍ ସୂଚାଇଛି ଯେ ବର୍ଦ୍ଧିତ ଉତ୍ତାପର ପ୍ରଭାବରେ ଆଣ୍ଟାର୍କଟିକାର ବିସ୍ତୀର୍ଣ୍ଣ ବରଫାବୃତ୍ତ ଅଞ୍ଚଳ ତ୍ୱରିତ ବେଗରେ ତରଳି ଐତିହାସିକ ପରିଣାମରେ ହ୍ରାସପାଇଛି, ଯାହା ସମୁଦ୍ର ପତ୍ତନ ବୃଦ୍ଧିରେ ସହାୟକ ହେଉଛି। ଏପରି ଘଟଣା ବିଶ୍ୱର ବିଭିନ୍ନ ପ୍ରାନ୍ତରେ କ୍ରମେ ଉପକୂଳ ଅଞ୍ଚଳରେ ଯଥେଷ୍ଟ ରୂପେ କ୍ଷତିସାଧନ କରୁଛି। ଜଳବାୟୁ ପରିବର୍ତ୍ତନ ଉପରେ କାର୍ଯ୍ୟରତ ଆନ୍ତଃ ସରକାରୀ ଗୋଷ୍ଠୀ (ଆଇପିସିସି)ର ୨୦୨୩ରେ ପ୍ରକାଶିତ ଷଷ୍ଠ ରିପୋର୍ଟରେ ଏହି ପରିପ୍ରେକ୍ଷୀରେ ପ୍ରକାଶିତ ସତର୍କବାଣୀକୁ ଯେତିକି ଗମ୍ଭୀରତାର ସହ ଗ୍ରହଣ କରାଯିବା ବାଞ୍ଛନୀୟ, ତାହା ମାନବଜାତି ନିକଟରେ ପରିଦୃଷ୍ଟ ହେଉନାହିଁ। ତାପମାତ୍ରା ବୃଦ୍ଧିର ନିୟନ୍ତ୍ରଣ ନିମନ୍ତେ ସବୁଜ ଗୃହ ବାଷ୍ପ ନିର୍ଗମନକୁ ହ୍ରାସକରି ବାୟୁମଣ୍ଡଳରେ ସେସବୁର ପରିମାଣ ସ୍ଥିର ରଖିବା ଅପରିହାର୍ଯ୍ୟ। ଆମକୁ ବିଭିନ୍ନ ଉତ୍ସରୁ ଏସବୁ ବାଷ୍ପର ଉତ୍ସର୍ଜନକୁ ଯଥେଷ୍ଟ ହ୍ରାସକରିବା ନିମନ୍ତେ ପ୍ରତିବଦ୍ଧହେବାକୁ ପଡ଼ିବ।

ସମ୍ପ୍ରତି ଜଳବାୟୁ ପରିବର୍ତ୍ତନ ପରିଣାମରେ ପ୍ରାକୃତିକ ବିପର୍ଯ୍ୟୟ ସବୁର କ୍ରମବୃଦ୍ଧି ବିଶ୍ୱ ନେତୃବର୍ଗଙ୍କୁ ଏପରି ଧ୍ୱଂସକାରୀ ପ୍ରକ୍ରିୟାର ନିୟନ୍ତ୍ରଣ ଉଦ୍ଦେଶ୍ୟରେ ସମ୍ମିଳିତ ପଦକ୍ଷେପ ଗ୍ରହଣ ନିମନ୍ତେ ବାଧ୍ୟକରୁଛି। ଏହାର ପ୍ରଚ୍ଛଦରେ ରହିଛି ଆଇପିସିସି ଏବଂ ଅନ୍ୟାନ୍ୟ ବୈଜ୍ଞାନିକ ସଙ୍ଗଠନଗୁଡ଼ିକର ସତର୍କବାଣୀ। ପରିଣାମ ସ୍ୱରୂପ, ଜାତିସଂଘ ଆୟୋଜିତ ଜଳବାୟୁ ସମ୍ମିଳନୀରେ ଗମ୍ଭୀର ଆଲୋଚନାମାନ ଅନୁଷ୍ଠିତ ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଲକ୍ଷ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହେଉଛି। ପ୍ୟାରିସ୍‌ରେ ୨୦୧୫ରେ ଅନୁଷ୍ଠିତ ସମ୍ମିଳନୀରେ ନିଷ୍ପତ୍ତି ଗୃହୀତ ହେଲା ତାପମାତ୍ରା ବୃଦ୍ଧିକୁ ଦେଢ଼(୧.୫) ଡିଗ୍ରୀ, ଅତିବେଶିରେ ୨ଡିଗ୍ରୀ ସେଲସିୟସ୍ ମଧ୍ୟରେ ନିଶ୍ଚିତରୂପେ ସୀମାବଦ୍ଧ ରଖିବା, ଯାହା ଏପର୍ଯ୍ୟନ୍ତ ୧୯୫ ରାଷ୍ଟ୍ର



ଦ୍ୱାରା ଅନୁମୋଦିତ ହୋଇସାରିଛି। ଅନ୍ୟଥା ମାନବ ଜାତି ତଥା ସମଗ୍ର ଜୀବଜଗତ ଆଗାମୀ ସମୟରେ ଜଳବାୟୁ ବିପର୍ଯ୍ୟୟର ଭୟଙ୍କର ପ୍ରଭାବରେ ଧ୍ୱଂସାଭିମୁଖୀହେବ। ବର୍ତ୍ତମାନ କୃଷି ଉତ୍ପାଦନ, ସ୍ୱାସ୍ଥ୍ୟସେବା, ଜଳ ଉପଲବ୍ଧି, ଜୈବ ବିବିଧତା, ଉପକୂଳ ଅଞ୍ଚଳ, ଦ୍ୱୀପପୁଞ୍ଜଦେଶ ଏବଂ ସାମଗ୍ରିକଭାବେ ମାନବଜାତି ଓ ପ୍ରାକୃତିକ ପରିସଂସ୍ଥା ମାନ କ୍ରମଶଃ ଗମ୍ଭୀର ପରିଣାମର ଶିକାର ହେଲେଣି।

ତେବେ ପ୍ୟାରିସ୍ ଲକ୍ଷ୍ୟସାଧନ ଦିଗରେ ଅଳ୍ପକେତେକ ବିକଶିତ ଦେଶ ବ୍ୟତିରେକ ଅଧିକାଂଶ ଅନ୍ୟ ରାଷ୍ଟ୍ର ଜୀବାଶ୍ମ ଇନ୍ଧନ ବ୍ୟବହାରରେ ସଙ୍କୁଚନ ଏବଂ ବିକଳ୍ପ, ଅଣପାରମ୍ପରିକ, ସ୍ୱଚ୍ଛ ଇନ୍ଧନର ବହୁଳ ବ୍ୟବହାରକୁ ଏ ପର୍ଯ୍ୟନ୍ତ ଆଶାନୁରୂପ ଉଚ୍ଚସ୍ତରକୁ ନେବାରେ ସଫଳତା ଅର୍ଜନ କରିନାହାନ୍ତି। ପ୍ରତ୍ୟେକ ରାଷ୍ଟ୍ର ଜାତୀୟସ୍ତରରେ ନିର୍ଗମନ ହ୍ରାସ ପାଇଁ ଯେଉଁ ନିର୍ଦ୍ଧାରିତ ଅବଦାନ ରଖିବା ବାଞ୍ଛନୀୟ, ତାହା ବିଳମ୍ବିତ ହେଉଛି। ଏହାକୁ ଦୃଷ୍ଟିରେ ରଖି ୨୦୨୪ରୁ ଆରମ୍ଭହେବାକୁ ଥିବା ଏକ ଉନ୍ନତ ସ୍ୱଚ୍ଛତା ଢାଞ୍ଚା (ଇଟିଏଫ୍)ର ପ୍ରତିଷ୍ଠା ହୋଇଛି, ଯାହା ଅଧୀନରେ ଦେଶଗୁଡ଼ିକ ଜଳବାୟୁ ପରିବର୍ତ୍ତନ ହ୍ରାସ, ଉପଯୋଗୀ ପଦକ୍ଷେପ ଗ୍ରହଣ ଏବଂ ପ୍ରଦାନ କରିଥିବା କିମ୍ବା ପ୍ରାପ୍ତହୋଇଥିବା ସହାୟତା ସମ୍ପର୍କରେ ସ୍ୱଚ୍ଛତା ଅବଲମ୍ବନ ପୂର୍ବକ ଜାତିସଂଘକୁ ରିପୋର୍ଟ ପ୍ରଦାନ କରିବେ। ବୈଷୟିକ ଜ୍ଞାନ ବିନିମୟ ଏବଂ ଆର୍ଥିକ ସହାୟତା ପ୍ରଦାନ ପ୍ରସଙ୍ଗରେ ବିକଶିତ ଏବଂ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଥିବା ମତଭେଦ ମଧ୍ୟ ଦୂରୀଭୂତ ହେବାରେ ବିଳମ୍ବ ଘଟୁଛି। ଜଳବାୟୁ ପରିବର୍ତ୍ତନର ବିନାଶକାରୀ ପ୍ରଭାବକୁ ପ୍ରତିହତ କରିବା ଉଦ୍ଦେଶ୍ୟରେ ୨୦୩୦ ସୁଦ୍ଧା ବିଶ୍ୱ ଜଳବାୟୁ ପାଣ୍ଠିକୁ ଅତିକ୍ରମେ ସ୍ଥିରୀକୃତ ବାର୍ଷିକ ୪.୩ ଟ୍ରିଲିୟନ ଡଲାରର ଆନୁମାନିକ ଆର୍ଥିକ ପ୍ରବାହ ଆବଶ୍ୟକତାଠାରୁ ଯଥେଷ୍ଟ ନିମ୍ନରେ ରହିଛି।

ରେକର୍ଡ ଉତ୍ତାପ ବୃଦ୍ଧି ଏବଂ ଚରମ ପାଣିପାଗ ଘଟଣା ପରିପ୍ରେକ୍ଷୀରେ ସମ୍ପ୍ରତି ସାରା ବିଶ୍ୱରେ ସହସ୍ରାଧିକ ଜଳବାୟୁ ପ୍ରଦର୍ଶନକାରୀ ଜୀବାଶ୍ମ ଇନ୍ଧନର ବ୍ୟବହାରକୁ ବନ୍ଦକରିବାକୁ ଆହ୍ୱାନଦେବା ସହ ଅଙ୍ଗାରକାମ୍ଳ ନିର୍ଗମନ ପାଇଁ ଅଧିକ ଟିକସର ପ୍ରାବଧାନ, ମାଂସାହାର ବନ୍ଦକରିବା ଏବଂ ଜଳବାୟୁର ସୁରକ୍ଷା ଉଦ୍ଦେଶ୍ୟରେ କଠୋର ଆଇନ ପ୍ରଣୟନ ନିମନ୍ତେ ଦାବି ଉପସ୍ଥାପନ କରିଛନ୍ତି। ଜାତିସଂଘ ଚେତାବନୀ ଦେଇଛି ଯେ ପ୍ୟାରିସ୍ ଜଳବାୟୁ ସମ୍ମିଳନୀର ସହମତି ଅନୁଯାୟୀ ପ୍ରାକ୍-ଶିଳ୍ପବିପ୍ଳବ ତୁଳନାରେ ୧.୫ ଡିଗ୍ରୀ ମଧ୍ୟରେ ଉତ୍ତାପ ବୃଦ୍ଧିକୁ ରୋକିବାର ସିଦ୍ଧାନ୍ତଠାରୁ ରାଷ୍ଟ୍ରଗୁଡ଼ିକ ଦୂରରେ ରହୁଛନ୍ତି। ଇତିମଧ୍ୟରେ ବିଶ୍ୱ ଅତିକ୍ରମେ ୧.୧୨ଡିଗ୍ରୀ ଅଧିକ ଉତ୍ତପ୍ତ ହୋଇସାରିଲାଣି। ତେଣୁ ଦେଢ଼ ଡିଗ୍ରୀର ଲକ୍ଷ୍ୟହାସଲ ସମ୍ଭବପର ହେବନାହିଁ ବୋଲି ବୈଜ୍ଞାନିକମାନେ ଆଶଙ୍କା ପ୍ରକାଶ କରୁଛନ୍ତି। ବିଗତ କିଛି ମାସରେ ପୃଥିବୀର ହାରାହାରି ଉତ୍ତାପରେ ରେକର୍ଡବୃଦ୍ଧି ଘଟିଛି। ଜୁଲାଇ୨୦୨୩ ସର୍ବାଧିକ ଉତ୍ତପ୍ତ ମାସ ରୂପେ ପରିଗଣିତ ହୋଇଛି ଏବଂ ଉତ୍ତରଗୋଲାର୍ଦ୍ଧର ଗ୍ରୀଷ୍ମସବୁଠାରୁ ଉତ୍ତପ୍ତ ବୋଲି ଘୋଷଣା କରାଯାଇଛି। ଏବେ ସମୟ ଅବତୀର୍ଣ୍ଣ ହୋଇଛି ଯେତେବେଳେ ଅଧିକରୁ ଅଧିକ ରାଷ୍ଟ୍ର, ରାଜ୍ୟ, ଅଞ୍ଚଳ, ସହର, କମ୍ପାନୀ ଏବଂ ଅନୁଷ୍ଠାନ ପ୍ୟାରିସ୍ ଲକ୍ଷ୍ୟସାଧନ ଉଦ୍ଦେଶ୍ୟରେ ଅଙ୍ଗାରକାମ୍ଳ ନିରପେକ୍ଷତା ହାସଲ ଉଦ୍ଦେଶ୍ୟରେ କାର୍ଯ୍ୟଧାରା ତ୍ୱରାନ୍ୱିତ କରିବେ ଏବଂ ଭବିଷ୍ୟତର ପିଢ଼ିଙ୍କ ନିମନ୍ତେ ଏକ ସୁରକ୍ଷିତ, ସୁନ୍ଦର ପୃଥିବୀର ପୁନରୁଦ୍ଧାର କରିବେ।

ସମ୍ପାଦକ, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର
jk.panigrahi@gmail.com
ମୋ: ୯୪୩୭୦୭୬୧୦୦

# ସିଡ୍ ଲେଡି

ବ୍ୟକ୍ତିତ୍ୱ



ଡ. ସ୍ୱାତୀ ନାୟକ

ଜଳବାୟୁ ପରିବର୍ତ୍ତନର ପ୍ରଭାବ କୃଷିକ୍ଷେତ୍ର ଉପରେ ବିଶେଷଭାବେ ପଡ଼ିଥିବା ଅନ୍ତର୍ଜାତୀୟ ସ୍ତରରେ ଏକ ଆଲୋଚ୍ୟର ବିଷୟ। ଭାରତରେ ମୌସୁମୀର ଅନିୟମିତତା ଯୋଗୁ ମରୁଡ଼ି ଭଳି ସ୍ଥିତି ଉପୁଜୁଛି। ଧାନ ଚାଷ ଲାଗି ପ୍ରଚୁର ପାଣିର ଆବଶ୍ୟକତା ଥିବା ବେଳେ ଏହାର ଅଭାବ ଅସ୍ୱାଭାବିକତା ଆଣିଦେଉଛି। ସେଥିଲାଗି କୃଷି ବୈଜ୍ଞାନିକମାନେ ଅଧିକ ଅମଳକ୍ଷମ, କମ୍ ଜଳ ଓ ସ୍ଥଳବିଶେଷରେ ବନ୍ୟାପ୍ଲାବିତ ଅଞ୍ଚଳରେ ହୋଇପାରୁଥିବା ଚାଷ, ଲୁଣିପାଣି ମାଡ଼ିଯାଉଥିବା ଖେତକୁ ଦେଖି ବିଭିନ୍ନ ପ୍ରକାର ବିହନ ବିକଶିତ କରିବାରେ ଲାଗିଛନ୍ତି। ଭାରତ ଭଳି ବିଶାଳ ଜନସଂଖ୍ୟାବହୁଳ ଦେଶର ଲୋକଙ୍କୁ ଖାଦ୍ୟ ଯୋଗାଇବା ସର୍ବଦା ଆହ୍ୱାନ ସୃଷ୍ଟି କରିଥାଏ। ତେଣୁ ଯେଉଁ କୃଷି ବିଜ୍ଞାନୀ ଏହି କ୍ଷେତ୍ରରେ ନୂତନ ଉଦ୍ଭାବନ କିମ୍ବା ନୂଆ କିଛି କରି ଲୋକଙ୍କ ଚାହିଦା ମେଣ୍ଟାଇବାରେ ସଫଳକାମ ହୋଇଥାଆନ୍ତି, ନିଶ୍ଚିତ ଭାବେ ସେମାନେ ପ୍ରଶଂସାଯୋଗ୍ୟ। ଓଡ଼ିଆ ବୈଜ୍ଞାନିକ ଡକ୍ଟର ସ୍ୱାତୀ ନାୟକ ଖାଦ୍ୟ ଓ ପୁଷ୍ଟିଜନିତ ନିରାପତ୍ତା ଓ କ୍ଷୁଧା ନିବାରଣ ଦିଗରେ ଅସାଧାରଣ କାର୍ଯ୍ୟ କରିପାରିଥିବାରୁ ସେ ୪୦ ବର୍ଷରୁ କମ୍ ବୈଜ୍ଞାନିକ ବର୍ଗରେ ମର୍ଯ୍ୟାଦାଜନକ 'ନର୍ମାନ ବୋରଲାଗ ଫିଲ୍ଡ ଆୱାର୍ଡ ୨୦୨୩' ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆମେରିକା ଆଇଓ୍ୱାର ଦେସ୍ ମେଇନେସ୍‌ଠାରେ ଅକ୍ଟୋବର ୨୪-୨୬ରେ ଅନୁଷ୍ଠିତ ହେବାକୁ ଥିବା ନରମାନ୍ ଇ. ବୋରଲାଗ ଇଣ୍ଟରନ୍ୟାଶନାଲ ସିମ୍ପୋଜିୟମ୍‌ରେ ତାଙ୍କୁ ଉକ୍ତ ପୁରସ୍କାର ପ୍ରଦାନ କରାଯିବ। ଉଲ୍ଲେଖଯୋଗ୍ୟ, ନୋବେଲ ପୁରସ୍କାରପ୍ରାପ୍ତ ବିଶିଷ୍ଟ କୃଷି ବୈଜ୍ଞାନିକ ତଥା ସବୁଜ ବିପ୍ଳବର ମୁଖ୍ୟ ସ୍ଥପତି ଡକ୍ଟର ନରମାନ୍ ବୋରଲାଗଙ୍କ ସ୍ମୃତିରେ ଏହି ସମ୍ମାନ ପ୍ରଦାନ କରାଯାଇଥାଏ।

ସ୍ୱାତୀଙ୍କ କ୍ୟାରିୟର ଦେଖିଲେ ସେ ଆଚାର୍ଯ୍ୟ ଏନ୍‌ଜି ରଙ୍ଗା ଏଗ୍ରିକଲଚର ୟୁନିଭର୍ସିଟି (ଏବେ ତେଲଙ୍ଗାନା)ରୁ ୨୦୦୭ରେ କୃଷିରେ ବ୍ୟାଚ୍‌ଲର ଅଫ୍ ସାଇନ୍ସ ଡିଗ୍ରୀ ଅର୍ଜନ କରିଥିଲେ। ୨୦୦୮ରୁ ୨୦୧୦ ଯାଏ ଇନ୍‌ଷ୍ଟିଚ୍ୟୁଟ ଅଫ୍ ରୁରାଲ ମ୍ୟାନେଜମେଣ୍ଟ ଆନନ୍ଦରୁ ରୁରାଲ ମ୍ୟାନେଜମେଣ୍ଟରେ ସ୍ନାତକୋତ୍ତର କରିଥିଲେ। ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ଆମିଟି ୟୁନିଭର୍ସିଟିରୁ କୃଷି କ୍ଷେତ୍ରରେ ରଣନୀତିକ ପରିଚାଳନା ଦିଗରେ ଗବେଷଣା କରି ପିଏଚ.ଡି. ଡିଗ୍ରୀ ହାସଲ କରିଛନ୍ତି। ଫିଲିପାଇନ୍ସର ଇଣ୍ଟରନ୍ୟାଶନାଲ ରାଇସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ(ଆଇଆର୍ଆର୍ଆଇ)ର ସାଉଥ୍ ଏସିଆ ଲିଡ୍ ଫର୍ ସିଡ୍ ସିଷ୍ଟମ୍ ଆଣ୍ଡ ପ୍ରଡକ୍ଟ ମ୍ୟାନେଜମେଣ୍ଟ ପଦବୀରେ ନୂଆଦିଲ୍ଲୀରେ ସେ ଅବସ୍ଥାପିତ। ମାତ୍ର ୧୩ ବର୍ଷର କ୍ୟାରିୟରରେ ସେ ବିଶ୍ୱ କୃଷି କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ୫୦୦ ପ୍ରକାର ଧାନର ତୁଳନାତ୍ମକ ପରୀକ୍ଷଣ କରିବା ବେଳେ ସେ ୧୦ ହଜାରରୁ ଊର୍ଦ୍ଧ୍ୱ ଖେତ କାର୍ଯ୍ୟକ୍ରମର ଆୟୋଜନ କରି ଏକ ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ସେଥିମଧ୍ୟରୁ ୨୦ ପ୍ରକାର ଧାନ ବିକାଶ ଦିଗରେ ପ୍ରତ୍ୟକ୍ଷ ଅଭିନବତ୍ୱ ପ୍ରଦର୍ଶନ ତାଙ୍କୁ ଦେଶ ବିଦେଶରେ ବେଶ୍ ପରିଚିତ କରିପାରିଛି। ଏଗୁଡ଼ିକ କେବଳ ଜଳବାୟୁ ସହନଶୀଳ ବିହନରେ ସୀମିତ ନ ରହି ଅଧିକ ଅମଳକ୍ଷମ, ପରିବେଶ ଉପଯୋଗୀ ଓ ସ୍ୱାସ୍ଥ୍ୟପ୍ରଦ ହୋଇପାରିଛି। ତାଙ୍କ ନେତୃତ୍ୱରେ ଅନ୍ତର୍ଜାତୀୟ ବିହନ ନୀତି ବୁଝାମଣା ('ସିଡ୍ସ ଉଇଦାଉଟ୍ ବର୍ଡର୍ସ' ନାମରେ ପରିଚିତ) କାର୍ଯ୍ୟକାରୀ ହୋଇଛି। ଏହାଦ୍ୱାରା ଦକ୍ଷିଣ ଓ ଦକ୍ଷିଣ ପୂର୍ବ ଏସିଆରେ ଆଧୁନିକ ଧାନ କିସମ ବଣ୍ଟନ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିଛି। କେବଳ ଗବେଷଣାରେ ନିଜକୁ ସୀମିତ ନ ରଖି ସ୍ୱାତୀ କୃଷି କ୍ଷେତ୍ରରେ ମହିଳାଙ୍କ ସଶକ୍ତୀକରଣକୁ ଗୁରୁତ୍ୱ ଦେଇଚାଲିଛନ୍ତି। ତାଙ୍କ ଉଲ୍ଲେଖନୀୟ ସଫଳତା ମଧ୍ୟରେ ମରୁଡ଼ି ମୁକାବିଲା କରିପାରୁଥିବା ଚାଉଳ କିସମ 'ସହଭାଗୀ ଧାନ'କୁ ସେ ନିଜ ରାଜ୍ୟ ମୟୂରଭଞ୍ଜ ଜିଲାରେ ପ୍ରଥମେ ପ୍ରଚଳନ କରିଥିଲେ। ଏହାର ସଫଳ ପ୍ରୟୋଗ ଦେଶର ଅନ୍ୟାନ୍ୟ ପ୍ରାନ୍ତରେ ମଧ୍ୟ ଉତ୍ତମ କାର୍ଯ୍ୟ ଦେଇଥିବା ଦେଖିବାକୁ ମିଳିଛି।

କୃଷି କ୍ଷେତ୍ରରେ ମହିଳାଙ୍କ ଯୋଗଦାନକୁ ସାଧାରଣରେ ଗ୍ରହଣ କରାଯାଉ ନ ଥିଲା। ସମୟକ୍ରମେ ଅଭାବୀ ମହିଳା କୃଷି ଖେତରେ କାମ କରି ଗୁଜୁରାଣ ମେଣ୍ଟାଇଲେ। ଏହା ପରେ କୃଷି ଓ ତତ୍‌ଜନିତ ସାମଗ୍ରୀ ବ୍ୟବସାୟରେ ସେମାନଙ୍କ ଅଂଶଗ୍ରହଣ ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଲାଗିଛି। ତେବେ ସବୁଠାରୁ ବଡ଼ କଥା ହେଉଛି କୃଷି ବିଜ୍ଞାନ ପ୍ରତି ମହିଳାଙ୍କ ଆଗ୍ରହ ବଢ଼ିବା ଓ ସ୍ୱାତୀଙ୍କ ଭଳି ଯୁବ ବୈଜ୍ଞାନିକମାନେ ଏ କ୍ଷେତ୍ରରେ ଯେଉଁ ଅଲିଭାଗାର ଟାଣି ଦେଉଛନ୍ତି, ତାହା ଆଗାମୀ ପିଢ଼ି ପାଇଁ ସେମାନେ ପ୍ରେରଣାର ଉତ୍ସ ପାଲଟି ଯାଉଛନ୍ତି। ଧାନ ବିହନ କ୍ଷେତ୍ରରେ ସ୍ୱାତୀଙ୍କ ଅଭିନବତ୍ୱ ପ୍ରଦର୍ଶନ ଓ ମହିଳାଙ୍କ ମଧ୍ୟରେ କୃଷି ପ୍ରତି ଜାଗରଣ ସୃଷ୍ଟି କରିଥିବାରୁ ତାଙ୍କୁ 'ସିଡ୍ ଲେଡି' ବା ବିହନ ମହିଳା ଆଖ୍ୟା ଦିଆଯାଇଛି।

ସ୍ୱାତୀଙ୍କ ବ୍ୟକ୍ତିଗତ ଜୀବନ କହିଲେ ସେ ନୂଆଦିଲ୍ଲୀରେ ସ୍ୱାମୀ ପ୍ରିୟଦର୍ଶୀ ବଳ ଓ ଝିଅ ଅଧଭିକା ନାୟକ ବଳଙ୍କ ସହ ରହୁଛନ୍ତି। ଭୁବନେଶ୍ୱରରେ ରହୁଥିବା ପିତା ଲକ୍ଷ୍ମୀଧର ନାୟକ ଓ ବିଜୟଲକ୍ଷ୍ମୀ ନାୟକଙ୍କ ସୁକନ୍ୟା ଓଡ଼ିଶା ପାଇଁ ଗର୍ବ ଆଣିଛନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଆଖୁ ଛେଦା ଓ ବର୍ଜ୍ୟ ପ୍ଲାଷ୍ଟିକ ବୋତଲରୁ ପ୍ରସ୍ତୁତ ଜୋତା ଏବେ ମିଳିଲାଣି। ଏମିତି ଜୋତା ତିଆରି କରୁଛନ୍ତି ଗୁଜରାଟର ଦୁଇ ଭାଇ ପାର୍ଥ ଓ କରିସ୍ମା ଦଲାଲ। ଏଭଳି ଜୋତା ଶୀଘ୍ର ମାଟିରେ ମିଶିଯାଉଛି। ଏକ ଅନୁଧ୍ୟାନରୁ ଜଣାପଡ଼ିଛି, ପୃଥିବୀରେ ପ୍ରତିବର୍ଷ ୩୫ କୋଟି ଜୋତା ବାହାରେ ଫିଙ୍ଗିଦିଆଯାଉଛି, ଯାହା ମାଟିରେ ମିଶିବାକୁ ବହୁଦିନ ଲାଗିଯାଉଛି। ଏସବୁ ପାଣି ଓ ମାଟିକୁ ପ୍ରଦୂଷଣ କରୁଛି। ଏଣୁ ପାର୍ଥ ଓ କରିସ୍ମାଙ୍କ ଦ୍ୱାରା ପ୍ରସ୍ତୁତ ଜୋତା ଏହି ସମସ୍ୟାକୁ ଅନେକାଂଶରେ ଦୂର କରିପାରୁଛି। ସେମାନେ ଏଭଳି ଜୋତା ତିଆରି କରିବାକୁ ଚଳିତ ବର୍ଷ ମେ'ରେ 'ରିରୁଟ' ଷ୍ଟାର୍ଟଅପ୍ ଆରମ୍ଭ କରିଛନ୍ତି। ଏହି ପଦ୍ଧତିରେ କାର୍ବନ ନିର୍ଗମନ ବହୁତ କମ୍ ହେଉଛି। ହେଲେ ଏହାକୁ ୧୦୦% ନିର୍ଗମନ ଶୂନ୍ୟ କରିବା ସକାଶେ ଚେଷ୍ଟା କରୁଛନ୍ତି। ବେଙ୍ଗାଲୁରୁ ଓ ଦିଲ୍ଲୀରେ ଏହାର ବିକ୍ରି ଆରମ୍ଭ କରି ଏବେ ସୁଦ୍ଧା ୪୦୦ ହଳ ଜୋତା ସେମାନେ ବିକ୍ରି କରିସାରିଲେଣି। ଗୋଟିଏ ଜୋତାର ଓଜନ ରହୁଛି ୧୮୦ ଗ୍ରାମ। ଏଥିରୁ ୯୫ରୁ ୧୧୦ ଗ୍ରାମ ରହୁଛି ଆଖୁ ଛେଦାର ଅବଶେଷାଂଶ । ଗୋଟିଏ ଜୋତା ତିଆରି ଲାଗି ୧୧ଟି ପ୍ଲାଷ୍ଟିକ ବୋତଲ ଆବଶ୍ୟକ ହେଉଛି। ଏଭଳି ଜୋତା ତିଆରିରେ ସେମାନେ ୪୦,୦୦୦ ପ୍ଲାଷ୍ଟିକ୍ ବୋତଲ ବ୍ୟବହାର କରିସାରିଲେଣି।

## ଚିରନ୍ତନୀ

''ଭସ୍ମ ହେଉ ଜରା ମୃତ୍ୟୁ
ଅବସାଦ ତନ୍ଦ୍ରାଗ୍ଳାନି ଭୟ
''ଜାଗ ବୀର! ଦେଖ ଚାହିଁ
ଜଳେ ଦୀପ ଅମର ଅକ୍ଷୟ।

(ମହାଦୀପ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଲାଞ୍ଚୁଆ ଅଧିକାରୀ

ମହାଶୟ,

ମହାପୁରୁଷମାନେ ଆମକୁ ଅନେକ କିଛି ଶିକ୍ଷା ଦେଇଯାଇଛନ୍ତି। ଯେମିତି କି ବୁଦ୍ଧଙ୍କ ବାଣୀରେ ଅହିଂସା ପରମଧର୍ମ, ସବୁ ମନୁଷ୍ୟ ସମାନ, ଆଳାସ୍ୟ ଏକ ମହାପାପ, ସତ୍‌କର୍ମରେ ଶାନ୍ତି ଇତ୍ୟାଦି। ମାତ୍ର ଆଜିର ସମାଜରେ ସତ୍‌କର୍ମ କରିବା ତ ଦୂରର କଥା, ସେ ସତ୍‌କର୍ମ ବିଷୟରେ ଚିନ୍ତା ମଧ୍ୟ କରୁନାହାନ୍ତି। ଅସତ୍ ଉପାୟରେ ଅର୍ଥ ଉପାର୍ଜନ ମଣିଷର ସହଜାତ ପ୍ରବୃତ୍ତି ହୋଇଗଲାଣି। ପ୍ରତିଦିନ ଖବରକାଗଜର ପୃଷ୍ଠା ମଣ୍ଡନ କରି ଶୋଭା ପାଉଛି ଲାଞ୍ଚୁଆ ମଣିଷର ଛବି। କେଉଁଠି ସରକାରୀ ଅଧିକାରୀମାନେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କିଏ ଗିରଫ ହେଲାଣି ତ, ଆଉ କେଉଁଠି ଲାଞ୍ଚ ନେଉଥିବା ବେଳେ ଜନସାଧାରଣଙ୍କ ହାବୁଡ଼ରେ ପଡ଼ି ନିର୍ଧୂମ୍ ଛେଚା ଖାଇଲେଣି। ରାଜସ୍ୱ, ବ୍ରହ୍ମସ୍ୱ, ଦେବସ୍ୱଙ୍କ ଅର୍ଥ ଖାଇବା ପାଇଁ ନିଷିଦ୍ଧ ଥିଲେ ମଧ୍ୟ ସେଥିପ୍ରତି କାହାରି ଯେପରି ନଜର ନାହିଁ। ଅଫିସରଟିଏ ଯେଉଁ କାର୍ଯ୍ୟ କରିବା ପାଇଁ ସରକାରଙ୍କଠାରୁ ଦରମା ପାଉଛି, ସେହିକାର୍ଯ୍ୟ କରିବା ପାଇଁ ଲାଞ୍ଚ ମାଗୁଛି। ଆକାଶଛୁଆଁ ଅଟ୍ଟାଳିକା ତିଆରି କରି ଲୋକଙ୍କଠାରୁ ବାହାବା ନେଉଛି। ଏଇଠି ପ୍ରଶ୍ନ ଉଠେ, ଠକେଇ, ଟାଉଟରି, ଛଳନା, କପଟ ଦ୍ୱାରା ଅର୍ଥ ଉପାର୍ଜନ କ'ଣ ସତରେ ସତ୍‌କର୍ମ?

– ଅଶୋକ ରାଉଳ
ଅଢ଼ଙ୍ଗ, ଅଣଖିଆ, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଶିଶୁ ବିକାଶ କେନ୍ଦ୍ର ପକ୍ଷରୁ ବିବିଧ କାର୍ଯ୍ୟକ୍ରମ**

ବଲାଙ୍ଗୀର: ବଲାଙ୍ଗୀର ଟିକ୍ରାପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବିକାଶ କେନ୍ଦ୍ର ପକ୍ଷରୁ ଶନିବାର ଏକ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ସଭାପତି ମଦନ ମୋହନ ରଥଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଡା. ଅଶୋକ କୁମାର ସେଠି ଶିଶୁମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ଉପରେ ଆଲୋଚନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସଙ୍ଗଠକ ମଧୁ ସାହୁଙ୍କ ପରିଚାଳନାରେ ଏକ କୁଇଜ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟ ସଚେତନତା ଓ କୁଇଜ ପ୍ରତିଯୋଗିତାରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ ପରିଚାଳନାରେ ସୁନାଧର ବନଛୋର, ରୁଦ୍ରେନ୍ଦ୍ର କୁମାର ବେହେରା, ଧର୍ମବ୍ରତ ରଥ, କସ୍ତୁରୀ ରଥ ଓ ବିଦ୍ୟାଳୟର ଶିକ୍ଷୟିତ୍ରୀମାନେ ସହଯୋଗ କରଥିଲେ। ପ୍ରିୟମ୍ବଦା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

**ଚର୍ଚ୍ଚାରେ ସିଆଲବାହାଲିର ଚାଷୀ ପରିବାର**

# ଚାଷ ଫୁଟାଉଛି ହସ

- ଆଧୁନିକ ପ୍ରଣାଳୀରେ ଚାଷ କରି ପାଉଛନ୍ତି ସଫଳତା
- ଚାଷ ଆଣିଛି ପାରିବାରିକ ଜୀବନରେ ଏକତା
- ଅନ୍ୟମାନଙ୍କ ପାଇଁ ପାଲଟିଛନ୍ତି ପ୍ରେରଣାର ଉତ୍ସ

ବଲାଙ୍ଗୀର,୩୦।୯(ବୀରେନ୍ଦ୍ର କୁମାର ଝାଙ୍କର)



ମରପାଚି-ମରେଇ ପରିବାରର ସଦସ୍ୟାସଦସ୍ୟ।

ନୂଆଁଖାଇ ତିହାର ପରେ ବଲାଙ୍ଗୀର ଜିଲାର ଦାଦନ ଶ୍ରମିକ ସମସ୍ୟା ଚର୍ଚ୍ଚାକୁ ଆସିଯାଏ। ଜିଲାରୁ ବହୁ ଦାଦନ ଶ୍ରମିକ ରାଜ୍ୟ ବାହାରକୁ କାମ ଅନ୍ୱେଷଣରେ ଚାଲିଯାଆନ୍ତି। ଦଶନ୍ଧି ଦଶନ୍ଧି ଧରି ଏହି ସାମୂହିକ ଶ୍ରମିକ ପଳାୟନ ମୁଣ୍ଡବ୍ୟଥାର କାରଣ ପାଲଟିଛି। ତେବେ ଏହି ଜିଲାରେ ଏଭଳି ଅନେକ ପରିବାର ରହିଛନ୍ତି, ଯେଉଁମାନେ କେବେ ଦାଦନ ଶ୍ରମିକ ନ ହୋଇ ଭିଟାମାଟିରେ କୃଷି କାର୍ଯ୍ୟ କରି ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ଆଧୁନିକ ପ୍ରଣାଳୀରେ ଚାଷକରି ବେଶ୍ ସଫଳତା ପାଇଛନ୍ତି, ଲାଭବାନ ବି ହେଉଛନ୍ତି। କହିବାକୁ ଗଲେ ସେମାନଙ୍କ ମୁହଁରେ ଚାଷ ଫୁଟାଇଛି ହସ। ସମସ୍ତେ ମିଳିମିଶି ଚାଷ କରିବା ଫଳରେ ପାରିବାରିକ ଜୀବନରେ ଏକତା ସୃଷ୍ଟି ହୋଇଛି।

ବଲାଙ୍ଗୀର ସଦର ବ୍ଲକ ଝାଙ୍କରପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସିଆଲବାହାଲି ଗାଁର ମରପାଚି-ମରେଇ ପରିବାର ଏକ ସଫଳ କୃଷି ଜୀବନର ଅନନ୍ୟ ଉଦାହରଣ ପାଲଟିଛନ୍ତି। କୃଷି କିଭଳି ସେମାନଙ୍କ ଯୌଥ ଜୀବନକୁ ସମୃଦ୍ଧ ଓ ସ୍ୱାଭିମାନୀ କରିଛି ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ସିଆଲବାହାଲି ଗାଁର ଅନାଦୀ ମରପାଚି (୫୦) ଜଣେ ସାଧାରଣ ଚାଷୀ। ସେମାନେ ପାଞ୍ଚ ଭାଇ। ଅନାଦୀ, ବୀଣା, ମୋହନ, ଚହନ ଓ ଶ୍ୟାମ। ସମସ୍ତେ ବିବାହିତ, ପିଲାଛୁଆ ଅଛନ୍ତି। ଶିକ୍ଷକତା କରୁଥିବା ସାନଭାଇ ଶ୍ୟାମଙ୍କୁ ଛାଡିଦେଲେ ଅନ୍ୟ ଚାରିଭାଇ କୃଷି କାର୍ଯ୍ୟରେ ନିମଗ୍ନ ଅଛନ୍ତି। ଗାଁର ନନ୍ଦୀ ମରେଇ (୫୫) ଓ ଅନାଦୀ ସମ୍ପର୍କରେ ଶଳା-ଭିଣୋଇ। ମାତ୍ର ଦୁଇ ମରପାଚି-ମରେଇ ପରିବାରର ସମସ୍ତ ସଦସ୍ୟ(ପିଲାଛୁଆ ମିଶି ୨୦ରୁ ଊର୍ଦ୍ଧ୍ୱ) ଗୋଟିଏ ପରିବାର ଭାବେ ରହିଆସୁଛନ୍ତି। ଘରର ମଙ୍ଗ ଧରିଛନ୍ତି ଅନାଦୀ ମରପାଚି। ସ୍କୁଲରେ ସୀମିତି ରହିଯାଇଛି ତାଙ୍କ ପାଠପଢ଼ା। ମାତ୍ର ସେ ହିଁ ପରିବାର ଓ ଚାଷବାସର ମାର୍ଗଦର୍ଶକ। ଉଭୟ ପରିବାରର ରହିଛି ପ୍ରାୟ ୮ ଏକର ଜମି। ବାହାଲ ଜମି ପ୍ରାୟ ତିନି ଏକର ଏବଂ ବାକି ହେଉଛି ଆଟ ଜମି। ବର୍ଷତମାମ ଚାଷରେ ମାତିଛନ୍ତି ଏହି ଦୁଇ ପରିବାରର ସଦସ୍ୟ। ସିଆଲବାହାଲି ଗାଁରୁ ପ୍ରାୟ ୧ କିଲୋମିଟର ଦୂରରେ ରହିଛି ତାଙ୍କ କ୍ଷେତବାଡି। ପ୍ରତିଦିନ ସକାଳୁ ସେଠାକୁ ଚାଲିଯାଆନ୍ତି। ଜମିରେ ଯେ ଯାହା କାମରେ ଲାଗିପଡନ୍ତି। ପୋଟଳ, ବାଇଗଣ, ଭେଣ୍ଡି, ଟମାଟୋ, ସଜନା, କଦଳୀ, ମାଖନ, ଜହ୍ନି, ମିର୍ଚ୍ଚ ଚାଷରେ ହସୁଛି କ୍ଷେତ। ଧାନ ଚାଷ ବି କରିଛନ୍ତି। ଲୁଣ, ତେଲ, ମସଲା ଛାଡିଦେଲେ ପ୍ରାୟତଃ ସବୁ ଜିନିଷ କ୍ଷେତରୁ ମିଳିଯାଏ। ଉପାର୍ଜିତ ପନିପରିବା ଧରି ଦୁଇଭାଇ ମୋହନ ଓ ଚହନ ବଲାଙ୍ଗୀର ଡେଲିମାର୍କେଟକୁ ଚାଲିଯାଆନ୍ତି। ସେଠାରେ ବେପାରୀଙ୍କୁ ପରିବା ଦେଇ ଫେରିଆସନ୍ତି। ଏହି ପରିବାରର କୌଣସି ଜଣେ ବି ସଦସ୍ୟ ଦାଦନ ଶ୍ରମିକ ହୋଇନାହାନ୍ତି କି ଅନ୍ୟ କାହା ଘରେ ମୂଲ ଲାଗିନାହାନ୍ତି। ଯେତିକି ଉପାର୍ଜନ କରନ୍ତି ସେଥିରେ ସମସ୍ତେ ଚଳିଯାଆନ୍ତି। ପରିବାର ସଦସ୍ୟଙ୍କ ପରିଶ୍ରମ ଦେଖି ଜିଲା ଉଦ୍ୟାନ ବିଭାଗ ପକ୍ଷରୁ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ସେମାନଙ୍କୁ ଅବଗତ କରାଯାଇଥିଲା। ଏବେ ସେମାନଙ୍କ ପାଖରେ ୨ଟି ପାତଳ ବୋରିଂ, ପାୱାର ୱିଡର ସହ ଅନ୍ୟାନ୍ୟ କୃଷି ଉପକରଣ, ପିଆଜ ସାଇତା ଘର, ପ୍ୟାକିଂ ହାଉସ, ପନିପରିବା ଶୀତଳ ଭଣ୍ଡାର ରହିଛି।

ଅନାଦୀ କହନ୍ତି, ଆଧୁନିକ କୃଷି ପ୍ରଣାଳୀ ପ୍ରୟୋଗ ପରେ ଏବେ ସେମାନଙ୍କ ଉପାର୍ଜନ ବଢ଼ିଛି। କଲେଜରେ ଦୁଇଟି ପିଲା ପାଠ ପଢୁଛନ୍ତି। ଅନ୍ୟ ପିଲାମାନେ ସ୍କୁଲରେ ପଢୁଛନ୍ତି। ଚାଷକାର୍ଯ୍ୟ ସେମାନଙ୍କୁ ଏକାଠି କରି ରଖିଛି ଏବଂ ଏକାଠି ଅଛନ୍ତି ବୋଲି ଚାଷ ସଫଳ ହେଉଛି। ଗୋଟିଏ ସିଜନ୍‌ରେ କେବଳ ପୋଟଳ କିଆରିରୁ ମିଳୁଛି ଦେଢ଼ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବୋଲି ସ୍ୱାଭିମାନର ସହ କହନ୍ତି ଅନାଦୀ ଓ ନନ୍ଦୀ। ସରକାରୀ ଯୋଜନା ଓ ସହାୟତାର ସଫଳ ଉଦାହରଣ ପାଲଟିଛନ୍ତି ମରପାଚି-ମରେଇ ଯୌଥ ପରିବାର। ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ଭଞ୍ଜ କହିଛନ୍ତି, ଆଧୁନିକ କୃଷି ପଦ୍ଧତି ଆପଣେଇ ଏହି ପରିବାର ସଫଳ ହୋଇଛନ୍ତି। ଜିଲାପାଳ ଚଞ୍ଚଳ ରାଣା କହିଛନ୍ତି, ପ୍ରତିକୂଳ ପରିସ୍ଥିତିରେ ଏମାନେ ସଫଳ ହୋଇଛନ୍ତି ଓ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି।

## ଶହୀଦ ମାଧୋ ସିଂ ଶୌର୍ଯ୍ୟ ଜାଗରଣ ରଥଯାତ୍ରାକୁ ସ୍ୱାଗତ



ବ୍ରହ୍ମଚାରୀମାନଙ୍କ ଦ୍ୱାରା ମନ୍ତ୍ର ଉଚ୍ଚାରଣ କରି ହନୁମାନ ବିଗ୍ରହ ପ୍ରତିଷ୍ଠା କରାଯାଉଛି।

ନୂଆପଡା,୩୦।୯ (ମକାରୁ ବେମାଲ)

ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଶହୀଦ ମାଧୋ ସିଂ ଶୌର୍ଯ୍ୟ ଜାଗରଣ ରଥଯାତ୍ରା ଶନିବାର ରକ୍ତତୀର୍ଥ ସାଲିହାଗଡରୁ ବାହାରି ନୂଆପଡା ଜିଲା ପରିଭ୍ରମଣ କରି ବଲାଙ୍ଗିର,ବୌଦ୍ଧ ଭ୍ରମଣ କରି ବରଗଡଠାରେ ଆସନ୍ତା ୮ରେ ସମାପନ ହେବ। ସାଲିହାଗଡ ଶହୀଦ ସ୍ମୃତି ପୀଠରେ ରଥକୁ ସଙ୍ଗଠନ ପକ୍ଷରୁ ସମ୍ମାନ ଜଣାଇଲା ପରେ ସ୍ୱାମୀ ଶିବାନନ୍ଦ ଗିରି ଓ ସନ୍ଥ ସୁଦର୍ଶନ ଜୀ, ଗୁରୁଗୁଲ ଆଶ୍ରମ ଆମସେନା ଆଚାର୍ଯ୍ୟ କୁଞ୍ଜଦେବ ଜୀ ମନିଷ ନେତୃତ୍ୱରେ ବ୍ରହ୍ମଚାରୀମାନଙ୍କ ଉପସ୍ଥିତିରେ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀଙ୍କ ପୌରହିତ୍ୟରେ ବୈଦିକ ଯଜ୍ଞାନୁଷ୍ଠାନ ପୂର୍ବକ ହନୁମାନ ବିଗ୍ରହ ପ୍ରତିଷ୍ଠା କରାଯାଇଥିଲା। ଗ୍ରାମର ଶତାଧିକ ଦମ୍ପତି ଯଜ୍ଞ କର୍ମରେ ଯଜମାନ ରୂପରେ ଯୋଗ ଦେଇଥିଲେ। କଳାହାଣ୍ଡି ଏମପି ବସନ୍ତ ପଣ୍ଡା,ସାଲିହା ସରପଞ୍ଚ ଶମ୍ଭୁଲାଲ ସାହୁ, ସମିତି ସଭ୍ୟା ନମିତା ବିଶ୍ୱାଳ, ହୋମସିଂ ମାଝି, ଘାମସିଂ ମାଝି, ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, କାଦୋମେରୀ ସରପଞ୍ଚ ମମତା ପୁଞ୍ଜି, ଭାନୁ ପ୍ରତାପ ଦଣ୍ଡସେନା ପ୍ରମୁଖ ହନୁମାନ ବିଗ୍ରହକୁ ରଥାରୂଢ଼ କରିଥିଲେ । ଶତାଧିକ ଜନତା ଘଣ୍ଟ ଶଙ୍ଖ ବାଦ୍ୟରେ କରତାଳି ହୁଳହୁଳି ହରିବୋଲ ଦେଇ ରଥକୁ ଜିଲା ଭ୍ରମଣ ପାଇଁ ବିଦାୟ କରିଥିଲେ। ଶହୀଦ ମାଧୋ ସିଂ ଜାଗରଣ ରଥଯାତ୍ରା ଚନାବେଡା, ଖରିଆର ରୋଡ, ନୂଆପଡା, କୁରୁମପୁରି, ତରବୋଡ, ଉଦ୍ୟାନବନ୍ଧ, ଭେଲା, ବୋଡେନ, ସିନାପାଲି, ଖଡିଆଳ ଦେଇ ବଲାଙ୍ଗିର ଜିଲାରେ ରବିବାର ପ୍ରବେଶ କରିବ ବୋଲି ବିଶ୍ୱହନ୍ଦୁ ପରିଷଦ ସୂତ୍ରରୁ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ତେଜରାଜି ଦୋକାନରୁ ଚୋରି କରି ୨ଗିରଫ

ଲୋଇସିଂହା,୩୦।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ଥାନା ଅନ୍ତର୍ଗତ ଇଂସା ଗ୍ରାମର ଦିଲ୍ଲୁ ସାହୁଙ୍କ ତେଜରାଜି ଦୋକାନରୁ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ଦୁଇଜଣ ଧରା ପଡିଛନ୍ତି। ଅଭିଯୁକ୍ତଦ୍ୱୟ ହେଲେ ବରଗଡ଼ ଟାଉନ ଥାନା ଅନ୍ତର୍ଗତ ବାନ୍ଧୁଟିକ୍ରାର ଯତୀନ ବିଶ୍ୱାଳ (୨୩) ଓ ଭାଟଲି ଥାନା ଅଧୀନ କୁସୁମପୁରୀ ଗ୍ରାମର ମୁକ୍ତେଶର ସାହୁ (୨୨)। ସେମାନଙ୍କଠାରୁ ଚୋରି ୨୪ଶହ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ ୧୭୪/୨୩) ରୁଜୁ ହୋଇଛି ବୋଲି ଆଇଆଇସି ବାସୁଦେବ ଭୋଇ କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତଦ୍ୱୟ ଦୀଲୁଙ୍କ ଦୋକାନକୁ ଗ୍ରାହକଭାବେ ଯାଇ ଟଙ୍କା ଓ ସାମଗ୍ରୀ ଚୋରି କଲା ବେଳେ ଧରା ପଡ଼ିଥିଲେ।

### ଜାଗା ମିଶନ ପରାମର୍ଶଦାତାଙ୍କ କଳାହାଣ୍ଡି ପରିଦର୍ଶନ

ଭବାନୀପାଟଣା,୩୦।୯(ଉତ୍ତମ କୁମାର ଦାଶ)

ରାଜ୍ୟ ସରକାରଙ୍କ ଜାଗା ମିଶନ ପରାମର୍ଶଦାତା ହରିଶଙ୍କର ରାଉତ କଳାହାଣ୍ଡି ଜିଲାର ୩ଟି ଏନଏସି ଓ ଗୋଟିଏ ପୌରପାଳିକାକୁ ପରିଦର୍ଶନ କରି ଫେରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ଜାଗା ମିଶନର ସ୍ଥିତି ଅନୁଧ୍ୟାନ କରିବା ପାଇଁ ସେ ଆସିଥିଲେ। ଏଥିରେ ସେ ଜିଲାର ଭବାନୀପାଟଣା ପୌରପାଳିକା, କେସିଙ୍ଗା,ଜୁନାଗଡ ଓ ଧର୍ମଗଡ ଏନଏସିର ବିଭିନ୍ନ ବସ୍ତିଗୁଡ଼ିକୁ ବୁଲି ପରିଦର୍ଶନ କରିଥିଲେ। ଜାଗା ମିଶନ ମାଧ୍ୟମରେ ବିଭିନ୍ନ ବସ୍ତିରେ ଦିଆଯାଇଥିବା ଭୂମି ଯୋଗ୍ୟତାପତ୍ର ମାଧ୍ୟମରେ କେତେ ଜଣ ହିତାଧିକାରୀ ପଟ୍ଟା ପାଇଛନ୍ତି ଓ ଅବଶିଷ୍ଟ ପ୍ରମାଣପତ୍ର କେଉଁ କାରଣରୁ ଦିଆଯାଇ ପାରିନାହିଁ ତଥା ସହରାଞ୍ଚଳର ବସ୍ତିକୁ ପୁନଃଉଦ୍ଧାର କରି ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇପାରିବ ଏହି ବିଷୟରେ ସେ ସ୍ଥାନକୁ ପୌରାଧକ୍ଷା, ସିଏମଏମ ଓ ଏସଡ଼ିଏ ସହିତ ଆଲୋଚନା କରାଯାଇଥିଲା । ଏହି ଅବସରରେ ଭବାନୀପାଟଣା ପୌରପାଳିକାର ବିଭିନ୍ନ ବସ୍ତି ଗୁଡିକୁ ଜାଗା ମିଶନ ପରାମର୍ଶଦାତା ରାଉତ ପରିଦର୍ଶନ କରି ସେଠାକାର ସ୍ଥିତି ଅନୁଧ୍ୟାନ କରିଥିଲେ। ଏହିସମୟରେ ଭବାନୀପାଟଣା ପୌରାଧକ୍ଷା ସଂଯୁକ୍ତା ବେହେରା ଉପସ୍ଥିତ ରହି ତାଙ୍କୁ ସ୍ୱାଗତ କରିଥିଲେ। ଭବାନୀପାଟଣା ସହରର ବସ୍ତି ବାସିନ୍ଦାଙ୍କ ପଟ୍ଟା ପାଇବା ବିଷୟରେ ଉପୁଜୁ ଥିବା ସମସ୍ୟାକୁ ପରାମର୍ଶ ଦାତାଙ୍କ ସମ୍ମୁଖରେ ପୌରାଧକ୍ଷା ବେହେରା ଉପସ୍ଥାପନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏହି ବିଷୟରେ ଜଣାଇ ସମାଧାନ ନିମନ୍ତେ ନିବେଦନ କରିଥିଲେ ।

## ସାଲିହାଗଡ଼ ଶହୀଦ ସ୍ମୃତିସ୍ତମ୍ଭଠାରେ କ୍ରାନ୍ତି ଦିବସ

ନୂଆପଡା,୩୦।୯ (ମକାରୁ ବେମାଲ)



କ୍ରାନ୍ତି ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ନୂଆପଡା ସଦର ବ୍ଲକ ରକ୍ତତୀର୍ଥ ସାଲିହାଗଡ ଶହୀଦ ସ୍ମୃତିସ୍ତମ୍ଭଠାରେ ଶନିବାର କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଶହୀଦ ସ୍ମୃତି ସ୍ତମ୍ଭଠାରେ ରାଷ୍ଟ୍ରୀୟ ପତାକା ଉତ୍ତୋଳନ କରି ଶହୀଦମାନଙ୍କୁ ପୋଲିସ ପ୍ରଶାସନ ପକ୍ଷରୁ ରାଷ୍ଟ୍ରୀୟ ମର୍ଯ୍ୟାଦା ଦିଆଯାଇଥିଲା। ପରେ କାଦୋମେରି ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ପରେ ଶହୀଦମାନଙ୍କ ଉତ୍ତରାଧିକାରୀ ମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଖାମସି ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ମୁଖ୍ୟ ଅତିଥି, ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ, ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ସରୋଜ କୁମାର ସାହୁ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀ,ପ୍ରଦେଶ କଂଗ୍ରେସ କମିଟି ରାଜ୍ୟ ସମ୍ପାଦକ ଘାସିରାମ ମାଝି, ହୋମସିଂ ମାଝି, ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ ଦିଲୀପ ନିର୍ମଳକର, ଖରିଆର ରୋଡ ନଗରପାଳିକା ସୋନିଆ ଜୈନ, କାଦୋମେରି ସରପଞ୍ଚ ମମତା ପୁଞ୍ଜି, ହରିଶ୍ଚନ୍ଦ୍ର ପଣ୍ଡା, ଆଇନଜୀବୀ ଅଶୋକ ଦେବାଙ୍ଗନ, ଗୋଲଡି ଅଗ୍ରୱାଲ, ଖରିଆର ରୋଡ ମାର୍କେଟ ୟୁନିୟନ ସଭାପତି ସନ୍ଦିପ ଶର୍ମା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ମଞ୍ଚାସୀନ ଥିଲେ। ଇଂରେଜ ଶାସନ କାଳରେ ସାଲିହା ଅଞ୍ଚଳର ଲୋକେ ଜଙ୍ଗଲକୁ କାଠ ଆଣିବା ପାଇଁ ଗଲେ ଇଂରେଜମାନେ ବିଭିନ୍ନ ପ୍ରକାର ଅତ୍ୟାଚାର ଓ ନିର୍ଯାତନା ଦେଉଥିଲେ। ଇଂରେଜ ସରକାର ବିରୋଧରେ ୧୯୩୦ ସେପ୍ଟେମ୍ବର ୩୦ରେ ଜଙ୍ଗଲ ସତ୍ୟାଗ୍ରହ ଆରମ୍ଭ ହୋଇ ସାଲିହାଗଡ ଠାରେ ରକ୍ତ ରଞ୍ଜିତ ହୋଇ ଉଠିଥିଲା। ସେଥିରେ କେତେ ଲୋକ ବଳିଦାନ ଦେଇଥିଲେ ତ କେତେ ଜେଲ ହାଜତକୁ ଯାଇ ବଳିଦାନ କରିଥିଲେ। ଇଂରେଜମାନେ ସ୍ଥାନ ଛାଡି ପଳାୟନ କରିଥିଲେ। ସେ ସବୁକୁ ସ୍ମରଣ କରିବା ପାଇଁ ସେପ୍ଟେମ୍ବର ୩୦ରେ ସାଲିହାଗଡ଼ ସହିତ ସ୍ମୃତିପୀଠରେ କ୍ରାନ୍ତି ଦିବସ ରୂପେ ପାଳନ କରାଯାଇଥାଏ। ଏହି ଜଙ୍ଗଲ ସତ୍ୟାଗ୍ରହରେ ଶହୀଦ ହୋଇଥିବା ମହାପୁରୁଷମାନେ ହେଲେ -କେଜୁ ଦାସ ଚୁହୁରୀ, ରାମଲାଲ ଦେବାଙ୍ଗନ, ରାମ ସାହୁ, କେନ୍ଦୁ କୁର୍ମି, ଲକ୍ଷ୍ମଣ ଦାସ, ଗୋଣ୍ଡା ରାଏ, ଶାଖାରାମ ସାହୁ, ରାଜାରାମ ସୌରା, ଭୂଜବଲ ସାହୁ, ଜୟମତି ସଅଁରା, ଗଙ୍ଗାରାମ ତେଲି, ଦୁକାଲୁ ଗୌଡ, ବୀରବଲ ସାହୁ, ହଳଧର ଗଣ୍ଡା, ମହାଜନ ଘାସି, ଗଣେଶ ପୁରୀ, ବୈଶାଖୁ ଗଣ୍ଡା, କୋଟ ଘରିବ କୁର୍ମି, ଚୈତନ୍ୟ ରାଉତ, ସିଂଘ ହରା। ଏମାନେ ଦେଶ ପାଇଁ ବଳିଦାନ ଦେଇ ଆଜି ମଧ୍ୟ ଚିର ସ୍ମରଣୀୟ ହୋଇ ରହିଛନ୍ତି। ସାଲିହାଗଡ଼ ଶହୀଦ ସ୍ମୃତି ପରିଷଦ ସଭାପତି ମହେଶ ରାମ ସାହୁ, ସମ୍ପାଦକ ରୂପଧର ସାହୁ, ସହସମ୍ପାଦକ ତେଜରାମ ସାହୁ, ସରପଞ୍ଚ ଶମ୍ଭୁଲାଲ ସାହୁ, ସମିତି ସଭ୍ୟା ନମିତା ବିଶ୍ୱାଳ ଆୟୋଜନ କରିଥିବାବେଳେ ଶିକ୍ଷକ ଗୋକୁଳ ଦଣ୍ଡସେନା ମଞ୍ଚ ପରିଚାଳନା କରିଥିଲେ। ପରିଷଦର ସଦସ୍ୟ ଗୋବର୍ଦ୍ଧନ ସାହୁ, ଭନତ ସାହୁ, ଗଣପତ ଶବର, ଲାବେଦ ଶବର, ଶୋଭା ଶବର, ଜୟଧନ ଶବର, ବକ୍ସୁ ସାହୁ, ଖିଲେଶ ସାହୁ, ବିକମ ସାହୁ, ଜେଠୁ ଜଗତ, ମାନସିଂ ସହିସ, ଗଙ୍ଗାରାମ ଶବର, ମକରମ ଶବର, ରାଏସିଂ ଅଘରିଆ, ଈଶ୍ୱର ସାହୁ, ଚନ୍ଦ୍ରଶେଖର ସାହୁ, ଦେଓରାମ ଶବର ପ୍ରମୁଖ ସହଯୋଗ କରିଥିଲେ।

## ଶିକ୍ଷାବ୍ୟବସ୍ଥା ସାମାଜିକ ସ୍ଥିତି ଅନୁକୂଳ ହେବା ଜରୁରୀ




ରୋଟାରୀ କ୍ଲବ୍ ଅଫ୍ ଇଲିଟ୍ ପକ୍ଷରୁ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ନେଶନ ବିଲଡର ଆୱାର୍ଡ ପ୍ରଦାନ କରାଯାଉଛି।

ବଲାଙ୍ଗୀର,୩୦।୯(ବୀରେନ୍ଦ୍ର କୁମାର ଝାଙ୍କର)

**ରୋଟାରୀ ଇଲିଟ୍‌ର ନେଶନ ବିଲଡର ଆୱାର୍ଡ ପ୍ରଦାନ କାର୍ଯ୍ୟକ୍ରମ**

ଶନିବାର ସନ୍ଧ୍ୟାରେ ସ୍ଥାନୀୟ ପତିତପାବନ ଏକାଡେମୀଠାରେ ବଲାଙ୍ଗୀର ରୋଟାରୀ କ୍ଲବ୍ ଅଫ୍ ଇଲିଟ୍ ପକ୍ଷରୁ ନେଶନ ବିଲଡର ଆୱାର୍ଡ ୨୦୨୩ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କ୍ଲବ୍ ସଭାପତି ବିଶ୍ୱଜିତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ମଧୁସୂଦନ ପତି ଏବଂ ସମ୍ବଲପୁର ଆଇଆଇଏମ୍‌ର ପ୍ରଫେସର ଡ. ସୁଜିତ କୁମାର ପୃଷେଠ୍ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ରୋଟାରିଆନ୍ ଧର୍ମେନ୍ଦ୍ର ପ୍ରସାଦ ନନ୍ଦ ସଂଯୋଜନା କରିଥିଲେ।

ଏହି କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖି ପ୍ରଫେସର ପୃଷେଠ୍ କହିଥିଲେ ଯେ, ନୂତନ ପ୍ରଯୁକ୍ତି ବିଦ୍ୟାର ଘନ ଘନ ଆବିଷ୍କାର ଯୋଗୁ କ୍ଷଣକରେ ପୃଥିବୀ ପରିବର୍ତ୍ତିତ ହୋଇଚାଲିଛି। ଏଭଳି ପରିବର୍ତ୍ତନ ଦ୍ୱାରା ସାମାଜିକ ଏବଂ ଶିକ୍ଷାଗତ ଜୀବନ ପ୍ରଭାବିତ ହେଉଛି। ଏଭଳି ଏକ ସମୟରେ ଆମ ଛାତ୍ରୀଛାତ୍ରଙ୍କ ପାଇଁ ସମୟ ଅନୁକୂଳ ଶିକ୍ଷା ବ୍ୟବସ୍ଥା ଗଢ଼ିବା ଅତ୍ୟନ୍ତ ଦାୟିତ୍ୱସମ୍ପନ୍ନ କାମ। ଯଦି ଶିକ୍ଷାବ୍ୟବସ୍ଥା ଏବଂ ପ୍ରଯୁକ୍ତି ବିଦ୍ୟା ପ୍ରଭାବିତ ସାମ୍ପ୍ରତିକ ପରିବର୍ତ୍ତିତ ସ୍ଥିତି ପରସ୍ପର ପରିପୂରକ ହେବେନାହିଁ ତେବେ ଆମେ ଗଭୀର ସଙ୍କଟ ଆଡକୁ ଯାଉଛୁ ବୋଲି କୁହାଯାଇପାରିବ। ଏଭଳି ସଙ୍କଟରୁ ମୁକୁଳିବାକୁ ହେଲେ ନିୟମିତ ଚିନ୍ତନ ଏବଂ ଆଲୋଚନା ଆବଶ୍ୟକ ବୋଲି ସମ୍ବଲପୁର ଆଇଆଇଏମ୍‌ର ଆସୋସିଏଟ୍ ପ୍ରଫେସର ଡ. ପୃଷେଠ କହିଥିଲେ।

ଅନ୍ୟତମ ଅତିଥି ପ୍ରଫେସର ପତି ତାଙ୍କ ବକ୍ତବ୍ୟରେ ସମାଜରେ ଏବେ ଯେଉଁ ଦୁର୍ଗତି ଦେଖାଯାଉଛି ସେଥିରୁ କେବଳ ଶିକ୍ଷକମାନେ ହିଁ ଉଦ୍ଧାର କରିପାରିବେ। ଶିକ୍ଷକ କେବେ ଚାକିରିଆ ନୁହେଁ। କୌଣସି ଶିକ୍ଷକ ନିଜକୁ ଚାକିରିଆ ଭାବିବା ଠିକ୍ ନୁହେ। ଶିକ୍ଷକ ଭିତରେ ହୀନମନ୍ୟତା ରହିବା ଉଚିତ୍ ନୁହେଁ। ଏହାହେଲେ ସମାଜ ସୁଧୁରିବ ବୋଲି ସେ କହିଥିଲେ। ରୋଟାରୀ କ୍ଲବ୍ ପକ୍ଷରୁ ବଲାଙ୍ଗୀର ସହର ଏବଂ ଉପକଣ୍ଠରେ ଥିବା ୪ଟି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ନ୍ୟାଶନାଲ ବିଲଡର ଆୱାଡ ପାଇଁ ଚୟନ କରାଯାଇଥିଲା। ସେଥିରୁ ଚୟନ ହୋଇଥିବା ଲାଲଟିକ୍ରା ସରକାରୀ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ବସନ୍ତ ଷଡଙ୍ଗୀ, ଖର୍ଲିକାନୀ ସରକାରୀ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ସଞ୍ଜୁକ୍ତା ପାଣିଗ୍ରାହୀ, ସଦାଇପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ଜ୍ୟୋତିରାଣୀ ମିଶ୍ର ଏବଂ ରଣ୍ଡା ସରକାରୀ ହାଇସ୍କୁଲ ଶିକ୍ଷୟିତ୍ରୀ ଦୁର୍ଗା ନାୟାରଙ୍କୁ ଅତିଥିମାନେ ନ୍ୟାଶନାଲ ବିଲଡର ୨୦୨୩ ପ୍ରଦାନ କରିଥିଲେ। ଶେଷରେ କ୍ଲବ୍ ସମ୍ପାଦିକା ଦୀପିକା ପାଣିଗ୍ରାହୀ ଧନ୍ୟବାଦ୍ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସହରର ବହୁ ବୁଦ୍ଧିଜୀବୀ, ଛାତ୍ରୀଛାତ୍ର, ଶିକ୍ଷକ ଏବଂ ଜନସାଧାରଣ ଉପସ୍ଥିତ ଥିଲେ।

**RABINDRANATH HIGHER SECONDARY SCHOOL**
At/P.O.: Khandahata, Via: Birmaharajpur,
Dist.: Subarnapur, PIN - 767018
E-mail Id: khandahatacollege@gmail.com

**WALK-IN-INTERVIEW**

A Walk-in-Interview for engagement of Lecturer in Odia (01 Post) will be held in the College at 11 A.M. on Dt.11.09.2023. Interested candidates may come with all testimonials.

Sd./- Principal

**କେନ୍ଦ୍ରୀୟ ପଣ୍ୟାଗାର ନିଗମ**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ମୌର୍ଯ୍ୟ ଲୋକ କମ୍ପ୍ଲେକ୍ସ, ବ୍ଲକ୍-ଏ, ୨ୟ ମହଲା, ଡାକବଙ୍ଗଳା ରୋଡ୍, ପାଟନା-୮୦୦୦୦୧
ଫୋନ୍ ନଂ.- ୦୬୧୨-୨୨୨୫୯୪୯ ଇ-ମେଲ୍: rmpat@cewacor.nic.in

ନଂ.: ସିଡବ୍ଲ୍ୟୁସି/ଆର୍‌ଓ ପିଏଟି/ଇଏନ୍‌ଜିଜି/ପିଏନ୍/୨୦୨୩-୨୪

**ପ୍ରେସ୍ ବିଜ୍ଞପ୍ତି**
(ନଂ. ସିଡବ୍ଲ୍ୟୁସି/ଆର୍‌ଓ-ପିଏଟି/ଇଏନ୍‌ଜିଜି/୨୩-୨୪/୧୭)

ସିଡବ୍ଲ୍ୟୁସି ନିମ୍ନଲିଖିତ କାର୍ଯ୍ୟ ପାଇଁ ଠିକାଦାରମାନଙ୍କଠାରୁ ଅନ୍‌ଲାଇନ୍ ଟେଣ୍ଡର ଆହ୍ୱାନ କରୁଛି:

| କ୍ର. ସଂ. | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ (ଟ. ଲକ୍ଷରେ) | ଅନ୍‌ଲାଇନ୍ ଦାଖଲର ଶେଷ ତାରିଖ |
|---|---|---|---|
| ୧ | ସିଡବ୍ଲ୍ୟୁସି, ହଳଦିପାଲି ସୋହେଲା (ଓଡ଼ିଶା) ପରିସରରୁ ବିଦ୍ୟମାନ କନଗାଉଁ ୧୧ କେଭି ଫିଡର୍ ଲାଇନ୍‌ର ସ୍ଥାନାନ୍ତରଣ ଏବଂ ବିଦ୍ୟମାନ ଗ୍ରିଞ୍ଜେଲ ୧୧ କେଭି ଫିଡର୍ ଲାଇନ୍ ଓ ଏଲ୍‌ଟି ଲାଇନ୍‌ର ସ୍ଥାନାନ୍ତରଣ । | ୨୧.୫୮ | ୦୫।୧୦।୨୦୨୩ |

ସବିଶେଷ ଟେଣ୍ଡର ବିଜ୍ଞପ୍ତି ସମେତ ଠିକାର ସର୍ତ୍ତାବଳୀ ଏବଂ ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି ସିଡବ୍ଲ୍ୟୁସିର ୱେବ୍‌ସାଇଟ୍ www.cewacor.nic.in କିମ୍ବା ଇ-ଟେଣ୍ଡର ୱେବ୍‌ସାଇଟ୍ www.cwceprocure.com କିମ୍ବା ସିପିପି ପୋର୍ଟାଲ http://eprocure.gov.in/epublish/appରେ ଦେଖାଯାଇପାରିବ ଓ ଡାଉନଲୋଡ୍ କରାଯାଇପାରିବ ।
ଏହି ଟେଣ୍ଡର ବାବଦରେ ପରବର୍ତ୍ତୀ ଶୁଦ୍ଧିପତ୍ର/ଯୋଗପତ୍ର, ଯଦି ଥାଏ, କେବଳ ଉପରଦର୍ଶିତ ୱେବ୍‌ସାଇଟ୍‌ରେ ପ୍ରକାଶିତ କରାଯିବ । ଏଥିପାଇଁ ଖବରକାଗଜରେ ପ୍ରେସ୍ ବିଜ୍ଞପ୍ତି ଜାରି କରାଯିବ ନାହିଁ ।

ନିର୍ବାହୀ ଯନ୍ତ୍ରୀ

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ. 30-KUR-TRD-OT-2023-24

କାର୍ଯ୍ୟର ନାମ : ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନସ୍ଥ ଖୋର୍ଦ୍ଧା ରୋଡ୍ (KUR) ମଣ୍ଡଳର ସେଣ୍ଟ୍ରାଲ ସେକ୍ସନରେ 07 ଗୋଟି ଷ୍ଟେସନ (ଲିଙ୍ଗରାଜ ଟେମ୍ପଲ ରୋଡ୍, ମଙ୍ଗେଶ୍ୱର, ଅନୁଗୁଳ, ଢେଙ୍କାନାଳ, ତାଳଚେର ରୋଡ୍, ମେରାମଣ୍ଡଳୀ, କେନ୍ଦୁଝରଗଡ଼ ରୋଡ୍) ଠାରେ 12 ମିଟର ପ୍ରସ୍ଥ ବିଶିଷ୍ଟ ଫୁଟ୍ ଓଭର ବ୍ରିଜ୍ (FOB)ର ବ୍ୟବସ୍ଥା ସମ୍ବନ୍ଧୀୟ OHE ରୂପାନ୍ତରଣ କାର୍ଯ୍ୟର ସମ୍ପାଦନ ।

ବିଜ୍ଞାପିତ ମୂଲ୍ୟ (₹) : 1,55,92,123.27, EMD (₹) : 2,28,000.00, ଶେଷ ହେବା ଅବଧି : 180 ଦିନ ।

ବିଡ୍ ଆରମ୍ଭ ହେବା ତାରିଖ : ତା.03.10.2023 ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.17.10.2023 ରିଖ 1300 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-628/O/23-24

idco Your power to grow ISO 9001 & 14001 Corporation
ODISHA NEW OPPORTUNITIES
No.CAD-2250

**OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR**

Tender Call Notice No.- BBSR/ELECT-II/E-146/23-24/2865 Date: 26.09.2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

Name of the Work :- Supply, Delivery, Installation, Testing and Commissioning of 4 Nos. of 50 KVA DG Sets and 1 No. of 180 KVA DG Set at Government College of Engineering, Keonjhar.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.-II), IDCO, IDCO Tower, Janpath, Bhubaneswar | Bid ID No. BBSR/ ELECT-II/e-12/ 23-24 | 03.10.2023 at 12.00 Hrs. | 10.10.2023 at 17.00 Hrs. |

Further details can be seen from the e-Procurement Portal www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

Sd./- Divisional Head (Elect-II)
IDCO, Bhubaneswar
OIPR-14003/11/0226/2324

**GOVERNMENT OF ODISHA, OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR**
No.O-1163
Phone-0674-2540742, Email- se_ccrw@yahoo.co.in
No. 4836/Date.29.09.2023

**"e" Procurement Notice for Road Works**

| | | | |
|---|---|---|---|
| 1. | Name of the Work | : | Road Works under Periodical renewal work of 5 years post DLP PMGSY roads for the financial year 2023-24 under incentive grant received from GoI. |
| 2. | Total No. of Packages | : | 1 No. of Package |
| 3. | Estimated Cost of the Package | : | Rs.91.56 lakh |
| 4. | Class of Contractor | : | |
| | a) Estimated cost more than Rs.20.00 lakhs upto Rs.3.00 Crores | : | B Class (of Odisha PWD) or relevant class of other licensing authorities |
| 5. | Period of Completion | : | As mentioned in Column-8 of Annexure |
| 6. | Offered rates by bidder | : | The offered rate by the contractor shall be excluding GST. |
| 7. | Other details | : | |

| Procurement Officer | Bid Identification No. | Availability of tender On-line for bidding | | Seeking Clarification of tender | Date & time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Central Rural Works Circle, Bhubaneswar | Tender- Online- C.C.- 40 of 2023 | 03.10.2023 at 11.00 A.M. | 17.10.2023 up to 5.00 P.M. | 16.10.2023 Upto 5.00 PM | 18.10.2023 at 11.00 PM | To be intimated later on |

Further details can be seen from the website: www.tendersodisha.gov.in
OIPR-25082/11/0030/2324 Sd./- Chief Construction Engineer, Central Rural Works Circle, Bhubaneswar

## ମହାନଦୀରେ କୁମ୍ଭୀର ଗୁଜବ

# ସହରବାସୀ ଆତଙ୍କିତ

ସୋନପୁର,୩୦।୯(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ନିକଟସ୍ଥ ମହାନଦୀ ଗର୍ଭରେ ୫ଟି କୁମ୍ଭୀର ବୁଲୁଥିବା ଶନିବାର ଗୁଜବ ସୃଷ୍ଟି ହୋଇଛି। ସୋସିଆଲ ମିଡିଆରେ ଏ ସମ୍ପର୍କିତ ଏକ ଭିଡିଓ ମଧ ଭାଇରାଲ ହୋଇଥିଲା । ଏପରି କି କେତେକ ବୈଦ୍ୟୁତିକ ଗଣମାଧ୍ୟମରେ ସୋନପୁର ମହାନଦୀ ବ୍ରିଜ୍ ନିକଟରେ କୁମ୍ଭୀର ବୁଲୁଥିବା ଭଳି ଖବର ପ୍ରସାରିତ ହୋଇଥିଲା । ସୋନପୁର ବନ କ୍ଷେତ୍ରାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସନ୍ଧ୍ୟାରେ ନଦୀକୂଳରେ ମାଇକ ଯୋଗେ ପ୍ରଚାର କରାଯାଇଥିଲା। ନଦୀ ଭିତରକୁ ନ ଯିବା ପାଇଁ ଜନସାଧାରଣ ଓ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଥିଲା । ନଦୀକୂଳିଆ ସହରବାସୀ ଓ ଉଲୁଣ୍ଡା ବ୍ଲକର ହିକୁଡି, ଧର୍ମଶାଳା, ନିମ୍ନା ଅଞ୍ଚଳର ଲୋକେ ଅଯଥାରେ ଆତଙ୍କିତ ହୋଇ ପଡିଥିଲେ । ତେବେ କୁମ୍ଭୀର ନୁହେଁ ୫ଟି ଓଧ(ଓଟର) ମହାନଦୀ ମଝିରେ ପହଁରୁଥିବା ସ୍ଥାନୀୟ ମତ୍ସ୍ୟଜୀବୀ ମାନେ ଦୃଢୋକ୍ତି ପ୍ରକାଶ କରିଛନ୍ତି । କିନ୍ତୁ କିଛି ଗୁଜବକାରୀ ସୋସିଆଲ ମିଡିଆରେ କୁମ୍ଭୀର ବୋଲି ପ୍ରଚାର କରିବାରେ ଆତଙ୍କ ଖେଳିଯାଇଥିଲା। ଏ ସମ୍ପର୍କରେ ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ ମଦନଲାଲ ଶର୍ମାଙ୍କୁ ଯୋଗାଯୋଗ କରିବାରୁ ମହାନଦୀ ରେ କୁମ୍ଭୀର ଚଳପ୍ରଚଳ କରୁଥିବା କେତେଜଣ ବ୍ୟକ୍ତି ଫୋନ ଯୋଗେ ତାଙ୍କୁ ସୂଚନା ଦେଇଥିଲେ । ତେଣୁ ବନବିଭାଗ ପକ୍ଷରୁ ଡ୍ରୋନ୍ କ୍ୟାମେରା ଦ୍ୱାରା ଭିଡିଓ ଉତ୍ତୋଳନ କରାଯାଇଥିଲା। ଭିଡିଓରୁ ସେଗୁଡିକ ଓଧ ବୋଲି ସ୍ପଷ୍ଟ ଭାବେ ଦୃଶ୍ୟମାନ ହେଉଛି। ବର୍ଷା ଋତୁରେ ଏମାନେ ବହୁଳ ଭାବେ ଦେଖାଯାଆନ୍ତି । ଜନସାଧାରଣ ଆତଙ୍କିତ ହେବାର କୌଣସି କାରଣ ନାହିଁ । କୁମ୍ଭୀର ଏଭଳି ଭାବେ ଦଳ ହୋଇ ବୁଲନ୍ତି ନାହିଁ । ବନବିଭାଗ ନିକଟରେ କୁମ୍ଭୀର ସମ୍ପର୍କରେ କୌଣସି ସୂଚନା ନାହିଁ ବୋଲି ବନଖଣ୍ଡ ଅଧିକାରୀ ଶର୍ମା ସ୍ପଷ୍ଟ କରିଛନ୍ତି ।


ମହାନଦୀ ଗର୍ଭରେ ଓଧକୁ ନେଇ କୁମ୍ଭୀର ଆତଙ୍କ ।

## ସଂକ୍ଷେପରେ

### ବଜ୍ରପାତରେ ଜଣେ ମହିଳା ମୃତ: ୩ ମହିଳା ଗୁରୁତର

ଉଲୁଣ୍ଡା,୩୦।୯ (ଉରୁକ୍ରମ ପାଣ୍ଡିଆ): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇ ଗ୍ରାମରେ ଶୁକ୍ରବାର ବଜ୍ରପାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ହୋଇ ଥିବା ଜଣାପଡିଛି । ମୃତା ମହିଳା ହେଲେ ଉକ୍ତ ଗ୍ରାମର ସୁବାସିନୀ ନାଏକ । ରାସେଶ୍ୱରୀ ଖୁଣ୍ଟିଆ, ମଞ୍ଜୁ ଖୁଣ୍ଟିଆ ଏବଂ ଟାହିଲା ପଧାନ ଗୁରୁତର ହୋଇ ଉଲୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ସୂଚନା ଅନୁଯାୟୀ, ମହିଳାମାନେ ଗାଁର ଏକ ଚାଷ ଜମିରେ ଘାସ ବାଛୁଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା । ଫଳରେ ଉକ୍ତ ୪ ଜଣ ମହିଳା ଗୁରୁତର ହୋଇ ପଡିଥିଲେ । ସୁବାସିନୀଙ୍କ ଅବସ୍ଥା ଅଧିକ ସଙ୍କଟାପନ୍ନ ଥିବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ସେଠାରେ ଡାକ୍ତର ସୁବାସିନୀଙ୍କୁ ମୃତ ଘୋଷଣା କରିଥିଲେ ।

### ଆମ ପୋଲିସ ସମିତି ବୈଠକ

ତରଭା,୩୦।୯(ମାନଭଞ୍ଜନ ମିଶ୍ର): ତରଭା ଥାନା ପରିସରରେ ଶନିବାର ଆମ ପୋଲିସ ସମିତି ବୈଠକ ଆଇଆଇସି ଅନିତା କିଡୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିଶେଷ କରି ଆଗାମୀ ୭ ତାରିଖରେ ସାଇବର ଅପରାଧ ସଚେତନତା ରଥ ତରଭା ଅଞ୍ଚଳକୁ ଆସୁଥିବା ପରିପ୍ରେକ୍ଷୀରେ ଉକ୍ତ ରଥକୁ ତରଭା ସହରର ନୂଆପଡା ଛକରେ ସ୍ୱାଗତ କରାଯିବ। ସ୍ଥାନୀୟ ବାଳକ ଉଚ୍ଚ ବିଦ୍ୟାଳୟ, ଦୁର୍ଗାମଣ୍ଡପ ଛକ ଓ ତରଭା ଏଇଏସ କଲେଜରେ ରଥ ପହଞ୍ଚି ସାଇବର ସଚେତନତା ସଭା ଅନୁଷ୍ଠିତ ହେବ। ଏଥିରେ ଏସ ଆଇ ଆରତୀ କହ୍ନଁର, ମେଣ୍ଟା ଫାଣ୍ଡି ଅଧିକାରୀ ରବୀନ୍ଦ୍ର ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ । ଶୈଳେନ୍ଦ୍ର ସାହୁ, ଜୟପ୍ରକାଶ ସାହୁ, ଅକ୍ଷୟ ବାଘ, ଦେବେନ୍ଦ୍ର ନାଏକ, ରାମ ସାହୁ, କଳାକାହ୍ନୁ ଦଳବେହେରା, ରାମ ନାଏକ, ଅଶୋକ ସାହୁ, ରାଜକୁମାର ମାହାଣା, ମାନଭଞ୍ଜନ ମିଶ୍ର, ଅନ୍ତର୍ଯ୍ୟାମୀ ସାହୁ, କପିଳାସ ସେଠ, କଲ୍ୟାଣ ନାଏକଙ୍କ ସମେତ ଉପସ୍ଥିତ ସଦସ୍ୟ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

### ବରିଷ୍ଠ ମଞ୍ଚ କଳାକାର ବିଶ୍ୱାମିତ୍ର କର୍ମୀଙ୍କ ପରଲୋକ

ଅମରପାଲି,୩୦।୯(ପୀତାମ୍ବର ସାହୁ) ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଜଟେସିଂହା ପଞ୍ଚାୟତ ଅନ୍ତର୍ଗତ ବଡଖମାର ଗାଁର ମଞ୍ଚ କଳାକାର ବିଶ୍ୱାମିତ୍ର କର୍ମୀଙ୍କ ନିଜ ବାସଭବନରେ ପରଲୋକ ହୋଇଯାଇଛି ।



ସ୍ୱର୍ଗତ କର୍ମୀ ବଡଖମାରସ୍ଥିତ ଦଧିବାମନ ନାଟ୍ୟ ସଂସଦ ଦ୍ୱାରା ପରିବେଷଣ ହେଉଥିବା ନାଟ୍ୟ ନିର୍ଦ୍ଦେଶନା ଦେବା ସହ ଲେଖକ ଭାବେ ତାଙ୍କର ଖ୍ୟାତି ରହିଥିଲା। ଜଣେ ପାଲା ଗାୟକ ଭାବେ ତାଙ୍କର ସ୍ୱତନ୍ତ୍ର ପରିଚୟ ଥିଲା। ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ବଡପୁଅ ପ୍ରଭଞ୍ଜନ ମୁଖାଗ୍ନି ଦେଇଥିଲେ । ସେ ଜଣେ ଧାର୍ମିକ ଓ ମେଳାପି ବ୍ୟକ୍ତି ଥିଲେ।

### ଗୋଡଭଗାରେ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର

ସରଣ୍ଡା,୩୦।୯(ଯୁଧିଷ୍ଠିର ମହାପାତ୍ର): ଅତାବିରା ବ୍ଲକ ଗୋଡଭଗାରେ ସ୍ୱାସ୍ଥ୍ୟ ଶିବିର ଶନିବାର ଆରମ୍ଭ ହୋଇଛି। ଏଥିରେ ଭେଷଜ ବିଶେଷଜ୍ଞ ଡା. କବିରଦାସ ପୁରୋହିତ, ବମ୍ବେ ଡାକ୍ତରଖାନାର ଡ଼ା. ହରିରାମ ରାମନିୱାସ ଝୁନଝୁନୱାଲା, ହିନ୍ଦୁଜା ହେଲ୍‌ଥ କେୟାରର ଡା. ହେମନ୍ତ ବଂଶୀଲାଲ ଭଣ୍ଡାରୀ, ଡା. କରଣ ଦିଲୀପ ଭାନୁଶାଲି, ଡିଏଚ୍‌ଡବ୍ଲ୍ୟୁଏଚ ସମ୍ବଲପୁର ଡା. ରୋଶନ ରଥ ଯୋଗଦାନ କରି ରୋଗୀଙ୍କ ପରୀକ୍ଷା କରିଛନ୍ତି। ପ୍ରଥମ ଦିନରେ ମୋଟ ୧୯୭ ଜଣ ରୋଗୀ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ରବିବାର ଜେଓଆଇ ହସ୍ପିଟାଲ ହାଇଦ୍ରାବାଦର ଡା. ରମେଶ ଚନ୍ଦ୍ର କତ୍ରଗଡ଼ା ଯୋଗ ଦେବେ ବୋଲି ଜଣାପଡିଛି।

## ଜନ୍ମମାଟିରେ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

ବରଗଡ଼, ୩୦।୯(ପ୍ରେମାନନ୍ଦ ଖମାରୀ)

ଭାରତୀୟ ରିଜର୍ଭ ବାଟାଲିୟନ (ଆଇ. ଆର୍ .ବି) କୋରାପୁଟରେ କାର୍ଯ୍ୟରତ ଯବାନ ତଥ ବରଗଡ଼ ଜିଲା କୁରୁଆଁ ଗ୍ରାମର କୃଷ୍ଣଚନ୍ଦ୍ର କର୍ଣ୍ଣଙ୍କ ଗତ ୨୮ ତାରିଖରେ ହୃଦଘାତରେ ପରଲୋକ ଘଟିଥିଲା। ତାଙ୍କୁ ୩୩ବର୍ଷ ହୋଇଥିଲା। ଶନିବାର ତାଙ୍କ ମରଶରୀର ଜନ୍ମମାଟି କୁରୁଆଁ ଗ୍ରାମରେ ପହଞ୍ଚିଥିଲା। ତାଙ୍କ ପାର୍ଥିବ ଶରୀରକୁ ଶେଷ ଦର୍ଶନ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ ପରେ ଶୋକାକୁଳ ପରିବେଶରେ ଶବଦାହ କରାଯାଇଥିଲା। ଭାଇ ଗୋବିନ୍ଦ ମୁଖାଗ୍ନି ଦେଇଥିଲେ। କୁରୁଆଁ ନିବାସୀ ସହଦେବ କର୍ଣ୍ଣଙ୍କ ଜ୍ୟେଷ୍ଠ ପୁତ୍ର କୃଷ୍ଣଚନ୍ଦ୍ର ଆଇଆରବିରେ କାର୍ଯ୍ୟ କରି କିଛି ଦିନ ତଳେ ପିଏସ୍‌ଓ ପରୀକ୍ଷାରେ ପାସ କରିଥିଲେ। କଟକ ଏସ୍‌ପିଙ୍କ ନୂତନ ସୁରକ୍ଷାକର୍ମୀ ଭାବେ ସେ ଚୟନ ହୋଇଥିଲେ। ସେଠାରେ ସପରିବାର ଭଡାଘରେ ରହୁଥିଲେ। ଗତ ୨୮ ତାରିଖରେ ସେ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ପଛରେ ସେ ସ୍ତ୍ରୀ, ୩ବର୍ଷର ପୁଅ, ମା' ବାପା, ଭାଇଙ୍କୁ ଛାଡ଼ି ଚାଲିଯାଇଛନ୍ତି ।

## ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ


ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

ବିନିକା,୩୦।୯ ( ରାମ ଗୋପାଳ ବାଘ )

ସୁବର୍ଣ୍ଣପୁର ଜିଲା ବିନିକା ମହିଳା କଲେଜରେ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅଧ୍ୟକ୍ଷ ପଞ୍ଚାନନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟ ପରିଦର୍ଶକ ଅଜିତ କୁମାର ହୋତା, ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ଗୀତାଞ୍ଜଳି ତ୍ରିପାଠୀ, ବୈଜୟନ୍ତି ସାହୁ, ବିଦ୍ୟୁଲତା କର, ସଙ୍ଗୀତା ପୁରୋହିତ ଓ ମୁଖ୍ୟ ବକ୍ତା ଭାବେ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ପ୍ରସାରଣ ଅଧିକାରିଣୀ ବିନ୍ଦୁ ଲୋହାର ଯୋଗଦେଇ ଡେଙ୍ଗୁ ରୋଗର ଲକ୍ଷଣ, ତାର କାରଣ ଓ ନିରାକରଣ ବିଷୟରେ ଛାତ୍ରୀମାନଙ୍କୁ କହିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କୁ ନେଇ ଏକ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା । ଏଥିରେ ଟିଙ୍କିଲି ଶତପଥୀ ପ୍ରଥମ, ଶ୍ରୀୟାଦେବୀ ନାୟକ ଦ୍ୱିତୀୟ, ଅଞ୍ଜନା ମେହେର ତୃତୀୟ ଓ ଚତୁର୍ଥ ସ୍ଥାନ ଲାଭ କରିଥିବା ରୋଜି ମେହେର, ରାନୁ ପଧାନ, ଟୁନି ମେହେରଙ୍କୁ ସମ୍ପ୍ରସାରଣ ଅଧିକାରିଣୀ ଲୋହାର ପୁରସ୍କୃତ କରିଥିଲେ । ଏମଆରଏ ଦିଲିପ କୁମାର ସାହୁ ମଞ୍ଚ ପରିଚାଳନା ଓ ଅଧ୍ୟାପିକା ସଙ୍ଗୀତା ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ପାର୍ବତୀ ଗିରି ମହିଳା କଲେଜ ୫-ଟି କାର୍ଯ୍ୟର ଶୁଭାରମ୍ଭ

ବରଗଡ଼, ୩୦।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟରେ ଶନିବାର ୫-ଟି ରୂପାନ୍ତରୀକରଣ କାର୍ଯ୍ୟର ଶୁଭାରମ୍ଭ ହୋଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥି ଆଚାର୍ଯ୍ୟ ଶିକ୍ଷା ଅନୁଷ୍ଠାନ ଗୁଡିକର ଭିତ୍ତିଭୂମିର ବିକାଶ ସାଙ୍ଗକୁ ଗୁଣାତ୍ମକ ଶିକ୍ଷା ବୃଦ୍ଧିକୁ ରାଜ୍ୟ ସରକାର ଗୁରୁତ୍ୱ ପ୍ରଦାନ କରୁଥିବା ଉଲ୍ଲେଖ କରି ଆଗାମୀ ଦିନରେ ପର୍ଯ୍ୟାୟକ୍ରମେ ଆମ ଅଞ୍ଚଳର ସମସ୍ତ ଶିକ୍ଷାନୁଷ୍ଠାନର ବିକାଶ ହେବ ବୋଲି କହିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଦଧିବାମନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ସଂସଦର ସମ୍ପାଦକ କିଶୋର ମିଶ୍ର, ବରିଷ୍ଠ ଭାଜପା ନେତା ସୁରେଶର ଶତପଥୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ।


୫-ଟି ରୂପାନ୍ତରୀକରଣ କାର୍ଯ୍ୟର ଶୁଭାରମ୍ଭ କରାଯାଉଛି।

### ଉଦ୍ୟାନ କୃଷି କର୍ମଶାଳା

ଘଣ୍ଟାପଡ଼ା ୩୦।୯: (ପ୍ରଭାତ କୁମାର ସାହୁ): ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ସଦର କଲ୍ୟାଣମଣ୍ଡପଠାରେ କଣ୍ଟାମାଳ ଉଦ୍ୟାନ କୃଷି ବିଭାଗ ତରଫରୁ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବୌଦ୍ଧ ଜିଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ କୃଷି ବୈଜ୍ଞାନିକ ସସ୍ମିତା ପାଲ, କଣ୍ଟାମାଳ ସିଡିପିଓ ଜ୍ୟୋତ୍ସ୍ନାରାଣୀ ପାଢ଼ୀ, କୃଷି ଅଧିକାରୀ ଚାନ୍ଦିନୀ ପ୍ରଧାନ, କଣ୍ଟାମାଳ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଗୋବିନ୍ଦ ସେଠୀ ଯୋଗଦେଇ ଉଦ୍ୟାନ କୃଷି ଉପରେ କୃଷକମାନଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ । ପୂର୍ଣ୍ଣଚନ୍ଦ୍ର ଖଗୁଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦ୍ୟାନ ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ମହିଳା କଲେଜରେ ଛାତ୍ରୀଙ୍କ ପ୍ରବେଶ ଉତ୍ସବ



ପ୍ରବେଶ ଉତ୍ସବରେ ମଞ୍ଚାସୀନ ଅତିଥି।

ବରପାଲି,୩୦।୯(ଚିତ୍ତରଞ୍ଜନ ସାହୁ)

ଜଗବନ୍ଧୁଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ପ୍ରବେଶ ଉତ୍ସବ ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ସଭାପତିତ୍ୱରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଭାଗ ମୁଖ୍ୟ ଯତୀନ୍ଦ୍ର କୁମାର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମିଳିତ ଗ୍ରାମପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଗୋପାଳକୃଷ୍ଣ ମିଶ୍ର ମୁଖ୍ୟ ଅତିଥି, ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା ଭାବେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ହିନ୍ଦୀ ବିଭାଗ ମୁଖ୍ୟ ଅଧ୍ୟାପିକା ଜ୍ୟୋତି ସାହୁ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଅଧ୍ୟାପିକା ପିଙ୍କି ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟାପକ ନୀତିଶ ତାଣ୍ଡି, ନେପାଳ ବିଶ୍ୱାଳ, ଅଧ୍ୟାପିକା ନୀଳିମା ନାୟକ, ମନ୍ଦାକିନୀ ମେହେର, ମୌସୁମୀ ମାଝୀ, ସହକର୍ମୀ ଶଶାଙ୍କ ଶେଖର ପଧାନ, ସାର୍ଥକ ପାଣିଗ୍ରାହୀ, ବିରେନ୍ଦ୍ର ଖଗୁଆ, ନୃପରାଜ ବରିହା, ତ୍ରିପୁରା ବେହେରା ପ୍ରମୁଖ ସାମିଲ ହୋଇଥିଲେ। ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ପଦ୍ମପୁର,୩୦।୯(ପ୍ରଦୀପ୍ତ ଦାଶ): ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଶନିବାର ବରିଷ୍ଠ ରାଜସ୍ୱ ସହାୟକ ଆକବର ହୁସେନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ଉପଜିଲାପାଳ ଆଲୋକ ପଟେଲ, ସହକାରୀ ଜିଲାପାଳ ମନୋରଞ୍ଜନ ନାୟକ, ଏସିଏସ୍‌ଓ ସନ୍ତୋଷ ପ୍ରଧାନ, ତୁଷାର ପ୍ରଧାନ, ଅଜିତ ରାୟ ପ୍ରମୁଖ ହୁସେନଙ୍କ ଅବସରକାଳୀନ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିନାୟକ ମିଶ୍ର ସଭା ପରିଚାଳନା କରିଥିଲେ। ଶେଷରେ ଆକବର ହୁସେନଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ଉପହାର ସବୁ ଦେଇ ସମ୍ମାନିତ କରାଯାଇଥିଲା।

## ଗାଁ ସାଥୀ ସଂଘର ଆନ୍ଦୋଳନ ପ୍ରସ୍ତୁତି

ପଦ୍ମପୁର,୩୦।୯(ପ୍ରଦୀପ୍ତ ଦାଶ)

ଗାଁ ସାଥୀ ଜିଲା ସଂଯୋଜକଙ୍କ ଆହ୍ୱାନ କ୍ରମେ ପଦ୍ମପୁରର ସର୍ଗିବାହାଲଠାରେ ବରଗଡ ଜିଲା ଗାଁ ସାଥୀ ସଂଘ ଜିଲା ସଭାପତି ବିପିନ ବିହାରୀ ସାହୁଙ୍କ ସଭାପତିତ୍ୱରେ ଆନ୍ଦୋଳନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗାଁ ସାଥୀଙ୍କୁ ଅଣକୁଶଳୀ ଶ୍ରମିକ ସହିତ ସମାନ ପାରିଶ୍ରମିକ, କାର୍ଯ୍ୟାଦେଶ ପ୍ରଦାନ, ମାପଫିତା, ମୋବାଇଲ, ରେଜିଷ୍ଟର, କଲମ ଆଦି ସାମଗ୍ରୀ ପ୍ରଦାନ କରିବାକୁ ଦାବି ହୋଇଥିଲା। ବୈଠକରେ ରାଜ୍ୟ ସହ ସମ୍ପାଦକ ଶୋଭାକର ସାହୁଙ୍କ ସମେତ ଜିଲାର ୧୨ ବ୍ଲକର ସଭାପତି, ସମ୍ପାଦକମାନେ ଉପସ୍ଥିତ ଥିଲେ। ପଦ୍ମପୁର ବ୍ଲକ ସଭାପତି ନିରାକାର ଜାଲ ଧନ୍ୟବାଦ ଅର୍ପଣ କରିଥିଲେ।


ବୈଠକରେ ଉପସ୍ଥିତ ଗାଁ ସାଥୀ।

## ଶିଶୁ ପ୍ରତିଭା ଅନ୍ୱେଷଣର ମଞ୍ଚ ସୁରଭି

ବରଗଡ଼,୩୦।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଡୁମଗାଁଠାରେ ଶନିବାର ଖୁଣ୍ଟପାଲି କ୍ଲଷ୍ଟର ସ୍ତରୀୟ ଶିଶୁ ପ୍ରତିଭା କାର୍ଯ୍ୟକ୍ରମ ସୁରଭି ଅନୁଷ୍ଠିତ ହୋଇଯାଇଛି । ସିଆରସିସି ବିଜୟ କୁମାର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ଅନ୍ୱେଷଣର ଉପଯୁକ୍ତ ମଞ୍ଚ ସୁରଭି ବୋଲି ସେ ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଭାବେ ଡୁମଗାଁ ସରପଞ୍ଚ ବବିତା ପ୍ରଧାନ, ଖୁଣ୍ଟପାଲି ସରପଞ୍ଚ ବେଲାରସେନ ମେହେର, ସମିତି ସଭ୍ୟ ସୁରେଶ ପ୍ରଧାନ, ପ୍ରଧାନ ଶିକ୍ଷକ ରମଣୀ ରଞ୍ଜନ ରାଉତ, ଶିକ୍ଷକ ଗୋପାଳ ଗଡ଼ତିଆ, ଯୁଧିଷ୍ଠିର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଡୁମଗାଁ ଗ୍ରାମବାସୀଙ୍କ ସମେତ ଖୁଣ୍ଟପାଲି କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ ।


କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**RABINDRANATH HIGHER SECONDARY SCHOOL**
At/P.O.: Khandahata, Via: Birmaharajpur,
Dist.: Subarnapur, PIN - 767018
E-mail Id: khandahatacollege@gmail.com

**WALK-IN-INTERVIEW**

A Walk-in-Interview for engagement of Lecturer in Odia (01 Post) will be held in the College at 11 A.M. on Dt.11.09.2023. Interested candidates may come with all testimonials.

Sd./- Principal

**କେନ୍ଦ୍ରୀୟ ପଣ୍ୟାଗାର ନିଗମ**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ମୌର୍ଯ୍ୟ ଲୋକ କମ୍ପ୍ଲେକ୍ସ, ବ୍ଲକ୍-ଏ, ୨ୟ ମହଲା,
ଡାକବଙ୍ଗଳା ରୋଡ୍, ପାଟନା-୮୦୦୦୦୧
ଫୋନ୍ ନଂ.- ୦୬୧୨-୨୨୨୫୯୪୯ ଇ-ମେଲ୍: rmpat@cewacor.nic.in

ନଂ.: ସିଡବ୍ଲ୍ୟୁସି/ଆର୍‌ଓ ପିଏଟି/ଇଏନ୍‌ଜିଜି/ପିଏନ୍/୨୦୨୩-୨୪

**ପ୍ରେସ୍ ବିଜ୍ଞପ୍ତି**
(ନଂ. ସିଡବ୍ଲ୍ୟୁସି/ଆର୍‌ଓ-ପିଏଟି/ଇଏନ୍‌ଜିଜି/୨୩-୨୪/୧୭)

ସିଡବ୍ଲ୍ୟୁସି ନିମ୍ନଲିଖିତ କାର୍ଯ୍ୟ ପାଇଁ ଠିକାଦାରମାନଙ୍କଠାରୁ ଅନ୍‌ଲାଇନ୍ ଟେଣ୍ଡର ଆହ୍ୱାନ କରୁଛି:

| କ୍ର. ସଂ. | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ (ଟ. ଲକ୍ଷରେ) | ଅନ୍‌ଲାଇନ୍ ଦାଖଲର ଶେଷ ତାରିଖ |
|---|---|---|---|
| ୧ | ସିଡବ୍ଲ୍ୟୁସି, ହଳଦିପାଲି ସୋହେଲା (ଓଡ଼ିଶା) ପରିସରରୁ ବିଦ୍ୟମାନ କନଗାଓଁ ୧୧ କେଭି ଫିଡର୍ ଲାଇନ୍‌ର ସ୍ଥାନାନ୍ତରଣ ଏବଂ ବିଦ୍ୟମାନ ଗ୍ରିଡ୍‌ଜୋଲ ୧୧ କେଭି ଫିଡର୍ ଲାଇନ୍ ଓ ଏଲ୍‌ଟି ଲାଇନ୍‌ର ସ୍ଥାନାନ୍ତରଣ । | ୨୧.୫୮ | ୦୫।୧୦।୨୦୨୩ |

ସବିଶେଷ ଟେଣ୍ଡର ବିଜ୍ଞପ୍ତି ସମେତ ଠିକାର ସର୍ତ୍ତାବଳୀ ଏବଂ ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି ସିଡବ୍ଲ୍ୟୁସିର ୱେବ୍‌ସାଇଟ୍ www.cewacor.nic.in କିମ୍ବା ଇ-ଟେଣ୍ଡର ୱେବ୍‌ସାଇଟ୍ www.cwceprocure.com କିମ୍ବା ସିପିପି ପୋର୍ଟାଲ http://eprocure.gov.in/epublish/appରେ ଦେଖାଯାଇପାରିବ ଓ ଡାଉନଲୋଡ୍ କରାଯାଇପାରିବ ।
ଏହି ଟେଣ୍ଡର ବାବଦରେ ପରବର୍ତ୍ତୀ ଶୁଦ୍ଧିପତ୍ର/ଯୋଗପତ୍ର, ଯଦି ଥାଏ, କେବଳ ଉପରଦର୍ଶିତ ୱେବ୍‌ସାଇଟ୍‌ରେ ପ୍ରକାଶିତ କରାଯିବ । ଏଥିପାଇଁ ଖବରକାଗଜରେ ପ୍ରେସ୍ ବିଜ୍ଞପ୍ତି ଜାରି କରାଯିବ ନାହିଁ ।

ନିର୍ବାହୀ ଯନ୍ତ୍ରୀ

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ. 30-KUR-TRD-OT-2023-24

କାର୍ଯ୍ୟର ନାମ : ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନସ୍ଥ ଖୋର୍ଦ୍ଧା ରୋଡ୍ (KUR) ମଣ୍ଡଳର ସେଣ୍ଟ୍ରାଲ ସେକ୍ସନରେ 07 ଗୋଟି ଷ୍ଟେସନ (ଲିଙ୍ଗରାଜ ଟେମ୍ପଲ ରୋଡ୍, ମଞ୍ଚେଶ୍ୱର, ଅନୁଗୁଳ, ଢେଙ୍କାନାଳ, ତାଳଚେର ରୋଡ୍, ମେରାମଣ୍ଡଳୀ, କେନ୍ଦୁଝରଗଡ଼ ରୋଡ୍) ଠାରେ 12 ମିଟର ପ୍ରସ୍ଥ ବିଶିଷ୍ଟ ଫୁଟ୍ ଓଭର ବ୍ରିଜ୍ (FOB)ର ବ୍ୟବସ୍ଥା ସମ୍ବନ୍ଧୀୟ OHE ରୂପାନ୍ତରଣ କାର୍ଯ୍ୟର ସମାଦନ ।

ବିଜ୍ଞାପିତ ମୂଲ୍ୟ (₹) : 1,55,92,123.27, EMD (₹) : 2,28,000.00, ଶେଷ ହେବା ଅବଧି : 180 ଦିନ ।

ବିଡ୍ ଆରମ୍ଭ ହେବା ତାରିଖ : ତା.03.10.2023 ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.17.10.2023 ରିଖ 1300 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-628/O/23-24

No.CAD-2250
idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

**OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR**

Tender Call Notice No.- BBSR/ELECT-II/E-146/23-24/2865 Date: 26.09.2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work** :- Supply, Delivery, Installation, Testing and Commissioning of 4 Nos. of 50 KVA DG Sets and 1 No. of 180 KVA DG Set at Government College of Engineering, Keonjhar.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.-II), IDCO, IDCO Tower, Janpath, Bhubaneswar | Bid ID No. BBSR/ ELECT-II/e-12/ 23-24 | 03.10.2023 at 12.00 Hrs. | 10.10.2023 at 17.00 Hrs. |

Further details can be seen from the e-Procurement Portal www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

Sd./- Divisional Head (Elect-II)
OIPR-14003/11/0226/2324 IDCO, Bhubaneswar

**GOVERNMENT OF ODISHA, OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR**
No.O-1163
Phone-0674-2540742, Email- se_ccrw@yahoo.co.in
No. 4836/Date.29.09.2023

**"e" Procurement Notice for Road Works**

| | | | |
|---|---|---|---|
| 1. | Name of the Work | : | Road Works under Periodical renewal work of 5 years post DLP PMGSY roads for the financial year 2023-24 under incentive grant received from GoI. |
| 2. | Total No. of Packages | : | 1 No. of Package |
| 3. | Estimated Cost of the Package | : | Rs.91.56 lakh |
| 4. | Class of Contractor | : | |
| | a) Estimated cost more than Rs.20.00 lakhs upto Rs.3.00 Crores | : | B Class (of Odisha PWD) or relevant class of other licensing authorities |
| 5. | Period of Completion | : | As mentioned in Column-8 of Annexure |
| 6. | Offered rates by bidder | : | The offered rate by the contractor shall be excluding GST. |
| 7. | Other details | : | |

| Procurement Officer | Bid Identification No. | Availability of tender On-line for bidding | | Seeking Clarification of tender | Date & time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Central Rural Works Circle, Bhubaneswar | Tender- Online- C.C.- 40 of 2023 | 03.10.2023 at 11.00 A.M. | 17.10.2023 up to 5.00 P.M. | 16.10.2023 Upto 5.00 PM | 18.10.2023 at 11.00 PM | To be intimated later on |

Further details can be seen from the website: www.tendersodisha.gov.in
OIPR-25082/11/0030/2324 Sd./- Chief Construction Engineer, Central Rural Works Circle, Bhubaneswar

## ସଂକ୍ଷେପରେ

### ଦେବଗଡ଼ ଥାନାରେ ଆମ ପୋଲିସ ସମିତି ବୈଠକ

**ଦେବଗଡ,୩୦।୯(ଶଶାଙ୍କ ଶେଖର ଝାଙ୍କର ):** ଦେବଗଡ଼ ଜିଲା ପୋଲିସ ପକ୍ଷରୁ ଆଦର୍ଶ ଥାନାରେ ଶନିବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଏସ୍‌ଡିପିଓ ସୌମ୍ୟ ରଞ୍ଜନ ମଲ୍ଲିକ ଓ ଆଦର୍ଶ ଥାନା ଅଧିକାରୀ ସରୋଜ କୁମାର ସେଠୀ ଉପସ୍ଥିତ ରହି ଜନସାଧାରଣଙ୍କ ସହିତ ବିଭିନ୍ନ ସମସ୍ୟା ଏବଂ ଅପରାଧ ସମ୍ପର୍କରେ ଆଲୋଚନା କରିବା ସହ ଏଗୁଡିକର ସମାଧାନ ପାଇଁ ସହଯୋଗ ଲୋଡିଥିଲେ। ଏହି ବୈଠକରେ ପୌରପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଯୋଗଦେଇ ସହର ମଧ୍ୟରେ ଉପୁଜୁଥିବା ପାର୍କିଂ ସମସ୍ୟାର ସମାଧାନ ପାଇଁ ପୋଲିସ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ଏହି ବୈଠକରେ ଥାନାଞ୍ଚଳର ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି ଯୋଗଦେଇ ଦେଖାଦେଉଥିବା ବିଭିନ୍ନ ସମସ୍ୟା ଓ ଅପରାଧିକ କାର୍ଯ୍ୟକଳାପ ଉପରେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନା କରିବାସହ ଏଗୁଡିକର ସମାଧାନ ପାଇଁ ପୋଲିସର ସହଯୋଗ ଲୋଡିଥିଲେ। ସେହିପରି ବାରକୋଟ ଥାନାରେ ମଧ୍ୟ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଯାଜ୍ଞସେନୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଇବର କ୍ରାଇମ, ବେଆଇନ ନିଶା କାରବାର, ଟ୍ରାଫିକ ସମସ୍ୟା, ରାସ୍ତା ଓ ଡ୍ରେନ ସମସ୍ୟା, ସରକାରୀ ଜମି ଜବର ଦଖଲ, ବାଲ୍ୟ ବିବାହ ଭଳି ସାମାଜିକ କୁପ୍ରଥା ରୋକିବା ଭଳି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଜିଲା ସରପଞ୍ଚ ସଂଘ ସଭାପତି ସତ୍ୟ ନାରାୟଣ ପାଣିଙ୍କ ସମେତ ବାରକୋଟ ଥାନାଞ୍ଚଳର ବହୁ ଜନସାଧାରଣ ଓ ଜନ ପ୍ରତିନିଧି ଉପସ୍ଥିତ ରହି ବିଭିନ୍ନ ସମସ୍ୟା ପୋଲିସର ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଏକ ସୁସମ୍ପର୍କ ସ୍ଥାପନ ସହ ଥାନା ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ପୋଲିସ ତରଫରୁ ନିବେଦନ କରାଯାଇଥିଲା।

# କୋହ୍ଲବସା ସ୍କୁଲ ଖୋଲିବାକୁ ଦାବି

**ଦେବଗଡ,୩୦।୯(ଶଶାଙ୍କ ଶେଖର ଝାଙ୍କର)**

ରିଆମାଳ ବ୍ଲକ ଅନ୍ତର୍ଗତ କୋହ୍ଲବସା ପ୍ରାଥମିକ ବିଦ୍ୟାଳୟକୁ ୨୦୨୦-୨୧ ଶିକ୍ଷା ବର୍ଷରେ ସରକାର ବନ୍ଦ କରି ୨ କି.ମି ଦୂରବର୍ତ୍ତୀ ଚିରଗୁଣିକୁଦର ସରକାରୀ ପ୍ରାଥମିକ ବିଦ୍ୟାଳୟ ସହିତ ମିଶ୍ରଣ କରିଥିଲେ। ଏହି ବିଦ୍ୟାଳୟରେ ୨୦ ଜଣରୁ କମ ଛାତ୍ରୀଛାତ୍ର ରହିଥିବାରୁ ସରକାରୀ ନିୟମ ଆଧାରରେ ଏହାକୁ ବନ୍ଦ କରାଯାଇଥିଲା। ଏବେ ୨୫ ଜଣରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପାଠ ପଢ଼ିବା ପାଇଁ ପ୍ରସ୍ତୁତ ଥିବାରୁ ପୁଣିଥରେ ଏହି ପ୍ରାଥମିକ ବିଦ୍ୟାଳୟକୁ ଖୋଲିବା ପାଇଁ ଗ୍ରାମବାସୀ ଦାବି ଜଣାଇଛନ୍ତି। ଗ୍ରାମର ବହୁ ମହିଳା ଓ ଅଭିଭାବିକା ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଏହି ମର୍ମରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ୨୦ ଜଣରୁ କମ ଛାତ୍ରୀଛାତ୍ର ରହିଥିବା ବିଦ୍ୟାଳୟକୁ ବନ୍ଦ କରାଯିବା ପାଇଁ ସରକାରୀ ମାର୍ଗଦର୍ଶିକା ରହିଥିବାରୁ ୨୦୨୦-୨୧ ଶିକ୍ଷା ବର୍ଷରେ ଏହାକୁ ବନ୍ଦ କରାଯାଇ ଚିରଗୁଣିକୁଦର ସରକାରୀ ପ୍ରାଥମିକ ବିଦ୍ୟାଳୟ ସହିତ ମିଶ୍ରଣ କରାଯାଇଥିଲା। ତେବେ କୋହ୍ଲବସା ଗ୍ରାମରୁ ଚିରଗୁଣିକୁଦର ସରକାରୀ ପ୍ରାଥମିକ ବିଦ୍ୟାଳୟର ଦୂରତ୍ୱ ୨ କି.ମି.। ସେହିପରି ଘଞ୍ଚ ଜଙ୍ଗଲ ମଧ୍ୟ ଦେଇ ଏହି ରାସ୍ତା ରହିଥିବା ବେଳେ ଦିନରେ ହାତୀମାନଙ୍କ ଚଳାଚଳ ରହିଥାଏ। ଫଳରେ ପିଲାଙ୍କ ପ୍ରତି ପ୍ରତ୍ୟେକ ମୁହୂର୍ତ୍ତରେ ବିପଦ ରହିଥିବାରୁ ପିଲାମାନେ ସେଠାକୁ ପାଠ ପଢିବାକୁ ଯିବାକୁ ଅମଙ୍ଗ ହେଉଛନ୍ତି। ପିଲାମାନେ ଅଧାରୁ ପାଠ ଛାଡିବାକୁ ବାଧ ହେବା ସହ ଗ୍ରାମରେ ସାକ୍ଷରତା ହାର ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଅନ୍ୟ ପକ୍ଷରେ କୋହ୍ଲବସା ଗ୍ରାମରେ ୨୫ ଜଣରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପାଠ ପଢିବାକୁ ପ୍ରସ୍ତୁତ ଥିବାରୁ କୋହ୍ଲବସା ପ୍ରାଥମିକ ବିଦ୍ୟାଳୟକୁ ପୁଣିଥରେ ଖୋଲି ସମସ୍ୟାର ସମାଧାନ କରିବାକୁ ତାଙ୍କର ସ୍ମାରକପତ୍ର ଜରିଆରେ ଜିଲାପାଳଙ୍କ ନିକଟରେ ଗୁହାରୀ କରିଛନ୍ତି ।


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

# ଓଡ଼ିଶା ମୋ ପରିବାର ଜୀବନବିନ୍ଦୁ ପକ୍ଷରୁ ରକ୍ତଦାନ ଶିବିର

**ଦେବଗଡ,୩୦।୯(ଶଶାଙ୍କ ଶେଖର ଝାଙ୍କର)**

ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ ଆନୁକୂଲ୍ୟରେ ବାରକୋଟ ବ୍ଲକ ଗୁରୁସଙ୍ଗ ପଞ୍ଚାୟତ କାର୍ଯ୍ୟାଳୟରେ ଶନିବାର ଏକ ବୃହତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଦେବଗଡ ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ଆବାହକତ୍ୱରେ ଆୟୋଜିତ ଏହି ରକ୍ତଦାନ ଶିବିରକୁ ଓଡିଶା ରକ୍ତ କେନ୍ଦ୍ର ଅଧିକାରୀ ଡ. କୁଶଳ ଚନ୍ଦ୍ର ହାଂସଦା, ଡ. ଅମୀୟ ପ୍ରସାଦ ଦାଶ ଓ ଷ୍ଟାଫ ନର୍ସ ଅମ୍ବିକା ଦାସ ପରିଚାଳନା କରିଥିବା ବେଳେ ମୋଟ ୬୯ ଜଣ ରକ୍ତଦାତା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଏମାନଙ୍କ ମଧ୍ୟରେ ୨୭ ଜଣ ମହିଳା ରହିଥିଲେ। ଏହି ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲା ପରିଷଦ ସଭାପତି କୌଶିକ କୁମାର ପ୍ରଧାନ, ଗୁରୁସଙ୍ଗ ସରପଞ୍ଚ ଭବାନୀ କାନ୍ତ ବିଶ୍ୱାଳ, ବାରକୋଟ ବ୍ଲକ ବିଜେଡି ସଭାପତି ହୀରାଲାଲ ସାହୁ, ଜିଲା ଯୁବ ବିଜେଡି ସଭାପତି ପ୍ରତାପ କୁମାର ଦେବ, ସଚ୍ଚିନ କୁମାର ସାହୁ, ମୀନକେତନ ପ୍ରଧାନ, ରୁଦ୍ର ନାରାୟଣ ନାୟକ, ଅଜିତ କୁମାର ପ୍ରଧାନ, ପ୍ରଦୀପ୍ତ ପ୍ରଧାନ, ବିଦ୍ୟାଧର ସାହୁ, କିରଣ କୁମାର ପ୍ରଧାନ,ରାଜକିଶୋର ସାହୁ, ପଞ୍ଚୁ ସାହୁ ଓ ରୂପକ କୁମାର ମାଝିଙ୍କ ସମେତ ବହୁ ଯୁବ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ।


ଶିବିରରେ ଜଣେ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରୁଛନ୍ତି।

# ଶିବିରରେ ୮୨୪ ରୋଗୀ ମାଗଣାରେ ଚିକିତ୍ସିତ

**ଦେବଗଡ,୩୦।୯(ଶଶାଙ୍କ ଶେଖର ଝାଙ୍କର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିବସରୁ ଆରମ୍ଭ ହୋଇଥିବା ସେବା ପକ୍ଷ ପାଳନ ଅବସରରେ ବିକାଶ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ତିଲେଇବଣି ବ୍ଲକ ବଡଛାପଲ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶନିବାର ଏକ ବୃହତ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ଉପସଭାପତି ଭାରତ ଭୂଷଣ ପ୍ରଧାନଙ୍କ ପରିଚାଳନାରେ ଆୟୋଜିତ ଏହି ଶିବିରକୁ ଅତିଥି ଭାବେ ଦେବଗଡ ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ ଫିତାକାଟି ଶୁଭାରମ୍ଭ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲା ଭାଜପା ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ଦାଶ, ଜିଲା ଭାଜପା ଉପ ସଭାପତି ହରମୋହନ ପାଣି, ଭାଜପା ଯୁବମୋର୍ଚ୍ଚା ସଭାପତି ସନ୍ତୋଷ କୁମାର ଭୁତିଆ, ତିଲେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଉପାଧ୍ୟକ୍ଷା ଆରତୀ ପ୍ରଧାନ, ସମ୍ପାଦକ ଅକାଳୁ ଧଳ, ଯୁବମୋର୍ଚ୍ଚା ଉପସଭାପତି ଉଦୟନାଥ ସାହୁ, ବଡଛାପଲ ସରପଞ୍ଚ ଅନିତା ଅମାନ୍ତ, ସମିତି ସଦସ୍ୟା ପୁଷ୍ପାଞ୍ଜଳୀ ବାଘ, ଭାଜପା ଯୁବ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରୀଣି ସଦସ୍ୟ ସୁଧିର କୁମାର ବ୍ରହ୍ମା, ଭାଜପା ଏସଟି ମୋର୍ଚ୍ଚା ସଭାପତି ଠକଲାଲ ଠାକୁର, ଭାଜପା ମଣ୍ଡଳ ସଭାପତି ଯୋଗେଶ ଚନ୍ଦ୍ର ପ୍ରଧାନ ଓ ବଡଛାପଲ ପଞ୍ଚାୟତ ଭାଜପା ସଭାପତି କିଶୋର ଚନ୍ଦ୍ର ଦେହୁରୀ, କାର୍ଯ୍ୟକ୍ରମ ଇନଚାର୍ଯ୍ୟ ଅଭିଜିତ ବେହେରାଙ୍କ ସମେତ ସମ୍ପୃକ୍ତ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ସ୍ୱାସ୍ଥ୍ୟ ସେବା ଶିବିରରେ ଭୁବନେଶ୍ୱରରୁ ବିଭିନ୍ନ ବିଭାଗର ୮ଜଣ ଅଭିଜ୍ଞ ବିଶେଷଜ୍ଞ ଡାକ୍ତର ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କରିଥିବା ବେଳେ ସମ୍ପୃକ୍ତ ଅଞ୍ଚଳର ମୋଟ ୮୨୪ ଜଣ ପୁରୁଷ ଓ ମହିଳା ମାଗଣାରେ ଚିକିତ୍ସିତ ହୋଇଥିଲେ। ଏହି ଅବସରରେ ଚିକିତ୍ସିତ ସମସ୍ତ ରୋଗୀଙ୍କୁ ଟ୍ରଷ୍ଟ ପକ୍ଷରୁ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ଶିବିର ଆୟୋଜନରେ ବହୁ ଅଙ୍ଗନୱାଡି କର୍ମୀ ଓ ଆଶା କର୍ମୀ ଏବଂ ବିକାଶ ଫାଉଣ୍ଡେଶନ ଟ୍ରଷ୍ଟର କର୍ମକର୍ତ୍ତା ସକ୍ରୀୟ ସହଯୋଗ କରିଥିଲେ।


ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

## ଟ୍ରାନ୍ସଫର୍ମର ପାଇଁ ଗ୍ରାମବାସୀଙ୍କ ଦାବି

**ଦେବଗଡ,୩୦।୯(ଶଶାଙ୍କ ଶେଖର ଝାଙ୍କର)**

ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡିଯିବାରୁ ୨୦ ଦିନ ହେଲା ତିଲେଇବଣି ବ୍ଲକ କଲଣ୍ଡା ପଞ୍ଚାୟତ ନୂଆଗାଁ ଗ୍ରାମ ସମ୍ପୂର୍ଣ୍ଣ ଅନ୍ଧକାରରେ ରହିଛି। ଫଳରେ ଗ୍ରାମବାସୀମାନେ ସମସ୍ୟା ଭୋଗୁଛନ୍ତି। ନୂତନ ଟ୍ରାନ୍ସଫର୍ମର ସ୍ଥାପନ ନେଇ ବିଭାଗୀୟ ଲାଇନ ମ୍ୟାନଙ୍କ ଠାରୁ ଆରମ୍ଭ କରି କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ନିକଟରେ ଏକାଧିକବାର ଗୁହାରୀ କରିଥିଲେ ମଧ୍ୟ ବିଦ୍ୟୁତ୍ ବିତରଣ କମ୍ପାନୀ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଶେଷରେ ଶନିବାର ଜିଲା କଂଗ୍ରେସ ସଭାପତି ସେମ୍ ହେମ୍ବ୍ରମଙ୍କ ନେତୃତ୍ୱରେ ଗ୍ରାମବାସୀ ଟିପିଡବ୍ଲୁଓଡିଏଲ୍ କାର୍ଯ୍ୟାଳୟକୁ ଆସି ନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଯଦି ନୂତନ ଟ୍ରାନ୍ସଫର୍ମର ସ୍ଥାପନ କରା ନ ଯାଏ ତେବେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

## ବାଲୁଙ୍କେଶ୍ୱର ମନ୍ଦିରରେ ଭାଗବତ ଜନ୍ମ ଉତ୍ସବ

**ସମ୍ବଲପୁର,୩୦।୯(ବି.ଶଙ୍କର)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ନନ୍ଦପଡା ବମ୍ବରାଡ ବାଲୁଙ୍କେଶ୍ୱର ମନ୍ଦିରଠାରେ ପୂର୍ଣ୍ଣିମା ତିଥିରେ ଭାଗବତ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ସକାଳ ୧୦ଟାରୁ ୫୧ ଜଣ ବ୍ରାହ୍ମଣଙ୍କ ଦ୍ୱାରା ଭାଗବତ ପଠନ କରାଯାଇଥିଲା। ଏହା ଅପରାହ୍ନ ୩ଟା ପର୍ଯ୍ୟନ୍ତ ଜାରି ରହିଥିଲା। ପରେ ବାବା ବାଲୁଙ୍କେଶ୍ୱରଙ୍କ ରୁଦ୍ରାଭିଷେକ, ହୋମ ଯଜ୍ଞ, ପୂଜାର୍ଚ୍ଚନା ଓ ପୂର୍ଣ୍ଣାହୁତି କରାଯାଇଥିଲା। ଦୁର୍ଗା ମାଧବ ମିଶ୍ର, ଶାନ୍ତନୁ ଶତପଥୀ, ସଞ୍ଜୀବ ଗୁରୁ ପ୍ରମୁଖଙ୍କ ସମେତ ଅଞ୍ଚଳବାସୀ ଏଥିରେ ସକ୍ରିୟ ସହଯୋଗ କରିଥିଲେ।

RABINDRANATH HIGHER SECONDARY SCHOOL
At/P.O.: Khandahata, Via: Birmaharajpur,
Dist.: Subarnapur, PIN - 767018
E-mail Id: khandahatacollege@gmail.com
WALK-IN-INTERVIEW
A Walk-in-Interview for engagement of Lecturer in Odia (01 Post) will be held in the College at 11 A.M. on Dt.11.09.2023. Interested candidates may come with all testimonials.
Sd./- Principal

# ଡେଣ୍ଟାଲ ଆସୋସିଏଶନ ଓଡ଼ିଶା ଶାଖାର ଉତ୍ସବ

**ସମ୍ବଲପୁର,୩୦।୯(ବି.ଶଙ୍କର)**

ଇଣ୍ଡିଆନ ଡେଣ୍ଟାଲ ଆସୋସିଏଶନର ଓଡ଼ିଶା ଶାଖା ପକ୍ଷରୁ ଭୁବନେଶ୍ୱରର ଏକ ହୋଟେଲରେ ସ୍ୱତନ୍ତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ସମ୍ବଲପୁରର ବିଶିଷ୍ଟ ଦନ୍ତ ଚିକିତ୍ସକ ଡା. ଦୁର୍ଗା ଶଙ୍କର ଶତପଥୀଙ୍କୁ ଏମିନେଣ୍ଟ ଡେଣ୍ଟାଲ ସର୍ଜନ ଆୱାର୍ଡ-୨୦୨୩ ପ୍ରଦାନ କରାଯାଇଛି । ରାଜ୍ୟ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଅତିଥି ଭାବେ ଯୋଗଦେଇ ଡାକ୍ତର ଶତପଥୀଙ୍କୁ ଉପଢୌକନ, ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଏଥିପାଇଁ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଅଭିନନ୍ଦନ ଜଣାଇଛନ୍ତି।


ଡାକ୍ତରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ମନ୍ତ୍ରୀ ସାରଦା ପ୍ରସାଦ ନାୟକ।

# ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

**ସମ୍ବଲପୁର,୩୦।୯(ବି.ଶଙ୍କର)**

ସମ୍ବଲପୁର ଜିଲା ପାଞ୍ଚଫୁଟ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶନିବାର ମୋ ମାଟି ମୋ ଦେଶ କର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ଗତ ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ବିବିଧ ପ୍ରତିଯୋଗିତା ହୋଇଥିଲା । ଏଥିରେ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶୀଲ କୁମାର ପାଣିଗ୍ରାହୀ ସୁନାଗରିକର କର୍ତ୍ତବ୍ୟ କରିବାକୁ ପ୍ରଥମେ ସମସ୍ତଙ୍କୁ ପଞ୍ଚପ୍ରାଣ ଶପଥ ପାଠ କରାଇଥିଲେ। ଶିକ୍ଷକ, ଛାତ୍ରୀଛାତ୍ର ମାଟିର ବନ୍ଦନା କରି ପ୍ରଣିପାତ କରିଥିଲେ। ପ୍ରବନ୍ଧ, ବକ୍ତୃତା, ରଙ୍ଗୋଲି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।


କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଅନ୍ୟମାନେ।

## ଗୋଡ଼ଭଗାରେ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର

**ସରଣ୍ଡା,୩୦।୯(ଯୁଧିଷ୍ଠିର ମହାପାତ୍ର):** ଅତାବିରା ବ୍ଲକ ଗୋଡଭଗାରେ ସ୍ୱାସ୍ଥ୍ୟ ଶିବିର ଶନିବାର ଆରମ୍ଭ ହୋଇଛି। ଏଥିରେ ଭେଷଜ ବିଶେଷଜ୍ଞ ଡା. କବିରଦାସ ପୁରୋହିତ, ବମ୍ବେ ଡାକ୍ତରଖାନାର ଡ଼ା. ହରିରାମ ରାମନିୱାସ ଝୁନଝୁନୱାଲା, ହିନ୍ଦୁଜା ହେଲ୍‌ଥ କେୟାରର ଡା. ହେମନ୍ତ ବଂଶୀଲାଲ ଭଣ୍ଡାରୀ, ଡା. କରଣ ଦିଲୀପ ଭାନୁଶାଲି, ଡିଏଚ୍‌କ୍ୟୁଏଚ ସମ୍ବଲପୁରର ଡା. ରୋଶନ ରଥ ଯୋଗଦାନ କରି ରୋଗୀଙ୍କ ପରୀକ୍ଷା କରିଛନ୍ତି।

କେନ୍ଦ୍ରୀୟ ପଣ୍ୟାଗାର ନିଗମ
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ମୌର୍ଯ୍ୟ ଲୋକ କମ୍ପ୍ଲେକ୍ସ, ବ୍ଲକ୍-ଏ, ୨ୟ ମହଲା, ଡାକବଙ୍ଗଳା ରୋଡ୍, ପାଟନା-୮୦୦୦୦୧
ଫୋନ୍ ନଂ.- ୦୬୧୨-୨୨୨୫୯୪୯ ଇ-ମେଲ୍: rmpat@cewacor.nic.in
ନଂ.: ସିଡବ୍ଲ୍ୟୁସି/ଆର୍‌ଓ ପିଏଟି/ଇଏନ୍‌ଜିଜି/ପିଏନ୍/୨୦୨୩-୨୪
ପ୍ରେସ୍ ବିଜ୍ଞପ୍ତି
(ନଂ. ସିଡବ୍ଲ୍ୟୁସି/ଆର୍‌ଓ-ପିଏଟି/ଇଏନ୍‌ଜିଜି/୨୩-୨୪/୧୭)
ସିଡବ୍ଲ୍ୟୁସି ନିମ୍ନଲିଖିତ କାର୍ଯ୍ୟ ପାଇଁ ଠିକାଦାରମାନଙ୍କଠାରୁ ଅନ୍‌ଲାଇନ୍ ଟେଣ୍ଡର ଆହ୍ୱାନ କରୁଛି:

| କ୍ର. ସଂ. | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ (ଟ. ଲକ୍ଷରେ) | ଅନ୍‌ଲାଇନ୍ ଦାଖଲର ଶେଷ ତାରିଖ |
|---|---|---|---|
| ୧ | ସିଡବ୍ଲ୍ୟୁସି, ହଳଦିପାଲି ସୋହେଲା (ଓଡ଼ିଶା) ପରିସରରୁ ବିଦ୍ୟମାନ କନଗାଁ ୧୧ କେଭି ଫିଡର୍ ଲାଇନ୍‌ର ସ୍ଥାନାନ୍ତରଣ ଏବଂ ବିଦ୍ୟମାନ ଗ୍ରିଞ୍ଜେଲ ୧୧ କେଭି ଫିଡର୍ ଲାଇନ୍ ଓ ଏଲ୍‌ଟି ଲାଇନ୍‌ର ସ୍ଥାନାନ୍ତରଣ । | ୨୧.୫୮ | ୦୫।୧୦।୨୦୨୩ |

ସବିଶେଷ ଟେଣ୍ଡର ବିଜ୍ଞପ୍ତି ସମେତ ଠିକାର ସର୍ତ୍ତାବଳୀ ଏବଂ ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି ସିଡବ୍ଲ୍ୟୁସିର ୱେବ୍‌ସାଇଟ୍ www.cewacor.nic.in କିମ୍ବା ଇ-ଟେଣ୍ଡର ୱେବ୍‌ସାଇଟ୍ www.cwceprocure.com କିମ୍ବା ସିପିପି ପୋର୍ଟାଲ http://eprocure.gov.in/epublish/appରେ ଦେଖାଯାଇପାରିବ ଓ ଡାଉନଲୋଡ୍ କରାଯାଇପାରିବ ।
ଏହି ଟେଣ୍ଡର ବାବଦରେ ପରବର୍ତ୍ତୀ ଶୁଦ୍ଧିପତ୍ର/ଯୋଗପତ୍ର, ଯଦି ଥାଏ, କେବଳ ଉପରଦର୍ଶିତ ୱେବ୍‌ସାଇଟ୍‌ରେ ପ୍ରକାଶିତ କରାଯିବ । ଏଥିପାଇଁ ଖବରକାଗଜରେ ପ୍ରେସ୍ ବିଜ୍ଞପ୍ତି ଜାରି କରାଯିବ ନାହିଁ ।
ନିର୍ବାହୀ ଯନ୍ତ୍ରୀ

# ସଡ଼କ ସୁରକ୍ଷା କମିଟି ବୈଠକ



**ଦେବଗଡ,୩୦।୯(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ଆଞ୍ଚଳିକ ପରିବହନ ବିଭାଗ ଆନୁକୂଲ୍ୟରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହେମନ୍ତ କୁମାର ପଣ୍ଡା, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ, ଅବକାରୀ ନିରୀକ୍ଷକ ମଧୁସୂଦନ ସାହୁ ଓ ଜିଲା ଅତିରିକ୍ତ ଚିକିତ୍ସା ଜନସ୍ୱାସ୍ଥ୍ୟ ଅଧିକାରୀ ଧନୁର୍ଜୟ ମହନ୍ତଙ୍କ ସମେତ ଜାତୀୟ ରାଜପଥ ବିଭାଗ, ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ, ଗ୍ରାମ୍ୟ ନିର୍ମାଣ ବିଭାଗ ଓ ପୂର୍ତ୍ତ ବିଭାଗ(ରାସ୍ତା ଓ ସୌଧ)ର ଅଧିକାରୀ ଓ ଯନ୍ତ୍ରୀ, ଜିଲା ସଡକ ସୁରକ୍ଷା କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ। ବିଶେଷ କରି ରାଞ୍ଚି- ବିଜୟୱାଡା ରାସ୍ତା ପୁନରୁଦ୍ଧାର, ବାରକୋଟ - ରଜାମୁଣ୍ଡା ଏନ୍‌ଏଚ୍ ୧୪୩ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଏଥିସହ ପାର୍କିଂ ବ୍ୟବସ୍ଥା ସମେତ ଦୁର୍ଘଟଣା ଏଡାଇବା ନିମନ୍ତେ ରାସ୍ତାଘାଟର ମରାମତି, ରାସ୍ତା ଉପରୁ ଜବର ଦଖଲ ଉଚ୍ଛେଦ, ହେଲମେଟ ବ୍ୟବହାର ଉପରେ ଗୁରୁତ୍ୱାରୋପ ଓ ପୋଲିସ -ପରିବହନ ବିଭାଗ ପକ୍ଷରୁ ନିୟମିତ ଭାବେ ମିଳିତ ଯାଞ୍ଚକରିବା ନିମନ୍ତେ ଏହି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

ପୂର୍ବ ତଟ ରେଳପଥ
ଟେଣ୍ଡର ସଂ. 30-KUR-TRD-OT-2023-24
କାର୍ଯ୍ୟର ନାମ : ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନସ୍ଥ ଖୋର୍ଦ୍ଧା ରୋଡ଼ (KUR) ମଣ୍ଡଳର ସେଣ୍ଟ୍ରାଲ ସେକ୍ସନରେ 07 ଗୋଟି ଷ୍ଟେସନ (ଲିଙ୍ଗରାଜ ଟେମ୍ପଲ ରୋଡ଼, ମଙ୍ଗେଶ୍ୱର, ଅନୁଗୁଳ, ଢେଙ୍କାନାଳ, ତାଳଚେର ରୋଡ଼, ମେରାମଣ୍ଡଳୀ, କେନ୍ଦୁଝରଗଡ଼ ରୋଡ଼) ଠାରେ 12 ମିଟର ପ୍ରସ୍ଥ ବିଶିଷ୍ଟ ଫୁଟ୍ ଓଭର ବ୍ରିଜ୍ (FOB)ର ବ୍ୟବସ୍ଥା ସମ୍ବନ୍ଧୀୟ OHE ରୂପାନ୍ତରଣ କାର୍ଯ୍ୟର ସମ୍ପାଦନ ।
ବିଜ୍ଞାପିତ ମୂଲ୍ୟ (₹) : 1,55,92,123.27, EMD (₹) : 2,28,000.00, ଶେଷ ହେବା ଅବଧି : 180 ଦିନ ।
ବିଡ୍ ଆରମ୍ଭ ହେବା ତାରିଖ : ତା.03.10.2023 ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.17.10.2023 ରିଖ 1300 ଘଟିକାରେ ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-628/O/23-24

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
No.CAD-2250
OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR
Tender Call Notice No.- BBSR/ELECT-II/E-146/23-24/2865 Date: 26.09.2023
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement
Name of the Work :- Supply, Delivery, Installation, Testing and Commissioning of 4 Nos. of 50 KVA DG Sets and 1 No. of 180 KVA DG Set at Government College of Engineering, Keonjhar.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.-II), IDCO, IDCO Tower, Janpath, Bhubaneswar | Bid ID No. BBSR/ ELECT-II/e-12/ 23-24 | 03.10.2023 at 12.00 Hrs. | 10.10.2023 at 17.00 Hrs. |

Further details can be seen from the e-Procurement Portal www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.
Sd./- Divisional Head (Elect-II)
IDCO, Bhubaneswar
OIPR-14003/11/0226/2324

GOVERNMENT OF ODISHA, OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR
No.O-1163
Phone-0674-2540742, Email- se_ccrw@yahoo.co.in
No. 4836/Date.29.09.2023
"e" Procurement Notice for Road Works

| | | | |
|---|---|---|---|
| 1. | Name of the Work | : | Road Works under Periodical renewal work of 5 years post DLP PMGSY roads for the financial year 2023-24 under incentive grant received from GoI. |
| 2. | Total No. of Packages | : | 1 No. of Package |
| 3. | Estimated Cost of the Package | : | Rs.91.56 lakh |
| 4. | Class of Contractor | : | |
| | a) Estimated cost more than Rs.20.00 lakhs upto Rs.3.00 Crores | : | B Class (of Odisha PWD) or relevant class of other licensing authorities |
| 5. | Period of Completion | : | As mentioned in Column-8 of Annexure |
| 6. | Offered rates by bidder | : | The offered rate by the contractor shall be excluding GST. |
| 7. | Other details | : | |

| Procurement Officer | Bid Identification No. | Availability of tender On-line for bidding | | Seeking Clarification of tender | Date & time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Central Rural Works Circle, Bhubaneswar | Tender- Online- C.C.- 40 of 2023 | 03.10.2023 at 11.00 A.M. | 17.10.2023 up to 5.00 P.M. | 16.10.2023 Upto 5.00 PM | 18.10.2023 at 11.00 PM | To be intimated later on |

Further details can be seen from the website: www.tendersodisha.gov.in
OIPR-25082/11/0030/2324 Sd./- Chief Construction Engineer, Central Rural Works Circle, Bhubaneswar

ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୧ ଅକ୍ଟୋବର, ୨୦୨୩

## ଖଡିଆଳ ଏନଏସିରେ ନୂତନ ଇଓଙ୍କ ଯୋଗଦାନ

ଖଡ଼ିଆଳ,(ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦରେ ନୂତନ ନିର୍ବାହୀ ଅଧିକାରୀଭାବେ ପ୍ରମୋଦ କୁମାର ଖିଲୋ ଶନିବାର କାର୍ଯ୍ୟ ଯୋଗଦାନ କରିଛନ୍ତି। ନଗରପାଳ ଉଜ୍ଜଳ ଗୁପ୍ତା, ଉପ ନଗରପାଳ ଶକୁନ୍ତଳା ରାଉତ ଓ କାଉନସିଲରମାନେ ତାଙ୍କୁ ସ୍ୱାଗତ କରିଥିଲେ। ଖଡ଼ିଆଳର ବିକାଶକୁ ପ୍ରାଥମିକତା ଦେବା ସହ ସ୍ୱଚ୍ଛ ଏବଂ ନିର୍ମଳ ଖଡିଆଳ ନିର୍ମାଣରେ ସେ ଏହି ଅବସରରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ।



## ସଂକ୍ଷେପରେ

### ଦେଢ଼ କୁଇଣ୍ଟାଲ ଗଞ୍ଜେଇ ଜବତ, ୨ ଗିରଫ

ପାଟଣାଗଡ, ୩୦।୯(ପ୍ରହଲ୍ଲାଦ ପାଢ଼ି)

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ନେହେନାବନ୍ଦ ଗ୍ରାମରୁ ଶନିବାର ଅବକାରୀ ବିଭାଗ ଚଢ଼ାଉ କରି ଦେଢ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ରାଜୁ ମାଝି ଏବଂ ଚୂଡ଼ାମଣି ସାହୁ । ପାଟଣାଗଡ ଏବଂ ଖପ୍ରାଖୋଲ ଅବକାରୀ ବିଭାଗ ନେହେନାବନ୍ଦ ଗ୍ରାମରେ ଗଞ୍ଜେଇ ଗଚ୍ଛିତ ଥିବା ଖବର ପାଇ ଇନ୍ସପେକ୍ଟର ସରୋଜ ପରିଡାଙ୍କ ନେତୃତ୍ୱରେ ଚଢ଼ାଉ କରିଥିଲା। ଟିମ୍ ରାଜୁ ଏବଂ ଚୂଡ଼ାମଣିଙ୍କ ଘରୁ ଗଞ୍ଜେଇ ବାହାରକୁ ଚାଲାଣ କରିବା ପାଇଁ ଉଦ୍ୟମ କରାଯାଉଥିବା ଦେଖିବାକୁ ପାଇଥିଲା।

### ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ରକ୍ତଦାନ ଶିବିର

ମୁରିବାହାଲ, ୩୦।୯( ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟରେ ଶନିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସରାଜ କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟତନ ଅତିଥିଭାବେ ଅଧ୍ୟାପ ପୂର୍ଣ୍ଣଚନ୍ଦ୍ର ପଧାନ, ଗୁଣସାଗର ମେହେର, ଦିଲୀପ କୁମାର ପଶାୟତ, ସୋମେଶଦତ୍ତ ହୋତା ଉପସ୍ଥିତ ଥିଲେ। ଏହି ଅବସରରେ ରକ୍ତଦାନ କରିଥିବା ୩୮ଜଣ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

### ଖଡିଆଳ ଡିଗ୍ରୀ ମହିଳା କଲେଜରେ ରକ୍ତଦାନ ଶିବିର

ଖଡ଼ିଆଳ, ୩୦।୯(ସୁଜିତ କୁମାର ପ୍ରଧାନ)

ନୂଆପଡା ଜିଲା ଖଡିଆଳ ଡିଗ୍ରୀ ମହିଳା ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ୟୁନିଟ ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳନ ଉପଲକ୍ଷେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାର ଏକମାତ୍ର ଡିଗ୍ରୀ ମହିଳା କଲେଜରେ ଛାତ୍ରୀମାନେ ରକ୍ତଦାନ ପାଇଁ ଆଗେଇ ଆସିବା ପ୍ରଶଂସନୀୟ ବୋଲି ଅନୁଷ୍ଠାନ ଅଧ୍ୟକ୍ଷା ଲିଜା ଆଚାର୍ଯ୍ୟ କହିଛନ୍ତି। ଶିବିରରେ କଲେଜ ପରିଚାଳନା କମିଟି ସଭାପତି ବିନୋଦ ବିହାରୀ ପାଢି, ସଦସ୍ୟ ଅଜିତ ପଣ୍ଡା , ତପନ ରଞ୍ଜନ ଦାସ, ଡ. ଦେବାଶିଷ ସିଂ, ଡ.ପ୍ରବୀଣ ମେହେର, ଜାତୀୟ ସେବା ଯୋଜନା ଜିଲା ଅଧିକାରୀ ପ୍ରଣତି ପଣ୍ଡା, କଲେଜ ଅଧିକାରୀ ପୁଷ୍ପାଞ୍ଜଳି ପ୍ରଧାନୀଙ୍କ ସହ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରର ରକ୍ତ ଭଣ୍ଡାର ୟୁନିଟ ଯୋଗ ଦେଇଥିଲେ।

### ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ନେଇ ଆନ୍ଦୋଳନ ଚେତାବନୀ

ଟିଟିଲାଗଡ଼,୩୦।୯(ଶରତ ମିଶ୍ର)

ଟିଟିଲାଗଡ ଉପଖଣ୍ଡ ସରକାରୀ ମୁଖ୍ୟ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। ଚିକିତ୍ସା ପାଇଁ ଏଠାକୁ ଆସୁଥିବା ରୋଗୀ ସ୍ୱାସ୍ଥ୍ୟ ସୁବିଧା ପାଇବାରେ ସମସ୍ୟା ହେଉଛି। ରୋଗର ପରୀକ୍ଷା କିମ୍ବା ଉପଚାର ବଦଳରେ ଏଠାରୁ ରେଫର କରାଯାଉଛି ବୋଲି ଅଭିଯୋଗ ହେଉଛି। ଏ ନେଇ ପ୍ରଶ୍ନ ଉଠାଇ ଅସନ୍ତୋଷ ଝାଡିଛି ଟିଟିଲାଗଡ ଗରିବ ସେନା। କୁମୁଡା ପାହାଡ ଶୈବପୀଠରେ ସେନା ପକ୍ଷରୁ ଆହୁତ ଏକ ଖବରଦାତା ସମ୍ମିଳନୀରେ ସଂଗଠନ ସଭାପତି ଆଇନଜୀବୀ ବୀରେନ୍ଦ୍ର ବାଗ ଅଭିଯୋଗ କରିଛନ୍ତି ଯେ ଦୀର୍ଘ ଦାବି ପରେ ଏଠାରେ ୬ଜଣ ବିଶେଷଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଥିଲା। ହେଲେ ସେମାନେ ଛୁଟିରେ ଚାଲିଯାଇଛନ୍ତି। ୱାର୍ଡ ଗୁଡିକରେ ରୋଗୀଙ୍କ ପାଇଁ ଜାଗା ନାହିଁ। ଏଭଳି ସ୍ଥଳେ ଶିଶୁଙ୍କୁ ମଧ୍ୟ ବାହାରେ ବାରଣ୍ଡାରେ ରକ୍ତ ତଥା ସାଲାଇନ ଦିଆଯାଉଛି। ଡାକ୍ତର ଅଭାବ ନେଇ ଆଉଟଡୋର ସେବା, ଇନଡୋର ସେବା ପ୍ରଭାବିତ ହେଉଛି। ଜରୁରି ରକ୍ତ ପରୀକ୍ଷା ଏଠାରେ ହେଉନାହିଁ। ୪ ବର୍ଷ ତଳେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ମାତୃ ଓ ଶିଶୁ ଡାକ୍ତରଖାନାକୁ ତୁରନ୍ତ କାର୍ଯ୍ୟକ୍ଷମ କରାଯାଉ ବୋଲି ଖବରଦାତା ସମ୍ମିଳନୀରେ ଦାବି କରାଯାଇଛି। ଅନ୍ୟଥା ଅଞ୍ଚଳର ବିଭିନ୍ନ ସଂଗଠନ ଏଭଳି ଅବ୍ୟବସ୍ଥା ନେଇ ରାଜରାସ୍ତାରେ କଡା ଜବାବ ଦେବେ ବୋଲି ଗରିବ ସେନା ସଭାପତି ବାଗ କଡା ଚେତାବନୀ ଦେଇଛନ୍ତି। ସଂଗଠନର କୁନା ସାହୁ, କାହ୍ନା ବେହେରା, ଥାନେ ନାଏକ, ଦିଲେ ସୂର୍ଯ୍ୟନ, ବିକ୍ରମ ଜାଲ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ପ୍ରକଳ୍ପ ପରେ ପ୍ରକଳ୍ପ, ମିଳୁନି ପାଣି

ଲାଠୋର,୩୦।୯(ଭୁବନେଶ୍ୱର ବାରିକ)

- ଝଲିଆଲିଟି ଗ୍ରାମରେ ଜଳ ପ୍ରକଳ୍ପ ଅଚଳ
- ଜଳଉତ୍ସ ନ ଦେଖି ବିଛା ଯାଉଛି ପାଇପ, ନିର୍ମାଣ ହେଉଛି ଓଭରହେଡ ଟ୍ୟାଙ୍କ
- କୂପରେ ପାଣି ନ ହେବାରୁ ଫେଲ ମାରୁଛି ପ୍ରକଳ୍ପ
- ୩ଥର ବିଫଳତା ପରେ ମଙ୍ଗଳବାର କ୍ଷେତ୍ରକୁ ଯିବ ବିଶେଷଜ୍ଞ ଦଳ



ନିର୍ମିତ ହୋଇଥିବା ଓଭରହେଡ ଟ୍ୟାଙ୍କ।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଝର ପଞ୍ଚାୟତ ଅନ୍ତର୍ଗତ ଝଲିଆଲିଟି ଗ୍ରାମରେ ନିର୍ମିତ ଜଳଯୋଗାଣ ପ୍ରକଳ୍ପ ଅଚଳ ହୋଇ ପଡ଼ି ରହିଛି। ପ୍ରାୟ ୧୦ବର୍ଷ ପୂର୍ବେ ଗ୍ରାମରେ ଖପ୍ରାଖୋଲ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଦ୍ୱାରା ଏକ ପ୍ରକଳ୍ପ ନିର୍ମାଣ କରି ଗ୍ରାମର ବିଭିନ୍ନ ପଡ଼ାକୁ ପାଇପ ସଂଯୋଗ କରି କିଛିଦିନ ଜଳଯୋଗାଣ କରାଗଲା। ହେଲେ ପ୍ରକଳ୍ପ ପାଇଁ ଖୋଳା ଯାଇଥିବା ଗଭୀର କୂପରେ ପାଣି ହେଲାନାହିଁ। ଦୁଇବର୍ଷ ପୂର୍ବେ ୭୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଅନ୍ୟ ଏକ ସ୍ଥାନରେ ଏକ ଗଭୀର କୂପ ଖୋଳାଗଲା। ଓଭରହେଡ୍ ଟ୍ୟାଙ୍କ ନିର୍ମାଣ ପରେ ଜଳ ଯୋଗାଣ କରାଯାଇଥିଲା। ପ୍ରକଳ୍ପ ଚାଲିବାର ୮ ଦିନ ପରେ ସେଠାରୁ ମଧ୍ୟ ପାଣି ବାହାରିଲା ନାହିଁ। ଦ୍ୱିତୀୟ ଥରର ବିଫଳତା ପରେ ସେଠାରେ ୬ଶହ ଫୁଟ ପର୍ଯ୍ୟନ୍ତ ପୁଣି ଏକ ଗଭୀର କୂପ ଖୋଳାଗଲା। ହେଲେ ସେଥିରେ ମଧ୍ୟ ପାଣି ବାହାରିଲା ନାହିଁ। ପ୍ରଥମେ ପାଣିର ବ୍ୟବସ୍ଥା ନକରି ବିଭାଗୀୟ ଅଧିକାରୀ କିପରି ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ପାଇପ ବିଛା, ଟ୍ୟାଙ୍କ ନିର୍ମାଣ ଆଦି କଲେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ୭୫ ଲକ୍ଷ ଟଙ୍କାର ପ୍ରକଳ୍ପ ବର୍ତ୍ତମାନ ଅଚଳ ଅବସ୍ଥାରେ ପଡ଼ି ରହିଛି। ଏହି ପରିସ୍ଥିତିରେ ଗ୍ରାମବାସୀ ଅନ୍ୟନୋପାୟ ହୋଇ ଦୂଷିତ ଜଳ ସଂଗ୍ରହ କରି ତାକୁ ପାନୀୟ ରୂପେ ବ୍ୟବହାର କରୁଛନ୍ତି। ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଶ୍ୟାମ କୁମାରଙ୍କୁ ପଚାରିବାରେ ଘଟଣା ବିଷୟରେ ଆମେ ଡ଼ିଭିଜନ ଅଫିସକୁ ଅବଗତ କରିଛୁ। ଆସନ୍ତା ମଙ୍ଗଳବାର ଏକ ବିଶେଷଜ୍ଞ ଦଳ ଗ୍ରାମରେ ପହଞ୍ଚି ସ୍ଥିତି ଅନୁସନ୍ଧାନ କରିବ। ସେମାନଙ୍କ ରିପୋର୍ଟ ଅନୁସାରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହଛନ୍ତି।

# ରାଣୀପୁର-ଝରିଆଲ ବିକାଶ ନେଇ ଆଲୋଚନା



ଏଏସଆଇ ଅଧୀକ୍ଷକଙ୍କ ସହ ମନ୍ଦିର କମିଟି ସଦସ୍ୟ ଆଲୋଚନା କରୁଛନ୍ତି।

ଟିଟିଲାଗଡ଼, ୩୦।୯(ଶରତ ମିଶ୍ର)

- ଏଏସଆଇ ଅଧୀକ୍ଷକଙ୍କୁ ଭେଟିଲେ ମନ୍ଦିର କମିଟି
- ବିଦ୍ୟୁତୀକରଣ, ପାନୀୟ ଜଳ ବ୍ୟବସ୍ଥା କାମ ୨୦୨୪ ମାର୍ଚ୍ଚ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ

ରାଣୀପୁର ଝରିଆଲ ପୀଠର ବିକାଶ ଏବଂ ଆଗକୁ ପୀଠରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ଏଏସଆଇ ଅଧୀକ୍ଷକ ଓଡ଼ିଶା ଶାଖା ଅଧୀକ୍ଷକ ଡ. ସୁଶାନ୍ତ କରଙ୍କୁ ଭେଟିଛନ୍ତି ମନ୍ଦିର କମିଟି। ଭୁବନେଶ୍ୱରସ୍ଥିତ ଅଫିସରେ ରାଣୀପୁର ଝରିଆଲ ମନ୍ଦିର କମିଟି ଆବାହକ ଅନିଲ କୁମାର ତ୍ରିପାଠୀ, ଝରିଆଲ ସରପଞ୍ଚ ଭରଦ୍ୱାଜ ଗହୀର, ଅଲଣ୍ଡା ସରପଞ୍ଚଙ୍କ ପ୍ରତିନିଧି ଯୁବରାଜ ବାଗ, ନିତ୍ୟାନନ୍ଦ ପୃଷେଠ, ସଞ୍ଜୀବ ଛୁରା ପ୍ରମୁଖ ଡ.କରଙ୍କୁ ଭେଟିଥିଲେ। ରାଣୀପୁର ଝରିଆଲରେ ବିଦ୍ୟୁତୀକରଣ ଓ ପାନୀୟ ଜଳ ବ୍ୟବସ୍ଥା କାମକୁ ୨୦୨୪ ମାର୍ଚ୍ଚ ମାସ ମଧ୍ୟରେ ସାରିବା ପାଇଁ ସଂରକ୍ଷଣ ଅଧିକାରୀ ମାନସ ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ ଅଧୀକ୍ଷକ ଡ.କର। ପ୍ରକାଶଥାଉକି ରାଣୀପୁର ଝରିଆଲ ମନ୍ଦିର ସମୂହିକର ବିକାଶ ପାଇଁ ଯୋଗିନୀପ୍ରେମୀଙ୍କ ଦାବୀ ରହିଆସିଛି। ତଥାପି ଏହି ମନ୍ଦିର ମାଳିନୀର ଆଖିଦୃଶିଆ ବିକାଶ ଓ ଉନ୍ନତୀକରଣ ହୋଇ ପାରୁନାହିଁ। ତେଣୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏ ପୀଠ ପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଆବାହକ ତ୍ରିପାଠୀ ଏଏସଆଇ ଅଧୀକ୍ଷକଙ୍କୁ ନିବେଦନ କରିଥିଲେ। ଏଡି ଅବସରରେ ଡ. ଶ୍ରୀ କର ରାଣୀପୁର ଝରିଆଲକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଉଭୟ ସଂରକ୍ଷଣ ଅଧିକାରୀ ଓ ମନ୍ଦିର କମିଟିକୁ ପରାମର୍ଶ ଦେଇଥିଲେ। ଏ ସମ୍ପର୍କରେ ବଲାଙ୍ଗୀର ଜିଲାପାଳଙ୍କୁ ମଧ୍ୟ ଏକ ଚିଠି କରା ଯାଇଥିବା ସେ ସୂଚନା ଦେଇଥିଲେ।

# ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି




ଶିଶୁ ମହୋତ୍ସବ ସୁରଭିରେ ମଞ୍ଚାସୀନ ଅତିଥିବୃନ୍ଦ।

ଗୁଡଭେଲା,୩୦।୯(ମନୋଜ କୁମାର ଜୈନ)

ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ବଲାଙ୍ଗୀର ଜିଲା ତୁଷୁରା ବାଳିକା ଉଚ୍ଚ ବିଦ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଭକ୍ତ ଚରଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ତୁଷୁରା ଏନଏସି ଅଧ୍ୟକ୍ଷ ଅଜୟ ଜୟଶ୍ୱାଲ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ତୁଷୁରା ଥାନାଧିକାରୀ ସଞ୍ଜିବ ପ୍ରଧାନ, ସମ୍ମାନୀତ ଅତିଥି ଭାବେ ହରିହର ସାହୁ ଓ ଗୁଡଭେଲା ବ୍ଲକ ଏବିଇଓ ବିପିନ ବାଗ ଯୋଗଦେଇଥିଲେ। ତୁଷୁରା କ୍ଲଷ୍ଟର୍ ସିଆରସିସି ଜଗମୋହନ ତ୍ରିପାଠୀ ବିବରଣୀ ପାଠ କରିଥିବା ବେଳେ ହେମନ୍ତ କୁମାର ଦାଶ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶିକ୍ଷୟିତ୍ରୀ ନିବେଦିତା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ତୁଷୁରା କ୍ଲଷ୍ଟର୍ ଅଧିନ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଗାଇଡ ଶିକ୍ଷକମାନେ ସହଯୋଗ କରିଥିଲେ। ଏଥିରେ କନିଷ୍ଠ, ବରିଷ୍ଠ ଓ ଉଚ୍ଚ ମାଧମିକ ସ୍ତରରେ ପ୍ରବନ୍ଧ, ବକ୍ତୃତା, ବିତର୍କ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ସଙ୍ଗୀତ, ମଧ୍ୟାହ୍ନଭୋଜନ ସମ୍ପର୍କିତ ଚିତ୍ରକଳା ଓ ଶିଳ୍ପକଳା ପ୍ରତିଯୋଗିତା, ମିଲେଟସ ପ୍ରତିଯୋଗିତା ଓ ଦଳଗତ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଯେଉଁ ପ୍ରତିଯୋଗୀମାନେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ସେମାନେ ବ୍ଲକସ୍ତରରେ ଅଂଶଗ୍ରହଣ କରିବେ। ଗତବର୍ଷର ଦଶମ ବୋର୍ଡ଼ ଓ ଦ୍ୱାଦଶ ବୋର୍ଡ଼ ପରୀକ୍ଷାର ଟପ୍ପରଙ୍କୁ ମଧ ପୁରସ୍କାର ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ଚାକିରିରୁ ଅବସରଗ୍ରହଣ କରିଥିବା ପ୍ରଧାନଶିକ୍ଷକ ଉମାକାନ୍ତ ବଗର୍ତ୍ତୀ, ପ୍ରତିଭା ସାହୁ, ଚନ୍ଦନା ସ୍ୱାଇଁ, ସେବକ ପବିତ୍ର ମୋହନ ବେହେରା, ପ୍ରେମ ସାଗର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ବନସୁରକ୍ଷା ସମିତିର ସାଧାରଣ ସଭା

ଦେଓଗାଁ,୩୦।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଲଣ୍ଡାପଥର ପଞ୍ଚାୟତ ଡାହିମାଲରେ ବନସୁରକ୍ଷା ସମିତିର ଏକ ସାଧାରଣ ସଭା ତଥା ଦକ୍ଷତା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ରେଞ୍ଜର ସଂଘମିତ୍ରା ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଜିଲା ବନଖଣ୍ଡ ଅଧିକାରୀ ନୀତିଶ କୁମାର ଯୋଗଦେଇଥିଲେ। ଜଙ୍ଗଲ ସୁରକ୍ଷା ସହ ସମସ୍ତେ କେମିତି ସ୍ୱାବଲମ୍ବୀ ହୋଇପାରିବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନୀତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ, ସ୍ଥାନୀୟ ସରପଞ୍ଚ ଦେବାନ୍ତୀ କ୍ଷେତୀ, ଆମ ଜଙ୍ଗଲ ଯୋଜନାର ରାଜ୍ୟ ସଂଯୋଜକ ନାରାୟଣ ପଟ୍ଟନାୟକ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଗ୍ରାମବାସୀ, ଏସ୍ଏଚ୍‌ଜି ସଦସ୍ୟାମାନେ ଉପସ୍ଥିତ ଥିବା ବେଳେ ବନକର୍ମଚାରୀ ସୁଶୀଲ ପୁଟା, ଆଶୁତୋଷ ମହାକୁର, ଧର୍ମେନ୍ଦ୍ର ରାଏ ତଥା ସ୍ଥାନୀୟ ବନସୁରକ୍ଷା ସମିତି କର୍ମକର୍ତ୍ତା ସହଯୋଗ କରିଥିଲେ।

## ମହିଳା କୃଷକ ଉତ୍ପାଦକ ସଂସ୍ଥାର ବାର୍ଷିକ ଅଧିବେଶନ



ବାର୍ଷିକ ଅଧିବେଶନରେ ଉପସ୍ଥିତ ମହିଳାମାନେ।

ଲୋଇସିଂହା,୩୦।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା କଲେଜ ପଡିଆରେ ମହିଳା କୃଷକ ଉତ୍ପାଦକ ସଂସ୍ଥାର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସ୍ଥାର ଅଧ୍ୟକ୍ଷା ଅଞ୍ଜଳି ନାଗ ଅଧ୍ୟକ୍ଷତା କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ବ୍ଲକର ୧୨ଟି ପଞ୍ଚାୟତରେ ସଂସ୍ଥା କାର୍ଯ୍ୟ କରୁଛି । ୮ ଶହରୁ ଊର୍ଦ୍ଧ୍ୱ ମହିଳା ସଂସ୍ଥା ଅଂଶୀଦାର ଭାବେ ଜଡିତ ହୋଇ କାର୍ଯ୍ୟ କରୁଛନ୍ତି। ୨୦୨୫ ବେଳକୁ ୩ ହଜାର ମହିଳାଙ୍କୁ ଯୋଡିବାକୁ ଲକ୍ଷ୍ୟ ରହିଥିବା ସେ କହିଥିଲେ। ୨୦୨୨ ଆର୍ଥିକ ବର୍ଷରେ କେବଳ ଧାନ ବ୍ୟବସାୟ କରାଯାଇଥିଲା। ଅଂଶୀଦାରଙ୍କ ଲାଭାନ୍ୱିତ ପାଇଁ ଆଗାମୀ ଦିନରେ ଅନ୍ୟାନ୍ୟ ବ୍ୟବସାୟ ହାତକୁ ନିଆଯିବ ବୋଲି ସେ ସୂଚନା ଦେଇଥିଲେ। ନିର୍ଦ୍ଦେଶିକା ଜୁଲି ପଧାନ ଓ ଇତିଶ୍ରୀ ଦାଶ ଆଗାମୀ ବର୍ଷର ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ସାଧାରଣ ଗୃହିଣୀରୁ ଆଜି ସଫଳ ବ୍ୟବସାୟୀ ହୋଇପାରିଥିବା କ୍ଷିତୀସୂତା ବିଶ୍ୱାଳ ଏହି ଅବସରରେ ତାଙ୍କ ଅନୁଭୂତି ବଖାଣିଥିଲେ। ଅନ୍ତରାଷ୍ଟ୍ରୀୟ ଧାନ ଗବେଷଣା କେନ୍ଦ୍ରର କ୍ଷେତ୍ରକର୍ମଚାରୀ ଦିଲୀପ ରାଉତ ମହିଳା କୃଷକ ଉତ୍ପାଦକ ସଂସ୍ଥାର କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। ଏସ୍‌ସେ ଲାଇଭଲିହୁଡ ଫାଉଣ୍ଡେସନର ପ୍ରକଳ୍ପ ମୁଖ୍ୟ ବିଶ୍ୱରଞ୍ଜନ ପରିଡା ବିଭିନ୍ନ ଦକ୍ଷତାବିକାଶ କାର୍ଯ୍ୟକ୍ରମ ମହିଳା ଉତ୍ପାଦକ ସଂସ୍ଥା ସଦସ୍ୟଙ୍କୁ ଉତ୍ସାହିତ କରିବ ବୋଲି କହିଥିଲେ। ଏହି ଅବସରରେ ୩ ଜଣ ଅଗ୍ରଣୀ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାର୍ଷିକ ଅଧିବେଶନର ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୁମନ୍ତ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ଭେଟିଲା ସରପଞ୍ଚ ସଂଘ

ଦେଓଗାଁ,୩୦।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବିଭିନ୍ନ ଦାବି ନେଇ ରାଜ୍ୟ ସରପଞ୍ଚ ସଂଘ ଭୁବନେଶ୍ୱରରେ ଧାରଣା ଦେଇଛି। ଏହି ପରିପେକ୍ଷୀରେ ଶନିବାର ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସରପଞ୍ଚ ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ସରପଞ୍ଚମାନେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ଅମାତଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରିଥିଲେ। ସରପଞ୍ଚମାନଙ୍କ ବିଭିନ୍ନ ସମସ୍ୟା



ସରପଞ୍ଚ ସଂଘ ଭୁବନେଶ୍ୱରଠାରେ ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ସାକ୍ଷାତ କରୁଛନ୍ତି।

ତଥା ପଞ୍ଚାୟତରେ ଉପୁଜୁଥିବା ସମସ୍ୟାର ସମାଧାନ ପାଇଁ ଆଲୋଚନା କରିଥିଲେ। ଆଗକୁ ପଞ୍ଚାୟତର ବିଭିନ୍ନ ସମସ୍ୟା ସମାଧାନ ଦିଗରେ ସରକାର ପଦକ୍ଷେପ ନେବେ ବୋଲି ମନ୍ତ୍ରୀ ଅମାତ ସୂଚନା ଦେଇଥିଲେ। ଏ ଅବସରରେ ହାତିସରା ସରପଞ୍ଚ କେଲୋ ଡାଙ୍ଗ, ବ୍ରାହ୍ମଣୀଯୋର ସରପଞ୍ଚ ମହେନ୍ଦ୍ର ମଲ୍ଲିକ, ଗାଇବାହାଲ ସରପଞ୍ଚ ତ୍ରିଲୋଚନ ନାଗ, କପିଳେଶ୍ୱର ନାଏକ, ଜୟ ରଣା ପ୍ରମୁଖ ଉପସ୍ଥିତ ଥିଲେ।

## ଶିବ ମହାପୁରାଣ କଥା ପ୍ରବଚନ

ସଇଁତଳା,୩୦।୯(ରାଖାଲ ପ୍ରସାଦ ଶତପଥି)

ବଲାଙ୍ଗୀର ଜିଲା ସଇଁତଳା ବିବିନା ଛକରେ ଥିବା ଶିବା ରାଇସ୍‌ମିଲ ନିକଟରେ ଶନିବାର ଶିବ ମହାପୁରାଣ କଥା ପ୍ରବଚନ ଆରମ୍ଭ ହୋଇଛି। ପୂର୍ବାହ୍ନରେ ଗ୍ରାମର ନୂଆଁବନ୍ଧଠାରୁ ଶତାଧିକ ମହିଳାପୁରୁଷ କଳସରେ ଜଳ ସଂଗ୍ରହ କରି ପ୍ରବଚନସ୍ଥଳକୁ ଆଣିଥିଲେ। ବ୍ୟାସ ଭାବେ ଉତ୍ତରପ୍ରଦେଶ ବୃନ୍ଦାବନ ଧାମର ଅନ୍ତରାଷ୍ଟ୍ରୀୟ ପ୍ରବକ୍ତା ଦିଦି ପୁଷ୍ପାଞ୍ଜଳି ଜୀ ଯୋଗଦେଇଥିଲେ। ପ୍ରଥମ ଦିନ ବାର ଜ୍ୟୋର୍ତିଲିଙ୍ଗ, ବିଧି, ମହାତ୍ମ୍ୟ ବିଷୟରେ ପ୍ରବଚନ ପ୍ରଦାନ କରିଥିଲେ। ଏହି ପ୍ରବଚନ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଅର୍ଜ୍ଜୁନଲାଲ ଅଗ୍ରୱାଲ, ଭୀମସେନ ଅଗ୍ରୱାଲ, ଆନନ୍ଦ ଶଙ୍କର ଅଗ୍ରୱାଲ ଓ ଗୋୟଲ ପରିବାର ଏହି ଶିବ ମହାପୁରାଣ କଥାର ଆୟୋଜନ କରିଛନ୍ତି।



ଶ୍ରଦ୍ଧାଳୁଙ୍କ ଦ୍ୱାରା କଳସ ଶୋଭାଯାତ୍ରା ।

# ମାହାରପାଲିବାସୀଙ୍କ ସହ ଆଲୋଚନା କଲେ ଅଧିକାରୀ

ଲୋଇସିଂହା,୩୦।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ମାହାରପାଲି ଛକରେ ଥିବା ବାଦିମୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ର ନାମ ପରିବର୍ତ୍ତନ କରି ମାହାରପାଲି ଲେଖିବାକୁ ଦାବି ହେଉଛି। ଏନେଇ ମାହାରପାଲି ଗ୍ରାମବାସୀ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଚାଲିଥିବା ଉନ୍ନୟନ କାମକୁ ସେମାନେ ବନ୍ଦ କରି ଦେଇଛନ୍ତି। ଏହାକୁ ନେଇ ଜିଲା ପ୍ରଶାସନର ଚିନ୍ତା ଚଢି ଯାଇଛି। ଅତିରିକ୍ତ ଜିଲା ପ୍ରକଳ୍ପ ଅଧିକାରୀ ତଥା ଅତିରିକ୍ତ ଉପଜିଲାପାଳ ଦାୟିତ୍ୱରେ ଥିବା ତରଣୀ ସୁନାଙ୍କ ଅଧ୍ୟକ୍ଷତାରେ ଲୋଇସିଂହା ତହସିଲରେ ଏକ ବୈଠକ ଆହୂତ ହୋଇଥିଲା। ବୈଠକରେ ତହସିଲଦାର ସଂଘମିତ୍ରା କାଲୋ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ, ଯନ୍ତ୍ରୀ, ଲୋଇସିଂହା ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଏବଂ ମାହାରପାଲି ଗ୍ରାମବାସୀଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲେ। ବୈଠକରେ ମାହାରପାଲି ଗ୍ରାମର ପଞ୍ଚାନନ କାଳସାଏ, ପଞ୍ଚାନନ ଉଦୁରକୁଲିଆ, ସୁଦାମ ଉଦୁରକୁଲିଆ, ଲଳିତ ବାଗଙ୍କ ସହ ୧୦ଜଣିଆ ପ୍ରତିନିଧି



ତହସିଲ ଅଫିସରେ ଅଧିକାରୀମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

**ସ୍ୱାସ୍ଥ୍ୟ କେନ୍ଦ୍ର ନାମ ପରିବର୍ତ୍ତନ ଦାବି ଘଟଣା**

ବୈଠକରେ ଯୋଗଦେଇଥିଲେ। ଉକ୍ତ ପ୍ରତିନିଧି ଦଳ ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ର ନାମ ପରିବର୍ତ୍ତନ କରିବା ନେଇ ଏକ ସ୍ମାରକ ପତ୍ର ପ୍ରଦାନ କରିବା ସହ ନାମକରଣ ପରିବର୍ତ୍ତନ ସମ୍ପର୍କରେ ଯୁକ୍ତି ଉପସ୍ଥାପନା କରାଯାଇଥିଲା। ମାହାରପାଲି ଗଉଁତିଆଙ୍କ ପରିବାର ପକ୍ଷରୁ ଜମିଦାନର ଦସ୍ତାବିଜ ପ୍ରଦାନ କରାଯାଇଥିଲା। ତହସିଲ ପକ୍ଷରୁ ରେକର୍ଡ ଯାଞ୍ଚ ପରେ ମାହାରପାଲି ସୀମାରେ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିବା ଏବଂ ଦାନଜମି ଏବେ ବି ଗଉଁତିଆଙ୍କ ପରିବାର ନାମରେ ଥିବା ଜଣାପଡିଥିଲା। ଗ୍ରାମବାସୀଙ୍କ ଦାବି ଏବଂ ସ୍ଥିତି ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟିକୁ ଆଣିବେ ବୋଲି ଅତିରିକ୍ତ ପ୍ରକଳ୍ପ ଅଧିକାରୀ ସୁନା କହିଥିଲେ। ନାମ ପରିବର୍ତ୍ତନ ସଂକ୍ରାନ୍ତରେ ଜିଲା ପ୍ରଶାସନ ତରଫରୁ ରାଜ୍ୟ ସରକାରଙ୍କୁ ଜଣାଇ ଦିଆଯିବ ବୋଲି କହିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଚାଲିଥିବା ଉନ୍ନୟନ କାମକୁ ବାଧ ନ ଦେବାକୁ ପ୍ରଶାସନିକ ଅଧିକାରୀମାନେ ଗ୍ରାମବାସୀଙ୍କୁ କହିଥିଲେ। ନୂତନ ସ୍ୱାସ୍ଥ୍ୟ କେନ୍ଦ୍ର କାମ ଚାଲିବ, ବର୍ତ୍ତମାନ ସମୟରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ବାଦିମୁଣ୍ଡା ବଦଳରେ ମାହାରପାଲି ନାମ ପରିବର୍ତ୍ତନ ନହେଲେ ପୁଣି ଆନ୍ଦୋଳନ ତୀବ୍ରତର ହେବ ବୋଲି ଉପସ୍ଥିତ ପ୍ରତିନିଧି ପ୍ରକାଶ କରିଛନ୍ତି।

**ବିନିକା ଉଚ୍ଚ ବାଳକ ବିଦ୍ୟାଳୟରେ ଯୋଗ ଶିବିର**

ବିନିକା,(ରାମ ଗୋପାଳ ବାଘ): ସୁବର୍ଣ୍ଣପୁର ଜିଲା ବିନିକା ଉଚ୍ଚ ବାଳକ ବିଦ୍ୟାଳୟରେ ଶନିବାର ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ପ୍ରଧାନଶିକ୍ଷକ ନୀଳାଚଳ ମେହେର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ୱେଚ୍ଛାସେବୀ ଦୀପାନ୍ତରୀ ମହାରଣା, ସମ୍ମାନିତ ଅତିଥି ଭାବେ ଦିପ୍ତୀରଞ୍ଜନ କର୍ଣ୍ଣ, ଅଶ୍ୱିନୀ ନାୟକ ଯୋଗଦେଇ ବିଭିନ୍ନ ପ୍ରକାର ଯୋଗ ଶିକ୍ଷା ଦେଇ ଏହାର ଉପକାରିତା ବିଷୟରେ କହିଥିଲେ। ଆୟୋଜକ ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ବିନ୍ଦୁ ଲୋହାର ଓ ଶିକ୍ଷକ ସୂର୍ଯ୍ୟନାରାୟଣ ସାହୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଛାତ୍ର ଅଂଶଗ୍ରହଣ କରିଥିଲେ। ସ୍କୁଲର ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

**ସଂକ୍ଷେପରେ**

## ସହଲା ସରପଞ୍ଚ ନିର୍ବାଚନ ଅସିଦ୍ଧ ଘୋଷଣା

**ସତ୍ୟପାଠରେ ପ୍ରକୃତ ତଥ୍ୟ ନ ଦେଇ ମତଦାତାଙ୍କୁ କରିଥିଲେ ପ୍ରଭାବିତ**

ସୋନପୁର,୩୦।୯(ମୃତ୍ୟୁଞ୍ଜୟ ଶତପଥୀ)

ରାମପୁର ସିଭିଲ ଜଜ୍ ଜୁନିୟର ଡିଭିଜନ ଅରୁଣିମା ଦାଶ ଏକ ମାମଲାର ବିଚାର କରି ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସହଲା ପଞ୍ଚାୟତର ସରପଞ୍ଚ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବା ସହ ପଦ ଶୂନ୍ୟତା ନିର୍ଦ୍ଦେଶ ଦେଇଛନ୍ତି। ଗତ ୨୦୨୨ ପଞ୍ଚାୟତ ନିର୍ବାଚନରେ ପାଟୁଆରି ପଧାନ ସରପଞ୍ଚ ଭାବେ ବିଜୟ ଲାଭ କରିଥିଲେ। ମାତ୍ର ସେ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରିଥିବା ସତ୍ୟପାଠରେ ନିଜର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ପ୍ରକୃତ ତଥ୍ୟ ପ୍ରଦାନ କରି ନ ଥିଲେ। ତେଣୁ ମିଥ୍ୟା ତଥ୍ୟ ପ୍ରଦାନ କରି ପଞ୍ଚାୟତର ମତଦାତାଙ୍କୁ ପ୍ରଭାବିତ କରି ବିଜୟ ଲାଭ କରିଥିବା ନେଇ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ହରିବନ୍ଧୁ ପଧାନ ରାମପୁର ସିଭିଲ ଜଜ୍ ଜୁନିୟର ଡିଭିଜନଙ୍କ କୋର୍ଟରେ ମାମଲା ଦାଏର କରିଥିଲେ। ରାମପୁର କୋର୍ଟରେ ୧/୨୦୨୨ ମୂଳେ ନିର୍ବାଚନ ମାମଲା ବିଚାରାଧୀନ ଥିଲା। ବିଚାରପତି ଦାଶ ଉଭୟ ପକ୍ଷର ସାକ୍ଷ୍ୟ ଓ କାଗଜାତକୁ ନେଇ ଗତ ୨୬ ତାରିଖରେ ଓଡିଶା ଗ୍ରାମ ପଞ୍ଚାୟତ ଆଇନର ୨୫(୧)(ଡବ୍ଲ୍ୟୁ) ଅନୁଯାୟୀ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ ପାଇବା ପରେ ଜିଲା ପ୍ରଶାସନ ପରବର୍ତ୍ତୀ ପଦକ୍ଷେପ ନେବ ଓ ଏ ସମ୍ପର୍କରେ ରାଜ୍ୟ ନିର୍ବାଚନ କମିଶନଙ୍କୁ ଅବଗତ କରିବ ବୋଲି ଜଣାପଡିଛି।

# ଚାଉଳ ନ ପାଇବାରୁ ହିତାଧିକାରୀଙ୍କ ବିକ୍ଷୋଭ

ବଘିଆପଡା,୩୦।୯(ଶ୍ରୀକାନ୍ତ ସାହୁ)



ଚାଉଳ ଯୋଗାଣ ଦାବିରେ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ହିତାଧିକାରୀଙ୍କ ଧାରଣା।

ବୌଦ୍ଧ ଜିଲା ବୌଦ୍ଧ ବ୍ଲକ ଟିକରପଡା ଗ୍ରାମ ପଞ୍ଚାୟତର ହିତାଧିକାରୀମାନେ ଚାଉଳ ନ ପାଇବା ପ୍ରତିବାଦରେ ଶନିବାର ଦିନ ପଞ୍ଚାୟତ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ବିକ୍ଷୋଭ କରିବା ସହ ଧାରଣାରେ ବସିଥିଲେ ।

ମିଳିଥିବା ସୂଚନା ମୁତାବକ, ଟିକରପଡା ପଞ୍ଚାୟତର ବିରିଗଡ, ଜାମୁଖୋଲ, ବହଲପଡା, ବୁରଗୋରା, ଟିକରପଡା ବରପଦର, ମଲିକପଡା ଆଦି ଗ୍ରାମର ଗରିବ ହିତାଧିକାରୀମାନଙ୍କୁ ୨-୩ ମାସ ହେବ ଚାଉଳ ଦିଆଯାଇ ନାହିଁ। ହିତାଧିକାରୀମାନଙ୍କ ଅଭିଯୋଗ କେତେଜଣ ହିତାଧିକାରୀଙ୍କୁ ଚାଉଳ ଦିଆଯାଉଥିବା ବେଳେ ଅନ୍ୟ ହିତାଧିକାରୀମାନେ ଚାଉଳ ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଲେ ବିଭିନ୍ନ ଆଳ ଦେଖାଇ ଫେରାଇ ଦିଆଯାଉଛି । ଫଳରେ ଶନିବାର ସକାଳେ ଶତାଧିକ ମହିଳା ଓ ପୁରୁଷ ହିତାଧିକାରୀ

**ପଞ୍ଚାୟତ ଫାଟକରେ ତାଲା ପକାଇ ଧାରଣାରେ ବସିଲେ**

ଟିକରପଡା ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ଚାଉଳ ଦେବାକୁ ଜିଦ କରିଥିଲେ। କିନ୍ତୁ ସେମାନଙ୍କୁ ଚାଉଳ ଦିଆଯାଇ ନ ଥିଲା। ଫଳରେ ହିତାଧିକାରୀମାନେ ତାଲା ପକାଇ ବିକ୍ଷୋଭ କରିଥିଲେ। ଏପରି କି ଫାଟକରେ ତାଲା ପକାଇ ସରପଞ୍ଚଙ୍କ ସ୍ୱାମୀ, ଯୋଗଣ ସହାୟକ ଓ ପିଅନଙ୍କୁ ଅଟକ ରଖିଥିଲେ। ଦୀର୍ଘ ୫ ଘଣ୍ଟା ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ଯୋଗଣ ନିରୀକ୍ଷକ ବିପିନ ବିହାରୀ ମହାପାତ୍ର ଘଟଣାସ୍ଥଳକୁ ଏକ ଟ୍ରକରେ ଚାଉଳ ନେଇ ପହଞ୍ଚିଥିଲେ। ଯୋଗଣ ନିରୀକ୍ଷକ ମହାପାତ୍ର ଯେଉଁ ହିତାଧିକାରୀ ଚାଉଳ ପାଇନାହାନ୍ତି ସେମାନଙ୍କୁ ରବିବାର ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ହିତାଧିକାରୀ ଧାରଣାରୁ ଓହରି ଫାଟକରୁ ତାଲା ଖୋଲିଥିଲେ। ଅନ୍ୟପକ୍ଷରେ ହିତାଧିକାରୀଙ୍କ ଚାଉଳ କୁଆଡେ ବିକ୍ରି କରି ଦିଆଯାଇଥିବାରୁ ଏଭଳି ସମସ୍ୟା ଉପୁଜିଥିବା ନେଇ ଚର୍ଚ୍ଚା ହେଉଛି। ତୁରନ୍ତ ଉଚ୍ଚ କର୍ତ୍ତୃପକ୍ଷ ଏହାର ତଦନ୍ତ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ବୌଦ୍ଧରେ ରାଜ୍ୟସ୍ତରୀୟ ବାସ୍କେଟ ବଲ ପ୍ରତିଯୋଗିତା ଉଦ୍‌ଘାଟିତ

ବୌଦ୍ଧ,୩୦।୯(ଅଜିତ କୁମାର ବାରିକ)

ରାଜ୍ୟ ବିଦ୍ୟାଳୟ ସମୁହ କ୍ରୀଡା ସଂଗଠନ ଓ ଜିଲା ବିଦ୍ୟାଳୟ କ୍ରୀଡା ସଂଗଠନ ମିଳିତ ଆନୁକୂଲ୍ୟରେ ବୌଦ୍ଧର ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ଠାରେ ରାଜ୍ୟସ୍ତରୀୟ ଦୁଇଦିନିଆ ବାସ୍କେଟ ବଲ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁରଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟଭଞ୍ଜନ ମଦନ ମୋହନ ପାତ୍ର ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ସହିତ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ଅତିଥି ଭାବରେ ଓଡ଼ିଶା ରାଜ୍ୟ କ୍ରୀଡା ସମୁହ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ କୈଳାଶ ଚନ୍ଦ୍ର ପ୍ରଧାନ, ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଏସଡିପିଓ କୈଳାଶ ଚନ୍ଦ୍ର ସେଠୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ପ୍ରମୁଖ ଉପସ୍ଥିତ ଶିକ୍ଷା ସହିତ କ୍ରୀଡାର ବିକାଶ ଛାତ୍ରୀଛାତ୍ରଙ୍କ ପାଇଁ ଅଧିକ ଗୁରୁତ୍ୱ ରଖେ ବୋଲି ପ୍ରକାଶ କରିଥିଲେ। ଏହି ପ୍ରତିଯୋଗିତାରେ ବିଭିନ୍ନ ଜିଲାରୁ ୧୫ ଗୋଟି ଦଳ ଅଂଶଗ୍ରହଣ କରିଥିବା ବେଳେ ବାଳିକା ବିଭାଗରେ ୬ ଗୋଟି ଦଳ ଓ ବାଳକ ବିଭାଗରେ ୯ ଗୋଟି ଦଳ ଅଂଶଗ୍ରହଣ କରିଛନ୍ତି। ଯେଉଁ ଦଳ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିବେ ସେମାନେ ଜାତୀୟ ସ୍ତରରେ ମହାରାଷ୍ଟ୍ରର ମୁମ୍ବାଇଠାରେ ଆୟୋଜିତ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ପ୍ରଥମଥର ପାଇଁ ବୌଦ୍ଧ ଜିଲାରେ ରାଜ୍ୟସ୍ତରୀୟ ବାସ୍କେଟ ବଲ ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବା ବେଳେ ଜିଲାର ଖେଳାଳିମାନେ ଏହାକୁ ନେଇ ଖୁସି ବ୍ୟକ୍ତ କରିଛନ୍ତି। ଜିଲା ଶିକ୍ଷା ବିଭାଗ ପକ୍ଷରୁ ଖେଳାଳି ମାନଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯାଇଛି। ଖେଳ ଶିକ୍ଷକ ଜିତେନ୍ଦ୍ରିୟ ହୋତା ମଞ୍ଚ ପରିଚାଳନା କରିଥିବା ବେଳେ ଜିଲାର ସମସ୍ତ କ୍ରୀଡା ଶିକ୍ଷକ ଖେଳ ପରିଚାଳନାରେ ସହଯୋଗ କରୁଛନ୍ତି। ଜିଲା କ୍ରିଡା ନିରୀକ୍ଷକ ଆନନ୍ଦ କୁମାର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।




ବାସ୍କେଟବଲ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ଅତିଥି।

# ଗ୍ରାମରେ ପହଞ୍ଚିଲା ସ୍ୱାସ୍ଥ୍ୟ ବିଭାଗ ଟିମ୍

ଅମରପାଲି,୩୦।୯(ପୀତାମ୍ବର ସାହୁ)



ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରାରେ ଝାଡ଼ାବାନ୍ତି ବ୍ୟାପି ପ୍ରାୟ ୫୦ରୁ ଅଧିକ ଆକ୍ରାନ୍ତ ହୋଇଥିବା ବେଳେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା। ଏନେଇ ଶନିବାର ଖବର ପ୍ରକାଶ ପାଇବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗର ଟିମ୍ ପହଞ୍ଚି ଲୋକଙ୍କୁ ସଚେତନ କରାଇବା ସହିତ ଚିକିତ୍ସା ମଧ୍ୟ କରିଛନ୍ତି। ଏପରି କି ଡ଼ାକବାଜି ଯନ୍ତ୍ର ବ୍ୟବହାର କରି ଗ୍ରାମର ଲୋକଙ୍କୁ ସଚେତନ କରାଯାଇଛି। ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ ଓ ଏଏନଏମ ମିଶି ଗ୍ରାମରେ ବ୍ଲିଚିଂ ପାଉଡର ପକାଇଛନ୍ତି। ଏନେଇ ଗ୍ରାମରେ ଲୋକଙ୍କୁ ଡାକି ଏକ ସଭା କରାଯାଇଥିଲା। ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡା. ସ୍ୱପ୍ନେଶ୍ୱର ବେହେରାଙ୍କ ନେତୃତ୍ୱରେ ଆଇଟିଏସପି ଡା. ରମେଶ ଚନ୍ଦ୍ର ସ୍ୱାଇଁ, ସୁପରଭାଇଜର ପ୍ରମୋଦ ସାହୁ, ପିଏଚଓ ସ୍ୱର୍ଣ୍ଣପ୍ରଭା କୁଏଡ, ଏମପିଏଚଏସ ଆଲୋକ ସେଠ, ସ୍ୱାସ୍ଥ୍ୟ କର୍ମୀ ବିଶ୍ମିତା ପାତ୍ର ପ୍ରମୁଖ କମିରା ଗ୍ରାମକୁ ଯାଇ ସଭା କରିଥିଲେ। ଲୋକଙ୍କୁ ଡ଼ାଇରିଆ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ସଚେତନ କରାଯାଇଥିଲା। ପରେ ଟିମ୍ ଗ୍ରାମକୁ ଯୋଗାଣ ହେଉଥିବା ପାନୀୟ ଜଳ ପ୍ରକଳ୍ପକୁ ଯାଇ ଦେଖିଥିଲେ। ପାଇପ ଫାଟି ଥିବାରୁ ଦୂଷିତ ପାଣି ବ୍ୟବହାର ଯୋଗୁ ଝାଡ଼ାବାନ୍ତି ବ୍ୟାପୁଥିବା ଜାଣିବାକୁ ପାଇଥିଲେ। ତେଣୁ ଏହି ପାନୀୟ ଜଳ ଯୋଗାଣକୁ ବନ୍ଦ କରାଯିବା ସହ ଜଳ ନମୁନା ସଂଗ୍ରହ କରାଯାଇଥିଲା। ଏବେ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

**କମିରାରେ ଝାଡ଼ାବାନ୍ତି ବ୍ୟାପିବା ଘଟଣା**

- ଦୂଷିତ ପାଇପ ପାଣି ଯୋଗୁ ବ୍ୟାପିଛି ଝାଡ଼ାବାନ୍ତି
- ବନ୍ଦ କରାଗଲା ପାଇପ ଜଳ ଯୋଗାଣ

## ଦୁର୍ଗାପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପନ

ଅମରପାଲି,୩୦।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ରଥପୁର ଦୁର୍ଗାପୂଜା କମିଟି ଆନୁକୂଲ୍ୟରେ ହେବାକୁ ଥିବା ୩ ୟ ସାର୍ବଜନୀନ ଦୁର୍ଗାପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପନ ହୋଇଯାଇଛି। ଏହି ଅବସରରେ କମିଟିର ସଭାପତି ରାଜୀବ ଖେତି, ସମ୍ପାଦକ ମଳୟ କୁମାର ଅମାତ, କୋଷାଧ୍ୟକ୍ଷ ପ୍ରଫୁଲ୍ଲ ଗାଇଗରିଆ, ସଭ୍ୟ ଅନନ୍ତ ପଣ୍ଡା, ପୂଜକ ପ୍ରସନ୍ନ ପଣ୍ଡା ଓ କମିଟି ର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଚଳିତବର୍ଷ ଆସନ୍ତା ୨୦ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଯାତ୍ରାର ବିଭିନ୍ନ ଦିବସରେ ସୁନ୍ଦରାକାଣ୍ଡ ପାରାୟଣ, ଭଜନ ସନ୍ଧ୍ୟା, କୀର୍ତ୍ତନ ବୈଠକୀ, କୃଷ୍ଣଗୁରୁ ଭଜନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିସହିତ ପ୍ରତିଦିନ ସନ୍ଧ୍ୟାରେ ରାବଣ ଦରବାର ଅନୁଷ୍ଠିତ ହେବ। ଦରବାରରେ ବିଭିନ୍ନ ବିଭାଗର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ରାଜ ଅତିଥି ଭାବେ ଯୋଗ ଦେବେ। ଏହାଛଡା ମୀନାବଜାର ଓ ରାବଣ ପୋଡ଼ି କାର୍ଯ୍ୟକ୍ରମ ମଧ୍ୟ କରାଯିବାର ଅଛି।

## ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ସୋନପୁର,୩୦।୯(ମୃତ୍ୟୁଞ୍ଜୟ ଶତପଥୀ)

**ଅଙ୍ଗଦାନ କରିବାକୁ ସଂକଳ୍ପ ନେଲେ ସ୍ୱେଚ୍ଛାସେବୀ**

ସୁବର୍ଣ୍ଣପୁର ଜିଲା ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଚେତନତା ଶୋଭାଯାତ୍ରାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ରାମଶଙ୍କର ତ୍ରିପାଠୀଙ୍କ ସମେତ ନାରାୟଣପୁର ସରପଞ୍ଚ ପ୍ରମୋଦ ଧାରୁଆ, ସାମାଜିକ କର୍ମୀ ଆନନ୍ଦ ଚନ୍ଦ୍ର ଶତପଥୀ, ରଘୁନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ରହି ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ବାହାରି ନାରାୟଣପୁର ଛକ ଯାଏ ଯାଇ ପୁଣି ସିଏଚସିକୁ ଫେରିଥିଲା। ଶୋଭାଯାତ୍ରା ସହିତ ସ୍ୱେଚ୍ଛାସେବୀମାନେ ରାସ୍ତାର ଉଭୟ ପାର୍ଶ୍ୱରେ ସଫେଇ କାର୍ଯ୍ୟ କରିଥିଲେ। ସୋନପୁରର ଅଗ୍ରଣୀ ନାଟକ, ସାହିତ୍ୟ ଓ ସମାଜସେବା ଅନୁଷ୍ଠାନ ନାଟର କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଭାଗ ନେବା ସହ ସ୍ୱେଚ୍ଛାସେବୀଙ୍କୁ ଟି-ଶାର୍ଟ ବଣ୍ଟନ କରିଥିଲେ। ଏହି ଅବସରରେ ସ୍ଥାନୀୟ ନାରାୟଣପୁର ଆମଡ଼େକର କ୍ଲବର ସଦସ୍ୟ ଆଶିଷ ଚନ୍ଦ୍ର ତାଣ୍ଡି, ହିମାଂଶୁ ଶେଖର ତାଣ୍ଡି, ସୁନୀଲ ବାରିକ, ଲୋକନାଥ ମହାନନ୍ଦ ଚକ୍ଷୁଦାନ ଏବଂ ପୃଥ୍ୱୀରାଜ ତାଣ୍ଡି କିଡ୍‌ନୀ ଦାନ କରିବା ପାଇଁ ସଂକଳ୍ପ ନେଇଥିଲେ। ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ ଏବଂ ବିପିଏମ ପ୍ରିୟ ରଞ୍ଜନ ସାହୁ କାର୍ଯ୍ୟକ୍ରମ ଆୟୋଜନରେ ବିଶେଷ ଭୂମିକା ନିର୍ବାହ କରିଥିଲେ।




ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରୁଛି।

## ବୀରମହାରାଜପୁରରେ ସ୍ୱଚ୍ଛ ଭାରତ ପକ୍ଷ ପାଳିତ



ଅମରପାଲି,୩୦।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟଠାରେ ସ୍ୱଚ୍ଛତା ପକ୍ଷ ଅବସରରେ ଏକ ସଚେତନତା ଶୋଭାଯାତ୍ରା ଓ ଶପଥପାଠ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅକ୍ଟୋବର ୧ ତାରିଖରେ ୨ ଘଣ୍ଟା ଶ୍ରମଦାନ କରି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ହୋଇ ଭାରତବର୍ଷକୁ ସ୍ୱଚ୍ଛତାର ଦେଶ ଭାବେ ଗଢି ତୋଳିବାକୁ ଆହ୍ୱାନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଉକ୍ତ ଦିନ ଡାକ୍ତରଖାନା ପରିସରକୁ ସମସ୍ତ କର୍ମଚାରୀ ଏବଂ ସ୍ୱେଚ୍ଛାସେବୀ ମିଳିତ ଭାବେ ସ୍ୱଚ୍ଛ କରିବାକୁ ଉପଖଣ୍ଡ ଡାକ୍ତରଖାନାର ଅଧୀକ୍ଷକ ଡା. ସ୍ୱପ୍ନେଶ୍ୱର ବେହେରାଙ୍କ ନେତୃତ୍ୱରେ ଶପଥ ପାଠ କରାଯାଇଛି। ପ୍ରଥମେ ଅଧୀକ୍ଷକଙ୍କ ନେତୃତ୍ୱରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଡାକ୍ତରଖାନା ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସ୍ୱର୍ଣ୍ଣପ୍ରଭା କୁଏଡଙ୍କ ତତ୍ତ୍ୱାବଧାନରେ ଆୟୁଷ ଡାକ୍ତର ପ୍ରଣବ ମହାପାତ୍ର, ବିପିଏମ ମହେନ୍ଦ୍ର ମିଶ୍ର, ହିସାବ ରକ୍ଷକ ଅବିନାଶ ହୋତା, ପୁରୁଷ ସ୍ୱାସ୍ଥ୍ୟ ପରିଦର୍ଶକ ଆଲୋକ କୁମାର ସେଠ, ଖେଳାନିଧି ପଧାନଙ୍କ ସମେତ ବହୁ ଆଶାକର୍ମୀ ଯୋଗ ଦେଇଥିଲେ। ସେହିପରି ବ୍ଲକ ପରିସର ରେ ସ୍ୱଚ୍ଛ ଭାରତ ମିଶନ ତରଫରୁ ବିଡିଓ ମୋତିଲାଲ ସୁଲିଆଙ୍କ ନେତୃତ୍ୱରେ ବ୍ଲକର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ।

# କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକୋ

ଉଲୁଣ୍ଡା,୩୦।୯(ଉରୁକ୍ରମ ପାଣ୍ଡିଆ)



ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ସୋନପୁର ମୁଖ୍ୟ ରାସ୍ତାର ପେଟ୍ରୋଲ ପମ୍ପ ଛକଠାରେ ଶୁକ୍ରବାର ରାତ୍ରିରେ ଏକ ସଡ଼କ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ମୃତକ ହେଲେ ପଞ୍ଚମହଲା ପଞ୍ଚାୟତ ବରପଦର ଗ୍ରାମର ନିରଞ୍ଜନ ପଧାନ। ଏହି ଦୁର୍ଘଟଣାକୁ ନେଇ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରି ଶନିବାର ଅପରାହ୍ନ ୨ଟାରୁ ସାଢେ ୫ଟା ପର୍ଯ୍ୟନ୍ତ ସ୍ଥାନୀୟ ଲୋକେ ପେଟ୍ରୋଲ ପମ୍ପ ଛକଠାରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଫଳରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା । ସୂଚନା ଅନୁସାରେ ଶୁକ୍ରବାର ରାତିରେ ନିରଞ୍ଜନ ଉଲୁଣ୍ଡାରୁ ନିଜ ଘରକୁ ବାଇକ୍ ( ନଂ ଓଡି୩୧ଇ ୪୯୦୬)ରେ ଏକୁଟିଆ ଫେରୁଥିବା ବେଳେ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ଏକ ମିକ୍ସଚର ମେଶିନରେ ପିଟି ହୋଇ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। କ୍ଷତିପୂରଣ ଦାବିରେ ରାସ୍ତାରୋକୋ ହେବା ଖବର ପାଇ ତହସିଲଦାର ଦିଲିପ ମାଝୀ, ଆଇଆଇସି ପଞ୍ଚାନନ ନାଏକ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ରେଡ୍‌କ୍ରସରୁ ୧୦ହଜାର, ପଞ୍ଚମହଲା ସରପଞ୍ଚ ଅଶୋକ ପଣ୍ଡା ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି କୃତ୍ତିବାସ ମିଶ୍ର ୧୦ ହଜାର ଦେବା ସହ ଫେମିଲି ବେନିଫିଟ ପାଇଁ ୨୦ ହଜାର ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

## କୋଶଲି ସଂସ୍କୃତି ଦିନ ପାଳିତ

ଘଣ୍ଟାପଡ଼ା,୩୦।୯(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ପଲଶାଗୋରା ଫଲଶାଫୁଲ କଲାପଟା କମିଟି ତରଫରୁ କୋଶଲି ବାଲ୍ମୀକି ଇନ୍ଦ୍ରମଣି ସାହୁଙ୍କ ୧୦୦ତମ ଜୟନ୍ତୀ ସହ କୋଶଲି ସଂସ୍କୃତି ଦିନ ସ୍ଥାନୀୟ ଶିଶୁମନ୍ଦିରଠାରେ ପାଳିତ ହୋଇଯାଇଛି । କମିଟିର ସଦସ୍ୟମାନେ କୋଶଲି ବାଲ୍ମୀକିଙ୍କ ଫଟୋଚିତ୍ରରେ ପୁଷ୍ପ ଦେଇ ପୂଜା କରିଥିଲେ । ପରେ ସମ୍ପାଦକ ପ୍ରଭାତ କୁମାର ଖମାରୀ କୋଶଲି ବାଲ୍ମୀକି ଇନ୍ଦ୍ରମଣି ସାହୁଙ୍କ ଜୀବନୀ ଓ ଉକ୍ତ ଦିନ ପାଳନ ବିଷୟରେ ବକ୍ତବ୍ୟ ରଖିଥିଲେ। କମିଟି ସଭାପତି ଅଜିତ ଗିରି, ବରିଷ୍ଠ ସଦସ୍ୟ ରାଜକିଶୋର ସାହୁ, ସଞ୍ଜୀବ ପ୍ରହରାଜ, ଇଶ୍ୱର ଚନ୍ଦ୍ର ସାହୁ, ଶିଶୁମନ୍ଦିର ପ୍ରଧାନ ଗୁରୁଜୀ ହେମନ୍ତ ପୁଟେଲ, ସହ ସମ୍ପାଦକ ଅଂଶୁମାନ କର୍ମୀ, ରଞ୍ଜନ ପାତ୍ର, ଜଗନ୍ନାଥ ମହାପାତ୍ର, ଦିଲେଶର ରଣା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ଶ୍ରୀରାମ ମହାବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଡୁଙ୍ଗୁରିପାଲି,୩୦।୯(ଦୀନବନ୍ଧୁ ସୁନା)



ବିଦାୟ ସମ୍ବର୍ଦ୍ଧନା ସଭାରେ ଅତିଥି ବୃନ୍ଦ।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁରସ୍ଥିତ ଶ୍ରୀରାମ ମହାବିଦ୍ୟାଳୟରେ ଅଧ୍ୟକ୍ଷ ତରଣୀସେନ ବେହେରାଙ୍କ ସଭାପତିତ୍ୱରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ସୁରେନ୍ଦ୍ର କୁମାର ହୋତା ଏବଂ ଗ୍ରନ୍ଥାଗାର ସହାୟକ ରମେଶ ଚନ୍ଦ୍ର ଦଣ୍ଡସେନା ନିଜ ଚାକିରୀ ଜୀବନରୁ ଅବସର ନେଇଛନ୍ତି। ସେମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେବା ପାଇଁ ଆୟୋଜିତ ଏହି ସଭାରେ ପରିଚାଳନା ପରିଷଦର ସଭାପତି ରମେଶ ଚନ୍ଦ୍ର ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦାୟୀ କର୍ମଚାରୀଦ୍ୱୟଙ୍କ ଦକ୍ଷତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବରେ ପ୍ରାକ୍ତନ ଇଂରାଜୀ ବିଭାଗ ପ୍ରାଧ୍ୟାପକ ଦୁର୍ଗା ପ୍ରସାଦ ସାହୁ ଯୋଗ ଦେଇଥିଲେ। କର୍ମଚାରୀ ସଂଘର ସମ୍ପାଦକ ଡ. ଲିଙ୍ଗରାଜ ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଦୁଇଜଣ ବିଦାୟୀ କର୍ମଚାରୀଙ୍କୁ ମାନପତ୍ର ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଟିକେଚାନ୍ଦ ବାଗ ମାନପତ୍ର ପାଠ କରିଥିଲେ। ଅଧ୍ୟାପକ ମଧୁସୂଦନ ରଥ, ମୀନକେତନ ପାତ୍ର, ଗ୍ରନ୍ଥାଗାରିକ ଆନନ୍ଦ ପଧାନ, ଡ. ରବିନାରାୟଣ ତ୍ରିପାଠୀ, ବିଶ୍ୱନାଥ ପାଢ଼ୀ, ଟିକେଚାନ୍ଦ ବାଗ, ଡ. ଦିଲିପ କୁମାର ସାହୁ, ଡ. ଗୁଣନିଧି ବାରିକ, ଦେବେନ୍ଦ୍ର ଭୁଏ ବକ୍ତବ୍ୟ ରଖିଥିଲେ। ଶେଷରେ ଅଧ୍ୟାପକ ସତ୍ୟବନ୍ତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅଧ୍ୟାପକ ଲମ୍ବୋଦର ପ୍ରଧାନ, ମିଳନ କୁମାର ବର୍ଗେ, ମାର୍କଣ୍ଡ ପୁଟେଲ, ଅଜିତ ବେହେରାଙ୍କ ସମେତ ଅଣଶିକ୍ଷକ କର୍ମଚାରୀ ସୁରେଶ ମେହେର, ଭବାନୀ ଶଙ୍କର ପ୍ରଧାନ, ରଶ୍ମିତା ମହାଲିଙ୍ଗ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ ପୋଷଣ ମାସ ପାଳନ ଉତ୍ସବ

ଡୁଙ୍ଗୁରିପାଲି,୩୦।୯(ଦୀନବନ୍ଧୁ ସୁନା)




ପୋଷଣ ମାସ ଓ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ପାଳନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟଠାରେ ବ୍ଲକସ୍ତରୀୟ ପୋଷଣ ମାସ ପାଳନ ଉତ୍ସବ ଓ ଶିଶୁପାଇଁ ଦିନଟିଏ କାର୍ଯ୍ୟକ୍ରମ ଶନିବାର ପାଳନ କରାଯାଇଛି। ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଡୁଙ୍ଗୁରିପାଲି ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ ମୁଖ୍ୟଅତିଥି ଓ ଏବିଡ଼ିଓ ଆନନ୍ଦ ଚନ୍ଦ୍ର ମିଶ୍ର, ସିଏଚଓ ଡ. ରଶ୍ମିରେଖା ମହନ୍ତ, ପ୍ରକାଶ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସିଡିପିଓ ଜୟନ୍ତୀ ଗଡତିଆ ସଭାପତିତ୍ୱ କରିଥିଲେ। କିଶୋରୀ ବାଳିକା, ଗର୍ଭବତୀ ମହିଳା, ପ୍ରସୂତି ମହିଳା, ଜନ୍ମ ଠାରୁ ୬ ମାସ ଶିଶୁ କେଉଁ କେଉଁ ଖାଦ୍ୟ ଖାଇବା ଦରକାର ସେ ସମ୍ପର୍କରେ ମଞ୍ଚାସୀନ ଅତିଥିମାନେ କହିଥିଲେ। ଶିଶୁ ପାଇଁ ଦିନ ଟିଏ ଦିବସ ପାଳନ କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା, ଉଚ୍ଚ ଶିକ୍ଷା, ମିଶନ ବାତ୍ସଲ୍ୟ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଡୁଙ୍ଗୁରିପାଲି ବ୍ଲକ ଅଧୀନ ୨୬ଟି ଗ୍ରାମ ପଞ୍ଚାୟତର ଅଙ୍ଗନୱାଡି କର୍ମୀମାନେ ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ କିସମର ଖାଦ୍ୟ ପଦାର୍ଥ, ପିଠାପଣା, ଫଳମୂଳ ପ୍ରଦର୍ଶନୀ କରିଥିଲେ। ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ଖାଇବା ଦ୍ୱାରା ମଧୁମେହ ରୋଗ, କିଡ୍‌ନୀ, ହାର୍ଟ, ରକ୍ତହୀନତା, ଇତ୍ୟାଦି ରୋଗ ଦୂର ହୁଏ ବୋଲି ଏହି କାର୍ଯ୍ୟକ୍ରମରେ ଅତିଥିମାନେ ଆଲୋଚନା କରି ବୁଝାଇଥିଲେ। କର୍ମୀମାନେ ଏହି ପୋଷଣ ମାସ ପାଳନ ଅବସରରେ କମ୍ ଓଜନ ଥିବା ଶିଶୁର ଖାଦ୍ୟ ମାଣ୍ଡିଆରେ ପ୍ରସ୍ତୁତ କରି ପରିଦର୍ଶନ କରିଥିଲେ। ସ୍ୱାସ୍ଥ୍ୟବାନ ଶିଶୁମାନଙ୍କୁ ପୁରସ୍କୃତ କରାଯାଇଥିଲା । ସହଲା ଗ୍ରାମର କିଶୋରୀ ବାଳିକାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହାଛଡା କୃତି ପ୍ରତିଯୋଗୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଦର୍ଶନୀରେ ସମସ୍ତ ସୁପରଭାଇଜର ଉପସ୍ଥିତ ଥିଲେ। ଗ୍ରାମାଞ୍ଚଳର ବହୁ ସଂଖ୍ୟକ ମହିଳା ଯୋଗ ଦେଇଥିଲେ। ଶେଷରେ ପୋଷଣ ବ୍ଲକ ସଂଯୋଜକ ଶିବରାଜ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ରାସ୍ତା କଡ଼ରୁ ଯୁବକଙ୍କ ମୃତଦେହ ଜବତ

ବାଲିଶଙ୍କରା,୩୦।୯( ହୃଦାନନ୍ଦ ବାରିକ): ତଲସରା ଅନ୍ତର୍ଗତ ଡୁମୁଲିଆ ଗ୍ରାମର ଜିଏମ ଢାବା ନିକଟ ରାସ୍ତାକଡରୁ ଶନିବାର ଜଣେ ଯୁବକଙ୍କ ମୃତ ଦେହ ଜବତ ହୋଇଛି। ମୃତକ ହେଲେ ରାଉଲଡେଗା ମିଳନ ଛକର ଦିଲୀପ ମୋଦି (୪୫)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଦିଲ୍ଲୀପ ଉକ୍ତ ଗ୍ରାମର ଜଣେ ବୃଦ୍ଧାଙ୍କୁ ବଳତ୍କାର କରି ଜେଲ ଯାଇଥିଲେ। ଗତ କିଛି ମାସ ହେବ ଜେଲରୁ ବାହାରି ଥିଲେ। ପ୍ରଚୁର ମଦ୍ୟପାନ କରି ସ୍ତ୍ରୀ, ଛୁଆ ପିଲାଙ୍କ ସହ ମାରପିଟ କରି ତାଙ୍କୁ ଘରୁ ବିତାଡିତ କରିଦେଇଥିଲେ। ମଦ୍ୟପାନ କରି ରାତି ସମୟରେ ବୁଲୁଥିବାବେଳେ ରାସ୍ତାକଡରେ ପଡି ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।

### ବିଶ୍ରାରେ ନୂତନ ଥାନା ଅଧିକାରୀଙ୍କ ଯୋଗଦାନ

ନୂଆଗାଁ,୩୦।୯(ବିଜୟତ୍ରିପାଠୀ): ସୁନ୍ଦରଗଡ଼ ଜିଲା ବିଶ୍ରା ଥାନାରେ ନୂତନ ଅଧିକାରୀ ଭାବେ ପ୍ରଦୀପ କୁମାର ନାୟକ ଯୋଗଦେଇଛନ୍ତି। ପ୍ରଦୀପଙ୍କୁ ଶନିବାର ରାଜ୍ୟ ଯୁଗ୍ମ ସମ୍ପାଦକ ତଥା ଏସ୍‌ଡିସି ସଦସ୍ୟ ହିମାଂଶୁ ପଣ୍ଡା, ନୂଆଗାଁ ବ୍ଲକ ଛାତ୍ର ସଭାପତି ମହେନ୍ଦ୍ର ବଡ଼ାଇକ, ଯୁବ ନେତା ଇବ୍ରାହିମ ଆନସାରୀ, ରାମେଶ୍ୱର ଭାଇସଲ ପ୍ରମୁଖ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସ୍ୱାଗତ ଜଣାଇଥିଲେ। ଆଗକୁ ବିଶ୍ରା ଥାନା ଅଞ୍ଚଳରେ କିପରି ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ଲୋକଙ୍କ ସୁରକ୍ଷା ପୋଲିସର କର୍ତ୍ତବ୍ୟ ଏବଂ ଜନସାଧାରଣ ପୋଲିସକୁ ସହଯୋଗ କରିବା ଉଚିତ ବୋଲି ଥାନା ଅଧିକାରୀ କହିଥିଲେ।

### ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ନୂଆଗାଁ,୩୦।୯(ବିଜୟ ତ୍ରିପାଠୀ): ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ପୁରୁଣାପାଣି ପାହାଡ଼ଟୋଲୀ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁଶୀଲା ମୁଣ୍ଡୁ ଓ ବେମତା ସ୍କୁଲର ସହକାରୀ ଶିକ୍ଷକ ସୁରେନ୍ଦ୍ର ସିଂଙ୍କୁ ଶନିବାର ଅବସରକାଳୀନ ବିଦାୟ ଦିଆଯାଇଛି। ଏହି ଅବସରରେ ବ୍ଲକ ଶିକ୍ଷା ଅଧିକାରୀ ସସ୍ମିତା ବେହେରା, ସହକାରୀ ଶିକ୍ଷାଅଧିକାରୀ ବନମାଳୀ ମଲିକ ଯୋଗଦେଇ ଉଭୟ ଶିକ୍ଷଙ୍କୁ ପୁଷ୍ପଗୁଚ୍ଛ ଦେଇ ତାଙ୍କ ଅବସର ଜୀବନ କିଭଳି ଭଲରେ କଟିବ ସେ ନେଇ ଉତ୍ତରତର କାମନା କରିଥିଲେ। ବ୍ଲକ ଶିକ୍ଷକ ସଂଘ ସଭାପତି ଦିଲୀପ ସାହୁ, ସମ୍ପାଦକ ଅଶୋକ ସିଂ, ଶିକ୍ଷକ ନେତା ମଙ୍ଗଳ କେର୍କେଟା, ବିନୋଦ ମାହତ, ପ୍ରହଲ୍ଲାଦ ପଣ୍ଡା, ରାହାଶବିହାରୀ, ଅନଦାଶଙ୍କର ପାଢ଼ୀ ପଣ୍ଡା, ମଧୁସୂଦନ କରିଆଲି ପ୍ରମୁଖ ଉପସ୍ଥିତ ରହି ବିଦାୟୀ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟଦେଇ ସେମାନଙ୍କ ଅବସର ଜୀବନର ସୁଖମୟ କାମନା କରିଥିଲେ।

### ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ନେଇ ଆନ୍ଦୋଳନ ଚେତାବନୀ

ଟିଟିଲାଗଡ଼,୩୦।୯(ଶରତ ମିଶ୍ର)

ଟିଟିଲାଗଡ ଉପଖଣ୍ଡ ସରକାରୀ ମୁଖ୍ୟ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। ଚିକିତ୍ସା ପାଇଁ ଏଠାକୁ ଆସୁଥିବା ରୋଗୀ ସ୍ୱାସ୍ଥ୍ୟ ସୁବିଧା ପାଇବାରେ ସମସ୍ୟା ହେଉଛି। ରୋଗର ପରୀକ୍ଷା କିମ୍ବା ଉପଚାର ବଦଳରେ ଏଠାରୁ ରେଫର କରାଯାଉଛି ବୋଲି ଅଭିଯୋଗ ହେଉଛି। ଏ ନେଇ ପ୍ରଶ୍ନ ଉଠାଇ ଅସନ୍ତୋଷ ଝାଡିଛି ଟିଟିଲାଗଡ ଗରିବ ସେନା। କୁମୁଡା ପାହାଡ ଶୈବପୀଠରେ ସେନା ପକ୍ଷରୁ ଆହୁତ ଏକ ଖବରଦାତା ସମ୍ମିଳନୀରେ ସଂଗଠନ ସଭାପତି ଆଇନଜୀବୀ ବୀରେନ୍ଦ୍ର ବାଗ ଅଭିଯୋଗ କରିଛନ୍ତି ଯେ ଦୀର୍ଘ ଦାବି ପରେ ଏଠାରେ ୬ଜଣ ବିଶେଷଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଥିଲା। ହେଲେ ସେମାନେ ଛୁଟିରେ ଚାଲିଯାଇଛନ୍ତି। ୱାର୍ଡ ଗୁଡିକରେ ରୋଗୀଙ୍କ ପାଇଁ ଜାଗା ନାହିଁ। ଏଭଳି ସ୍ଥଳେ ଶିଶୁଙ୍କୁ ମଧ୍ୟ ବାହାରେ ବାରଣ୍ଡାରେ ରକ୍ତ ତଥା ସାଲାଇନ ଦିଆଯାଉଛି। ଡାକ୍ତର ଅଭାବ ନେଇ ଆଉଟଡୋର ସେବା, ଇନଡୋର ସେବା ପ୍ରଭାବିତ ହେଉଛି। ଜରୁରି ରକ୍ତ ପରୀକ୍ଷା ଏଠାରେ ହେଉନାହିଁ। ୪ ବର୍ଷ ତଳେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ମାତୃ ଓ ଶିଶୁ ଡାକ୍ତରଖାନାକୁ ତୁରନ୍ତ କାର୍ଯ୍ୟକ୍ଷମ କରାଯାଉ ବୋଲି ଖବରଦାତା ସମ୍ମିଳନୀରେ ଦାବି କରାଯାଇଛି।

# ସକାରାତ୍ମକ ମନୋଭାବ, ଧ୍ୟାନ, ଯୋଗରେ ହୃତ୍‌ପିଣ୍ଡ ସୁସ୍ଥ ରହିବ

ସରକାରୀ ମହିଳା କଲେଜରେ ବିଶ୍ୱ ହୃତ୍‌ପିଣ୍ଡ ଦିବସ

ସୁନ୍ଦରଗଡ,୩୦।୯( ଜୟନାରାୟଣ ମେଣ୍ଟୁଲି)



ସୁନ୍ଦରଗଡ ସରକାରୀ ମହିଳା କଲେଜରେ ଶନିବାର ବିଶ୍ୱ ହୃତ୍‌ପିଣ୍ଡ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଅଧ୍ୟକ୍ଷା ଡ.କୁମୁଦିନୀ ରାଉତରାୟ ଅଧ୍ୟକ୍ଷତା କରି ସୁସ୍ଥ ଜୀବନ ଶୈଳୀ, ଚାପମୁକ୍ତ ରହିବା, ହସିବା, ନିୟମିତ ବ୍ୟାୟାମ ଓ ପ୍ରାତଃ ଭ୍ରମଣକୁ ଗୁରୁତ୍ୱ ଦେଲେ ହୃଦରୋଗକୁ ଏଡାଇ ଦିଆଯାଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। କଲେଜର ପ୍ରଶାସନିକ ଅଧିକାରୀ ଡା.ଇନ୍ଦିରା ଗଡନାୟକ ସକରାତ୍ମକ ମନୋଭାବ, ଧ୍ୟାନ ଓ ଯୋଗ ମାଧ୍ୟମରେ ହୃତ୍‌ପିଣ୍ଡ ସୁସ୍ଥ ରହି ପାରିବ ବୋଲି ସୂଚନା ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ମୁଖ୍ୟ ଚିକିତ୍ସାଳୟର ଡ. ଅଦ୍ୱିତୀ ପଟ୍ଟନାୟକ ଯୋଗଦେଇ ହୃଦ୍ ରୋଗର ଲକ୍ଷଣ ଓ ନିରାକରଣ ପାଇଁ ବିଭିନ୍ନ ସତର୍କତା ମୂଳକ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ମୋ'କଲେଜ ଅଭିଯାନର ସଂଯୋଜକ ସହକାରୀ ପ୍ରାଧ୍ୟାପକ ଅଜିତ କୁମାର ସାହୁ ପାୱାର ପଏଣ୍ଟ ମାଧ୍ୟମରେ ହୃତ୍‌ପିଣ୍ଡର ରୂପରେଖ, ହୃଦରୋଗର କାରଣ ନିରାକରଣ ଏବଂ ହୃତପିଣ୍ଡକୁ ସୁସ୍ଥ ରଖିବା ପାଇଁ ଉପଯୁକ୍ତ ଖାଦ୍ୟ ସମ୍ପର୍କରେ ବୁଝାଇଥିଲେ। ଏହାପରେ ଆଲୁମନୀ ସେଲର ଦ୍ୱାରା ଛାତ୍ରୀମାନଙ୍କ ମଧ୍ୟରେ ସାଧାରଣ ଜ୍ଞାନ ଓ ପୋଷ୍ଟର ମେକିଙ୍ଗ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଯୁକ୍ତ ୨ ଛାତ୍ରୀ ସୀମା କିଷାନ, ଯୁଜି ଛାତ୍ରୀ ବନ୍ଦନା ରାଉତ ଓ ଝିନି ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସେହିପରି ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଯୁଜି ଛାତ୍ରୀ ଗାୟତ୍ରୀ କଣ୍ଡ୍ରା, ବର୍ଷା ରାଣୀ ବେସନ ଓ ଯୁକ୍ତ ୨ର ଛାତ୍ରୀ ଶକୁନ୍ତଳା କୁଣ୍ଡୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ। ଅଧ୍ୟାପିକା ଦୀପାନ୍ୱିତା ଜେନା ଧନ୍ୟବାଦ ଦେଇଥିଲେ।

# ପ୍ରାଥମିକ ବିଦ୍ୟାଳୟରେ ମେରି ମିଟି ମେରା ଦେଶ କାର୍ଯ୍ୟକ୍ରମ

ବଡ଼ଗାଁ,୩୦।୯( ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ବରଙ୍ଗାକଛାର ପଞ୍ଚାୟତ ପଟୁଆବେଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ମେରି ମିଟି ମେରା ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳୁ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷା କମିଟିର ସମସ୍ତ ସଦସ୍ୟଙ୍କ ସହିତ ଗ୍ରାମବାସୀ ପ୍ରଭାତଫେରିରେ ମେରୀ ମିଟି ମେରା ଦେଶ ଆଧାରିତ ବିଭିନ୍ନ ଗୀତ ଓ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ଏହାପରେ ସ୍କୁଲ୍‌ରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏ ସମ୍ବନ୍ଧୀୟ ଚିତ୍ରାଙ୍କନ, ବକ୍ତୃତା, ସ୍ଲୋଗାନ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବଡ଼ଗାଁ ବ୍ଲକ୍‌ର ସ୍କୁଲ୍ ଗୁଡିକରେ ଶନିବାର ମେରୀ ମିଟି ମେରା ଦେଶ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ଚାଉଳ ପ୍ରଦାନରେ ଅନିୟମିତତା ଅଭିଯୋଗ



ବିଡିଓଙ୍କ ନିକଟରେ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

ନୂତନ ଯୋଗାଣ ସହାୟିକା ନିଯୁକ୍ତି ଦାବି

ହେମଗିର,୩୦।୯(ଚୈତନ୍ୟ ପଟେଲ)

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଅଧିନ ଗୋଟିଏ ପଞ୍ଚାୟତର ଯୋଗାଣ ସହାୟିକା ଲୋକଙ୍କୁ ଠିକ ପରିମାଣରେ ଚାଉଳ ପ୍ରଦାନ କରୁ ନ ଥିବା ଅଭିଯୋଗରେ ଗ୍ରାମବାସୀ ଶନିବାର ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ପତ୍ରର ଏକ ନକଲ ମୁଖ୍ୟମନ୍ତ୍ରୀଙ୍କ ଭୁବନେଶ୍ୱର କାର୍ଯ୍ୟାଳୟ ଓ ସୁନ୍ଦରଗଡ ଜିଲାପାଳଙ୍କ ନିକଟକୁ ପଠାଯାଇଛନ୍ତି। ଗ୍ରାମବାସୀ ପଞ୍ଚାୟତକୁ ଚାଉଳ ଆଣିବାକୁ ଯାଇଥିବା ସମୟରେ ଯୋଗାଣ ସହାୟିକା ୩ ମାସର ଚାଉଳ ବଦଳରେ ଗୋଟିଏ ମାସର ଚାଉଳ ପ୍ରଦାନ କରିଥିଲେ। ଏଥିସହ ହିତାଧିକାରୀଙ୍କୁ ଗାଳି ଗୁଲଜ କରିବା ସହିତ ଧମକ ଦେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଡିଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ନୂତନ ଯୋଗାଣ ସହାୟିକା ନିଯୁକ୍ତି କରିବା ପାଇଁ ଦାବିକରିଛନ୍ତି। ଏହିଅବସରରେ ୱାର୍ଡ ମେମ୍ବର ପ୍ରେମଲତା ମାଝି, ରାଜକୁମାରୀ କୁଆଁ, ନରେନ୍ଦ୍ର ମଲ୍ଲିକଙ୍କ ସହିତ ଗ୍ରାମର ଅନେକ ମହିଳା ପୁରୁଷ ଉପସ୍ଥିତ ଥିଲେ।

# ବଜାର ବନ୍ଦ କରି ଅସନ୍ତୋଷ ଜଣାଇଲେ ବ୍ୟବସାୟୀ

ହାଟ ଜମିକୁ ନେଇ ବିବାଦ

ବଡ଼ଗାଁ, ୩୦।୯( ଅଶୋକ ଷଡ଼ଙ୍ଗୀ)

ବଡ଼ଗାଁ ବ୍ଲକ ଶଙ୍କରାପୋଷରେ ଶୁକ୍ରବାର ବସୁଥିବା ସାପ୍ତାହିକ ହାଟର ବ୍ୟବସାୟୀ ମାନେ ବଜାର ବନ୍ଦ କରି ଅସନ୍ତୋଷ ପ୍ରକାଶ କରିଛନ୍ତି। ଜଣେ ଯୁବକ ହାଟକୁ ତାଙ୍କ ଜାଗା ଦାବି କରି ବ୍ୟବସାୟୀଙ୍କୁ ଦୋକାନ ବନ୍ଦ୍ କରିବାକୁ ଧମକ ଓ ଗାଳିଗୁଲଜ କରୁଥିବା ଅଭିଯୋଗ ହୋଇଛି। ଏହା ପୂର୍ବରୁ ମଧ୍ୟ ଗଣ୍ଡଗୋଳ ହୋଇଥିଲା। ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ସ୍ଥାନୀୟ ସରପଞ୍ଚ ଓ ବ୍ଲକ ଅଧ୍ୟକ୍ଷା ହସ୍ତକ୍ଷେପ କରିଥିଲେ। ପଞ୍ଚାୟତ ଅଧୀନରେ ଥିବାରୁ ଅଧ୍ୟକ୍ଷା, ସରପଞ୍ଚ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ରାଜସ୍ୱ ନୀରିକ୍ଷକ ଜମି ମାପ କରି ଚିହ୍ନଟ କରିଥିଲେ। କିଶୋର ରୋହିଦାସ, କିଶୋର କୁମାର୍ କେଶରୀ, ପ୍ରଦୀପ ନାଏକ, ରାଜେନ୍ଦ୍ର ସାହୁ, ପ୍ରଦୀପ କେରକେଟା, ଗୌରାଙ୍ଗ ରାଉତ, ଲବଣୀ ଗର୍ଡିଆ ପ୍ରମୁଖ ଶନିବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବାରମ୍ବାର ଗଣ୍ଡଗୋଳ ଓ ଗାଳିଗୁଲଜ କରୁଥିବାରୁ ଦୋକାନୀମାନେ ହାଟ ବନ୍ଦ କରିବେ ବୋଲି କହିଛନ୍ତି।

# ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ



ସୁନ୍ଦରଗଡ,୩୦।୯(ଜୟ ନାରାୟଣ ମେଣ୍ଟୁଲି) ସୁନ୍ଦରଗଡ ଜିଲା ସବ୍‌ଡେଗା ବ୍ଲକ ଡୁଙ୍ଗାଯୋର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶନିବାର ସକାଳେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଏଥିସହିତ ବିଦ୍ୟାଳୟ ପରିସରରେ ପିଲାଙ୍କ ମଧ୍ୟରେ ରଙ୍ଗ ଦେବା, ଦେଶାତ୍ମବୋଧକ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପିଲାମାନେ ବ୍ୟାନର, ପ୍ଲାକାର୍ଡ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ଫଟୋଚିତ୍ର ଧରି ବିଭିନ୍ନ ନାରା ଦେଇ ସହର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷୟିତ୍ରୀ ଅରୁଣା ପଟେଲ, ବ୍ରଜମୋହନ ପଟେଲ, ସ୍ନେହଲତା ନାଏକ, ଧନେଶ୍ୱର କେଓ ଓ ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ରମାନେ ପରିଚାଳନା କରିଥିଲେ।

# ବିରୋଧୀଦଳ ନେତା, ବିଧାୟିକାଙ୍କୁ ଭେଟିଲେ ଅଞ୍ଚଳବାସୀ

ସମ୍ବଲପୁର,୩୦।୯(ଶୁଭାଶିଷ ପାଢ଼ୀ)



ଲଖନପୁରକୁ ସବ୍‌ଡିଭିଜନ ମାନ୍ୟତା ଦାବି

ଝାରସୁଗୁଡା ଜିଲା ଲଖନପୁର ତହସିଲ ଅଞ୍ଚଳକୁ ସବ୍‌ଡିଭିଜନ ମାନ୍ୟତା ଦେବା ପାଇଁ ଦୀର୍ଘବର୍ଷ ହେଲା ଦାବି ହୋଇଆସୁଛି। ଏହି କ୍ରମରେ ଶନିବାର ଲଖନପୁର ନାଗରିକ ପରିଷଦ ସଭାପତି ପିତାମ୍ବର ମିଶ୍ର, ବିରଞ୍ଚି ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଭୁବନେଶ୍ୱରଠାରେ ବିରୋଧୀଦଳ ନେତା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଓ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତିଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି।

ସେମାନେ ଏଥିରେ ଦର୍ଶାଇଛନ୍ତି, ସବ୍‌ଡିଭିଜନ ଘୋଷଣା ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ପ୍ରତିଶ୍ରୁତି ଦେଇଥିଲେ। ଏହାକୁ ନେଇ ବହୁବର୍ଷ ହେବ ଆନ୍ଦୋଳନ ଜାରି ରହିଛି। ୧୯୫୮ରେ ଲଖନପୁର ବ୍ଲକ ସ୍ଥାପନ ହୋଇଥିଲା। ବର୍ତ୍ତମାନ ଏହା ଓଡିଶାର ଦ୍ୱିତୀୟ ବୃହତ୍ତମ ବ୍ଲକ ଓ ଲୋକସଂଖ୍ୟା ପ୍ରାୟ ଦୁଇଲକ୍ଷ ହେବ। ସମୁଦାୟ ୩୩ ଗୋଟି ଗ୍ରାମ ପଞ୍ଚାୟତ ରହିଛି। ଖଣିଖାଦାନ, କଳକାରଖାନା ଯୋଗୁ ବିଭାଗୀୟ ଅଧିକାରୀ ଆଇନ ଶୃଙ୍ଖଳାରେ ବ୍ୟସ୍ତ ରହୁଥିବାରୁ ସରକାରଙ୍କ ଜନମଙ୍ଗଳକାରୀ ଯୋଜନା ପହଞ୍ଚିପାରୁ ନାହିଁ। ବେଲପାହାଡ ମ୍ୟୁନିସିପାଲିଟି ଓ ଲଖନପୁର ବ୍ଲକକୁ ନେଇ ଗଠିତ ଲଖନପୁର ତହସିଲରୁ ଓଡିଶା ସରକାରଙ୍କୁ ବର୍ଷକୁ ପ୍ରାୟ ୨୬ କୋଟି ଟଙ୍କା ରାଜସ୍ୱ ପ୍ରଦାନ କରାଯାଉଛି। ଲଖନପୁରବାସୀ ହୀରାକୁଦ ନଦୀବନ୍ଧରେ ଅନେକ କିଛି ତ୍ୟାଗ କରିଛନ୍ତି। ଏପରି କି ଓପିଜିସି, କୋଇଲା ଖଣି ତଥା ଟାଟା ରିଫ୍ରାକ୍ଟୋରୀ ପାଇଁ ନିଜର ଜମିବାଡ଼ି ଘରଦ୍ୱାର ଛାଡି ବ୍ଲକର ଉପାନ୍ତ ଅଞ୍ଚଳରେ ବାସ କରୁଛନ୍ତି। ବ୍ଲକକୁ ୟୁନିଟ୍ ଭାବରେ ଗ୍ରହଣ କରାଯାଉଥିବାରୁ କେନ୍ଦ୍ର ଓ ରାଜ୍ୟରୁ ଆସୁଥିବା ଅନୁଦାନ ଛୋଟିଆ ବ୍ଲକ ପାଇଁ ଯେତିକି ଲଖନପୁର ପରି ଏକ ବୃହତ୍ତମ ବ୍ଲକ ପାଇଁ ମଧ୍ୟ ସେତିକି ମିଳୁଛି। ଏଥିଯୋଗୁ ଉନ୍ନତିମୂଳକ ଯୋଜନା ବାଧାପ୍ରାପ୍ତ ହେଉଛି। ତେଣୁ ଏହି ଦାବିକୁ ମାନି ଲଖନପୁର ଜନସାଧାରଣଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଉ।

# ପୌରପରିଷଦ ଦ୍ୱାରା ସ୍ୱଚ୍ଛ ସାଥୀ ସମ୍ମାନିତ



ରାଜଗାଙ୍ଗପୁର, ୩୦।୯ ଅଶୋକ ପାଣି) ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ପୌରପରିଷଦ ଦ୍ୱାରା ସ୍ୱଚ୍ଛସାଥୀ ତଥା ସ୍ୱଚ୍ଛ ସୁପରଭାଇଜରଙ୍କୁ ସମ୍ମାନିତ କରାଯାଇଛି। ଶନିବାର ପୌରପରିଷଦ ବୈଠକ ଗୃହରେ ସହରକୁ ସ୍ୱଚ୍ଛ ରଖିବା ପାଇଁ ସେମାନଙ୍କର ଉଦ୍ୟମ ତଥା ପରିଶ୍ରମକୁ ସମ୍ମାନ ଜଣାଇ ସମ୍ମାନିତ କରାଯାଇଛି। ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ପୌରପରିଷଦ ଦ୍ୱାରା ଏହା କରାଯାଇଛି। କାର୍ଯ୍ୟକ୍ରମରେ ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ୱଚ୍ଛସାଥୀ ଓ ସୁପରଭାଇଜରଙ୍କୁ ସମ୍ମାନିତ କରିବା ସହ ନିଜ ବକ୍ତବ୍ୟରେ କହିଥିଲେ, ନିଜ ଘରକୁ ସଫା ଓ ସୁନ୍ଦର ରଖିବା ପାଇଁ ଯେପରି ପ୍ରୟାସ କରାଯାଇଥାଏ, ଠିକ ସେହିପରି ଭାବେ ରାଜଗାଙ୍ଗପୁରକୁ ଘର ଭାବି ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ସମସ୍ତଙ୍କ ପ୍ରୟାସ ରହିବା କଥା। ପୌରାଧ୍ୟକ୍ଷା ମାଧୁରୀ ଲୁଗୁନ, ଉପନଗରପାଳ ମହମ୍ମଦ ଇରଫାନ, କାର୍ଯ୍ୟନିର୍ବାହୀ ଅଧିକାରୀ ଗୋବିନ୍ଦ ତନସନା ପ୍ରଭୃତି ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିବା ସହ ସେମାନଙ୍କୁ ସମ୍ମାନିତ କରିଥିଲେ।

# ତ୍ରିଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ

ବଡ଼ଗାଁ,୩୦।୯( ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ନିକଟ ଗିରିପଡାର ଓମ୍ ଶାନ୍ତି କ୍ଲବ୍ ଦ୍ୱାରା ଆୟୋଜିତ ତ୍ରିଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଶନିବାରଠାରୁ ଆରମ୍ଭ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ବଡ଼ଗାଁ କ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଓ ଇଞ୍ଜିନିୟର ଅଜେକ୍ କୁମାର ପ୍ରଧାନ, ବିଟୁ ନାୟକ, ଗଙ୍ଗାଧର ସା ସମ୍ମାନିତ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ୧୬ଟି ଫୁଟ୍‌ବଲ ଟିମ୍ ଅଂଶଗ୍ରହଣ କରିଥିବା ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ଲାଖପଡା ଓ ଚାରପାଲି ମଧ୍ୟରେ ହୋଇଥିଲା। ଚାରପାଲି ଟିମ୍ ପେନାଲ୍ଟି କିକ ଜରିଆରେ ଜିତି ବିଜୟ ଯାତ୍ରା ଆରମ୍ଭ କରିଛି। ଏହି ଟୁର୍ନାମେଣ୍ଟ ଆସନ୍ତା ୨ରେ ଉଦ୍‌ଯାପିତ ହେବ। ଚାମ୍ପିୟନ ଟିମ୍‌କୁ ୧୫ ହଜାର ଟଙ୍କା ସହିତ ଟ୍ରଫି, ଉପ ବିଜେତା ଟିମ୍‌କୁ ୧୦ ହଜାର ଟଙ୍କା ସହିତ ଟ୍ରଫି, ତୃତୀୟ ଓ ଚତୁର୍ଥ ସ୍ଥାନ ପାଇଥିବା ଟିମ୍‌କୁ ଟ୍ରଫି ସହିତ ସାଢ଼େ ତିନି ହଜାର ଟଙ୍କା ଲେଖାଏଁ ପୁରସ୍କୃତ କରାଯିବ। ରାଜଗାଙ୍ଗପୁରର ଡାଇମଣ୍ଡ ମିଞ୍ଜ, ପଟେଲ ଏକ୍କା, ରାଜା ବାଗ ଓ ଅଶୋକ ଖଡିଆ ଖେଳ ପରିଚାଳନା କରୁଥିବାବେଳେ ଆୟୋଜକ କମିଟିର ବିକାଶ କିଷାନ, ସମୀର ନାଏକ, ଡିଲେଶ୍ୱାର କିଷାନ, ରମେଶ ଠେମେରିଆ, ଅରୁଣ କିଷାନ ବିଭିନ୍ନ କାର୍ଯ୍ୟ ତୁଲାଉଛନ୍ତି।



ମୁଖ୍ୟ ଅତିଥି ଫିତା କାଟି ଟୁର୍ନାମେଣ୍ଟ ଉଦ୍‌ଘାଟନ କରୁଛନ୍ତି।

# ପଞ୍ଚାୟତର ନୂତନ ଦୋକାନ ଗୃହ ବଣ୍ଟନ ବିବାଦର ଅନ୍ତ

କୁତ୍ରା,୩୦।୯(ଦେବାଶିଷ ସାହୁ)



ସୁନ୍ଦରଗଡ ଜିଲା କୁତ୍ରା ୧୦ ନମ୍ବର ରାଜ୍ୟ ରାଜପଥ କଡ଼ରେ ପଞ୍ଚାୟତ ପକ୍ଷରୁ ନୂତନ ଭାବେ ନିର୍ମାଣ କରାଯାଇଥିବା ଦୋକାନ ଗୃହକୁ ନେଇ ହେଉଥିବା ବାଦବିବାଦର ଶନିବାର ଅନ୍ତ ଘଟିଛି। ଏହି ଦୋକାନ ଗୃହ ଗୁଡିକୁ ନେଇ ଦୀର୍ଘଦିନ ହେଲା ସଂପୃକ୍ତ ଦୋକାନୀ ଓ ପଞ୍ଚାୟତ ମଧ୍ୟରେ ଟଣାଓଟରା ଚାଲିଥିଲା। ଏପରିକି ଉଭୟ ପକ୍ଷ ଏଥିପାଇଁ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ଏହି ରାସ୍ତା କଡରେ ପଞ୍ଚାୟତ ପକ୍ଷରୁ ୧୨ଟି ଦୋକାନ ଗୃହ ନିର୍ମାଣ ହୋଇଥିଲା। ତେବେ ୪ ଲେନ ବିଶିଷ୍ଟ ରାସ୍ତା ନିର୍ମାଣ ସମୟରେ ଏହି ଦୋକାନ ଗୃହ ଗୁଡିକୁ ଭଙ୍ଗା ଯାଇଥିଲା। ରାସ୍ତା ନିର୍ମାଣ ପରେ ଦୋକାନ ଭଙ୍ଗା ଯାଇଥିବା ପଛ ଭାଗରେ ନୂତନ ଭାବେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇ ପୁରୁଣା ଦୋକାନୀଙ୍କ ପାଖରୁ ସିକ୍ୟୁରିଟି ଟଙ୍କା ଜମା ନେଇ ଦୋକାନ ଗୃହ ଗୁଡିକୁ ହସ୍ତାନ୍ତର କରାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ବିରୋଧ କରାଯିବା ସହିତ ପ୍ରଶାସନ ପାଖରେ ଏହାକୁ ଖାରଜ କରି ନୂତନ ଭାବେ ବଣ୍ଟନ କରିବା ପାଇଁ ଦାବି ଜଣାଇଥିଲେ। ପ୍ରଶାସନର ହସ୍ତକ୍ଷେପ ପରେ ପଞ୍ଚାୟତ ପକ୍ଷରୁ ପୁଣିଥରେ ସେହି ଦୋକାନ ଗୃହକୁ ବଣ୍ଟନ ପାଇଁ ଆବେଦନ ଗ୍ରହଣ ସହ ଲଟେରୀ ମାଧ୍ୟମରେ ଦୋକାନ ବଣ୍ଟନ କରାଯାଇଥିଲା। ଏହାକୁ ନେଇ ପୁରୁଣା ଦୋକାନି ଓ ପଞ୍ଚାୟତ ମଧ୍ୟରେ ଟଣା ଓଟୋରା ଚାଲିଥିଲା। ଶେଷରେ ପଞ୍ଚାୟତ ଏହାକୁ ନେଇ ଡିଗ୍ରୀ ହାସଲ କରିବା ପରେ ଶନିବାର ତହସିଲଦାର ମାନସୀ ନାଏକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବିନ୍ଦ୍ର ସେଠି, ଥାନା ଅଧିକାରୀ ମନୋରଞ୍ଜନ ବିଶି, ସରପଞ୍ଚ ଭୁବନ କୁଜୁରଙ୍କ ଉପସ୍ଥିତିରେ ଗ୍ରାମବାସୀ, ପୁରୁଣା ଓ ନୂତନ ଦୋକାନୀଙ୍କୁ ନେଇ ଆଲୋଚନା ହୋଇଥିଲା। ପରେ ସମସ୍ତଙ୍କ ସହଯୋଗ କ୍ରମେ ନୂତନଭାବେ ପାଇଥିବା ଦୋକାନୀଙ୍କୁ ଦୋକାନ ଗୃହ ବଣ୍ଟନ କରାଯିବା, ପୁରୁଣା ଦୋକାନୀଙ୍କ ପାଇଁ ଦୋକାନ ଗୃହ ନିର୍ମାଣ କରି ତାଙ୍କୁ ଥଇଥାନ କରାଯିବା ଏବଂ ପୁରୁଣା ଦୋକାନୀଙ୍କ ପାଖରୁ ସିକୁରିଟି ଆକାରେ ନେଇଥିବା ୫୦ ହଜାର ଟଙ୍କାକୁ ୨ଟି କିସ୍ତି ମାଧ୍ୟମରେ ତାଙ୍କୁ ପ୍ରଦାନ କରାଯିବା ନେଇ ନିଷ୍ପତ୍ତି ହୋଇଛି। ଏନେଇ ସରପଞ୍ଚ ଭୁବନ କୁଜୁର ସୂଚନା ଦେଇଛନ୍ତି।

## ଭତ୍ରା ଡ୍ୟାମରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ଜୁନାଗଡ,(ସୁନୀଲ କୁମାର ସିଂହ): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ରଣପୁର ନିକଟସ୍ଥ ଭତ୍ରାଡ୍ୟାମରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ରସିକ ପାତ୍ର। ସେ ରଣପୁର ଗ୍ରାମର ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ରସିକ ଭତ୍ରା ଡ୍ୟାମକୁ ଗାଧୋଇବା ପାଇଁ ଶୁକ୍ରବାର ଯାଇ ଆଉ ଫେରି ନ ଥିଲେ। ପରିବାରବର୍ଗ ତାଙ୍କୁ ବିଭିନ୍ନ ସ୍ଥାନରେ ବହୁତ ଖୋଜାଖୋଜି କରିବା ପରେ ବି ପାଇ ନ ଥିଲେ। ଦିନକ ପରେ ଶନିବାର ସକାଳୁ ଡ୍ୟାମର ପାଣି ନିଷ୍କାସନ ଫାଟକ ସ୍ଥାନରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏ ନେଇ ଜୁନାଗଡ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

**ସଂକ୍ଷେପରେ**

## ରନ୍ଧାମଦ, ପୋଚ ଜବତ: ୨ ଗିରଫ

ଦେଓଗାଁ,୩୦।୯ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅନ୍ତର୍ଗତ ଦେଷଣ୍ଡରେ ଅବକାରୀ ବିଭାଗ ଓ ପୋଲିସ ମିଳିତ ଭାବେ ଚଡ଼ାଉ କରି ଜଣେଙ୍କ ଘରୁ ଚୋରା ରନ୍ଧାଦେଶୀ ମଦ ଓ ପୋଚ ଜବତ କରିଛି। ଏ ସଂକ୍ରାନ୍ତରେ ଅବକାରୀ ବିଭାଗରେ ଏକ ମାମଲା ରୁଜୁ କରାଯାଇ ଉକ୍ତ ଗାଁର ଦୁତିଆ ରଣା ଓ ବିକାଶ ରଣାଙ୍କୁ ଗିରଫ କରାଯାଇଥିବା ତୁଷୁରା ଅବକାରୀ ଅଧିକାରୀ ବାଣୀ ସୁନା କହିଛନ୍ତି। ଗତ ୧୦ରୁ ୧୨ ଦିନ ହେଲା ଦେଷଣ୍ଡ ଅଞ୍ଚଳରେ ଚୋରା ଦେଶୀରନ୍ଧାମଦ ବିପୁଳ ଭାବେ ବିକ୍ରି ହେଉଥିବା ଅଭିଯୋଗ ହୋଇଥିଲା। ଏଥିଯୋଗୁ ୩ଜଣଙ୍କ ଜୀବନ ଯାଇଥିବା ବେଳେ କେତେଜଣ ଆସୁସ୍ଥ ହୋଇ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଉକ୍ତ ଘଟଣା ଗଣମାଧ୍ୟମରେ ପ୍ରକାଶିତ ହେବାପରେ ଅବକାରୀ ବିଭାଗ ତଥା ପୋଲିସ ବିଭାଗରେ ତତ୍ପରତା ପ୍ରକାଶ ପାଇଥିଲା। ଶନିବାର ଉଭୟ ବିଭାଗ ଦୁତିଆ ରଣାଙ୍କ ଘରୁ ୪ଶହ ଲିଟର ଦେଶୀରନ୍ଧାମଦ, ୬୮୦କେଜି ମହୁଲ ପୋଚ ଏବଂ ମଦ ରାନ୍ଧିବା ଉପକରଣ ଜବତ କରି ବାପ ପୁଅଙ୍କୁ ଗିରଫ କରିଥିଲା। ଚଡ଼ାଉରେ ବନ୍ଧପଡା ଫାଣ୍ଡି ଅଧିକାରୀ ସୁଦର୍ଶନ ଦୋରାଙ୍କ ସମେତ ପୋଲିସ କର୍ମଚାରୀ ଓ ଅବକାରୀ କର୍ମଚାରୀ ଉପସ୍ଥିତ ଥିଲେ।

## ରାମଚନ୍ଦ୍ରପୁର ଦୁର୍ଗାପୂଜା କମିଟିର ପ୍ରସ୍ତୁତି ବୈଠକ

ଲାଞ୍ଜିଗଡ଼,୩୦।୯ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତ ରାମଚନ୍ଦ୍ରପୁରଠାରେ ସାର୍ବଜନୀନ ଦୁର୍ଗାପୂଜା କମିଟିର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ଉପଦେଷ୍ଟା କିଶୋର କୁମାର ପୁରୋହିତ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ କମିଟିର ସଭାପତି ବିକ୍ରମ ଛତ୍ରିଆ ସ୍ୱାଗତ ଅଭିଭାଷଣ ଦେଇଥିଲେ। କମିଟିର ଉପଦେଷ୍ଟା ପିଣ୍ଟୁ ପତି ସଭା ପରିଚାଳନା କରିଥିଲେ। ବରିଷ୍ଠ ଉପଦେଷ୍ଟା ପ୍ରସନ୍ନ କୁମାର ପରିଡ଼ା, ଗୋବର୍ଦ୍ଧନପୁର ନାଏବ ସରପଞ୍ଚ ସଞ୍ଜୀବ କୁମାର ପଣ୍ଡା, ଉପଦେଷ୍ଟା ଜଗମୋହନ ଛତର, ଦୁର୍ଯ୍ୟୋଧନ ମାଝି, ହୃଷିକେଶ ବଗର୍ତ୍ତି, ମଣିରାମ ମିର୍ଦ୍ଧା, ଅନାମ ବେହେରା, ସୁଶୀଲ କୁମାର ବାଗ, ଜଳଧର ସାଗର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୋଜ ବେହେରା, ଦନାର ପୁଟେଲ, ହୃଷିକେଶ ପୁଟେଲ, ପ୍ରଭାତରଞ୍ଜନ ବେହେରା, ଅନନ୍ତ ସାହୁ, ଅରୁଣ ପୁଟେଲ, ପ୍ରେମ ବାଗ, କମିଟିର କୋଷାଧ୍ୟକ୍ଷ ତଟେଶ୍ୱର ଗଉଡ଼, ଦୀନବନ୍ଧୁ ମାଝୀ, ଦିଗାମ୍ବର ଛତ୍ରିଆ, ବିକାଶ ଦୁର୍ଗା, ଦୁର୍ବାଦଳ ବାଗ, ସୁମନ୍ତ ଗଉଡ଼, ଆଶିଷ ବାଗ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ବୈଠକ ଶେଷରେ କମିଟିର ସାଧାରଣ ସମ୍ପାଦକ ଅନନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅତିରିକ୍ତ ଏସ୍‌ପିଙ୍କୁ ଭେଟିଲେ ସାମ୍ବାଦିକ ସଂଘ କର୍ମକର୍ତ୍ତା

**ଖବରଦାତାଙ୍କୁ ହତ୍ୟାଧମକ ଘଟଣା**

ବେହେରା, ୩୦।୯ (ଭୂପେଶ ତିୱାରୀ)

ଏକ ଦୈନିକ ଖବର କାଗଜର କଳାହାଣ୍ଡି ଜିଲା କୋକସରା ବ୍ଲକ ପ୍ରତିନିଧିଙ୍କୁ ହତ୍ୟା ଧମକ ଓ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଦେଷୀମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଶୁକ୍ରବାର ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାମ୍ବାଦିକ ସଂଘର କର୍ମକର୍ତ୍ତାମାନେ ସାକ୍ଷାତ କରିଛନ୍ତି। କୋକସରା ବ୍ଲକର କେତେକ ପଞ୍ଚାୟତର ମହିଳା ସରପଞ୍ଚଙ୍କ ସ୍ୱାମୀ ନିଜକୁ ସରପଞ୍ଚ ପ୍ରତିନିଧି ବୋଲାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ହସ୍ତକ୍ଷେପ କରୁଥିବା ନେଇ ଏକ ଖବର ପ୍ରସାରଣ ହୋଇଥିଲା। ଏହା ପରେ ସରପଞ୍ଚମାନଙ୍କ ସ୍ୱାମୀମାନେ ଉତ୍କ୍ଷିପ୍ତ ହୋଇ ଖବରଦାତା ଜଣଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେବା ସହିତ ଆକ୍ରମଣ କରିଥିବା କୋକସରା ଥାନାରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ୫ଜଣଙ୍କ ନାମରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି। ସେମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି ହୋଇଥିବାବେଳେ ଏହି ଘଟଣାକୁ ନେଇ କଳାହାଣ୍ଡି ସାମ୍ବାଦିକ ସଂଘ ପକ୍ଷରୁ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରାଯାଇଛି। ଖବରଦାତାଙ୍କୁ ହତ୍ୟାଧମକ ଓ ଆକ୍ରମଣ କରିଥିବା ବ୍ୟକ୍ତିମାନଙ୍କୁ ଗିରଫ କରିବା ପାଇଁ ଦାବି କରିଥିବା ଜଣାପଡିଛି।



ଧାରଣାରେ ସରପଞ୍ଚ ସଂଘ, ସମିତି ସଭ୍ୟ ସଂଘ କର୍ମକର୍ତ୍ତା ଓ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ।

# ବ୍ଲକ ସରପଞ୍ଚ, ସମିତି ସଭ୍ୟ ସଂଘ ସାମିଲ

**୨୨ତମ ଦିନରେ ଜୁନାଗଡ଼କୁ ଜିଲା ମାନ୍ୟତା ଦାବିରେ ଧାରଣା**

ଜୁନାଗଡ଼,୩୦।୯ (ସୁନୀଲ କୁମାର ସିଂହ)

ଜୁନାଗଡ଼କୁ ଜିଲା ମାନ୍ୟତା ଦାବି ନେଇ ଚାଲିଥିବା ଗଣଧାରଣା ଶନିବାର ୨୨ ଦିନରେ ପହଞ୍ଚିଛି। ଶନିବାର ଜୁନାଗଡ଼ ବ୍ଲକ ସରପଞ୍ଚ ସଂଘ ଓ ସମିତି ସଭ୍ୟ ସଂଘ ଏହି ଧାରଣାରେ ସାମିଲ ହୋଇଥିଲେ। ଜୁନାଗଡ଼ ହେଉଛି କଳାହାଣ୍ଡି ଜିଲାର ପୁରୁଣା ରାଜଧାନୀ। ରାଜତନ୍ତ୍ର ସମୟରେ ଜୁନାଗଡ଼ରେ ଥିବା ରାଜଧାନୀକୁ ଭବାନୀପାଟଣା ସ୍ଥାନାନ୍ତର କରାଗଲା। ବର୍ତ୍ତମାନ ଗଣତନ୍ତ୍ର ସମୟରେ ମଧ୍ୟ ସମସ୍ତ ଭିତ୍ତିଭୂମି ଥିବା ସତ୍ତ୍ୱେ ଜୁନାଗଡକୁ ଅବହେଳା କରାଯାଉଛି। ବର୍ତ୍ତମାନ ଜୁନାଗଡବାସୀ ଏକଜୁଟ ହୋଇଛନ୍ତି। ସରକାର ଜୁନାଗଡ଼ର ଦାବିକୁ ଆଦର ସହିତ ଗ୍ରହଣ କରି ଜୁନାଗଡକୁ ଜିଲା ମାନ୍ୟତା ପ୍ରଦାନ କରନ୍ତୁ। ନଚେତ ବ୍ଲକର ନିର୍ବାଚିତ ଜନପ୍ରତିନିଧିମାନେ ବ୍ଲକକୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଅଚଳ କରିବା ସହ ଆଗାମୀ ନିର୍ବାଚନ ସମୟରେ ସରକାରଙ୍କ ପାଇଁ ଆତ୍ମଘାତୀ ସାଜିବାକୁ ମଧ ପଛାଇବେ ନାହିଁ ବୋଲି ଜୁନାଗଡ଼ ସରପଞ୍ଚ ସଂଘ ଓ ସମିତି ସଭ୍ୟ ସଂଘ ପକ୍ଷରୁ ଧାରଣାସ୍ଥଳରୁ ସରକାରଙ୍କୁ ଚେତାବନୀ ଦିଆଯାଇଛି। କ୍ରିୟାନୁଷ୍ଠାନ କମିଟିର ଆବାହକ ହିମାଂଶୁ ଶେଖର ବରାଡଙ୍କ ଆବାହକତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ଜୁନାଗଡ଼ ବ୍ଲକ ସରପଞ୍ଚ ସଂଘ ସଭାପତି ତାରାଶଙ୍କର ରାୟଗୁରୁ ଓ ବ୍ଲକ ଅଧକ୍ଷା ସବିତା ମେହେର ଅଧକ୍ଷତା କରିଥିଲେ। ଏହି ବିକ୍ଷୋଭ ସଭାରେ ବ୍ଲକ ଉପାଧକ୍ଷ ପ୍ରମୋଦ ବେହେରା, ସରପଞ୍ଚ ମଳୟ ଆଚାର୍ଯ୍ୟ, ପ୍ରଭାକର ସେଠି, ପରମେଶ୍ୱର ମେହେର, ବୀଣାପାଣି କନ୍ଦପାନ, ନିରଞ୍ଜନ ମାଝି, ସତ୍ୟଭାମା ପଣ୍ଡା, ରାମନାରାୟଣ ପଣ୍ଡା, ସନ୍ତୋସିନୀ ସିଂ, ରଶ୍ମିତା ନାଏକ, ଗୀତାଞ୍ଜଳୀ ଚନ୍ଦନ, ଅର୍ଚ୍ଚନା ମେହେର, ପାର୍ବତୀ ବିଶି, ଦିବ୍ୟାଭାରତୀ ଲହଜଳ, ଶୋଭାଗିନୀ ସାହୁ, ପୂଜା ମନହୀରା, ଯାଜ୍ଞସେନି ପଣ୍ଡା, ପ୍ରମୋଜନୀ ପ୍ରହରାଜ, ଧନମତି ମାଝି, ସଂଯୁକ୍ତା ମାଝି, ଦିବ୍ୟଶଙ୍କର ଦୀପ, ବହୁଜନ ସଂଗ୍ରାମ ସମିତିର ଅଧକ୍ଷ ରଞ୍ଜନ କୁମାର ଜାଲ, ନରେନ୍ଦ୍ର କ୍ଷିତି, ଖଗେଶ୍ୱର ଧଙ୍ଗଡାମାଝି, ଗୌରହରି ବାଗ, ରଶ୍ମିରଞ୍ଜନ ନାୟକ, ଋଷି କ୍ଷିତି ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। କ୍ରିୟାନୁଷ୍ଠାନ କମିଟିର ସମ୍ପାଦକ ସନ୍ତୋଷ ସିଂହଦେଓ ଧନ୍ୟବାଦ ଅର୍ପଣ କରିଥିଲେ।

## ପୋଲିସର ବେଆଇନ ଗିରଫଦାରିକୁ ବିରୋଧ

■ସିପିଏମ ଅଫିସଠାରେ ସାଧାରଣ ବୈଠକ
■୧୦ରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ପ୍ରତିବାଦ

ଭବାନୀପାଟଣା,୩୦।୯ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ଥିବା ନିୟମଗିରି, ଖଣ୍ଡୁଆଲମାଲି, ସିଜିମାଲି ଅଞ୍ଚଳର ଜନଆନ୍ଦୋଳନକାରୀମାନଙ୍କୁ ବିଭିନ୍ନ ପ୍ରକାର ମିଥ୍ୟା ମୋକଦ୍ଦମା ଲଗାଇ ଅଗଣତାନ୍ତ୍ରିକ ଭାବେ ପୋଲିସ ପ୍ରଶାସନର ଦମନଲୀଳା ଓ ବେଆଇନ ଗିରଫଦାରି ବିରୋଧରେ ଶନିବାର ସନ୍ଧ୍ୟାରେ ଭବାନୀପାଟଣା ସିପିଏମ ଅଫିସଠାରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ବାମପନ୍ଥୀ ନେତା ନବ ପଟ୍ଟନାୟକଙ୍କ ଅଧକ୍ଷତାରେ ସିପିଏମ୍, ସିପିଆଇ, ସଂଯୁକ୍ତ କିଷାନ ମୋର୍ଚ୍ଚା, ସଚେତନ ନାଗରିକ ମଞ୍ଚ, କଳାହାଣ୍ଡି ଜନଜାଗରଣ ମଞ୍ଚ ଓ ସାମାଜିକ ସଙ୍ଗଠନ ଯୋଗଦେଇଥିଲେ। ଏହି ଘଟଣାକୁ ନେଇ ଆସନ୍ତା ଅକ୍ଟୋବର ୧୦ରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଏକ ଗଣପ୍ରତିବାଦ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକରେ ସଂଯୁକ୍ତ କିଷାନ ମୋର୍ଚ୍ଚାର ଜିଲା ଆବାହକ ନିରଞ୍ଜନ ବିଦ୍ରୋହୀ,ନିୟମଗିରି ଆନ୍ଦୋଳନର ଜନନେତା ଲିଙ୍ଗରାଜ ଆଜାଦ, ସତ୍ୟ ମାହାର, ସିପିଆଇର ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଦାମୋଦର ବେହେରା, ସାମାଜିକ କର୍ମୀ ଓ ବରିଷ୍ଠ ଆଇନଜୀବୀ ସିଦ୍ଧାର୍ଥ ନାୟକ, ଜନଜାଗରଣ ମଞ୍ଚର ସଭାପତି ଅଗଷ୍ଟ ନାଏକ, ସିପିଆଇର ସହ ସମ୍ପାଦକ ସଞ୍ଜୟ ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ଉଦ୍‌ଯାପିତ

ରୁପ୍ରାରୋଡ, ୩୦।୯ (ସଞ୍ଜୀବ ଦାସ)

କଳାହାଣ୍ଡି ଜିଲା ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଛି। ନର୍ଲା ବ୍ଲକ ଅଧିନସ୍ଥ ତୁଳାପଡା ଦାମୋଦର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ୨୮ ତାରିଖରେ କ୍ରୀଡ଼ା ପ୍ରତିଯୋଗିତା ଶୁଭାରମ୍ଭ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଟେମଲାଲ ଦୁବେ, ସମ୍ମାନିତ ଅତିଥି ଭାବରେ ନର୍ଲା ଗୋଷ୍ଠୀ ଶିକ୍ଷାଧିକାରୀ ତପିମଣି ଜାନୀ, ମଦନପୁର ରାମପୁର ଗୋଷ୍ଠୀ ଶିକ୍ଷାଧିକାରୀ ସଙ୍ଗୀତା ମହାନ୍ତି, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନର୍ଲା ଗୋବର୍ଦ୍ଧନ ମାଝି ପ୍ରମୁଖ ଉପସ୍ଥିତ ହୋଇଥିଲେ। ଏହି କ୍ରୀଡାରେ ମନୋନୀତ ହୋଇଥିବା କୃତୀ ଖେଳାଳିମାନେ ରାଜ୍ୟସ୍ତରୀୟ କ୍ରୀଡ଼ାରେ ଭାଗ ନେବେ ବୋଲି ମଞ୍ଚାସୀନ ଅତିଥିମାନେ ପ୍ରକାଶ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ବିମଳ ରାସବିହାରୀ ପଧାନ। ଏହି ତିନି ଦିନିଆ କ୍ରୀଡା ପ୍ରତିଯୋଗିତାରେ ଫୁଟବଲ, କବାଡି, ଖୋଖୋ, ଯୋଗାସନ, ଚେସ, ସିପାକଟାକ୍ରୋ ଆଦି ଖେଳ ଅନୁଷ୍ଠିତ ହୋଇଥିଲା। ଲଗାତାର ଭାବରେ ଏହି ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ତୁଳାପଡାରେ ଶାନ୍ତିଶୃଙ୍ଖଳାର ସହ ପ୍ରତିବର୍ଷ ହୋଇ ଆସୁଥିବାରୁ ଅତିଥିଗଣ ତୁଳାପଡା ଦାମୋଦର ଉଚ୍ଚ ବିଦ୍ୟାଳୟର ସମସ୍ତ କ୍ରୀଡା ଶିକ୍ଷକ/ଶିକ୍ଷୟିତ୍ରୀ ତଥା ସହଯୋଗୀମାନଙ୍କୁ ପ୍ରଶଂସା କରିଥିଲେ।

## ଓଡ଼ିଶା ଷ୍ଟାର୍ଟଅପ୍ ଯାତ୍ରାରେ ବିକାଶ ବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ଅଂଶଗ୍ରହଣ


ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟରେ ବିକାଶ ସ୍କୁଲ ଛାତ୍ରୀଛାତ୍ର।

ଭବାନୀପାଟଣା,୩୦।୯ (ଉତ୍ତମ କୁମାର ଦାଶ)

ଓଡ଼ିଶା ସରକାରଙ୍କ ଷ୍ଟାର୍ଟ ଅପ ଯାତ୍ରା ଓ ଷ୍ଟାର୍ଟ ଅପ ଏକ୍ସପ୍ରେସ ରାଜ୍ୟର ବିଭିନ୍ନ ବିଦ୍ୟାଳୟ ପରିଭ୍ରମଣ କରି କଳାହାଣ୍ଡି ଜିଲାରେ ପହଞ୍ଚିଛି। ଏ ସମ୍ପର୍କରେ ଭବାନୀପାଟଣା ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ ପରିସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିକାଶ ଆବାସିକ ବିଦ୍ୟାଳୟର ଦଶ ଜଣ ବିଦ୍ୟାର୍ଥୀ ପ୍ରାଞ୍ଜଳ ନାଗ, ଶିବ କୁମାର ଝା, ଅଭିଜିତ ପଣ୍ଡା, ମେହେକ ଅଗ୍ରୱାଲ, ଆଦିତ୍ୟ ଗୋୟଲ, ସଞ୍ଜନା ବେହେରା, ରାଜଲକ୍ଷ୍ମୀ ଶତପଥୀ, ଗୌରିଶଙ୍କର ରଥ, ରାଜଶ୍ରୀ ବେହେରା, ରାଜେନ୍ଦ୍ର ପଣ୍ଡା ଓ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ତିନି ଜଣ ବିଦ୍ୟାର୍ଥୀ ମନୋରମା କିରନ୍ମୟୀ ଦେଇ, ଯୋଗେନ୍ଦ୍ର ପ୍ରଧାନ, ଅଙ୍କିତା ଠାକୁର ଅଂଶଗ୍ରହଣ କରିଥିଲେ। ସେମାନେ ନଅ ଗୋଟି ନୂତନ ଉଦ୍ୟୋଗ ସମ୍ବଳିତ ଷ୍ଟାର୍ଟ ଅପ ଆଇଡିଆ ପ୍ରଦାନ କରି ଉଚ୍ଚ ପ୍ରଶଂସିତ ହେବା ସହ ପୁରସ୍କୃତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ବିକାଶ ଆବାସିକ ବିଦ୍ୟାଳୟର ଅଧକ୍ଷା ସୁଶ୍ରୀ ଆରତୀ ମିଶ୍ର, ବିକାଶ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ଯୁବରାଜ ନାୟକ, ଅଧାପକ ଅଶ୍ୱିନ ରାଉତ ପ୍ରମୁଖ ଯୋଗଦେଇ ବିଦ୍ୟାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ସଫଳତାରେ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ ପରିଚାଳନା କମିଟି ସଦସ୍ୟ ବିଦ୍ୟାର୍ଥୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## କେରଳ ପୋଲିସ, ଶ୍ରମ ଅଧିକାରୀଙ୍କୁ ଏନ୍‌ଏଚଆରସିଙ୍କ ନୋଟିସ

**କେରଳରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟଣା**

ଭବାନୀପାଟଣା,୩୦।୯ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକର ଡି.ଚେପଟାଘାଟ ଗ୍ରାମର ଡ଼ମ୍ବୁ ମୁଦୁଲି(୨୬) କେରଳର ତ୍ରିସୁର ଜିଲାକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ କାମ କରିବା ସମୟରେ ଗତ ସେପ୍ଟେମ୍ବର ୧୯ରେ ଏକ ୮ ମହଲା କୋଠା ଛାତରୁ ପଡିଯାଇଥିଲେ। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାକୁ ନେଇ ଭବାନୀପାଟଣାର ମାନବାଧିକାର କର୍ମୀ ଦିଲ୍ଲୀପ କୁମାର ଦାସ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚଆରସି)ଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଆଧାର କରି କମିଶନ କେରଳ ରାଜ୍ୟ ତ୍ରିସୁର ଜିଲା ପୋଲିସ ଏସ୍‌ପି ଓ ରାଜ୍ୟ ଶ୍ରମ କମିଶନଙ୍କୁ ନୋଟିସ ଜାରି କରିଛନ୍ତି। ଆସନ୍ତା ୪ ସପ୍ତାହ ମଧ୍ୟରେ ଏହାର ରିପୋର୍ଟ ଦେବାକୁ କମିଶନ ସେମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଆଇନ ସଚେତନତା ଶିବିର


କେସିଙ୍ଗା ଆଦର୍ଶ ବିଦ୍ୟାଳୟରେ ଅନୁଷ୍ଠିତ ଆଇନ ସଚେତନତା ଶିବିର।

କେସିଙ୍ଗା, ୩୦।୯ (ତୁମେଶ୍ୱର ସାହୁ)

ତାଲୁକ ଆଇନ ସେବା ସମିତି କେସିଙ୍ଗା ତରଫରୁ ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଏକ ଆଇନ ସଚେତନତା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତଥା ଅଧକ୍ଷ ତାଲୁକ ଆଇନ ସେବା ସମିତି କେସିଙ୍ଗା ଧନଞ୍ଜୟ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଏସିଡ୍ ଆକ୍ରମଣରେ ଶିକାର ହେଉଥିବା ପୀଡ଼ିତାଙ୍କୁ ଆଇନ ସେବା ଅଧିନିୟମ ୨୦୧୬ ତତ୍ ସହିତ ଭାରତୀୟ ଦଣ୍ଡ ସଂହିତାର ବିଭିନ୍ନ ଧାରା ତଥା ପୀଡ଼ିତାଙ୍କ କ୍ଷତି ପୂରଣ ଯୋଜନା ୨୦୧୭ ସମ୍ପର୍କରେ ବିସ୍ତାର ଭାବରେ ଆଲୋକପାତ କରି ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏଥିରେ କେସିଙ୍ଗା ଭାରପ୍ରାପ୍ତ ଥାନା ଅଧିକାରୀ ପ୍ରଦ୍ୟୁମ୍ନ କୁମାର ମହାପାତ୍ର, ଓକିଲ ସଂଘ ସଭାପତି ତଥା ସହକାରୀ ସରକାରୀ ଓକିଲ ପ୍ରକାଶ କୁମାର ଦାସ, ବରିଷ୍ଠ ଆଇନଜୀବୀ ସୌମ୍ୟରଞ୍ଜନ ମିଶ୍ର, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷ ଡ. ନୀଳମାଧବ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଅଦାଲତ ଏବଂ ବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବେହେରା, ୩୦।୯ (ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରାଠାରେ ଗଣେଶ ପୂଜା ଅବସରରେ ୭ଦିନ ବ୍ୟାପି ଚାଲିଥିବା ଦିବ୍ୟ ପ୍ରବଚନ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଶନିବାର ରାତିରେ ଗଣେଶଙ୍କ ବିସର୍ଜନ ହୋଇଯାଇଛି। ବେହେରା ମାର୍କେଟ କମ୍ପ୍ଲେକ୍ସ ପୂଜା କମିଟି ଦ୍ୱାରା ଆୟୋଜିତ ପୂଜା ଅବସରରେ ଅନଙ୍ଗ ଦାସଜୀ ମହାରାଜ ପ୍ରବଚନ ମାଧ୍ୟମରେ ଜଗନ୍ନାଥ ସଂସ୍କୃତି, ରାମାୟଣ, ଶ୍ରୀମଦ ଭଗବତଗୀତା ଉପରେ ବର୍ଣ୍ଣନା କରିଥିଲେ। ଏହା ସହିତ ପାରିବାରିକ ଖୁସି, ସଂସ୍କାର, ମାତାପିତାଙ୍କୁ ସମ୍ମାନ କରିବା ଉପରେ ବିଶେଷ ଭାବରେ ଆଲୋକପାତ କରିଥିଲେ। ଏଥିରେ କର୍ତ୍ତା ଭାବେ ଅନିଲ ପଣ୍ଡା ଓ ତାଙ୍କ ସ୍ତ୍ରୀ ଶିଖାରାଣୀ ପଣ୍ଡା ଦାୟିତ୍ୱ ନିର୍ବାହ କରିଥିଲେ। ପୂଜକ ମୋହନ ତିୱାରୀ ପୂଜା କାର୍ଯ୍ୟ ତୁଲାଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଭାପତି ଗୁଣନିଧି ନାଗ, ସମ୍ପାଦକ ତ୍ରିଲୋକ ନାଥ ସିଂ, ବବଲୁ ଅଗ୍ରୱାଲ, ଚନ୍ଦ୍ରକାନ୍ତ ରଣା, ସୁରେନ୍ଦ୍ର ଗୋପାଳ, ଭିକାରୀ ଚରଣ ଗୋପାଳ, ପୂର୍ଣ୍ଣଚନ୍ଦ୍ର ସାହୁ, କାହ୍ନା ଭୋଇ, ଅଜୟ ତିୱାରୀ, ଗୌରଚନ୍ଦ୍ର ବାଗ, ଭୁବନେ କାଣ୍ଡ, ପିତାମ୍ବର ଗୋପାଳ ପ୍ରମୁଖ ସହଯୋଗ କରିଥିଲେ। ପ୍ରତିଦିନ ପ୍ରବଚନ କାର୍ଯ୍ୟକ୍ରମକୁ ସଙ୍ଗୀତମୟ କରେଇବା ପାଇଁ ତବଲାବାଦକ କୃଷ୍ଣ ପ୍ରସାଦ ସ୍ୱାଇଁ, ହାରମୋନିୟମ ବାଦକ ରାଧାକାନ୍ତ ଓଝା, ଗଣେଶ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ। ଶେଷ ଦିନରେ ଶହଶହ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ପ୍ରତିବର୍ଷ ଗଣେଶ ପୂଜା ଅବସରରେ ସୁନାମଧନ୍ୟ ପ୍ରବଚକଙ୍କ ଦ୍ୱାରା ଦିବ୍ୟ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜନ କରାଯାଉ ଥିବାରୁ ଅଞ୍ଚଳବାସୀ ମାର୍କେଟ କମ୍ପ୍ଲେକ୍ସ ଗଣେଶ ପୂଜା କମିଟିକୁ ପ୍ରଶଂସା କରିଥିଲେ।


ବେହେରାରେ ଅନଙ୍ଗ ଦାସଜୀ ମହାରାଜ ପ୍ରବଚନ ଦେଉଛନ୍ତି।

# ଜିଲାସ୍ତରୀୟ ଜାତୀୟ ପୋଷଣ ମାସ ପାଳିତ

ଭବାନୀପାଟଣା,୩୦।୯ (ଉତ୍ତମ କୁମାର ଦାଶ)


ଜିଲାସ୍ତରୀୟ ଜାତୀୟ ପୋଷଣ ମାସ ପାଳନରେ ଯୋଗଦେଇଥିବା ଅତିଥିଗଣ।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସଦଭାବନା କକ୍ଷରେ ଶନିବାର ଚଳିତବର୍ଷର ଜିଲାସ୍ତରୀୟ ଜାତୀୟ ପୋଷଣ ମାସ ପାଳିତ ହୋଇଯାଇଛି। ଜିଲା ପ୍ରଶାସନ ଓ ଜିଲା ସମାଜ କଲ୍ୟାଣ ବିଭାଗ ମିଳିତ ଆନୁକୂଲ୍ୟରେ ଏହାକୁ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ.ନିହାରରଞ୍ଜନ ପଣ୍ଡା, ଜିଲା ସମାଜ ମଙ୍ଗଳ ଅଧିକାରୀ ପ୍ରଭାତୀ ରାଣୀ ତ୍ରିପାଠୀ, ଜିଲା ମୁଖ୍ୟ କୃଷି ଅଧିକାରୀ ଜେ.ଏସ.ରାଓ, ଉଦ୍ୟାନ ଉପ ନିର୍ଦ୍ଦେଶକ କିଶୋର ମହାଲିଙ୍ଗ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲା ମିଶନ ଶକ୍ତି ପ୍ରକଳ୍ପ ସଂଯୋଜକ ଅମ୍ରିତ ପାଢୀ, ଜିଲା ମିଲେଟ ମିସନ ପ୍ରକଳ୍ପ ସଂଯୋଜକ ଜିତୁ ନାୟକ, ଜିଲା ଶିକ୍ଷା ବିଭାଗରୁ ପ୍ରତିନିଧି ଯୋଗଦେଇଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଜିଲା କାର୍ଯ୍ୟକ୍ରମ ପରିଚାଳକ ବିଶ୍ୱନାଥ ଦାଶ ପୋଷଣ ଅଭିଯାନ ଆନୁକୁଲ୍ୟରେ ପାଳିତ ହେଉଥିବା ଷଷ୍ଠତମ ଜାତୀୟ ପୋଷଣ ମାସର ଆଭିମୁଖ୍ୟ, କାର୍ଯ୍ୟମୁଖ୍ୟ ଓ ଜିଲାରେ ପାଳିତ ହୋଇଥିବା ମୁଖ୍ୟ କାର୍ଯ୍ୟକ୍ରମଗୁଡିକୁ ଉପସ୍ଥାପନ କରିଥିଲେ। ଅତିରିକ୍ତ ଜିଲାପାଳ ଦରୱାନ ଖାଦ୍ୟ ସହିତ ଶରୀର, ବୌଦ୍ଧିକ ଓ ଆଧାତ୍ମିକ ସମନ୍ୱୟକୁ ପ୍ରତିପାଦନ କରିଥିବା ବେଳେ ଜିଲା ସମାଜ ମଙ୍ଗଳ ଅଧିକାରୀ ତ୍ରିପାଠୀ ସମନିତ ଶିଶୁ ବିକାଶ କାର୍ଯ୍ୟକ୍ରମ ମାଧମରେ ପୁଷ୍ଟି ବର୍ଦ୍ଧନ ସମ୍ବନ୍ଧୀୟ ପଦକ୍ଷେପଗୁଡିକୁ ଜଣାଇଥିଲେ। ଚଳିତ ବର୍ଷ ପୋଷଣ ମାସ ପାଳନ ଅବସରରେ ଜିଲାରସ୍ଥିତି ରାଜ୍ୟସ୍ତରରେ ଭଲଥିବାକୁ ଜଣାଇ ସମସ୍ତ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇବା ସହିତ ଆଗୁଆ ଭାବେ ଲକ୍ଷ୍ୟ ହାସଲ କରିଥିବା ତିନୋଟି ପ୍ରକଳ୍ପ ଯଥା କୋକସରା, କେସିଙ୍ଗା ଓ ଧର୍ମଗଡକୁ ଓ ସବୁଠାରୁ ଅଧିକ ସଫଳତା ହାସଲ କରିଥିବା ତିନୋଟି ପ୍ରକଳ୍ପ ଯଥା ଭବାନୀପାଟଣା ସହରାଞ୍ଚଳ, ଭବାନୀପାଟଣା ଗ୍ରାମାଞ୍ଚଳ ଓ କଳମପୁର ପ୍ରକଳ୍ପକୁ ସମ୍ମାନିତ କରାଯାଇଥିଲା। ଖାଦ୍ୟ ପ୍ରଦର୍ଶନୀ ପ୍ରତିଯୋଗିତାର ସମସ୍ତ ଅଂଶଗ୍ରହଣକାରୀଙ୍କୁ ସାନ୍ତନାମୂଳକ ପୁରସ୍କାର ଦିଆଯାଇଥିଲା। ବାଲ୍ୟବିବାହ ସୁରକ୍ଷା କାର୍ଯ୍ୟକ୍ରମ ଅଧୀନରେ ଥିବା ଜିଲା ପରାମର୍ଶଦାତା ଦିବ୍ୟରଞ୍ଜନ ଯୋଷି, ମମତା କାର୍ଯ୍ୟକ୍ରମ ଅଧୀନରେ ଥିବା ଜିଲା ପ୍ରକଳ୍ପ ସଂଯୋଜକ ରାମାନୁଜ ପୁରୋହିତ, କନିଷ୍ଠ ପରିସଂଖ୍ୟାନ ସହାୟିକା ଜ୍ୟୋତ୍ସ୍ନା ରାଣୀ ଶବର, ଜିଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ଆଇସିଡିଏସର ସମସ୍ତ ମହିଳା ପରିଦର୍ଶିକା, ପୋଷଣ କାର୍ଯ୍ୟକ୍ରମ ଅଧୀନରେ କାର୍ଯ୍ୟରତ ସମସ୍ତ ବ୍ଲକ ସଂଯୋଜକ, ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ଯୋଗ ଦେଇଥିଲେ। ଜିଲା କାର୍ଯ୍ୟକ୍ରମ ପରିଚାଳକ ବିଶ୍ୱନାଥ ଦାଶ ମଞ୍ଚ ଓ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରାମାନୁଜ ପୁରୋହିତ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

# ତଳି ଟାମ୍ପରସରା, ଖରମୁଣ୍ଡା ବିଜୟୀ

**ବରଗଡ଼,୩୦।୯(ପ୍ରେମାନନ୍ଦ ଖମାରୀ):** ବରଗ ଲେଙ୍ଗୁ ମିଶ୍ର ଷ୍ଟାଡିୟମରେ ଚାଲିଥିବା ଜିଲା ନକ୍‌ଆଉଟ ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ଶନିବାର ମ୍ୟାଚ୍‌ରେ ତଳି ଟାମ୍ପରସରା ଓ ଖରମୁଣ୍ଡା ଦଳ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍ ତଳି ଟାମ୍ପରସରା ଓ ଇଲେଭେନ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ତଳି ଟାମ୍ପରସରା ଦଳର ପ୍ରକାଶ ସେଟଙ୍କ ଗୋଟିଏ ଗୋଲ ଯୋଗୁ ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌କୁ ସଞ୍ଜୟ ଦାଶ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସଞ୍ଜୀବ ଭୋଇ, ଅଜୟ ପ୍ରଧାନ ସହଯୋଗ କରିଥିଲେ। ପିଣ୍ଟୁ ସାହୁ ଚତୁର୍ଥ ରେଫରି ଥିଲେ। ଦିତୀୟ ମ୍ୟାଚ୍ ଖରମୁଣ୍ଡା ଓ ଅତାବିରା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଖରମୁଣ୍ଡା ଦଳର ସଚିନ ପାଣ୍ଡେ, କୁଶ ପ୍ରଧାନ, ବିନାୟକ ଦଣ୍ଡସେନା ଗୋଟିଏ ଲେଖାଏଁ ଗୋଲ ଦେବା ଫଳରେ ଖରମୁଣ୍ଡା ଦଳ ମ୍ୟାଚ୍‌କୁ ୩-୦ରେ ଜିତି ନେଇଥିଲା। ମ୍ୟାଚକୁ ଶ୍ରୀନିବାସ ରାଓ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସଚିନ ଭୁଏ ଓ ଝସକେତନ ପ୍ରଧାନ ସହଯୋଗ କରିଥିଲେ। ଚତୁର୍ଥ ରେଫରି ଥିଲେ ବଣ୍ଟି ପ୍ରଧାନ। ସଚ୍ଚିଦାନନ୍ଦ ପଣ୍ଡା ମ୍ୟାଚ୍ କମିଶନର ଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ତଳି ଟାମ୍ପରସରା ଦଳର ପ୍ରକାଶ ସେଟ ଓ ଖରମୁଣ୍ଡା ଦଳର ସଚିନ ପାଣ୍ଡେଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରିତମ ସିଂ, ଡ. ଶୁଭ୍ରାଂଶୁ ଶେଖର ମହାପାତ୍ର, ଅମିୟ ଭୂଷଣ ସାହୁ, ସଚିଦା ପ୍ରଧାନ ,ମୋହନ କିଙ୍ଗ, ବାବଲୁ ଦାଶ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

# ଜାତି ସାଜିଲା ପ୍ରତିବନ୍ଧକ, ଶବଦାହ କଲେ ସ୍ୱେଚ୍ଛାସେବୀ



ସ୍ୱର୍ଗଦ୍ୱାରରେ ମୃତଦେହ ନିକଟରେ ଶୋକାକୁଳ ପରିବାର, ପୋଲିସ ଓ ସ୍ୱେଚ୍ଛାସେବୀ।

ବରଗଡ଼, ୩୦।୯(ପ୍ରେମାନନ୍ଦ ଖମାରୀ) ଆଜି ବି ରହିଛି ଅନ୍ଧବିଶ୍ୱାସ। ଏଭଳି କୁସଂସ୍କାର ଯୋଗୁ ଜୀବନର ଶେଷ ସମୟରେ ମଧ୍ୟ ପରିବାର ଲୋକେ ନିଜ ଆତ୍ମୀୟଙ୍କୁ ଶେଷ ସମ୍ମାନ ତଥା ଶବ ସତ୍କାରରୁ ଦୂରେଇ ରହୁଛନ୍ତି। ଜାତିପ୍ରଥା ଭଳି ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହୋଇ ବରଗଡ଼ ଜିଲା ଅତାବିରା ଥାନା ରେଙ୍ଗାଲିକ୍ୟାମ୍ପ ଅଞ୍ଚଳରେ ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ଏହି ଗ୍ରାମର ଜୟକୁମାର ଭୁଏ(୪୫) ଅନ୍ୟ ଜାତିରେ ବାହା ହୋଇଥିଲେ। ଶନିବାର ତାଙ୍କ ହୃଦଘାତରେ ମୃତ୍ୟୁ ହୋଇଥିଲା। ମୃତ୍ୟୁ ପରେ ମଧ୍ୟ ତାଙ୍କ ମୃତ ଶରୀର ଛୁଇଁବାକୁ କେହି ଆସିଲେ ନାହିଁ। ଅତାବିରା ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନାକୁ ନେଇଥିଲା। ମୃତ ଶରୀର ପାଖରେ ୩ ଶିଶୁ ସନ୍ତାନଙ୍କୁ ଧରି ସ୍ତ୍ରୀ ଚୁମକି ଚିନ୍ତାରେ ପଡିଯାଇଥିଲେ। ଅତାବିରା ପୋଲିସଠାରୁ ଖବର ପାଇ ସଂକଳ୍ପ ପରିବାର ସ୍ୱେଚ୍ଛାସେବୀମାନେ ମୃତଦେହକୁ ପିପଲମୁଣ୍ଡାସ୍ଥିତ ସ୍ୱର୍ଗଦ୍ୱାରକୁ ନେଇ ସତ୍କାର କରିଥିଲେ। ଏଥିରେ ସ୍ଥାନୀୟ କିଛି ସହୃଦୟ ଲୋକଙ୍କ ସହିତ ସଂକଳ୍ପ ପରିବାରର ଶେଷଦେ ପଧାନ, ବିକାଶ ଅଗ୍ରୱାଲ, ଚିନ୍ମୟ ପାଣ୍ଡେ ପ୍ରମୁଖ ସାମିଲ ହୋଇଥିଲେ। ଆଗାମୀ ଦିନରେ ସଂକଳ୍ପ ପରିବାର ତରଫରୁ ମୃତକଙ୍କ ଶିଶୁର ପାଠପଢ଼ାରେ ସାହାଯ୍ୟ ସୁବିଧା ଯୋଗାଇ ଦିଆଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।



ବରଗଡ଼ ଜିଲା ଅତାବିରା ବ୍ଲକ ଗରିଆଟିକ୍ରା ସରକାରୀ ଉଚ୍ଚପ୍ରାଥମିକ ସ୍କୁଲରେ ଶନିବାର ସୁରଭି କାର୍ଯ୍ୟକ୍ରମରେ ଛାତ୍ରୀମାନେ ପ୍ରତିଭା ପ୍ରଦର୍ଶନ କରୁଛନ୍ତି।

# ପ୍ରତିଭା ପ୍ରଦର୍ଶନ କଲେ ଛାତ୍ରୀ

**କ୍ଲଷ୍ଟର ସ୍ତରୀୟ ସୁରଭି, ମିଲେଟସ୍ ପ୍ରତିଯୋଗିତା**

**ସରଣ୍ଡା,୩୦।୯(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବ୍ଲକ ଗରିଆଟିକ୍ରା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶନିବାର ବୁଗବୁଗା କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ସିଆରସିସି ନନ୍ଦିଘୋଷ ଭୁଏଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ପତ୍ରାପାଲି ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଟୁନା କର୍ଣ୍ଣ ମୁଖ୍ୟ ଅତିଥି, ସ୍ୱାମୀ ବିବେକାନନ୍ଦ ସ୍ମାରକ ଉଚ୍ଚବିଦ୍ୟାଳୟର ସଂସ୍କୃତ ଶିକ୍ଷକ ସଚ୍ଚିଦାନନ୍ଦ ପୂଜାରୀ, ପତ୍ରାପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ବିଶି ଏବଂ ଗରିଆଟିକ୍ରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏଥିରେ କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରୁ ୧୫୨ ଜଣ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରତିଯୋଗୀମାନଙ୍କ ମଧ୍ୟରେ ଆରତୀ ମିର୍ଦ୍ଧା, ଜ୍ୟୋତିର୍ମୟୀ କର୍ଣ୍ଣ, ଅନୁଷ୍କା ଦୀପ, ଟିଟୁ ଭୁଏ, ସୋନି ବିଶ୍ୱାଳ, ସିଦ୍ଧିରାନି ଜମାଦାର, ନିହାରିକା ରଣା, ମିଳନ କହରା, ଓମ୍ କର୍ଣ୍ଣ, ଶୁଭଶ୍ରୀ କର୍ମୀ, ହେମନ୍ତ ଗରିଆ, ପ୍ରତୀକ ପଧାନ, ଅଙ୍କିତା ଛନ୍ଦ, ଜାଗୃତି ଲୁହା, ମନୀଷା ରାଣୀ ଭୁଏ, କୁସୁମ ଭୁଏ, ରିତୁଶ୍ରୀ ମଣ୍ଡଳୀ, ସୁଶ୍ରୀ କର୍ଣ୍ଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗରିଆଟିକ୍ରା ବିଦ୍ୟାଳୟ ଦଳ ପ୍ରଥମ ସ୍ଥାନ ଅଧିକାର କରି ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ମନୋନିତ ହୋଇଥିଲେ। କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ଦିନେଶ କୁମାର ମହାକୁର, ତରଣୀସେନ ପଧାନ, ଜ୍ୟୋତିରାଣୀ ଭୋଇ, ମଥୁରା ପଧାନ, ଜଗମୋହନ ଭୁଏ, ମାନସ ସାହୁ, ମୁକେଶ ଭୋସାଗର ଏବଂ କ୍ଲଷ୍ଟରର ଶିକ୍ଷୟିତ୍ରୀ ଶିକ୍ଷକ, ପରିଚାଳନା କମିଟି ସଦସ୍ୟା ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

ସେହିପରି ଅତାବିରା ବ୍ଲକ ପାହାଡ଼ଶ୍ରୀଗିଡା ଲାଲଡୋଲେଶ୍ୱର ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର କ୍ଲଷ୍ଟର ସ୍ତରୀୟ ସୁରଭି ଓ ମିଲେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶୀଲ କୁମାର ସେଟ ସଭାପତିତ୍ୱ କରିଥିଲେ। ସରପଞ୍ଚ ଗୀତାଞ୍ଜଳି ପ୍ରଧାନ ମୁଖ୍ୟ ଅତିଥି, ଆଞ୍ଚଳିକ ଉଚ୍ଚ ମହାବିଦ୍ୟାଳୟର ଅଧ୍ୟକ୍ଷ ରାମକୃଷ୍ଣ ସାହୁ ମୁଖ୍ୟ ବକ୍ତା ଏବଂ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟର ସଭାପତି ରମାକାନ୍ତ ପ୍ରଧାନ, ସିଆରସିସି ଜୟଦେବ ନାଏକ ଓ ବିଜ୍ଞାନ ଶିକ୍ଷକ ଗୋପବନ୍ଧୁ ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଗୋପବନ୍ଧୁ ମେହେର ମଞ୍ଚ ପରିଚାଳନା କରିଥିଲେ। ସମସ୍ତ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶିକ୍ଷକ ପ୍ରଭାତୀ ପ୍ରଧାନ, ପୁଷ୍ପାଞ୍ଜଳି ପଧାନ, ରାଜକିଶୋର ବରିହା, ଦେବାନନ୍ଦ ସାହୁ, ଗୀତାଞ୍ଜଳି ରାଏ, ଚାନ୍ଦିନୀ ମାଝୀ, ରମେଶ ଭୁଏ, ଗୁଣମଣି ଲୁହା ପ୍ରମୁଖ ସହଯୋଗ କରିଥିଲେ। ଜୟଦେବ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁ ମହୋତ୍ସବ ସୁରଭି, ମିଲେଟ ପ୍ରତିଯୋଗିତା

**ବରପାଲି,୩୦।୯(ଚିତ୍ତରଞ୍ଜନ ସାହୁ )**

ବରପାଲି ବ୍ଲକ ତେଜଙ୍ଗ କ୍ଲଷ୍ଟର ଅଧୀନ ଅମାମୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ ମେହେରଙ୍କ ସଭାପତିତ୍ୱ ଓ ସିଆର୍‌ସିସି ସଞ୍ଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ କ୍ଲଷ୍ଟରସ୍ତରୀୟ 'ସୁରଭି ଓ ମିଲେଟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବରପାଲି ଗୋଷ୍ଠୀ ସହ ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ପ୍ରବନ୍ଧ, ବକ୍ତୃତା, ତର୍କ, ସୃଜନଶୀଳ ଲିଖନ, ଚିତ୍ରାଙ୍କନ ଓ ସଙ୍ଗୀତ ପ୍ରତିଯୋଗିତା କରାଯାଇଥିଲା। ବରପାଲି ବ୍ଲକ ଅଧ୍ୟକ୍ଷା ରୀନା ଥଇତ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟ (କଲ୍ୟାଣ ବିଭାଗ) ରକ୍ସା, ସରକାରୀ ଉଚ୍ଚ ବିଦ୍ୟାଳୟ, ତିଲେଇମାଲ, ସରକାରୀ ଉଚ୍ଚ ବିଦ୍ୟାଳୟ, ତେଜଙ୍ଗ ଓ ସରକାରୀ ଉ.ପ୍ରା. ବିଦ୍ୟାଳୟ, ତିଲେଇମାଳର ଛାତ୍ରୀଛାତ୍ର ବାଦ୍ୟଯନ୍ତ୍ରର ତାଳେ ତାଳେ ନୃତ୍ୟ ପରିବେଷଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ତେଜଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ମିଶ୍ର ଅତିଥି ପରିଚୟ ପ୍ରଦାନ ଓ ଶିକ୍ଷକ ଭକ୍ତଚରଣ ବାଘ ମଞ୍ଚ ପରିଚାଳନା କରିଥିଲେ। ସୁଜିତ ପଟେଇ, ଦୀପକ ପଧାନ, ଗୋବିନ୍ଦ ପଶାୟତ, ଲିଙ୍ଗରାଜ ପାଣ୍ଡେ, ସୁଦାମ ତାଣ୍ଡି, ସୁରଥ ମେହେର, ଦୁଲାରିନ ନାୟକ, ପ୍ରୀତିପର୍ଣ୍ଣା ମିଶ୍ର ଓ ଲିଙ୍ଗରାଜ ବୁଡେକ ସହଯୋଗ କରିଥିଲେ। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ପାଇଥିବା ଛାତ୍ରୀଛାତ୍ରଙ୍କୁ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନିତ କରାଯାଇଥିଲା।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ଝାରବନ୍ଧ,୩୦।୯ (ଦେବେନ୍ଦ୍ର ସାହୁ)**

ଝାରବନ୍ଧ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଝାରବନ୍ଧ ଜୁନିୟର କଲେଜରେ ଅନୁଷ୍ଠିତ ହୋଇଯାଇଛି। କୁନି କୁନି ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦେଶ୍ୟ। କାର୍ଯ୍ୟକ୍ରମରେ ଝାରବନ୍ଧ କ୍ଲଷ୍ଟର ୧୪ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରି ନିଜ ପ୍ରତିଭା ପ୍ରଦର୍ଶିତ କରିଥିଲେ। ଝାରବନ୍ଧ କ୍ଲଷ୍ଟର ସିଆରସିସି ଗୋପାଳ ଚନ୍ଦ୍ର ହରିଜନଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦଘାଟନୀ ଉତ୍ସବରେ ଝାରବନ୍ଧ ପଞ୍ଚାୟତ ସମିତି ଜୁନିୟର କଲେଜ ଅଧ୍ୟକ୍ଷ ପ୍ରମୋଦ କୁମର ସାହୁ ମୁଖ୍ୟ ଅତିଥି, ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ଦାନୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଡିଗ୍ରୀ କଲେଜ ଅଧ୍ୟକ୍ଷ ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ବେହେରା, ସମ୍ମାନୀତ ଅତିଥି ଭାବେ ଏବିଇଓ ଦିବ୍ୟକିଶୋର ପଣ୍ଡା ଏବଂ ଝାରବନ୍ଧ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୟାନିଧି ସାହୁ ଯୋଗଦାନ କରିଥିଲେ। ଆରଦ୍ରା ବାଗ ସଭା ପରିଚାଳନା କରିଥିଲେ।

# ଶିଶୁଦୋଳି ଉଦ୍‌ଘାଟିତ

**ପାଇକମାଲ,୩୦।୯(ବଡ ଶତପଥୀ)**

ବରଗଡ ଜିଲା ପାଇକମାଳର କସ୍ତୁରବା ଗାନ୍ଧୀ ମାତୃ ନିକେତନରେ ଶନିବାର ଶିଶୁ ଦୋଳି ଉଦ୍‌ଘାଟିତ ହୋଇଯାଇଛି। ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଦିନେଶ ଅଗ୍ରୱାଲ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଅଧିକାରିଣୀ ମଞ୍ଜୁ ଏକ୍କା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସନ୍ତୋଷିନୀ ମହାପାତ୍ର, ତପନ କୁମାର ପାତ୍ର, କସ୍ତୁରବା ଗାନ୍ଧୀ ମାତୃ ନିକେତନର ଅଧ୍ୟକ୍ଷ ନିର୍ମଳ କୁମାର ଗିରି, ଏସଏଏ ମ୍ୟାନେଜର ସରୋଜ ପ୍ରଧାନ, କାଉନସେଲର ସୁଚରିତା ପଣ୍ଡା, ଯଶୋବନ୍ତୀ ଭୋଇ, ସଞ୍ଜୀବ ଦାସ, ନୀଳିମା ଗିରି, ଅନୁଶ୍ରୀ ଶର୍ମା, ଶୁଭ୍ରକାନ୍ତି ନାୟକ, ଲୀନା ପାଣ୍ଡେ, ଚନ୍ଦ୍ରଶେଖର ପାତ୍ର, ତିଳକରାମ ମାଝୀ, ରଞ୍ଜିତା ସାହୁ, ବିରଞ୍ଚି ନାରାୟଣ ନାୟକ ପ୍ରମୁଖ ଯୋଗ ଦେଇଥିଲେ।



କସ୍ତୁରବା ଗାନ୍ଧୀ ମାତୃ ନିକେତନରେ ଶିଶୁ ଦୋଳି ଉଦ୍‌ଘାଟନ କରାଯାଉଛି।

# ନୃସିଂହନାଥରେ ୫-ଟି କାମକୁ ନେଇ ଅସନ୍ତୋଷ

**ପାଇକମାଲ, ୩୦।୯ (ବଡ ଶତପଥୀ)**

ପଶ୍ଚିମ ଓଡିଶାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ନୃସିଂହନାଥର ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାର ୫-ଟି ଜରିଆରେ ପ୍ରଥମ ପର୍ଯ୍ୟାୟରେ ୨୩ କୋଟି ଟଙ୍କା ଅନୁଦାନ ଦେଇଥିବା ବେଳେ ଏହାର କାମ ଚାଲିଛି। ତେବେ ଉକ୍ତ ସୌନ୍ଦର୍ଯ୍ୟକରଣ କାମକୁ ନେଇ ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁସାରେ, ରାଜ୍ୟ ସରକାରଙ୍କ ଅନୁଦାନରେ ମନ୍ଦିର ପରିସରରେ ୮୦ଟି ଦୋକାନ ଗୃହ ନିର୍ମାଣ କରାଯାଇଛି। ଉକ୍ତ ଗୃହ ଛୋଟ ହୋଇଥିବାରୁ ସେଠାରେ ବେପାରିମାନେ ଦୋକାନ ଦେବା ସମ୍ଭବ ନୁହେଁ। ତେଣୁ ବେପାରୀମାନେ ଉକ୍ତ ଦୋକାନ ଘରକୁ ଭଡାରେ ନେବେ ନାହିଁ ବୋଲି ମନ୍ଦିର କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ବର୍ତ୍ତମାନ ନୃସିଂହନାଥର ସିଂହଦ୍ୱାରରୁ ସୂଚନା କେନ୍ଦ୍ର ପର୍ଯ୍ୟନ୍ତ କଳାସିଲେଟ ପଥର ବସାଯାଉଛି। ଖରା ଓ ବର୍ଷା ଦିନେ ଏହା ଉପରେ ଚାଲିବା କଷ୍ଟକର ହେବ। ଏହି ପଥର ନ ବସାଇବା ପାଇଁ ଜନସାଧାରଣ ଓ ମନ୍ଦିର ସେବାୟତମାନେ ବାରଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଦାବି ସୁବୋଧ ପଣ୍ଡା, ବିଷ୍ଣୁ ପଶାୟତ, ଆକାଶ ପାଣିଗ୍ରାହୀ, ଅରୁଣ ସାହୁ, ବଳରାମ ବାରିକ, ନାରାୟଣ ମହାମଲିକ, ବସନ୍ତ ଘଡେଇ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନଙ୍କୁ ପଚାରିବାରୁ କାର୍ଯ୍ୟ ତଦାରଖ କରୁଥିବା କନିଷ୍ଠ ଯନ୍ତ୍ରୀଙ୍କୁ ଜନସାଧାରଣଙ୍କ ଅସନ୍ତୋଷ ଜଣାଇ ଦେଇଛି ବୋଲି ସେ କହିଥିଲେ।

# ସମଲେଶ୍ୱରୀ ମନ୍ଦିର ଦାନବାକ୍ସ ଖୋଲାଗଲା



ଦାନବାକ୍ସରୁ ମିଳିଥିବା ଟଙ୍କା ଗଣାଯାଉଛି।

**ବରଗଡ଼,୩୦।୯(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ମନ୍ଦିରର ୨ ଦାନବାକ୍ସ (ହୁଣ୍ଡି) ଶୁକ୍ରବାର ରାତିରେ ଖୋଲାଯାଇଛି। ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତାଙ୍କ ଉପସ୍ଥିତିରେ ହୁଣ୍ଡି ଖୋଲା ଯାଇଥିଲା। ଗଣତି ପରେ ସେଥିରୁ ୨ ଲକ୍ଷ ୮୨ ହଜାର ୮୦୦ ଟଙ୍କା ମିଳିଥିଲା। ଭକ୍ତମାନେ ବିଭିନ୍ନ ସମୟରେ ଏହି ଟଙ୍କା ଦାନ ଆକାରରେ ପ୍ରଦାନ କରିଥିଲେ। ଗତ ୧୦ ତାରିଖରେ ପ୍ରଥମ ପର୍ଯ୍ୟାୟରେ ଗୋଟିଏ ହୁଣ୍ଡି ଖୋଲାଯାଇଥିବା ବେଳେ ସେଥିରୁ ୧ ଲକ୍ଷ ୭୩ ହଜାର ୮୦ ଟଙ୍କା ମିଳିଥିଲା। ହୁଣ୍ଡିରୁ ମିଳିଥିବା ଟଙ୍କା ବ୍ୟାଙ୍କରେ ଜମା କରାଯିବ ଏବଂ ସେହି ଟଙ୍କା ବିଭିନ୍ନ ସମୟରେ ପୂଜା କାର୍ଯ୍ୟ ସମ୍ପାଦନ କରାଯିବ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ମୋ ମାଟି, ମୋ ଦେଶ କାର୍ଯ୍ୟକ୍ରମ



ମୋ ମାଟି, ମୋ ଦେଶ କାର୍ଯ୍ୟକ୍ରମରେ ମାଟି ସଂଗ୍ରହ କରାଯାଉଛି।

**ବରଗଡ଼,୩୦।୯(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ବିଜେପୁର ବ୍ଲକ ଜାରିଂ ଗ୍ରାମପଞ୍ଚାୟତରେ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ମୋର ମାଟି, ମୋର ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାରିଂ ପଞ୍ଚାୟତର ଆଥ୍‌ଲେଟିକ ଆସୋସିଏଶନ, ଇଣ୍ଡିଆନ ଆର୍ମି, ୟୁଥ କ୍ଲବ ଏବଂ ଏସ୍‌ଏଚ୍‌ଜି ମହିଳା ମଣ୍ଡଳ ଓ ନେହେରୁ ଯୁବକେନ୍ଦ୍ର ବରଗଡ଼ର ମିଳିତ ଆନୁକୂଲ୍ୟରେ ଜାରିଂ ଗ୍ରାମପଞ୍ଚାୟତରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନେହେରୁ ଯୁବକେନ୍ଦ୍ରର ଜିଲା ଯୁବ ଅଧିକାରୀ ରୋଶନ ଟଣ୍ଡନ ପ୍ରଥମେ କାର୍ଯ୍ୟକ୍ରମ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ସ୍ଥାନୀୟ ଏମ୍‌ବିକେ ପଙ୍କଜିନୀ ଦନ୍ତା ଓ ମହିଳା ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦିଲ୍ଲୀରେ ନିର୍ମାଣ ହେବାକୁ ଥିବା ଅମୃତ ବାଟିକାରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପବିତ୍ର ମାଟି ସ୍ଥାପନ କରାଯିବ। ଏହି ପରିପ୍ରେକ୍ଷୀରେ ଗ୍ରାମବାସୀଙ୍କ ଘର ଘର ବୁଲି ମାଟି ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନିଲ ସାହୁ, ଦୀପକ ସାହୁ, ମାନସ ପ୍ରଧାନ, ଗୋବିନ୍ଦା ସାହୁ, ମହେନ୍ଦ୍ର ବନଛୋର, ଶିବୁ ସାହୁ, ସତ୍ୟ ସଂକଳ୍ପ ସାହୁ, କନ୍ଦର୍ପ ପଧାନ, ତୁଳସୀରାମ ବରିହା, କ୍ଷୀରସିନ୍ଧୁ ଭୋଇ, ରଶ୍ମିତା ନାଗ, ଶବ୍ୟାରାଣୀ ପଧାନ ଓ ସମସ୍ତ ମହିଳା ଗୋଷ୍ଠୀ ସହଯୋଗ କରିଥିଲେ।

# ଗାନ୍ଧୀ ଜୟନ୍ତୀରେ ହେବ ଚାଷୀ ସମାବେଶ

**ସରଣ୍ଡା,୩୦।୯(ଯୁଧିଷ୍ଠିର ମହାପାତ୍ର)**

ରାଜ୍ୟର ଭାତ ହାଣ୍ଡି ଭାବେ ପରିଚିତ ବରଗଡ଼ ଜିଲା ଅତାବିରା ଅଞ୍ଚଳରେ ଚାଷୀ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ଦେଶକୁ ଅନ୍ନ ଯୋଗାଉଥିବା ଅନ୍ନଦାତା ଓ ଚାଷକୁ ବଞ୍ଚାଇବା ଲକ୍ଷ୍ୟ ନେଇ ଗତ ଅଗଷ୍ଟ ୧୫ତାରିଖରୁ ଓଡିଶା ରାଜ୍ୟ କୃଷକ ସଙ୍ଗଠନ ପକ୍ଷରୁ ଗାଁକୁ ଗାଁ ଯାଇ ପ୍ରତି ପଞ୍ଚାୟତରେ ଚାଷୀଙ୍କୁ ସଚେତନ କରିବା ସହ ଏହି ଅଭିଯାନରେ ସାମିଲ କରାଯାଇଛି। ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ଏହାର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ। ଏ ନେଇ ଶନିବାର ସଙ୍ଗଠନର ଅତାବିରା ସଭାପତି ବୀରେନ୍ଦ୍ର କରଙ୍କ ନେତୃତ୍ୱରେ ଏକ ବୃତ୍ତାନ୍ତ ପ୍ରସ୍ତୁତି ବୈଠକ ବରଗଡ଼ ଜିଲା ଅତାବିରା ବ୍ଲକ ଲାଦେରପାଲି ରାମଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଶନିବାର ସଙ୍ଗଠନ ପକ୍ଷରୁ ଅତାବିରା ଅଗ୍ରସେନ ଭବନରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସଭାପତି କର ସୂଚନା ଦେଇଛନ୍ତି। ସମସ୍ତ ଚାଷୀଙ୍କ ଋଣ ସମ୍ପୂର୍ଣ୍ଣ ଛାଡ଼ କରିବା, ଫସଲ ବୀମା ଓ ଇନ୍‌ପୁଟ୍ ସବ୍‌ସିଡି କ୍ଷତିଗ୍ରସ୍ତ ଚାଷୀଙ୍କୁ ୧୫ ଦିନ ମଧ୍ୟରେ ପ୍ରଦାନ, ଧାନ କୁଇାଲ ପିଛା ୮୦୦ ଟଙ୍କା ବୋନସ୍ ପ୍ରଦାନ, ଚାଷୀଙ୍କ ଆକସ୍ମିକ ମୃତ୍ୟୁରେ ପରିବାରଙ୍କୁ ୧୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା, ମଣ୍ଡିରେ ଚାଷୀଙ୍କୁ ଶୋଷଣରୁ ମୁକ୍ତି, ୬୦ ବର୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ମାସିକ ୫ହଜାର ଟଙ୍କା ପେନସନ ଦେବାକୁ ସେ ଦାବି କରିଛନ୍ତି। ଅତାବିରା ସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ଏକ ବିଶାଳ ପଦଯାତ୍ରା ଲାଦେରପାଲି ରାମଚଣ୍ଡୀ ମନ୍ଦିର ଯାଏ ଯିବ। ସେଠାରେ ଉଦ୍‌ଯାପନୀ ସମାରୋହରେ ଦାବି ଉପସ୍ଥାପନ କରାଯିବ ବୋଲି କର କହିଥିଲେ। ଖବରଦାତା ସମ୍ମିଳନୀରେ ସୁରେଶ କର୍ଣ୍ଣ, ବୁଦ୍ଧଦେବ ନନ୍ଦ, ନରେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



କୃଷକ ସଙ୍ଗଠନ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।




## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧା ମୃତ

**ରାଉରକେଲା/ବିଶ୍ରା, ୩୦।୯(ଦିନେଶ ମିଶ୍ର/ବଟକୃଷ୍ଣ ସ୍ୱାଇଁ):** ବିଶ୍ରା ଥାନା ଅନ୍ତର୍ଗତ ମଣ୍ଡପ ଗ୍ରାମରେ ଜଣେ ବୃଦ୍ଧା ପୋଖରୀରେ ସ୍ନାନ କରିବା ବେଳେ ବୁଡିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ମୃତ ବୃଦ୍ଧା ହେଲେ ବିଶି ଓରାମ(୬୨)। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୬।୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ବିଶି ଶୁକ୍ରବାର ସକାଳ ସାଢେ ୧୦ଟାରେ ଘର ପାଖ ପୋଖରୀକୁ ସ୍ନାନ କରିବାକୁ ଯାଇଥିଲେ। ଏହି ସମୟରେ ତାଙ୍କ ଗୋଡ ଖସିଯିବାରୁ ସେ ପାଣିରେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆରଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଆର୍‌ଏସ୍‌ପି, ଖଣି ସମୂହ କର୍ମଚାରୀଙ୍କ ଲାଗୁହେଲା ସ୍ୱାସ୍ଥ୍ୟଭତ୍ତା

**ରାଉରକେଲା,୩୦।୯(ସଙ୍ଗୀତା ଜେନା):** ରାଉରକେଲା ଇସ୍ପାତ କାରଖାନା ଏବଂ ଏହାର ଖଣି ସମୂହରେ କାର୍ଯ୍ୟରତ ୨୬୮୨ଜଣ ଶ୍ରମିକଙ୍କ ପାଇଁ ଆରଏସ୍‌ପି କର୍ତ୍ତୃପକ୍ଷ ସ୍ୱାସ୍ଥ୍ୟଭତ୍ତା ଲାଗୁ କରିଛନ୍ତି। ସ୍ୱାସ୍ଥ୍ୟ ଭତ୍ତା ସମ୍ବନ୍ଧୀୟ ଏକ ସର୍କୁଲାର ଗତ ଶୁକ୍ରବାର ଆର୍‌ଏସ୍‌ପି କର୍ତ୍ତୃପକ୍ଷ ଜାରି କରିଛନ୍ତି। ଉକ୍ତ ସର୍କୁଲାର ଅନୁଯାୟୀ, କ୍ଲଷ୍ଟର ଏକୁ ୫୦୦, କ୍ଲଷ୍ଟର ବିକୁ ୫୫୦ ଓ କ୍ଲଷ୍ଟର ସିରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ମାସିକ ୬ଶହ ଟଙ୍କା ସ୍ୱାସ୍ଥ୍ୟଭତ୍ତା ମିଳିବ। ଯେଉଁ ଶ୍ରମିକ ମାନେ ଶାରୀରିକ ବ୍ୟାୟମ କରୁଛନ୍ତି, ସେମାନେ କେବଳ ଏହାର ଅନ୍ତର୍ଭୁକ୍ତ ହୋଇପାରିବେ। ପ୍ରତ୍ୟେକ ୩ ମାସରେ ଥରେ କର୍ମମିତ୍ର ଆପ୍‌ରେ ଅନଲାଇନ୍ ଆବେଦନକ କରାଯାଇ ପାରିବ। ଅଗଷ୍ଟ ୨୫ ତାରିଖରେ ଡିଆଇସି ଅତନୁ ଭୌମିକଙ୍କ ସହ ଆଲୋଚନା କରିଥିଲେ। ଏ ନେଇ ଆର୍‌ଆଇ କେକେସ୍‌ ସାଧରଣ ସମ୍ପାଦକ ହିମାଂଶୁ ବଳ ଆରଏସ୍‌ପି ଡିଆଇସିଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

### ସ୍ତ୍ରୀଙ୍କୁ ଆକ୍ରମଣ କରି ଘରେ ନିଆଁ ଲଗାଇଦେଲେ ସ୍ୱାମୀ

**ରାଉରକେଲା,୩୦।୯(ସଙ୍ଗୀତା ଜେନା):** ରଘୁନାଥପାଲି ଥାନା ଅନ୍ତର୍ଗତ ଜଲଦା ଅଞ୍ଚଳରେ ଶୁକ୍ରବାର ରାତିରେ ଜଣେ ବ୍ୟକ୍ତି ତାଙ୍କ ପତ୍ନୀଙ୍କୁ ଏକ ଧାରୁଆ ଛୁରିରେ ମରଣାନ୍ତକ ଆକ୍ରମଣ କରି ଘରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏ ନେଇ ଶନିବାର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୩୨୮।୨୩) ରୁଜୁ ହୋଇ ତଦନ୍ତ କରୁଛି। ପୋଲିସ ସୂଚନା ଅନୁସାରେ, ଜଲଦା ବାଲିଯୋଡ଼ି ଅଞ୍ଚଳରେ ଲକ୍ଷ୍ମୀ ଲୋହାର (୨୮) ଓ ତାଙ୍କ ସ୍ୱାମୀ ନାରାୟଣ ଲୋହାର ରୁହନ୍ତି। ଶୁକ୍ରବାର ରାତିରେ ଉଭୟଙ୍କ ମଧ୍ୟରେ କୌଣସି ପ୍ରସଙ୍ଗକୁ ନେଇ ବଚସା ହୋଇଥିଲା। ଏଥିରେ ନାରାୟଣ ଉତ୍ତ୍ୟକ୍ତ ହୋଇ ଲକ୍ଷ୍ମୀଙ୍କ ଜଙ୍ଘକୁ ଏକ ଧାରୁଆ ଛୁରିରେ ଭୁଷି ଦେଇଥିଲେ। ଲକ୍ଷ୍ମୀ ଆହତ ହୋଇ ଆର୍‌ଜିଏଚ୍ ଚିକିତ୍ସା ପାଇଁ ଯାଇଥିବା ବେଳେ ନାରାୟଣ ଘରେ ନିଆଁ ଲଗାଇ ଦେଇ ଫେରାର ହୋଇଯାଇଥିଲେ। ଫଳରେ ଘରର ସମସ୍ତ ଆସବାବପତ୍ର ଜଳିପୋଡି ନଷ୍ଟ ହୋଇଯାଇଛି। ଡାକ୍ତରଖାନାରୁ ଫେରି ଲକ୍ଷ୍ମୀ ଏ ନେଇ ଥାନାରେ ଅଭିଯୋଗ କରିଥିଲେ।




ଶନିବାର କୁଆଁରମୁଣ୍ଡା ବ୍ଲକର ମାଡାଟୋଲା ଗ୍ରାମରେ ଜୋନସ୍ତରୀୟ ସିର୍ନଜି ଲୋକ ସାଂସ୍କୃତିକ ମହୋତ୍ସବରେ ପୁରସ୍କୃତ ହୋଇଥିବା ନୃତ୍ୟଦଳ

# ଲୋକ ସଂସ୍କୃତି ଆଞ୍ଚଳିକ, ଜାତୀୟ ଏକତାକୁ ସୁଦୃଢ଼ କରେ

**ରାଉରକେଲା,୩୦।୯(ବିପ୍ଳବ ରଞ୍ଜନ ଦାଶ)**

ଆରଏସପିର ସିଏସ୍‌ଆର ବିଭାଗ ତରଫରୁ କୁଆଁରମୁଣ୍ଡା ବ୍ଲକର ମାଡାଟୋଲା ଗ୍ରାମରେ ଜୋନସ୍ତରୀୟ ସିର୍ନର୍ଜି ଲୋକ ସାଂସ୍କୃତିକ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବରେ ୩୦ଟି ନୃତ୍ୟ ଦଳ ଭାଗ ନେଇଥିଲେ। ଉଦ୍‌ଯାପନୀ ସମାରୋହରେ ଆରଏସପି ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ.କେ. ବେହୁରିଆ ମୁଖ୍ୟ ଅତିଥି, ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ ପି.କେ. ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସିଏସଆର ବିଭାଗର ମହାପ୍ରବନ୍ଧକ ସୁଶ୍ରୀ ମୁନମୁନ ମିତ୍ର, ସହକାରୀ ମହାପ୍ରବନ୍ଧକ ଟି. ବି ଟପ୍ପୋ, ସ୍ଥାନୀୟ ସରପଞ୍ଚ, ସିଏସ୍‌ଆର ବିଭାଗ ଅଧିକାରୀ ଓ ଷ୍ଟାଫ୍ , ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ତଥା ଗ୍ରାମର ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହିଥିଲେ। ଏହି ପରିପ୍ରେକ୍ଷୀରେ ମୁଖ୍ୟ ଅତିଥି ସିଏସଆର ବିଭାଗର ପ୍ରୟାସକୁ ପ୍ରଶଂସା କରିବା ସହ ଏଭଳି ଉତ୍ସବ ସ୍ଥାନୀୟ ଓ ଜାତୀୟ ଏକତାକୁ ସୁଦୃଢ଼ କରିବାରେ ସହାୟକ ହୋଇଥାଏ ବୋଲି ମତପ୍ରକାଶ କରିଥିଲେ। ପ୍ରତିଯୋଗିତାରେ ହେଠବାହାଲ ଗ୍ରାମ ନୃତ୍ୟ ଦଳ ପ୍ରଥମ, କଚାରୁ ଗ୍ରାମ ଦ୍ୱିତୀୟ ଓ ଜବାକୁଦାର ଗ୍ରାମ ଦଳ ତୃତୀୟ ସ୍ଥାନ ହାସଲ କରି ଅତିଥିଙ୍କ ଦ୍ୱାରା ଅର୍ଥରାଶି ଓ ଟ୍ରଫି ହାସଲ କରିଥିଲେ। ଅବଶିଷ୍ଟ ୨୭ଟି ଦଳକୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ମହୋତ୍ସବର ବିଚାରକ ମଣ୍ଡଳୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଶ୍ରୀ ମୁନମୁନ ମିତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଟି. ବି. ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ। ଆଗାମୀ ଦିନରେ ୪ ବ୍ଲକରେ ଜୋନସ୍ତରୀୟ ପ୍ରତିଯୋଗିତା ହେବ ଏବଂ ଫାଇନାଲ ପର୍ଯ୍ୟାୟ ପ୍ରତିଯୋଗିତା ରାଉରକେଲାରେ ହେବ ବୋଲି ସ୍ଥିର କରାଯାଇଛି।

# ଲକ୍ଷ୍ୟଠୁ ଦୂରରେ, ମିଳୁନି ଚିକିତ୍ସାସେବା

**ରାଉରକେଲା,୩୦।୯(ବିପ୍ଳବ ରଞ୍ଜନ ଦାଶ)**

**ସିଡବ୍ଲ୍ୟୁଏସ୍ ଜେନେରାଲ ହସ୍ପିଟାଲ**

ରାଉରକେଲା ଜଗଦା ସ୍ଥିତ ସାମୂଦାୟିକ କଲ୍ୟାଣ ସୋସାଇଟି (ସିଡବ୍ଲ୍ୟୁଏସ୍) ଜେନେରାଲ ହସ୍ପିଟାଲ ଅବ୍ୟବସ୍ଥାରେ ଚାଲିଛି। ଏଠାକୁ ଆସୁଥିବା ରୋଗୀଙ୍କୁ ଆବଶ୍ୟକ ଚିକିତ୍ସା ସୁବିଧା ମିଳୁ ନ ଥିବା ଅଭିଯୋଗ ହେଉଛି। ଫଳରେ ଏହି ହସ୍ପିଟାଲ ତାର ମୂଳଲକ୍ଷ୍ୟରୁ ଦୂରେଇ ଯିବାରେ ଲାଗିଛି।

ସୂଚନା ଅନୁସାରେ, ସିଡବ୍ଲ୍ୟୁଏସ୍ ହସ୍ପିଟାଲରେ ୫୫ ଡାକ୍ତରଙ୍କ ସ୍ଥାନରେ ୪୭ ଜଣ ଡାକ୍ତର ରୋଗୀସେବା କରୁଛନ୍ତି। ହସ୍ପିଟାଲରେ ରୋଗୀଙ୍କୁ ପର୍ଯ୍ୟାପ୍ତ ପରିମାଣର ଜେନେରିକ ମେଡିଶିନ ମିଳୁନାହିଁ। ଫଳରେ ରୋଗୀମାନେ ଦାମୀ କମ୍ପାନୀର ଔଷଧ କିଣିବାକୁ ବାଧ ହେଉଛନ୍ତି। ସେହିପରି ଜଗଦାରେ ୨ଏକର ପରିମିତ ଜମିରେ ୨୦୦୨ ନଭେମ୍ବରରେ ହସ୍ପିଟାଲ ସ୍ଥାପନ ହେବା ସମୟରେ ସ୍ଥାନୀୟ ଲୋକମାନଙ୍କୁ ରୋଜଗାର ସୁଯୋଗ ପ୍ରଦାନ କରାଯିବାର ଥିଲା। ମାତ୍ର ଏପର୍ଯ୍ୟନ୍ତ ତାହା ହେଲାନାହିଁ। ଅନେକ ଡାକ୍ତରଙ୍କୁ ମନଇଚ୍ଛା ହସ୍ପିଟାଲରେ ରଖାଯାଉଛି। ପର୍ଯ୍ୟାପ୍ତ ଡାକ୍ତର ଥିଲେ ସୁଦ୍ଧା ସେମାନଙ୍କ ଉପସ୍ଥାନ ସାମାନ୍ୟ ରହୁଛି। ଫଳରେ ରୋଗୀମାନେ ଚିକିତ୍ସା ସୁବିଧା ନ ପାଇ ଅସୁବିଧା ଭୋଗୁଛନ୍ତି।




ଜଗଦା ସ୍ଥିତ ସିଡବ୍ଲ୍ୟୁଏସ୍ ହସ୍ପିଟାଲ।

ହସ୍ପିଟାଲରେ ଜଣେ ସୁପର ସ୍ପେଶାଲିଷ୍ଟ ନ୍ୟୁରୋ ସର୍ଜନ ନିୟୋଜିତ ହୋଇଥିଲେ ମଧ୍ୟ ସେ କେବଳ ରାତ୍ରିରେ ଚିକିତ୍ସା କରୁଛନ୍ତି। ହସ୍ପିଟାଲ ଶଯ୍ୟା ସଂଖ୍ୟା ୩ ଗୁଣା ବୃଦ୍ଧି ସହ ୧୪ଟି ନିଦାନ ବିଭାଗ, ୧୭ମେଡିକାଲ ଜନିତ ସରକାରୀ ସେବା ଓ ୮ଟି ଲାବୋରେଟୋରୀ ବ୍ୟବସ୍ଥା ଉପଲବ୍ଧ ଥିଲେ ମଧ୍ୟ ପୂର୍ବଭଳି ରୋଗୀଙ୍କ ଭିଡ ଜମୁନାହିଁ। ଏ ନେଇ ଜଗଦା ସାଂସ୍କୃତିକ ପରିଷଦ ପରାମର୍ଶଦାତା ସଞ୍ଜୀବ ମହାନ୍ତି କୁହନ୍ତି, ସିଡବ୍ଲ୍ୟୁଏସ୍ ହସ୍ପିଟାଲରେ ପ୍ରାୟ ସବୁ ବିଭାଗର ଡାକ୍ତର ଅଛନ୍ତି। କିନ୍ତୁ ଡାକ୍ତରଙ୍କ ଉପସ୍ଥାନ କମ୍ ରହୁଛି। ଡାକ୍ତର ରୋଗୀମାନଙ୍କୁ ସପ୍ତାହରେ ଥରେ ଦେଖୁଛନ୍ତି। ଡାକ୍ତରଙ୍କ ଅନୁପସ୍ଥିତି ଯୋଗୁ ରୋଗୀ ଅନ୍ୟ ହସ୍ପିଟାଲକୁ ଯିବାକୁ ବାଧ ହେଉଛନ୍ତି। ରବିବାର ପ୍ରାୟ ଡାକ୍ତର ଅନୁପସ୍ଥିତ ରହୁଛନ୍ତି। ସିଡବ୍ଲ୍ୟୁଏସ ହସ୍ପିଟାଲକୁ ବଣେଇ ବହମୁଷା ଗାଁରୁ ହାଡଭଙ୍ଗା ଚିକିତ୍ସା ପାଇଁ ଆସିଥିବା କହ୍ନେଇ କିଷାନ କୁହନ୍ତି, ସପ୍ତାହେ ହେଲା ମେଡିକାଲରେ ଭର୍ତ୍ତି ହେଲି। ମାତ୍ର ୩ଦିନ ପରେ ମୋର ଚିକିତ୍ସା ହେଲା ଏବଂ ୭ଦିନ ପରେ ମେଡିକାଲ ରିପୋର୍ଟ ପାଇଲି। ଏ ସମ୍ପର୍କରେ ହସ୍ପିଟାଲ ଅଧ୍ୟକ୍ଷ ବେନ୍ନିଚନ କେ. ପିଟର କହିଛନ୍ତି, ସିଡବ୍ଲ୍ୟୁଏସ୍ ହସ୍ପିଟାଲ ଜେନେରାଲ ହସ୍ପିଟାଲ। ଏଠାରେ ରୋଗୀଙ୍କୁ ଆବଶ୍ୟକ ମୁତାବକ ସମସ୍ତ ପ୍ରକାର ଚିକିତ୍ସା ସେବା ପ୍ରଦାନ ହେଉଛି। ସୁପର ସ୍ପେଶାଲିଷ୍ଟ ଡାକ୍ତର ନ୍ୟୁରୋଲୋଜିଷ୍ଟ ରାତିରେ ଆସନ୍ତି। ଆଗକୁ ଖାଲିଥିବା ପଦବୀରେ ଡାକ୍ତର ଆଣିବାକୁ ଉଦ୍ୟମ ଚାଲିଛି। ଆମର ଜନ ଔଷଧି କେନ୍ଦ୍ର ରହିଛି। ମାତ୍ର ଜେନେରିକ ଔଷଧ ମଗାଇଲେ ମଧ୍ୟ ମିଳୁନାହିଁ। ହସ୍ପିଟାଲ ବ୍ୟବସ୍ଥିତ ଭାବେ ଚାଲିଛି । ଆଗକୁ ଅନ୍ୟ ସବୁ ଦିଗ ଉପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

## ହୃଷୀକେଶ ରାୟ କଲେଜରେ ରକ୍ତଦାନ ଶିବିର




ଶିବିରରେ ଜଣେ ଛାତ୍ର ରକ୍ତଦାନ କରୁଛନ୍ତି।

**ରାଉରକେଲା,୩୦।୯(ଦିନେଶ ମିଶ୍ର)**

ଓଡିଶା ମୋ ପରିବାର ଓ ହୃଷୀକେଶ ରାୟ ମହାବିଦ୍ୟାଳୟ ପକ୍ଷରୁ ଶନିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଭବେଶ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ରାଉରକେଲା ଆରଜିଏଚ୍ ବ୍ଲଡ ବ୍ୟାଙ୍କ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ୧୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍‌ର କର୍ମୀ ହରିଶ ଚନ୍ଦ୍ର ନାୟକ, ସୁବାସ ଚନ୍ଦ୍ର ସାମଲ, ବିନୟ କୁମାର ସାହାଣୀ, ପ୍ରଦୀପ କୁମାର ମହାନ୍ତି, ଦୀପ୍ତିମୟୀ ମହାପାତ୍ର, ରଜନୀକାନ୍ତ ମିଶ୍ର, ରଞ୍ଜିତ ପ୍ରସାଦ ପଲେଇ, ଅଜିତ କୁମାର ସୁନ୍ଦରରାୟ, ଲକି ମିଶ୍ର, ଦୀପକ ଯାଦବ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରୌଢ଼ ଶିକ୍ଷା ଅଭିଯାନର ପ୍ରମାଣପତ୍ର ବିତରଣ




ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

**ରାଉରକେଲା,୩୦।୯(ଦିନେଶ ମିଶ୍ର)**

ଛେଣ୍ଡ ସ୍ଥିତ ଗୋପବନ୍ଧୁ ପାଠାଗାର ସଭାଗୃହରେ ରୋଟାରୀ କ୍ଲବ ରିଭରସାଇଡ ପକ୍ଷରୁ ୩୩ ଜଣ ପ୍ରୌଢ ଶିକ୍ଷାନବୀସଙ୍କୁ ଶିକ୍ଷା ସମାପ୍ତି ପ୍ରମାଣପତ୍ର ସହ ପୁରସ୍କାର ବିତରଣ କରାଯାଇଛି। ଏହି ଉତ୍ସବ ରୋଟାରି କ୍ଲବ ସଭାପତି ଭଗବାନ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଜିଲା ଗଭର୍ନର ମନ୍ନିତ ସିଂ ଆରୋରା ଏଏଫସି ମହାନ୍ତି, ରୋଟିରିଆନ ମୁକେଶ ଭାଜିକା, ଡାକ୍ତର ଅଞ୍ଜନା ମୈତ୍ର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଛେଣ୍ଡ ସ୍ଥିତ ପ୍ରଧାନପାଲି ପ୍ରୌଢ଼ଶିକ୍ଷା କେନ୍ଦ୍ରରେ ବୃଦ୍ଧାମାନଙ୍କ ମନରେ ଶିକ୍ଷାପ୍ରତି ଆଗ୍ରହ ବଢାଇବା ପାଇଁ ଏହି କ୍ଲବ ଉଦ୍ୟମ କରି ଶନିବାର ୩୩ ଜଣଙ୍କୁ ଶିକ୍ଷା ପ୍ରମାଣପତ୍ର ଦେଇଛି। ପ୍ରୌଢ଼ ଶିକ୍ଷା ନେତୃତ୍ୱ ନେଇଥିବା ରୋଟାରିଆନ ନବଘନ ସାହୁ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ରୋଟାରିଆନ ଆଲମ ସିଂ ରୁପ୍ରା, ହରିପାଲ ରୁପ୍ରା, ଆଦିତ୍ୟ ମହାପାତ୍ର, ଗୋପବନ୍ଧୁ ପାଠାଗାରର ସଦସ୍ୟ ଲକ୍ଷ୍ମଣ ନାଥ ଦାସ, ଗିରିଜା ଶଙ୍କର ଗୋସ୍ୱାମୀ, ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, କୈଳାଶ ଚନ୍ଦ୍ର ସାମଲ ସହଯୋଗ କରିଥିଲେ। ରୋଟାରିଆନ ଡିମ୍ପଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଡିଏଭି ସ୍କୁଲରେ ସ୍ୱଚ୍ଛ ଭାରତ ଅଭିଯାନ




ଏନ୍‌ସିସି କ୍ୟାଡେଟମାନେ ଶୋଭାଯାତ୍ରାରେ ବାହାରିଛନ୍ତି।

**ରାଉରକେଲା,୩୦।୯(ଦିନେଶ ମିଶ୍ର)**

ବାସନ୍ତୀ କଲୋନୀ ସ୍ଥିତ ଡ. ଏ. ଏନ. ଖୋସଲା ଡିଏଭି ପବ୍ଲିକ ସ୍କୁଲ ପରିସରରେ ଏନସିସି ସ୍କାଉଟ ଗାଇଡ ସହ ପ୍ରଥମ, ଦ୍ୱିତୀୟ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ନେଇ ଶନିବାର ସ୍ୱଚ୍ଛଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ସ୍କୁଲର ଅଧ୍ୟକ୍ଷ ତଥା ଡିଏଭି ସ୍କୁଲ ସମୂହର ଆଞ୍ଚଳିକ ଅଧିକାରୀ ଲୋକନାଥ ପ୍ରଧାନ ଉଦ୍‌ଘାଟନ କରିଥିଲେ। ସ୍ୱଚ୍ଛତାର ଉପକାରିତା ଓ ସ୍ୱଚ୍ଛତା ଉପରେ ଥିବା ଗାନ୍ଧିଜୀଙ୍କ ଆଭିମୁଖ୍ୟ ଆଲୋଚନା କରିବା ସହ ପ୍ରତ୍ୟେକ ଛାତ୍ରୀଛାତ୍ର ନିଜ ନିଜ ଘରଦ୍ୱାର, ସ୍କୁଲ, ରାସ୍ତାଘାଟକୁ ସଫା ରଖିବାକୁ ସେ ପରାମର୍ଶ ଦେଇଥିଲେ। ସ୍କୁଲର ବିଦ୍ୟାର୍ଥୀମାନେ ହିନ୍ଦୀ, ଇଂରାଜୀ ଓ ଓଡିଆ ଭାଷାରେ ମତପ୍ରକାଶ କରିଥିଲେ। ପରେ ସ୍କୁଲର ବିଦ୍ୟାର୍ଥୀମାନେ ସ୍ୱଚ୍ଛତା ଉପରେ ନୃତ୍ୟ ପରିବେଷଣ କରିବା ସହ ପଞ୍ଚପ୍ରାଣ ଓ ସ୍ୱଚ୍ଛତା ସମ୍ବନ୍ଧୀୟ ନିୟମଗୁଡିକୁ ପାଳନ କରିବା ପାଇଁ ଶପଥ ପାଠ କରିଥିଲେ। ଏହି ଅବସରରେ ଗାନ୍ଧିଜୀଙ୍କ ଉପରେ ଏକ ପ୍ରମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ପରେ ଏନ୍‌ସିସି କ୍ୟାଡେଟଙ୍କ ଦ୍ୱାରା ଏକ ଶୋଭାଯାତ୍ରା କରାଯାଇଥିଲା।

## ଏସ୍‌ୟୁସିଆଇସିର ବିକ୍ଷୋଭ ପ୍ରଦର୍ଶନ

**ରାଉରକେଲା,୩୦।୯(ବିପ୍ଳବ ରଞ୍ଜନ ଦାଶ)**

ଏସୟୁସିଆଇ (କମ୍ୟୁନିଷ୍ଟ) ରାଉରକେଲା ଜିଲା କମିଟି ସମ୍ପାଦକ ମଣ୍ଡଳୀର ସଭ୍ୟ ସତ୍ୟପ୍ରିୟ ମହାନ୍ତି ଏବଂ ଅଜୟ ମହାନ୍ତିଙ୍କ ନେତୃତ୍ୱରେ ଶନିବାର ଅତିରିକ୍ତ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ଏକ ପ୍ରତିନିଧି ମଣ୍ଡଳୀ ରାଉରକେଲାବାସୀଙ୍କ ବିଭିନ୍ନ ସମସ୍ୟା ନେଇ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରବୃଦ୍ଧି ହ୍ରାସ କରିବାକୁ ଦାବି କରାଯାଇଥିଲା। ଏଥିରେ ରାଉରକେଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ମହିଳା ପୁରୁଷ ସାମିଲ ହୋଇଥିଲେ। ବିକ୍ଷୋଭରେ ଏସୟୁସିଆଇ ରାଉରକେଲାରୁ ବିଦ୍ୟୁତ ମହନ୍ତ, ବିରେନ ନାୟକ, ଆଲୋକ ବେହେରା, ଶେଖ୍ ଇସଲାମ, ମାର୍କଣ୍ଡ ଦାସ, ଓସିମା ବେହେରା, ଗାୟତ୍ରୀ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

## ତ୍ରିନାଥ ସିଂହଙ୍କୁ ଶବ୍ଦଶିଳ୍ପୀ ରୋହିତ ପଟେଲ ସମ୍ମାନ

**ରାଉରକେଲା,୩୦।୯(ଦିନେଶ ମିଶ୍ର)**

ବେଦବ୍ୟାସ ଗୁରୁକୁଳ ଆଶ୍ରମ ସଭାଗୃହରେ ଶିଶୁ କିଶୋର ପତ୍ରିକା ତେଲିଙ୍ଗି ବାଜାର ଏକବିଂଶ ବାର୍ଷିକ ଉତ୍ସବ ତଥା ଶିଶୁ ସାହିତ୍ୟ ଆଲୋଚନାଚକ୍ର, ପ୍ରତିଭାପୂଜା ଓ କବିତା ପାଠୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱନାମଧନ୍ୟ କବି ତ୍ରିନାଥ ସିଂହଙ୍କୁ ୨୦୨୩ ବର୍ଷ ପାଇଁ ମର୍ଯ୍ୟାଦାଜନକ ଶବ୍ଦଶିଳ୍ପୀ ରୋହିତ ପଟେଲ ସମ୍ମାନ-୨୦୨୩ ପ୍ରଦାନ କରାଯାଇଛି। ଏହି ଉତ୍ସବରେ ସଭାସୀନ ଗୁରୁକୁଳ ବୈଦିକ ଆଶ୍ରମର ମୁଖ୍ୟ ଅଧିଷ୍ଠାତା ଆଚାର୍ଯ୍ୟ ଡ. ଦେବବ୍ରତ, ପ୍ରାକ୍ତନ ପ୍ରଶାସକ ମହେନ୍ଦ୍ର ପଟ୍ଟନାୟକ, ବିଶିଷ୍ଟ ସାହିତ୍ୟିକ ବଙ୍କିମ ଚନ୍ଦ୍ର ନାୟକ କବି ସିଂହଙ୍କୁ ପୁଷ୍ପଗୁଚ୍ଛ, ଅଙ୍ଗବସ୍ତ୍ର, ସ୍ମୃତିଫଳକ ସହ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବରେ




ତ୍ରିନାଥ ସିଂହଙ୍କୁ ସମ୍ମାନିତ କରାଯାଉଛି।

ସମ୍ପାଦକ ପ୍ରଫୁଲ୍ଲ କୁମାର ବାରିକ ସଭାକାର୍ଯ୍ୟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସାହିତ୍ୟିକ ପ୍ରଫେସର ଉମାକାନ୍ତ ପଣ୍ଡା, ଅଧ୍ୟାପିକା ପ୍ରଣତି ବେହେରା, ପୀତବାସ ମିଶ୍ର, ସୁଧାଂଶୁ ଅଶୋକ, ତ୍ରିଲୋଚନ ମଥାନ, ଉପେନ୍ଦ୍ର ବଡ଼ିଆ, ଶ୍ରୀକାନ୍ତ ମହଲିକ, ପ୍ରକାଶ ସେଠୀ, କଳ୍ପନା ସାହୁ, ବିଜୟଲକ୍ଷ୍ମୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, କବି ସିଂହ ଗତ ଚ ।ରି ଦଶନ୍ଧି ଧରି ସାହିତ୍ୟ ସାଧନାରେ ନିଜକୁ ନିୟୋଜିତ କରି ବହୁ ରାଜ୍ୟସ୍ତରୀୟ ସମ୍ମାନରେ ସମ୍ମାନିତ ହୋଇଛନ୍ତି।

## ନବୀନ ପଟ୍ଟନାୟକ ଏକ ଅନନ୍ୟ ବ୍ୟକ୍ତିତ୍ୱ ପୁସ୍ତକ ଲୋକାର୍ପିତ

**ରାଉରକେଲା,୩୦।୯(ସଙ୍ଗୀତା ଜେନା)**

ବରିଷ୍ଠ ଖବରଦାତା ଡ. ପୀତବାସ ମିଶ୍ରଙ୍କ ଲିଖିତ 'ନବୀନ ପଟ୍ଟନାୟକ ଏକ ଅନନ୍ୟ ବ୍ୟକ୍ତିତ୍ୱ' ପୁସ୍ତକର ଲୋକାର୍ପଣ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ସେକ୍ଟର-୬ ବଡ଼ିଆ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାକ୍ତନ ପ୍ରଶାସକ ମହେନ୍ଦ୍ର ପଟ୍ଟନାୟକ ମୁଖ୍ୟ ଅତିଥି, ଡାକ୍ତର ତଥା କବି ଡ. କୃପାସିନ୍ଧୁ ନାୟକ, ବରିଷ୍ଠ ବିଜେଡ଼ି ନେତା ଆନନ୍ଦ ଚନ୍ଦ୍ର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଦସ୍ୟ ତଥା ନାଟ୍ୟକାର ରାଜୀବ ପାଣି ପୁସ୍ତକର ସମୀକ୍ଷା କରିଥିଲେ। ଲେଖକ ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ।



ଲେଖକ ଡ. ପୀତବାସ ମିଶ୍ରଙ୍କ ସମେତ ଅନ୍ୟ ଅତିଥି ।

ପ୍ରକାଶିତ ପୁସ୍ତକରେ ୨୦ଟି ଅଧ୍ୟାୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଯୁଗାନ୍ତକାରୀ ପଦକ୍ଷେପ, ଉନ୍ନୟନ ଯୋଜନା, ରାଜନୈତିକ ଓ ସାମାଜିକ ବ୍ୟକ୍ତିତ୍ୱ ସମ୍ପର୍କରେ ରହିଥିବା ଘଟଣାବଳୀ ଉଲ୍ଲେଖ ରହିଛି। ଉତ୍କଳ ମେଲ ପ୍ରକାଶନୀ ପ୍ରାଇଭେଟ ଲିମିଟେଡ୍ ଦ୍ୱାରା ପୁସ୍ତକକୁ ପ୍ରକାଶିତ କରାଯାଇଛି। ଏନ୍‌ଏଫ୍ ଟାଇମ୍ସର ସମ୍ପାଦିକା ରୀତା ମିଶ୍ର, ରାଉରକେଲା ଚାମ୍ବର ଅଫ୍ କମର୍ସର ସଭାପତି ସୁନୀଲ କୟାଲ, ଇଂ ଅଭୟ ଦାସ, ଡ. କିଶୋରୀ ଦାସ, ରବି ଦାସ,ଡ, ସୁମନ ଦତ୍ତ, ଅଙ୍ଗୁରବାଳା ପରିଡ଼ା, ବିଜୟଲକ୍ଷ୍ମୀ ପଟ୍ଟନାୟକ, ସୁରମା ମିଶ୍ର, ଦେବୀ ପ୍ରସାଦ ମିଶ୍ର ପୁସ୍ତକର ବିଷୟକୁ ନେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସାମ୍ବାଦିକ ବିବେକାନନ୍ଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜି କ'ଣ କେଉଁଠି

ସମ୍ବଲପୁର

- ବିକାଶ ସ୍କୁଲ ପକ୍ଷରୁ ସ୍ୱଚ୍ଛତା ସଚେତନତା ରାଲି , ଜିଲାସ୍କୁଲ ଛକ, ପୂର୍ବାହ୍ନ ୧୦ଟା ।
- ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦର ବୈଠକ, ସାମ୍ବାଦିକ ଭବନ, ପୂର୍ବାହ୍ନ ୧୦ଟା ।
- କେନ୍ଦ୍ରୀୟ ବିଦ୍ୟାଳୟରେ ଅଭିଭାବକ ସଂଘର ବୈଠକ, ଅଇଁଠାପାଲି କାବେରୀ ସମ୍ମିଳନୀ କକ୍ଷ, ଅପରାହ୍ନ ୪ଟା ।

## ଆବାସିକ ସ୍ୱାବଲମ୍ବନ ସିଲେଇ ତାଲିମ ଶିବିର

**ସମ୍ବଲପୁର,୩୦।୯(ବି.ଶଙ୍କର):** ସମ୍ବଲପୁର ଜିଲା ଗୋଲବନ୍ଧସ୍ଥିତ ଆଦର୍ଶ ଟ୍ରେନିଂ ସେଣ୍ଟରଠାରେ ୯ ଦିନିଆ ଆବାସିକ ସ୍ୱାବଲମ୍ବନ ସିଲେଇ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମାନେଶ୍ୱର ବ୍ଲକର ୧୫ ଗ୍ରାମ ଓ ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକର ୧୦ ଗ୍ରାମରୁ ମୋଟ ୨୫ ଜଣ ମହିଳା ତାଲିମ ନେଇଥିଲେ। ଉଦ୍‌ଯାପନୀ ଦିବସରେ ନାବାର୍ଡ ଏଜିଏମ୍ ଧିରେନ ଦାସ, ଉଷା ଇଣ୍ଟରନ୍ୟାଶନାଲ ପ୍ରୋଗ୍ରାମ ମ୍ୟାନେଜର ବିଜୟାନନ୍ଦ ଦାଶ, ପ୍ରଶିକ୍ଷିକା ପ୍ରଭାତୀ ଖୁଣ୍ଟିଆ ଓ ସୁଚିସ୍ମିତା ସାହୁ, ଆଦର୍ଶ ସମ୍ପାଦକ ପ୍ରଦୀପ ବେହେରା, ପ୍ରକଳ୍ପ ଅଧିକାରୀ ଗୁରୁ ପ୍ରସାଦ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପରିଶେଷରେ ୨୫ ପ୍ରଶିକ୍ଷାର୍ଥୀଙ୍କୁ ବିନା ମୂଲ୍ୟରେ ସିଲେଇ ମେଶିନ ଓ ଉପକରଣ ପ୍ରଦାନ କରାଯାଇଥିଲା।

## ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

**ନାକଟିଦେଉଳ,୩୦।୯(ବୈକୁଣ୍ଠନାଥ ସାହୁ):** ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଡଇଁଚା ସରକାରୀ ବାପୁଜୀ ଉଚ୍ଚବିଦ୍ୟାଳୟ ପକ୍ଷରୁ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ବାହାରି ଦେଶ ଭକ୍ତିର ନାରା ଦେଇ ଗ୍ରାମ ପରିକ୍ରମା କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ଓ ରଙ୍ଗୋଲୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୩୫ଜଣ ଅଂଶଗ୍ରହଣ କରିଥିଲେ। ଅକ୍ଟୋବର ୨ ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ କୃତୀ ପ୍ରତିଯୋଗୀଙ୍କୁ ବିଦ୍ୟାଳୟ ପକ୍ଷରୁ ପୁରସ୍କୃତ କରାଯିବ। ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ କ୍ଷୀରୋଦ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ହଳଧର ସାହୁ, ମଧୁସୂଦନ ରାଉଳ, ଦିଲୀପ କୁମାର ପାଣିଗ୍ରାହୀ, ପବିତ୍ର ମୋହନ ପ୍ରଧାନ, ଶିକ୍ଷୟିତ୍ରୀ ପ୍ରଜ୍ଞାପାରମିତା ସାହୁ, ମିନୁ ଶର୍ମା ଉପସ୍ଥିତ ଥିଲେ।

## ସାହିତ୍ୟ ସଂସଦ ପକ୍ଷରୁ ସ୍ୱତନ୍ତ୍ର ବ୍ୟଙ୍ଗ ଆସର

**ସମ୍ବଲପୁର,୩୦।୯ (ଶୁଭାଶିଷ ପାଢ଼ୀ):** ସାହିତ୍ୟ ଜୀବନ ସାହିତ୍ୟ ସଂସଦ ପକ୍ଷରୁ ସ୍ୱତନ୍ତ୍ରବ୍ୟଙ୍ଗଆସରଅନୁଷ୍ଠିତହୋଇଯାଇଛି। ଭର୍ଚୁଆଲରେ ଆଲୋଚନାଚକ୍ର ଓ ବ୍ୟଙ୍ଗ କବିତା ଆସର ପ୍ରାଣ ପ୍ରତିଷ୍ଠାତା ପବିତ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ଉପସ୍ଥାପିକା ଭାବେ ପ୍ରିୟଙ୍କା ପ୍ରିୟଦର୍ଶିନୀ ରାୟ ଯୋଗଦେଇଥିଲେ। ରତି ନାରାୟଣ ରାଉତ ବେଦମନ୍ତ୍ର ପାଠ କରି ସଭା ଆରମ୍ଭ କରିଥିଲେ। ଉପସଭାପତି ଶୋଭାଗିନୀ ନନ୍ଦ ବ୍ୟଙ୍ଗ ରଚନା ସାହିତ୍ୟର ପୃଷ୍ଠଭୂମି ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ବ୍ୟଙ୍ଗ କବି ସତ୍ୟାନାଶ (କବି ପ୍ରଭାକର) ଯୋଗଦେଇଥିଲେ। ଏଥିରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଏକଶହରୁ ଊର୍ଦ୍ଧ୍ୱ କବି, କବୟିତ୍ରୀ ଯୋଗଦେଇ କବିତା ପାଠ କରିଥିଲେ। ସେହିପରି ଓଡ଼ିଶାର କୋଣ ଅନୁକୋଣରୁ ସାହିତ୍ୟ ପ୍ରେମୀ ସାମିଲ ହୋଇ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଆସରକୁ ବିପିନ ମହାନନ୍ଦ ସଂଯୋଜନା କରିଥିଲେ। ଶୋଭାଗିନୀ ନନ୍ଦ କବିତାଗୁଡ଼ିକ ସମୀକ୍ଷା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ସରପଞ୍ଚଙ୍କ ଆନ୍ଦୋଳନ, ପଞ୍ଚାୟତରେ ଅଚଳାବସ୍ଥା

**ସମ୍ବଲପୁର,୩୦।୯ (ଶୁଭାଶିଷ ପାଢ଼ୀ)**

ସମଗ୍ର ରାଜ୍ୟରେ ସରପଞ୍ଚମାନେ ବିଭିନ୍ନ ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ସମ୍ବଲପୁର ଜିଲା ସରପଞ୍ଚ ସଂଘ ସେପ୍ଟେମ୍ବର ୨୩ରୁ ଆନ୍ଦୋଳନକୁ ଓହ୍ଲାଇଥିବାରୁ ପଞ୍ଚାୟତ ସ୍ତରରେ ହେଉଥିବା ସମସ୍ତ ଉନ୍ନୟନ କାମ ଠପ ହୋଇପଡିଛି। କେବଳ ସାମାଜିକ ସୁରକ୍ଷା ଓ ପିଡିଏସ୍ ସାମଗ୍ରୀ ବଣ୍ଟନରେ ସରପଞ୍ଚ ସହଯୋଗ କରୁଛନ୍ତି। ହେଲେ ପଞ୍ଚାୟତରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ମୁଖତଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ଦିଆଯାଉଥିବା ଟଙ୍କା ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହେଉଥିବା କାର୍ଯ୍ୟ ଉପରେ ଏହାର ପ୍ରଭାବ ପଡିଛି। ଏହାକୁ ନେଇ କେତେଜଣ ବିଡିଓ ସରପଞ୍ଚମାନଙ୍କୁ ଚିଠି କରିଛନ୍ତି। ଏବେ ଯଦି ଅନ୍‌ଲାଇନରେ ମଷ୍ଟରରୋଲ କିମ୍ବା ଶ୍ରମ ଦିବସ କରା ନ ଯିବ ତା'ହେଲେ ପରେ ହୋଇପାରିବ ନାହିଁ। ହିତାଧିକାରୀଙ୍କ ସୁବିଧା ଦୃଷ୍ଟିରୁ କାମରେ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। ହେଲେ ସରପଞ୍ଚ ସଂଘ ଏ ନେଇ କୌଣସି ନିଷ୍ପତ୍ତି ନେଇ ନ ଥିବା ସଂଘର ଜିଲା ସଭାପତି ପ୍ରଫୁଲ୍ଲ ମିର୍ଦ୍ଧା କହିଛନ୍ତି।

ପ୍ରଫୁଲ୍ଲ ଆହୁରି କହିଛନ୍ତି, ଆନ୍ଦୋଳନ ହେବା ପରେ ସରକାରଙ୍କ ସହ ବାରମ୍ବାର ଆଲୋଚନା ହେଉଛି। ହେଲେ ଫଳପ୍ରଦ ହୋଇପାରୁ ନାହିଁ। ଆମର ୧୫ ଦଫା ଦାବିରୁ କେତେକ ଦାବି ସରକାର ମାନିବାକୁ ରାଜି ଥିବା ସୂଚନା ଦେଇଛନ୍ତି। ରାଜ୍ୟ ସଂଘ ବୈଠକ କରି ଏହା ଉପରେ ନିଷ୍ପତ୍ତି ନିଆଯିବ। ଅକ୍ଟୋବର ୨ରେ ଭୁବନେଶ୍ୱରଠାରେ ହେବାକୁ ଥିବା ଧାରଣାରେ ଜିଲାର ସରପଞ୍ଚ ଯୋଗ ଦେବେ। ଲୋକାଙ୍କ ସୁବିଧା ଦୃଷ୍ଟିରୁ ଆଧାର ଲିଙ୍କ୍ କରିବା, ଭତ୍ତା ଆବେଦନରେ ସହଯୋଗ କରିବା, ପିଡିଏସ୍ ବଣ୍ଟନରେ ସହଯୋଗ କରାଯାଉଛି ବୋଲି ସେ କହିଥିଲେ।

# ଭାଙ୍ଗିଲା ଜାତୀୟ ରାଜପଥ ପାର୍ଶ୍ୱ ଡ୍ରେନ୍

**ସମ୍ବଲପୁର,୩୦।୯(ଶୁଭାଶିଷ ପାଢ଼ୀ):** ସମ୍ବଲପୁର ମହାନଗର ନିଗମ ମାନେଶ୍ୱର ଛକରେ ନବନିର୍ମିତ ଡ୍ରେନ୍ ଭାଙ୍ଗିଯାଇଛି। ଫଳରେ ଉକ୍ତ ସ୍ଥାନ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହାକୁ ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରି କାମର ମାନ ଉପରେ ଗୁରୁତ୍ୱ ଦେବାକୁ ଦାବି କରିଛନ୍ତି। ଅଭିଯୋଗ କ୍ରମେ ମାନେଶ୍ୱର ଛକରେ ଜାତୀୟ ରାଜପଥ ନିର୍ମାଣ ସଂସ୍ଥା ପକ୍ଷରୁ ରାସ୍ତା ସହ ଡ୍ରେନ୍ ନିର୍ମାଣ କରାଯାଉଛି। ହେଲେ ମାନେଶ୍ୱର ଛକରୁ ସୋନପୁର ରାସ୍ତା ସଂଯୋଗ କରୁଥିବା ସ୍ଥାନରେ ଡ୍ରେନ୍ ଭାଙ୍ଗିଯାଇଛି। ଏହା ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ ସଂଯୋଗ କରୁଥିବା ସ୍ଥାନ ହୋଇଥିବାରୁ ଡ୍ରେନ୍ ଉପରେ ଭାରିଯାନ ଚଳାଚଳ କରିବ। ତେଣୁ ସାଧାରଣ



ମାନେଶ୍ୱର ଛକରେ ଡ୍ରେନ୍ ଭାଙ୍ଗିଯାଇଛି।

ଡିଜାଇନରେ ଡ୍ରେନ୍ ନିର୍ମାଣ ହେବା ଯୋଗୁ ଭାଙ୍ଗିଯାଇଛି। ପୂର୍ବରୁ ଏ ନେଇ ଅଭିଯୋଗ ସତ୍ତ୍ୱେ ଗୁରୁତ୍ୱ ଦିଆଯାଇ ନ ଥିଲା। ତେଣୁ କାମ ସମ୍ପୂର୍ଣ୍ଣ ହେବାର କିଛିଦିନ ପରେ ଡ୍ରେନ୍ ଭାଙ୍ଗିଯାଇଛି। ଏବେ ଗୋଟିଏ ପାର୍ଶ୍ୱ କାମ ବାକି ରହିଛି। ଜାତୀୟ ରାଜପଥ ବିଭାଗ ଓ ଠିକା ସଂସ୍ଥା ମିଳିତ ଭାବେ ଘଟଣାସ୍ଥଳକୁ ସର୍ଭେ କରି କିଭଳି ଭାରିଯାନ ଚଳାଚଳ ହୋଇପାରିବ ସେ ନେଇ ଡ୍ରଇଁ ତିଆରି କରି କାମ କରିବାକୁ ଦାବି ହେଉଛି। ଏ ନେଇ କମ୍ପାନୀ ପକ୍ଷରୁ କୁହାଯାଇଛି, ଡ୍ରଇଁ ଅନୁସାରେ କାମ ହୋଇଛି। ଯଦି ଭାଙ୍ଗିଯାଇଛି ତା'ହେଲେ ମରାମତି କରାଯିବ। ଡ୍ରଇଁ ପରିବର୍ତ୍ତନ କରିବାକୁ ହେଲେ ଏନ୍‌ଏଚ୍‌ଏଆଇର ଅନୁମତି ଆବଶ୍ୟକ। ଅଞ୍ଚଳବାସୀଙ୍କ ଦାବି ସମ୍ପର୍କରେ ଏନ୍‌ଏଚ୍‌ଏଆଇ ସହିତ ଆଲୋଚନା କରାଯିବ ବୋଲି ସୂଚନା ଦିଆଯାଇଛି।

## ନବନିଯୁକ୍ତ ବିଜେଡି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

**ସମ୍ବଲପୁର,୩୦।୯ (କଶୁଭାଶିଷ ପାଢ଼ୀ):** ବିଜୁ ଜନତା ଦଳ ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀ ପକ୍ଷରୁ ନବନିଯୁକ୍ତ ବିଜେଡି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ପୂର୍ବତନ ବିଧାୟିକା ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ରାଜ୍ୟ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସଙ୍କ ସମେତ ମହାନଗର ନିଗମ ସଭାପତି ସତୀଶ ବିଶି, ଜିଲା ଉପସଭାପତି ଦେବାଶିଷ ନନ୍ଦ, ସୁମନ୍ତ ପଣ୍ଡା, ଅଶୋକ ମହାକୁଡ଼, ବସନ୍ତ ମିଶ୍ର, ସାଧାରଣ ସମ୍ପାଦକ ପ୍ରଦୋଷ ମହାନ୍ତି, ପ୍ରଦୀପ କୁମାର ରାଉତରାୟ, ସୁରେନ୍ଦ୍ର ବିଶ୍ୱାଳ, ଭୋଲା ମହଓମ, ଶିଶିର ରଞ୍ଜନ ମହାନ୍ତି, ରାଜେଶ କୁମାର ମିଶ୍ର, ଆନନ୍ଦ ବଡ଼ଗୟାଁ, ସୁରୁବାବୁ ମେହେର, ସୁଶାନ୍ତ ପାଣିଗ୍ରାହୀ, ସମ୍ପାଦକ ଉମାପତି ତ୍ରିପାଠୀ, ଲିଙ୍ଗରାଜ ପରିଡା, ଜଗନ୍ନାଥ ଚୌଧୁରୀ, ଭାବେଶ ଚାନ୍ଦ, ସୁବାସ ଜେନା, ସୀତାକାନ୍ତ ପଣ୍ଡା, ଜୁଲଫିକର ଅଲ୍ଲୀ ଭୁଟୋ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହିଳା ବିଜେଡି ଜିଲା ସଭାନେତ୍ରୀ ବନ୍ଦିତା ରାଣୀ ମିଶ୍ର, ମହାନଗର ସଭାନେତ୍ରୀ ଡ. ସଂଯୁକ୍ତା ମେହେର, ରାଜ୍ୟ ସମ୍ପାଦିକା କଳ୍ପନା ମିଶ୍ର, ଜିଲା ସମ୍ପାଦିକା ସୁରେଖା ସାହୁ, ଯୁବ ରାଜ୍ୟ ସମ୍ପାଦକ ଧର୍ମରାଜ ମରେଇ, ଯୁବ ଜିଲା ଉପସଭାପତି ଅମିତାଭ ପରିଡା ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ଜିଲା ଉପସଭାପତି ଦେବାଶିଷ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

**ହକି ଖେଳ ଦେଖୁଥିବା ବେଳେ ବଜ୍ରପାତ**

# ମହିଳା, ଶିଶୁ ସମେତ ୧୦ ଆହତ



ଡାକ୍ତରଖାନାରେ ଆହତମାନେ ।

**ସମ୍ବଲପୁର,୩୦।୯(ଶୁଭାଶିଷ ପାଢ଼ୀ):** ସମ୍ବଲପୁର ଜିଲା ଝୁଝୁମୁରା ଥାନା ନୂଆଁବରଙ୍ଗାମାଲ ପଞ୍ଚାତୟ କଣ୍ଟାପଡା ଖେଳପଡିଆରେ ଶନିବାର ହକି ମ୍ୟାଚ ଦେଖୁଥିବା ବେଳେ ବ୍ରଜପାତରେ ମହିଳା, ଶିଶୁ ସମେତ ୧୦ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଆୟନ କେରକେଟା (୧୦), ସୁମିତ ଓରାମ (୮), ପ୍ରଶାନ୍ତ କେରକେଟା (୬), ମୋକ୍ଷ କେରକେଟା (୨) ନିବ୍ୟଦିପ ମିଞ୍ଜ (୨୩), ନିଲମ ମିଞ୍ଜ (୨୩), ଜୟନ୍ତି କେରକେଟା (୨୧), କ୍ରିଶିକା କେରକେଟା (୩୫), ପ୍ରଭାତି ଓରାମ (୨୮) ଓ ଗୀତା ଓରାମ (୨)। ସମସ୍ତ ଆହତଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ସ୍କୁଲ ନିକଟ ଖେଳପଡିଆରେ ହକି ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଅପରାହ୍ନ ସାଢେ ୪ଟାରେ ଫାଇନାଲ ମ୍ୟାଚ ଶେଷ ହୋଇଥିଲା। ପରେ ପୁରସ୍କାର ବିତରଣୀ ସଭା ଆରମ୍ଭ ହୋଇଥିଲା। ଏହି ସମୟରେ ହଠାତ୍ ବର୍ଷା ପବନ ସହ ବଜ୍ରପାତ ହୋଇଥିଲା। ୧୦ ଆହତଙ୍କ ଭିତରୁ ୪ଜଣ ଅଚେତ ଅବସ୍ଥାରେ ଥିଲେ। ଉପସ୍ଥିତ ଅନ୍ୟମାନେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ୨ଟି ଆମ୍ବୁଲାନ୍ସ ପହଞ୍ଚିବା ପରେ ସମସ୍ତଙ୍କୁ ମେଡିକାଲ ନିଆଯାଇଥିଲା।

# ହାଇସ୍କୁଲରେ ବିଜ୍ଞାନମେଳା: ୪୫ ପ୍ରକଳ୍ପ ପ୍ରଦର୍ଶିତ

**ନାକଟିଦେଉଳ,୩୦।୯(ବୈକୁଣ୍ଠନାଥ ସାହୁ)**

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବାପୁଜୀ ଉଚ୍ଚବିଦ୍ୟାଳୟଠାରେ ଶୁକ୍ରବାର ବିଜ୍ଞାନ, ଗଣିତ ଓ ପରିବେଶ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଭୟ ବରିଷ୍ଠ ଓ କନିଷ୍ଠ ବିଭାଗରେ ମୋଟ ୪୫ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବରିଷ୍ଠ ବିଭାଗରେ ୧୦ମ ଶ୍ରେଣୀ ଛାତ୍ରୀ ଅନିମା ସାହୁଙ୍କ ସୂଚନା ପ୍ରଯୁକ୍ତି ପ୍ରକଳ୍ପ ପ୍ରଥମ, ୧୦ମ ଶ୍ରେଣୀ ଛାତ୍ରୀ ରାଶେଶ୍ୱରୀ ସାହୁଙ୍କର ଜଳ ବିଶୋଧନ ପ୍ରକଳ୍ପ ଦ୍ୱିତୀୟ ଓ ୧୦ମ ଶ୍ରେଣୀ ଛାତ୍ର ବିନାୟକ ସାହୁଙ୍କ ଜଳ ସଂରକ୍ଷଣ ପ୍ରକଳ୍ପ ତୃତୀୟ ସ୍ଥାନ ଅଧିକାର କରିଥିଲା। ସେହିପରି କନିଷ୍ଠ ବର୍ଗରେ ୭ମ ଶ୍ରେଣୀ ଛାତ୍ର ଫାଲ୍‌ଗୁନୀ ବିଶିଙ୍କ ସମୁଦ୍ର କୂଳରେ ପବନ ଶକ୍ତି ପ୍ରକଳ୍ପ ପ୍ରଥମ, ୮ମ ଶ୍ରେଣୀ ଛାତ୍ରୀ ବନୀତା ମିର୍ଦ୍ଧାଙ୍କ ବାୟୁ ପ୍ରଦୂଷଣ ପ୍ରକଳ୍ପ ଦ୍ୱିତୀୟ



ପିଲାଙ୍କ ପ୍ରକଳ୍ପ ଦେଖୁଛନ୍ତି ଅତିଥି।

ଓ ୭ମ ଶ୍ରେଣୀ ଛାତ୍ର ସାଜନ ସାହୁଙ୍କର ଚନ୍ଦ୍ରୟାନ-୩ ପ୍ରକଳ୍ପ ତୃତୀୟ ସ୍ଥାନ ଅଧିକାର କରିଥିଲା। ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଅମ୍ରିତ କୁମାର ତ୍ରିପାଠୀ ଓ ସରାପାଲି ଉଚ୍ଚବିଦ୍ୟାଳୟର ଶିକ୍ଷୟିତ୍ରୀ କୁସୁମ ମଞ୍ଜରୀ ଧଳ ବିଚାରକ ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ କ୍ଷୀରୋଦ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ରେଢାଖୋଲ ଭୀମ ଭୋଇ ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲୀପ କୁମାର ଦାଶ ମୁଖ୍ୟ ଅତିଥି, ଅଧ୍ୟାପକ ଅରୁଣ କୁମାର ଶାସନୀ ମୁଖ୍ୟବକ୍ତା ଓ ବାପୁଜୀ ଉଚ୍ଚବିଦ୍ୟାଳୟ ମୋ ସ୍କୁଲ ଅଭିଯାନର ଅଧ୍ୟକ୍ଷ ପ୍ରବୀଣ କୁମାର ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଜିତେନ୍ଦ୍ରୀୟ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

# ବିକାଶ ସ୍କୁଲରେ ରକ୍ତଦାନ ଶିବିର



ରକ୍ତଦାନ କରୁଛନ୍ତି ଜଣେ ସ୍ୱେଚ୍ଛାସେବୀ।

**ସମ୍ବଲପୁର,୩୦।୯(ବି.ଶଙ୍କର):** ସମ୍ବଲପୁର ଜିଲା ଶାସନସ୍ଥିତ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଆନୁକୂଲ୍ୟରେ ଶନିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିକାଶ ଅନୁଷ୍ଠାନ ସମୂହର ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ, ବିକାଶ ସମୂହ ସମ୍ବଲପୁରର ନିର୍ଦ୍ଦେଶକ ଜି. ରାମକ୍ରିଷ୍ଣା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୀବ କୁମାର ବାବୁ, ବିକାଶ ଦ କନ୍‌ସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି, ବିକାଶ ସିନିୟର ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷା ପୁଷ୍ପିତା ପଣ୍ଡା, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉପାଧ୍ୟକ୍ଷ ଡ. ଦିବ୍ୟସିଂହ ମହାନ୍ତ ରକ୍ତଦାତାଙ୍କୁ ପ୍ରୋତ୍ସାହିତ କରିଥିଲେ। ଏନ୍‌ଏସ୍‌ଏସ୍ ଅଧିକାରୀ ମନୋରଞ୍ଜନ ମିଶ୍ର ଶିବିର ପରିଚାଳନା କରିଥିଲେ। ଏଥିରେ ମୋଟ ୪୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବିକାଶ ଅନୁଷ୍ଠାନର ସମସ୍ତ କର୍ମଚାରୀ ଓ ଛାତ୍ର ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ।

## ମହିଳା କଲେଜରେ ପ୍ରବେଶ ଉତ୍ସବ

**ସମ୍ବଲପୁର,୩୦।୯(ବି.ଶଙ୍କର):** ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟରେ ଶନିବାର ଯୁକ୍ତ ତିନି କଳା, ବାଣିଜ୍ୟ ଓ ବିଜ୍ଞାନ ଶ୍ରେଣୀରେ ନୂଆ କରି ନାମ ଲେଖାଇଥିବା ଛାତ୍ରୀମାନଙ୍କ ନିମନ୍ତେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଉତ୍ସବରେ ପ୍ରଫେସର କଳ୍ପନା ମେହେର, ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ମଞ୍ଚାସୀନ ଥିଲେ। ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ କଲେଜର ପ୍ରଚଳିତ ନିୟମ, ସୁବିଧା ସୁଯୋଗ ସମ୍ପର୍କରେ ଅବଗତ କରାଯାଇଥିଲା। ଉପସ୍ଥିତ ଅଧ୍ୟାପକ, ଅଧ୍ୟାପିକା ଛାତ୍ରୀମାନଙ୍କୁ ସ୍ୱାଗତ ପୂର୍ବକ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ଦଶହରା ଭସାଣି ଶୋଭାଯାତ୍ରାରେ କଟକଣା

**ସମ୍ବଲପୁର,୩୦।୯(ଶୁଭାଶିଷ ପାଢ଼ୀ):** ସମ୍ବଲପୁର ଜିଲାରେ ପୋଲିସ ଓ ବିଭିନ୍ନ ପୂଜା କମିଟି ପକ୍ଷରୁ ଦଶହରା ପୂଜା ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ବିଗତ ବର୍ଷ ଭଳି ନୃତ୍ୟଗୀତ, ଆଲୋକ ମାଳା ସବୁ ସମାନ ଭାବେ କରାଯିବ। ହେଲେ ଭଷାଣି ଶୋଭାଯାତ୍ରା ଉପରେ କଟକଣା ଲଗାଯାଇଛି। ସମ୍ବଲପୁର ସଦର ଏସ୍‌ଡିପିଓ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ପୋଲିସ ଏହି ନିଷ୍ପତ୍ତି ନେଇ ପୂଜା କମିଟିର ସହଯୋଗ ଲୋଡିଛି। ପୂଜା କମିଟି ପକ୍ଷରୁ ବିଭିନ୍ନ ସମସ୍ୟା ଉତ୍‌ଥାପନ କରାଯାଇଥିଲା।

# ୨ ମୃତଦେହ ସତ୍କାର କଲା ସମ୍ବଲ

**ସମ୍ବଲପୁର,୩୦।୯ (ଶୁଭାଶିଷ ପାଢ଼ୀ):** ସମ୍ବଲପୁରର ସାମାଜିକ ଅନୁଷ୍ଠାନ ସମ୍ବଳ ଅସହାୟ ଓ ଅଜଣା ବ୍ୟକ୍ତିଙ୍କ ମୃତଦେହ ସତ୍କାର କରିଆସୁଛି। ଶନିବାର ୨ ମୃତଦେହକୁ ମିଶାଇ ଏହି ସଂଖ୍ୟା ୬ ଶହରେ ପହଞ୍ଚିଛି। ଭିମ୍‌ସାରରେ ଜଣେ ଅଜଣା ବ୍ୟକ୍ତି ପୁରୁଷ ମେଡ଼ିସିନ ୱାର୍ଡରେ ଗୁରୁତର ଅବସ୍ଥାରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗତ ୨୫ ତାରିଖରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିଚୟ ପାଇଁ ତିନିଦିନ ଫ୍ରିଜରରେ ରଖିଲାପରେ ମଧ୍ୟ ତାଙ୍କର କେହି ନିଜ ଲୋକ ଆସି ନ ଥିଲେ। ସେହିପରି ଅନ୍ୟ ଜଣେ ପୁରୁଷ ସର୍ଜରୀ ୱାର୍ଡରେ ଚକିତ୍ସିତ ହେଉଥିବାବେଳେ ଗତ ୨୮ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ମଧ୍ୟ କେହି ନିଜ ଲୋକ ନ ଆସିବାରୁ ବୁର୍ଲା ମେଡିକାଲ ଫାଣ୍ଡି ପକ୍ଷରୁ ଉଭୟ ମୃତ ଦେହ ସତ୍କାର ପାଇଁ ସମ୍ବଳ ପରିବାରକୁ ଲିଖିତ ଜଣାଯାଇଥିଲା। ଏହା ପରେ ଅନୁଷ୍ଠାନ ପକ୍ଷରୁ ଉଭୟଙ୍କ ମୃତଦେହ ରୀତିନୀତି

**୧୨ ବର୍ଷରେ ୬ଶହ ସତ୍କାର କଲାଣି**



ସମ୍ବଳ ପକ୍ଷରୁ ମୃତଦେହ ସତ୍କାର କରାଯାଉଛି ।

ଅନୁସାରେ ମନ୍ଦଲିଆସ୍ଥିତ ରାଜଘାଟରେ ସତ୍କାର କରାଯାଇଛି। ଅନୁଷ୍ଠାନର ଉପଦେଷ୍ଟା ତଥା ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ଅଶୋକ ଜଲାନ, ଗୋଲକ ବିହାରୀ ମିଶ୍ର, ଉପଦେଷ୍ଟା ଉଦ୍ଧବ ମହାପାତ୍ର, ସଦାଶିବ ମହାପାତ୍ର, ସଭାପତି ଶଙ୍କର ପ୍ରସାଦ ପତି, କାର୍ଯ୍ୟକାରୀ ସଭାପତି ପଞ୍ଚାନନ ତ୍ରିପାଠୀ, ସମ୍ପାଦକ ସୁବ୍ରତ କୁମାର ପଣ୍ଡାଙ୍କ ସମେତ ସ୍ୱେଚ୍ଛାସେବୀ ସଂଗଠନ ଉତ୍ସର୍ଗ, ବିଙ୍ଗ ଆନିମାଲ, ଏବିସିଡ଼ି ଚାରିଟେବୁଲ ଟ୍ରଷ୍ଟ, ମାରୱାଡି ଯୁବା ମଞ୍ଚ, ଶିଖ କମ୍ୟୁନିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସମ୍ବଳ ପରିବାର ୨୦୧୧ ନଭେମ୍ବର ୫ରେ ପ୍ରଥମେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ସତ୍କାର କରିଥିଲା।

# ଜିଲାସ୍ତରୀୟ ପୋଷଣ ମାସ ପାଳନ



ଜିଲାପାଳ ପ୍ରଦର୍ଶିତ ପୋଷଣଯୁକ୍ତ ଖାଦ୍ୟ ଦେଖୁଛନ୍ତି ।

**ସମ୍ବଲପୁର,୩୦।୯(ଶୁଭାଶିଷ ପାଢୀ):** ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଶନିବାର ଜିଲାସ୍ତରୀୟ ପୋଷଣ ମାସ ଅନୁଷ୍ଠିତ ହୋଇଯାଇଛି। ଜିଲା ସମାଜ କଲ୍ୟାଣ ବିଭାଗ ଓ ଜିଲା ପ୍ରଶାସନ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ହୋଇଥିଲା। ଜିଲାପାଳ ଅନନ୍ୟା ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ପୂର୍ଣ୍ଣଚନ୍ଦ୍ର ସାହୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜୟଶ୍ରୀ ଦୋରା, ଜିଲା ସମାଜ ମଙ୍ଗଳ ଅଧିକାରୀ ଗୀତାଞ୍ଜଳି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ସୁପୋଷିତ ଭାରତ, ସ୍ୱାକ୍ଷର ଭାରତ, ସଶକ୍ତ ଭାରତ ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। ଏନିମିଆ, ଡାଇରିଆ, ପୁଷ୍ଟିକର ଆହାର, ସ୍ୱଚ୍ଛତା ଉପରେ କିଶୋରୀ ବାଳିକା, ମା'ମାନଙ୍କୁ ସଚେତନ କରାଯାଇଥିଲା। ପୋଷଣ ଖାଦ୍ୟ ଓ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା।

# ରେଳ ଫାଟକ ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ

**ରେଙ୍ଗାଲି,୩୦।୯ (ଦେବବ୍ରତ ପଣ୍ଡା):** ସମ୍ବଲପୁର ଜିଲାର ରେଙ୍ଗାଲି ଏକ ଶିଳ୍ପସମୃଦ୍ଧ ସହର। ରେଙ୍ଗାଲି ଛକରୁ ଗ୍ରାମକୁ ଯିବା ରାସ୍ତାରେ ଏକ ରେଳଫାଟକ ରହିଛି। ଏହା ଏବେ ରେଙ୍ଗାଲି ଓ ଆଖପାଖ ଅଞ୍ଚଳବାସୀଙ୍କ ପାଇଁ ଦୁର୍ଦ୍ଦଶାର କାରଣ ହୋଇଛି।

ରେଙ୍ଗାଲି ଷ୍ଟେଶନପଡ଼ାରେ ଥିବା ରେଳ ଫାଟକ ଯୋଗୁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରେଳ ଫାଟକ ଅପରପାର୍ଶ୍ୱରେ ବ୍ଲକ କାର୍ଯ୍ୟାଳୟ, ସରକାରୀ ପଲିଟେକ୍‌ନିକ୍ ବିଦ୍ୟାଳୟ ରହିଛି। ଏହାଛଡା ସାଲଡ଼ ପଞ୍ଚାୟତର ପ୍ରାୟ ୬ ଗ୍ରାମର ଜନସାଧାରଣ ଏହି ରେଳକ୍ରସିଂ ଦେଇ ଯିବାଆସିବା କରନ୍ତି। ରେଳ ଫାଟକ ପଡିଗଲେ ପ୍ରାୟ ଅଧଘଣ୍ଟା ପରେ ଖୋଲିଥାଏ। ତେଣୁ ଲୋକଙ୍କ ସମସ୍ୟା ବଢ଼ିଯାଇଥାଏ। ପ୍ରାୟ ସମୟରେ ଫାଟକ



ରେଳ ଫାଟକରେ ଛାତ୍ରୀଛାତ୍ରଙ୍କ ବିପଦସଙ୍କୁଳ ଯାତ୍ରା।

ପଡିରହୁଥିବାରୁ ଛାତ୍ରୀଛାତ୍ର ଜୀବନକୁ ବାଜି ଲଗାଇ ରେଳ ଲାଇନ ଅତିକ୍ରମ କରୁଥିବା ଦେଖାଯାଏ। ରେଙ୍ଗାଲି ବ୍ଲକ ସପନେଠାରେ ହୀରାକୁଦ ଜଳଭଣ୍ଡାର ଉପରେ ସେତୁ ନିର୍ମାଣ ପରେ ଏହି ରାସ୍ତାର ଉପଯୋଗ ଆହୁରି ବଢିଯାଇଛି। ଅଧିକାଂଶ ସମୟରେ ରୋଗୀଙ୍କୁ ନେଇ ଆସୁଥିବା ଆମ୍ବୁଲାନ୍ସ ମଧ୍ୟ ବହୁ ସମୟ ଧରି ଫାଟକରେ ଅଟକି ରହୁଛି। ଏହି ପରିପ୍ରେକ୍ଷୀରେ ଏଠାରେ ଏକ ଓଭରବ୍ରିଜ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଆସୁଛନ୍ତି। ଏଥିପାଇଁ ଜାଗା ମଧ୍ୟ ଚିହ୍ନଟ ହୋଇସାରିଛି। ହେଲେ କାମ ଆରମ୍ଭ ହେଉ ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳର ସଚେତନ ନାଗରିକମାନେ ଦାବି କରିଛନ୍ତି।

**ଜିଲାସ୍ତରୀୟ ଖେଳକୁଦ ଚାମ୍ପିୟନଶିପ ଉଦ୍‌ଘାଟିତ**

# ୯ ବ୍ଲକରୁ ୫୦୫ଜଣ ଭାଗ ନେଇଛନ୍ତି

**କୁଚିଣ୍ଡା,୩୦।୯(ବିରଞ୍ଚ ଦର୍ଶା):** କୁଚିଣ୍ଡା ମୁକୁନ୍ଦି ଷ୍ଟାଡିୟମରେ ଶନିବାର ସମ୍ବଲପୁର ଜିଲାସ୍ତରୀୟ ଫୁଟବଲ, କବାଡି ଓ ଖୋଖୋ ଚାମ୍ପିୟନଶିପ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ମୁରଲୀଧର ବେହେରା, ଅନ୍ୟତମ ଅତିରିକ୍ତ ଜିଲା ଶିକ୍ଷାଅଧିକାରୀ ଜୟଶ୍ରୀ ଦୋରା, ଜିଲା କ୍ରୀଡ଼ା ଅଧିକାରୀ ଜଗବନ୍ଧୁ ବେହେରା ଅତିଥିଭାବେ ଯୋଗଦେଇ ଖେଳକୁଦରେ ଅଂଶଗ୍ରହଣକାରୀ ଛାତ୍ରୀଛାତ୍ର ଉତ୍ତମ ଖେଳ ପ୍ରଦର୍ଶନ କରି ଜିଲାର ସୁନାମ ଅର୍ଜନ କରିବାକୁ ପରାମର୍ଶ ଦେଇଥିଲେ। କୁଚିଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଗୀତା ପ୍ରଧାନ ସ୍ୱାଗତ ଭାଷଣ ଦେଇ ସମସ୍ତ ଖେଳାଳିଙ୍କ




ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଡିପିଇଓ ସୁଜାତା ପଟ୍ଟନାୟକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ଶରତ କୁମାର ପଶାୟତ ସଭା ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ଜିଲାର ୯ ବ୍ଲକରୁ ମୋଟ ୫୦୫ ଜଣ କ୍ରୀଡାବିତ୍ ଅଂଶଗ୍ରହଣ କରିଛନ୍ତି। ଦୁଇଦିନ ଧରି ହେବାକୁ ଥିବା ଚାମ୍ପିୟନଶିପରେ ୧୭ବର୍ଷରୁ କମ ବାଳକ ବିଭାଗରେ ୨୪୮ ଓ ବାଳିକା ବିଭାଗରେ ୧୯୩ ଏବଂ ୧୪ବର୍ଷରୁ କମ ବାଳକ ବିଭାଗରେ ୩୬ ଓ ବାଳିକା ବିଭାଗରେ ୨୮ଜଣ ଅଂଶଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମ ପରିଚାଳନରେ ପ୍ରଧାନ ଶିକ୍ଷକ କମଳଲୋଚନ ବେହେରା, ଭବାନୀ ଶଙ୍କର ନାଏକ, ବେଦବ୍ୟାସ ପଟେଲ, ଚନ୍ଦ୍ରହାସ କର୍ଣ୍ଣ, ଶୁଭ୍ରେନ୍ଦୁ ତ୍ରିପାଠୀ, କ୍ରୀଡା ଶିକ୍ଷକ ଶ୍ରୀକାନ୍ତ ପଟେଲ ସହଯୋଗ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ବେହେରା ଧନ୍ୟବାଦ ଦେଇଥିଲେ।

**ଲକରରେ ମହିଳାଙ୍କ ୧୮ ଲକ୍ଷ ଟଙ୍କା ଉଇ ଖାଇଗଲେ**

ଉତ୍ତରପ୍ରଦେଶର ମୋରାଦାବାଦର ଜଣେ ମହିଳା ତାଙ୍କ ଝିଅ ବାହାଘର ପାଇଁ ବ୍ୟାଙ୍କ ଅଫ୍ ବରୋଦା ଆଶିଆନା ଶାଖା ଲକରରେ ପାଖାପାଖି ୧୮ ଲକ୍ଷ ଟଙ୍କା ରଖିଥିଲେ। ଲକର ଭିତରେ ସେଗୁଡ଼ିକୁ ଉଇ ଖାଇ ଦେଇଥିବା ଜାଣିବା ପରେ ଅଲକା ପାଠକ ନାମ୍ନୀ ଉକ୍ତ ମହିଳା ବ୍ୟାଙ୍କ ମ୍ୟାନେଜରଙ୍କୁ ଜଣାଇଥିଲେ। ଉଇ ଲାଗିବାର କାରଣ ସମ୍ପର୍କରେ ବ୍ୟାଙ୍କ ତଦନ୍ତ କରୁଛି। ଲକର ନିୟମରେ ନଗଦ ଅର୍ଥ ଗଚ୍ଛିତ ନ କରିବାକୁ କୁହାଯାଇଛି।

## ସଂକ୍ଷେପରେ

### ଅନୁପ୍ରବେଶ ଉଦ୍ୟମ ପଣ୍ଡ
# ୨ ଆତଙ୍କବାଦୀ ନିହତ

**ଶ୍ରୀନଗର,୩୦।୯(ପି.ଟି.):** ଜମ୍ମୁ-କଶ୍ମୀରର କୁପୱାଡ଼ା ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା ନିକଟରେ ଶନିବାର ଆତଙ୍କବାଦୀମାନଙ୍କ ଅନୁପ୍ରବେଶ ଉଦ୍ୟମକୁ ସୁରକ୍ଷା ବଳ ପଣ୍ଡ କରିଦେଇଛନ୍ତି। ଯବାନଙ୍କ ଗୁଳିରେ ୨ ଜଣ ଆତଙ୍କବାଦୀ ନିହତ ହୋଇଥିବା ପୋଲିସ କହିଛି। ଜିଲାର ମଚିଲ ସେକ୍ଟର ଅନ୍ତର୍ଗତ କୁମକାଡ଼ିଠାରେ ଅନୁପ୍ରବେଶ ଲାଗି ଆତଙ୍କବାଦୀମାନେ ଉଦ୍ୟମ ଚଳାଇଥିଲେ। କୁପୱାଡ଼ା ପୋଲିସଠାରୁ ଗୋଇନ୍ଦା ସୂଚନା ପାଇଁ ସେନା ଏବଂ ପୋଲିସ ପକ୍ଷରୁ କୁମକାଡ଼ି ଅଞ୍ଚଳରେ ମିଳିତ ତଲାସି ଅଭିଯାନ କରାଯାଇଥିଲା। ଏହି ଅଭିଯାନବେଳେ ଯବାନଙ୍କ ଗୁଳିରେ ୨ ଆତଙ୍କବାଦୀ ନିହତ ହୋଇଥିଲେ। ଏନ୍‌କାଉଣ୍ଟର ସ୍ଥଳୀରୁ ୨ଟି ଏକେ ରାଇଫଲ, ୪ ଏକେ ମାଗାଜିନ୍, ୨୦ ରାଉଣ୍ଡ ଗୁଳି, ଏକ ପାକିସ୍ତାନୀ ପିସ୍ତଲ ଏବଂ ୨,୧୦୦ ପାକିସ୍ତାନୀ ଟଙ୍କା ଜବତ ହୋଇଛି।

# ଲଶ୍କର ମୁଖ୍ୟ ହାଫିଜ୍ ସୟିଦଙ୍କ ପୁଅ ଅପହୃତ

**ଇସ୍‌ଲାମାବାଦ,୩୦।୯:** ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲଶ୍କର-ଇ-ତୋଇବା ମୁଖ୍ୟ ହାଫିଜ୍ ସୟିଦ୍‌ଙ୍କ ପୁଅ କମଲୁଦ୍ଦିନଙ୍କୁ କେତେଜଣ ଦୁର୍ବୃତ୍ତ ଅପହରଣ କରିନେଇଥିବା ଅଭିଯୋଗ ହୋଇଛି। ସୋସିଆଲ ମିଡିଆରେ ଏହି ଖବର ଛାଇଯାଇଛି। ପେଶାୱରରୁ କମଲୁଦ୍ଦିନ୍‌ଙ୍କ ମୃତଦେହ ମିଳିଥିବା ରିପୋର୍ଟରେ ଦାବି କରାଯାଉଛି। ତାଙ୍କ ଦେହରେ କ୍ଷତଚିହ୍ନ ଥିବାରୁ ମୃତ୍ୟୁ ପୂର୍ବରୁ ତାଙ୍କୁ ନିର୍ଯାତନା ଦିଆଯାଇଥିବା କୁହାଯାଉଛି। ତେବେ ମୃତ୍ୟୁ ଖବର ଗୁଜବ ବୋଲି କେତେଜଣ ଏକ୍ସରେ ପୋଷ୍ଟ କରିଛନ୍ତି। ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟର ମାଇଣ୍ଡ ହାଫିଜ୍ ସୟିଦ ଇସ୍‌ଲାମୀୟ ଆତଙ୍କବାଦୀ ଭାବେ ଅନ୍ତର୍ଜାତୀୟ ସ୍ତରରେ ଘୋଷିତ ହୋଇଛନ୍ତି।

# ମଣିପୁରରେ ଥମୁନି ଉତ୍ତେଜନା

**ଇମ୍ଫାଲ,୩୦।୯**

- ମୃତ ଛାତ୍ରୀଛାତ୍ରଙ୍କ ପରିବାରକୁ ଭେଟିଲେ ରାଜ୍ୟପାଳ
- ଛାତ୍ରଙ୍କ ଉପରେ ବଳପ୍ରୟୋଗ କରିଥିବା ସୁରକ୍ଷାକର୍ମୀ ଦଣ୍ଡିତ ହେବେ: ମୁଖ୍ୟମନ୍ତ୍ରୀ
- ଲୋକଙ୍କ କ୍ରୋଧ ନଡ୍ଡାଙ୍କୁ ଅବଗତ କରାଇଲା ରାଜ୍ୟ ଭାଜପା

ମଣିପୁରରେ ଜାତିଆଣ ହିଂସାକୁ ୫ ମାସ ବିତିଥିଲେ ମଧ୍ୟ ଉତ୍ତେଜନା ଥମିବା ନାଁ ନେଉନାହିଁ। ଦୁଇଜଣ ଛାତ୍ରୀଛାତ୍ରଙ୍କୁ ଅପହରଣ କରିନେଇ ହତ୍ୟା କରିବା ଘଟଣାରେ ଉତ୍ତର ପୂର୍ବାଞ୍ଚଳ ରାଜ୍ୟରେ ହିଂସାତ୍ମକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଜ୍ୟପାଳ ଅନସୂୟା ଉଇକେ ମୃତ ଛାତ୍ରୀଛାତ୍ରଙ୍କ ପରିବାରକୁ ସେମାନଙ୍କ ବାସଭବନରେ ଭେଟିଛନ୍ତି। ସେ ମୃତକଙ୍କ ମାଆବାପାଙ୍କୁ ସାନ୍ତ୍ୱନା ଦେବା ସହ ଖାଇବା ଛାଡ଼ିଦେଇଥିବା ମାଆଙ୍କୁ ପାଣି ପିଆଇଥିଲେ। ଅପହରଣ ଓ ହତ୍ୟାରେ ସମ୍ପୃକ୍ତ ଅପରାଧୀଙ୍କୁ ଆଇନ ଅନୁଯାୟୀ ଦଣ୍ଡ ଦିଆଯିବ ବୋଲି ରାଜ୍ୟପାଳ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, ୨ ଛାତ୍ରୀଛାତ୍ର ଜୁଲାଇରେ ନିଖୋଜ ହୋଇଯାଇଥିଲେ। ସେମାନଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଗତ ମଙ୍ଗଳବାର ରାଜଧାନୀ ଇମ୍ଫାଲରେ ସାନି ହିଂସା ଦେଖାଦେଇଥିଲା। ବିକ୍ଷୋଭକାରୀଙ୍କୁ ଘଉଡ଼ାଇବାକୁ ଯାଇ ସୁରକ୍ଷା ବଳ ଅତ୍ୟଧିକ ବଳ ପ୍ରୟୋଗ କରିବାରୁ ଶତାଧିକ ଛାତ୍ରୀଛାତ୍ର ଆହତ ହୋଇଥିଲେ।

ଏଥିପାଇଁ ଦାୟୀ ସୁରକ୍ଷା କର୍ମୀଙ୍କୁ ଦଣ୍ଡିତ କରାଯିବ ବୋଲି ଶନିବାର ମଣିପୁର ମୁଖ୍ୟମନ୍ତ୍ରୀ ଏନ୍.ବୀରେନ୍ ସିଂ ପ୍ରତିଶ୍ରୁତି ଦେଇଛନ୍ତି। ଲୋକମାନେ ଏକତ୍ର ରହିବା ସହ ଶାନ୍ତି ବଜାୟ ରଖିବା ଏବଂ ରାଜ୍ୟର ଶତ୍ରୁ ବିରୋଧରେ ସାମୂହିକ ଲଢ଼େଇ କରିବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ଛାତ୍ରୀଛାତ୍ର ଅପହରଣ ଓ ହତ୍ୟା ଘଟଣାର ତଦନ୍ତ ସିବିଆଇ ଟିମ୍ କରୁଛି।

ହିଂସାକାଣ୍ଡର ସମାଧାନ କରି ରାଜ୍ୟରେ ଶାନ୍ତି ଫେରାଇ ଆଣିବାରେ ସରକାର ବିଫଳ ହୋଇଥିବାରୁ ଲୋକଙ୍କ କ୍ରୋଧ ବଢ଼ିବାରେ ଲାଗିଛି। ଜନସାଧାରଣଙ୍କ ଆକ୍ରୋଶ ସମ୍ପର୍କରେ ମଣିପୁର ଭାଜପା ପକ୍ଷରୁ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ଅବଗତ କରାଯାଇଛି। ଭାଜପା ରାଜ୍ୟ ସଭାପତି ସାରଦା ଦେବୀ, ଉପସଭାପତି ଚିଦାନନ୍ଦ ସିଂ ଏବଂ ଅନ୍ୟ ୬ ଜଣ କାର୍ଯ୍ୟକର୍ତ୍ତା ନଡ୍ଡାଙ୍କୁ ପତ୍ର ଲେଖି ଏହା ଜଣାଇଛନ୍ତି। ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ଜନସାଧାରଣଙ୍କ କ୍ରୋଧ ଓ କ୍ଷୋଭ ବଢୁଥିବା ଭାଜପା କାର୍ଯ୍ୟକର୍ତ୍ତା କହିଛନ୍ତି। ଘରଦ୍ୱାର ଛାଡ଼ି ବିଭିନ୍ନ ରିଲିଫ୍ କ୍ୟାମ୍ପରେ ଆଶ୍ରୟ ନେଇଥିବା ଲୋକଙ୍କୁ ଶୀଘ୍ର ଭିଟାମାଟିକୁ ଫେରାଇ ଆଣାଯିବା ପାଇଁ ନେତାମାନେ ଦାବି କରିଛନ୍ତି।


ମଣିପୁର ରାଜ୍ୟପାଳ ଅନସୂୟା ଉଇକେ ମୃତ ଛାତ୍ରୀଛାତ୍ରଙ୍କ ପରିବାରକୁ ଭେଟି ସାନ୍ତ୍ୱନା ଦେଉଛନ୍ତି।

# ବାଇକ୍ ଆରୋହୀଙ୍କୁ ପିଟି ମାରିଦେଲେ

**ଜୟପୁର,୩୦।୯**

### ଜୟପୁରରେ ସାମ୍ପ୍ରଦାୟିକ ଉତ୍ତେଜନା

ରାଜସ୍ଥାନର ଜୟପୁରରେ ଦୁଇଟି ମୋଟରସାଇକେଲ ମଧ୍ୟରେ ଧକ୍କାରୁ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି ହୋଇଛି। ଦୁର୍ଘଟଣା ପରେ କେତେଜଣ ଲୋକ ଜଣେ ବାଇକ୍ ଆରୋହୀଙ୍କୁ ପିଟି ମାରିଦେଇଥିଲେ। ଏହାକୁ ନେଇ ଜୟପୁରର ରାମଗଞ୍ଜ ଓ ପାଖ ଅଞ୍ଚଳରେ ସାମ୍ପ୍ରଦାୟିକ ଉତ୍ତେଜନା ଦେଖାଦେଇଛି। ଖବର ଅନୁଯାୟୀ ସୁଭାଷ ଚୌକଠାରେ ଶୁକ୍ରବାର ରାତିରେ ଦୁଇଟି ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଜଣେ ବାଇକ୍ ଆରୋହୀ ତାଙ୍କର କେତେଜଣ ସମର୍ଥକଙ୍କୁ ନେଇ ଇକ୍‌ବାଲ ନାମକ ଅନ୍ୟ ଜଣେ ଆରୋହୀଙ୍କ ଉପରେ ଆକ୍ରମଣ କରିଥିଲେ। ଇକ୍‌ବାଲଙ୍କୁ ସଙ୍ଗେ ସଙ୍ଗେ ଏସ୍‌ଏମ୍‌ଏସ୍ ହସ୍ପିଟାଲ ନିଆଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ମୁସଲମାନ ବହୁଳ ଉକ୍ତ ଅଞ୍ଚଳରେ ଉତ୍ତେଜନା ଲାଗିରହିଥିବାରୁ ଦୋକାନ ବଜାର ବନ୍ଦ ରହିଛି। ଆକ୍ରମଣକାରୀ ଗୋଷ୍ଠୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ମୃତକଙ୍କ ପରିବାର ଓ ସ୍ଥାନୀୟ ଲୋକେ ଏକାଠି ହୋଇଛନ୍ତି।

# ସିବିଡିଟି ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ବଢ଼ିଲା

**ନୂଆଦିଲ୍ଲୀ,୩୦।୯(ପି.ଟି.)**


ନୀତିନ ଗୁପ୍ତା

କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି)ର ଅଧ୍ୟକ୍ଷ ନୀତିନ ଗୁପ୍ତାଙ୍କ କାର୍ଯ୍ୟକାଳକୁ କେନ୍ଦ୍ର ସରକାର ୯ ମାସ ବଢ଼ାଇଛନ୍ତି। ୧୯୮୬ ବ୍ୟାଚ୍‌ର ଏହି ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଧିକାରୀଙ୍କର ଶନିବାର ଅବସର ଗ୍ରହଣ କରିବାର ଥିଲା। ଆୟକର ବିଭାଗରେ କାର୍ଯ୍ୟରତ ଗୁପ୍ତାଙ୍କୁ ଗତବର୍ଷ ଜୁନ୍‌ରେ ସିବିଡିଟି ମୁଖ୍ୟ ଭାବେ ନିଯୁକ୍ତ କରାଯାଇଥିଲା। ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ୍ କମିଟି ଠିକା ଭିତ୍ତିରେ ତାଙ୍କ କାର୍ଯ୍ୟକାଳକୁ ଅକ୍ଟୋବର ୧ରୁ ୨୦୨୪ ଜୁନ୍ ୩୦ ପର୍ଯ୍ୟନ୍ତ ବୃଦ୍ଧି ପ୍ରସ୍ତାବକୁ ଅନୁମୋଦନ କରିଛି।

# ଆମେରିକା ପ୍ରତିରକ୍ଷା, ବାଣିଜ୍ୟ ସଚିବଙ୍କୁ ଭେଟିଲେ ଜୟଶଙ୍କର

**ୱାଶିଂଟନ,୩୦।୯**

ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ପେଣ୍ଟାଗନରେ ଆମେରିକା ପ୍ରତିରକ୍ଷା ସଚିବ ଲୟଡ୍ ଅଷ୍ଟିନ୍ ଏବଂ ବାଣିଜ୍ୟ ସଚିବ ଗିନା ରାଇମଣ୍ଡୋଙ୍କୁ ଭେଟି ବିଭିନ୍ନ ଦ୍ୱିପାକ୍ଷିକ, ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଦ୍ୱିପାକ୍ଷିକ ପ୍ରତିରକ୍ଷା ସହଯୋଗ ବଢ଼ାଇବା ସହ ପ୍ରତିରକ୍ଷା ସାମଗ୍ରୀ ମିଳିତ ଭାବେ ପ୍ରସ୍ତୁତ କରିବା ନେଇ ଅଷ୍ଟିନ୍‌ଙ୍କ ସହ ଫଳପ୍ରଦ ଆଲୋଚନା ହୋଇଥିବା ଜୟଶଙ୍କର କହିଛନ୍ତି। ବାଣିଜ୍ୟ ସଚିବଙ୍କ ସହ ଆଲୋଚନା ବେଳେ ସେ ଚଳିତ ବର୍ଷର ବୈଷୟିକ ସହଯୋଗ ଏବଂ ଅର୍ଥନୈତିକ ଭାଗୀଦାରିତାରେ ଉଲ୍ଲେଖନୀୟ ଉନ୍ନତିକୁ ପ୍ରଶଂସା କରିଥିଲେ। ଦିନକ ପୂର୍ବରୁ ଜୟଶଙ୍କର ଆମେରିକାର ଜାତୀୟ ସୁରକ୍ଷା ପରାମର୍ଶଦାତା ଜାକ୍ ସୁଲିଭାନ, ବାଣିଜ୍ୟ ପ୍ରତିନିଧି କାଥେରିନ୍ ଟାଇ ଏବଂ ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍‌ଙ୍କୁ ଭେଟି ଆଲୋଚନା କରିଥିଲେ।

ୱାଶିଂଟନରେ ଅନୁଷ୍ଠିତ ବିଶ୍ୱ ସାଂସ୍କୃତିକ ଉତ୍ସବରେ ଯୋଗଦେଇ ଜୟଶଙ୍କର କହିଥିଲେ, ଜଳବାୟୁ ପରିବର୍ତ୍ତନ ଏବଂ ଆର୍ଥିକ ଅଗ୍ରଗତି ଭଳି ବୃହତ୍ ବୈଶ୍ୱିକ ଆହ୍ୱାନର ମୁକାବିଲା ଏକାକୀ କରାଯାଇପାରିବ ନାହିଁ। ଏଥିପାଇଁ ସାରା ବିଶ୍ୱକୁ ଏକାଠି କରାଇବା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି।

# ବର୍ଷାରେ ଭାସିଲା ନ୍ୟୁୟର୍କ ସହର

**ନ୍ୟୁୟର୍କ,୩୦।୯**

ଆମେରିକାର ନ୍ୟୁୟର୍କରେ ଶୁକ୍ରବାରଠାରୁ ପ୍ରବଳ ବର୍ଷା ଲାଗିରହିଥିବାବେଳେ ମେଟ୍ରୋପଲିଟାନ୍ ଅଞ୍ଚଳ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯାଇଛି। ବିଭିନ୍ନ ରାସ୍ତାରେ ଅଣ୍ଟାଏ ଉଚ୍ଚରେ ପାଣି ଚାଲୁଥିବାରୁ ଯାତାୟାତ ଠପ୍ ହୋଇଯାଇଛି। ରେଳଲାଇନଗୁଡ଼ିକ ମଧ୍ୟ ବର୍ଷାପାଣିରେ ବୁଡ଼ିଯାଇଛି। ଅଟ୍ଟାଳିକାଗୁଡ଼ିକର ବେସ୍‌ମେଣ୍ଟ ବୁଡ଼ିଯାଇଛି। ସହରର ଲାଗୌର୍ଡିଆ ଏୟାରପୋର୍ଟକୁ ଦୀର୍ଘସମୟ ବନ୍ଦ କରିଦିଆଯାଇଥିଲା। ବହୁ ଦଶନ୍ଧି ମଧ୍ୟରେ ଏହା ସହରର ସବୁଠୁ ବର୍ଷଣମୁଖର ଦିନ ବୋଲି କୁହାଯାଉଛି। ଶୁକ୍ରବାର ରାତିରେ ବ୍ରୁକ୍ଲିନ୍‌ର କେତେକ ଅଞ୍ଚଳରେ ୧୮.୪୧ ସେଣ୍ଟିମିଟରରୁ ଅଧିକ ବର୍ଷା ହୋଇଛି। ଗୋଟିଏ ସ୍ଥାନରେ ଘଣ୍ଟାଏ ମଧ୍ୟରେ ୬ ସେଣ୍ଟିମିଟର ବର୍ଷା ହୋଇଥିବା ପାଣିପାଗ ବିଭାଗ କହିଛି। ଜନ୍ ଏଫ୍. କେନେଡି ଏୟାରପୋର୍ଟରେ ରେକର୍ଡ ୨୧.୯୭ ସେଣ୍ଟିମିଟର ବର୍ଷା ହୋଇଛି। ଏପରିକି ୧୯୬୦ର ବାତ୍ୟା ଡୋନାରେ ମଧ୍ୟ ଏତେ ପରିମାଣରେ ବର୍ଷା ହୋଇ ନ ଥିଲା। ଆହୁରି ବର୍ଷା ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ହରିକେନ୍ ଇଡାରେ ବର୍ଷା ରେକର୍ଡ ଭାଙ୍ଗିଥିଲା ଏବଂ ନ୍ୟୁୟର୍କ ସହରରେ ଅନ୍ୟୂନ ୧୩ ଜଣ ପ୍ରାଣ ହରାଇଥିଲେ। ଏହାର ଦୁଇବର୍ଷ ପରେ ଶୁକ୍ରବାର ରାତିରେ ହୋଇଥିବା ଲଗାଣ ବର୍ଷାରେ କେହି ମୃତ କିମ୍ବା ଗୁରୁତର ଆହତ ହୋଇଥିବାରୁ ଖବର ମିଳିନାହିଁ। ତେବେ ଏହା ପୁଣିଥରେ ଲୋକଙ୍କ ମନରେ ଇଡା ବାତ୍ୟାର ଭୟ ସୃଷ୍ଟି କରିଛି। ଉଡ୍‌ସାଇଡ୍‌ରେ ରହୁଥିବା ଜୟ ୱଙ୍ଗ କହିଛନ୍ତି, ବର୍ଷାପାଣିର ଢେଉ ତାଙ୍କ ଘର ସାମ୍ନା କବାଟରେ ମାଡ଼ ହେଉଛି। ଚାରିଆଡ଼େ ସମୁଦ୍ର ଭଳି ହୋଇଯାଇଥିବାରୁ ଘରୁ ବାହାରିବା ବିପଜ୍ଜନକ ହୋଇପଡ଼ିଥିବା ସେ କହିଛନ୍ତି। ଅନେକ ଘରର ବେସ୍‌ମେଣ୍ଟ ବୁଡ଼ିଥିଲେ ମଧ୍ୟ ସେଠାରୁ ଲୋକମାନଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ଗଭର୍ନର କାଥି ହୋଚୁଲ ଏବଂ ମେୟର ଏରିକ ଆଡାମ୍ସ ଜରୁରୀ ସ୍ଥିତି ଜାରି କରିବା ସହ ଲୋକମାନଙ୍କୁ ଯଥାସମ୍ଭବ ଘରେ ରହିବାକୁ ନିବେଦନ କରିଛନ୍ତି।




## ଫୁର୍‌ସତ୍

# କପେ କଫି ଆଣେ ଫୁର୍ତ୍ତି

କପେ କଫି ପିଇବା ଦ୍ୱାରା ମନରେ ଫୁର୍ତ୍ତି ଆସିଥାଏ। ତେଣୁ ଲୋକେ କଫି ପିଇବାକୁ ପସନ୍ଦ କରିଥା'ନ୍ତି। କଫିର ଇତିହାସ ବହୁ ପୁରୁଣା। ପ୍ରଥମେ ୧୬୫୧ ମସିହାରେ ବ୍ରିଟେନ୍‌ରେ ପ୍ରଥମ କଫି ଦୋକାନ ଖୋଲିଥିଲା। ସେତେବେଳେ ପୁରୁଷମାନେ ଅଧିକ ସଂଖ୍ୟାରେ କଫି ପାନ କରୁଥିଲେ। ମାତ୍ର ସମୟକ୍ରମେ ଏହା ମହିଳାଙ୍କ ମଧ୍ୟରେ ବେଶ୍ ଆଦୃତି ଲାଭ କରିଥିଲା। ଏହା ସ୍ୱାସ୍ଥ୍ୟ ଉପରେ ସକାରାତ୍ମକ ପ୍ରଭାବ ପକାଇବା ସହିତ ଆର୍ଥିକ ବିକାଶ ପାଇଁ ମଧ୍ୟ ସୁଯୋଗ ପ୍ରଦାନ କରିଥାଏ। ଅନ୍ତର୍ଜାତୀୟ କଫି ଦିବସ ସାରା ବିଶ୍ୱରେ ପ୍ରତିବର୍ଷ ଅକ୍ଟୋବର ୧ ତାରିଖରେ ପାଳିତ ହୋଇଥାଏ। ଏକ ସ୍ୱାସ୍ଥ୍ୟକର ପାନୀୟଭାବେ କଫିର ବହୁଳ ପ୍ରଚାର ତଥା ପ୍ରସାର କରିବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ। ଏହାଛଡା କଫିର ସୁଲଭ ବ୍ୟବସାୟ ତଥା କଫି ଚାଷୀମାନଙ୍କ ଅଭାବ ଅସୁବିଧା ସମ୍ପର୍କରେ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିବା ଲାଗି ଏହି ଦିବସ ପାଳନ କରାଯାଇଥାଏ। ଅନ୍ତର୍ଜାତୀୟ କଫି ସଂସ୍ଥାନର ସମ୍ମତିକ୍ରମେ ପ୍ରଥମ ଥର ପାଇଁ ଏହା ୧ ଅକ୍ଟୋବର ୨୦୧୫ରେ ଇଟାଲୀର ମିଲନଠାରେ ପାଳିତ ହୋଇଥିଲା। ଏହି ଦିବସ ପାଳନ ଅବସରରେ ଅନେକ କଫି ବ୍ୟବସାୟୀ ରିହାତି ଦରରେ କଫି ବିକ୍ରି କରିବା ତଥା ନିଜ ସଂସ୍ଥାର ପୁରୁଣା ଗ୍ରାହକଙ୍କୁ ସ୍ୱତନ୍ତ୍ର କୁପନ ଯୋଗାଇବା ଭଳି କିଛି କାର୍ଯ୍ୟକ୍ରମ ମଧ୍ୟ ହାତକୁ ନେଇଥାନ୍ତି।



### ଅନ୍ତର୍ଜାତୀୟ କଫି ଦିବସ

୩-୭ ମାର୍ଚ୍ଚ ୨୦୧୪ରେ ଅନ୍ତର୍ଜାତୀୟ କଫି ସଂସ୍ଥାନ ଦ୍ୱାରା ଆୟୋଜିତ ଏକ ସମ୍ମିଳନୀରେ ଆନୁଷ୍ଠାନିକ ଭାବେ ଏହି ଦିବସ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ନିଷ୍ପତ୍ତି ଅନୁସାରେ ଇଟାଲୀର ମିଲନଠାରେ ଏକ୍ସପୋ-୨୦୧୫ର ଏକ କାର୍ଯ୍ୟକ୍ରମ ଭାବେ ୧ ଅକ୍ଟୋବର ୨୦୧୫ରେ ପ୍ରଥମ ଅନ୍ତର୍ଜାତୀୟ କଫି ଦିବସ ପାଳିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ଦେଶ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ। ଏହା ପୂର୍ବରୁ ଇତିହାସରେ କଫି ଦିବସ ପାଳନ କରିବା ସମ୍ବନ୍ଧରେ କୌଣସି ଘଟଣା ନଜରକୁ ଆସି ନ ଥିଲା। ତେବେ ୧୯୮୩ ମସିହାରେ ଜାପାନୀ କଫି ସଂସ୍ଥା ଦ୍ୱାରା କଫିର ପ୍ରଚାର ତଥା ପ୍ରସାର ନିମିତ୍ତ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ୨୦୦୫ରେ ଆମେରିକାରେ ଜାତୀୟ କଫି ଦିବସ ପାଳନ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଅନ୍ତର୍ଜାତୀୟ କଫି ସଂସ୍ଥାନ ଦ୍ୱାରା ବିଭିନ୍ନ ଦେଶରେ ଏହି ପରିପ୍ରେକ୍ଷୀରେ କାର୍ଯ୍ୟକ୍ରମ ସବୁ ଆୟୋଜନ ଦେବା ସହ ବିଶ୍ୱସ୍ତରରେ ଏହି ଦିବସ ପାଳନ ପାଇଁ ମାନ୍ୟତା ଲାଭ କରିଥିଲା। ଏହି ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ। କଫି ଚାଷ ନିମିତ୍ତ ଆନୁଷଙ୍ଗିକ ଖର୍ଚ୍ଚ ବୃଦ୍ଧି ସାଙ୍ଗକୁ ଅନ୍ତରାଷ୍ଟ୍ରୀୟ ବଜାରରେ କଫିର ବିକ୍ରୀ ଆଶାନୁରୂପ ହୋଇ ନ ଥିବାରୁ ୨୦୧୯ ମସିହାରେ ଏହି ପରିପ୍ରେକ୍ଷୀରେ କଫି ଚାଷିମାନଙ୍କ ସର୍ବ ନିମ୍ନ ମଜୁରି ବୃଦ୍ଧି କରିବା ଦିଗରେ ସମସ୍ତ ସଦସ୍ୟ ରାଷ୍ଟ୍ର ଉଚିତ ପଦକ୍ଷେପ ନେବା ପାଇଁ ଲକ୍ଷ୍ୟ ରଖାଯାଇଥିଲା।

# ଅନୁଷ୍କାଙ୍କ ଦ୍ୱିତୀୟ ଗର୍ଭ ନେଇ ଚର୍ଚ୍ଚା

**ମୁମ୍ବାଇ**

କ୍ରିକେଟର ବିରାଟ କୋହଲି ଓ ସ୍ତ୍ରୀ ତଥା ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କ ଘରେ ଏବେ ପୁଣିଥରେ ଶିଶୁର କ୍ରନ୍ଦନ ଶୁଣିବାକୁ ମିଳିବ। ଦ୍ୱିତୀୟଥର ପାଇଁ ମା' ହେବାକୁ ଯାଉଛନ୍ତି ଅନୁଷ୍କା। ସେ ଏବେ ଗର୍ଭବତୀ ଥିବା ନେଇ ଏକ ରିପୋର୍ଟରୁ ଜଣାପଡ଼ିଛି। ଏନେଇ କପଲ ଗର୍ଭକାଳୀନ ସମୟକୁ ଖୁବ୍ ଉପଭୋଗ କରୁଛନ୍ତି। କୁହାଯାଉଛି, ଗତଥର ଭଳି ଏଥର ବି ଶେଷ ମୁହୂର୍ତ୍ତରେ ଦମ୍ପତି ଲୋକଙ୍କ ସହ ଏହି ଖୁସି ଖବର ଶେୟାର କରିବେ। ତେବେ କିଛିଦିନ ତଳେ ଦୁହିଁଙ୍କୁ ଏକ ମାଟର୍ନିଟି କ୍ଲିନିକ୍ ବାହାରେ ଦେଖିବାକୁ ମିଳିଥିଲା। ଫଳରେ ଅନୁଷ୍କାଙ୍କ ଗର୍ଭଧାରଣ ନେଇ ପ୍ରଶଂସକଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିଛି। ତେବେ ସେମାନେ ୨୦୧୭ରେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ବିବାହର ୩ ବର୍ଷ ପରେ ୨୦୨୧ରେ ସେମାନଙ୍କର ପ୍ରଥମ ସନ୍ତାନରେ ଏକ ଝିଅ ଜନ୍ମ ହୋଇଥିଲା। ଜନ୍ମଠାରୁ ଏବେ ଯାଏ ଦୁହେଁ ଝିଅକୁ ଲାଇମଲାଇଟ୍‌ରୁ ଦୂରେଇ ରଖିଛନ୍ତି। ତାଙ୍କ ଦ୍ୱିତୀୟ ଗର୍ଭଧାରଣ ବିଷୟରେ ମଧ୍ୟ ସେମାନେ ଏଯାଏ ଶେୟାର କରିନାହାନ୍ତି। ତେବେ ଅନୁଷ୍କା ୨୦୦୮ରେ 'ରବ୍‌ନେ ବନାଦି ଯୋଡ଼ି'ରୁ ତାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ଶେଷଥର ପାଇଁ ତାଙ୍କୁ ଫିଲ୍ମ କ୍ୱାଲାରେ ଦେଖିବାକୁ ମିଳିଥିଲା। ନିକଟରେ ସେ ତାଙ୍କ ଆଗାମୀ ଫିଲ୍ମ 'ଚକ୍‌ଦା ଏକ୍ସପ୍ରେସ୍'ର ଶୁଟିଂ ଶେଷ କରିଛନ୍ତି, ଯେଉଁଥିରେ ସେ ପୂର୍ବତନ କ୍ରିକେଟର ଝୁଲଣ ଗୋସ୍ୱାମୀଙ୍କ ଭୂମିକାରେ ନଜରକୁ ଆସିବେ।



# ବୟସ୍କଙ୍କ ମନକୁ ଜାଣନ୍ତୁ

ଦିନେ ପାର୍କରେ ବୁଲୁ ବୁଲୁ ଦେଖିଲି କେତେଜଣ ବୟସ୍କ ଲୋକ ଗୋଟିଏ ଜାଗାରେ ଏକାଠି ବସି କଥାବାର୍ତ୍ତା ହେଉଛନ୍ତି। ମୁଁ ସେମାନଙ୍କ ପାଖରେ ବସିପଡ଼ିଲି। ଏହି ସମୟରେ ଆଉ ଜଣେ ଦୁଇଜଣ ଲୋକ ଗରମ ସିଙ୍ଗଡ଼ା, ବରା ଧରି ପହଞ୍ଚିଗଲେ ଗପଟା ଆହୁରି ଜମିଗଲା। ରାମବାବୁ ହରିବାବୁଙ୍କୁ ପଚାରିଲେ ଆଉ ତୁମ ଖବର କ'ଣ? ହରିବାବୁ କହିଲେ କେତେ ଆଉ ଘରେ ବସିବି? ମୋ ସ୍ତ୍ରୀ ଖାଲି ଚିଡ଼ିଚିଡ଼ି ହେଉଛି। କିଛି ଭଲ ଲାଗୁନି। ହରିବାବୁ ରାମବାବୁଙ୍କୁ ପଚାରିଲେ ଆପଣଙ୍କ ଖବର କ'ଣ? କେମିତି ଅଛନ୍ତି? ରାମବାବୁ କହିଲେ, ତୁମର ତ ସମସ୍ତେ ପାଖରେ ଥାଇ ତୁମକୁ ଭଲ ଲାଗୁନି। ଆମେ ତ ବୁଢ଼ାବୁଢ଼ୀ ଦୁଇଜଣ। ସମସ୍ତେ ନିଜ ନିଜ କାମରେ ବ୍ୟସ୍ତ। ମା'ବାପାଙ୍କ କଥା ପଚାରେ କିଏ? ପେନ୍‌ସନ ପଇସାରେ କ'ଣ ଚଳି ହେଉଛି? ମଝିରେ ମଝିରେ ଫୋନ୍ କରି ଆମ ସମସ୍ୟା ଶୁଣିବା ପୂର୍ବରୁ ତାଙ୍କ ସମସ୍ୟା କହି ଚାଲୁଛନ୍ତି। ବୁଢ଼ୀ ବିଚାରୀ ସବୁ ଶୁଣି ମନ ଦୁଃଖ କରୁଛି। ମୁଁ ଦୁଇ ମଉସାଙ୍କ କଥାକୁ ଧ୍ୟାନ ଦେଇ ଶୁଣୁଥିଲି। ମୁଁ କହିଲି, ମଉସା ଏପରି ଲକ୍ଷଣ ପ୍ରାୟତଃ ପରିବେଶ ଓ ପରିସ୍ଥିତିରେ ପଡ଼ି ଲୋକମାନେ ଏମିତି ଅନୁଭବ କରନ୍ତି। ମଉସା ପଚାରିଲେ, କହିଲ ବୃଦ୍ଧାବସ୍ଥା କ'ଣ? କେଉଁସବୁ ମାନସିକ ସମସ୍ୟା ଦେଖାଯାଏ? ଏହାର ଚିକିତ୍ସା ଅଛି? ମଣିଷ ଯେତେବେଳେ ତା'ର ଜୀବନର ହାରାହାରି ବୟସକୁ ଅତିକ୍ରମ କରିଥାଏ ବା ଜୀବନଚକ୍ରର ଶେଷ ଅବସ୍ଥାରେ ପହଞ୍ଚିଥାଏ, ତାହା ହିଁ ବୃଦ୍ଧାବସ୍ଥା। ଅଟୋ ଭନ୍ ବିସ୍‌ମାର୍କ ପ୍ରଥମେ ସାମାଜିକ ସୁରକ୍ଷା ପାଇଁ ୬୦ବର୍ଷ ବୟସ୍କଙ୍କୁ ଅବସର ନେବାର ସମୟ ବୋଲି ଘୋଷଣା କରିଥିଲେ। ପ୍ରତିବର୍ଷ ଅକ୍ଟୋବର ୧ରେ ବିଶ୍ୱ ବୟସ୍କ ଦିବସ ପାଳନ କରାଯାଉଛି। ସମାଜରେ ସେମାନଙ୍କ ଆବଶ୍ୟକତା ଉପରେ ସଚେତନତା ଅଣାଯିବା ସହ ସମାଜ ପ୍ରତି ସେମାନଙ୍କ ଅବଦାନକୁ ଏହି ଦିବସରେ ସ୍ମରଣ ତଥା ସ୍ୱୀକାର କରାଯାଇଥାଏ।

ମାନସିକ ସମସ୍ୟାରେ ମନ ଦୁଃଖ ରହେ, ନିଦ ଓ ଭୋକ ହୁଏ ନାହିଁ। ଶରୀର ବିଷୟରେ ଅତ୍ୟଧିକ ଚିନ୍ତା କରେ ଓ ଆତ୍ମହତ୍ୟାର ଭାବନା ମଧ୍ୟ ଆସିପାରେ। ସିଜୋଫ୍ରେନିଆରେ ଲୋକଟି ସନ୍ଦେହ କରେ ଯେ, ତା' ବିରୋଧରେ ସମସ୍ତେ ଷଡ଼ଯନ୍ତ୍ର କରୁଛନ୍ତି, କଥା ହେଉଛନ୍ତି ଓ ଶୂନ୍ୟବାଣୀ ହେବାପରି ଲାଗେ। ମାନସିକ ସମସ୍ୟା ଓ ପାରିବାରିକ ଚାପ ରୋଗଟିକୁ ବଢ଼ାଇଦିଏ। ଶେଷରେ ସବୁ ଜାଣିପାରନ୍ତି ନାହିଁ ଓ ଅନ୍ୟମାନଙ୍କୁ ମଧ୍ୟ ଚିହ୍ନିପାରନ୍ତି ନାହିଁ। ବୃଦ୍ଧାବସ୍ଥାରେ ନିୟମିତ ଶାରୀରିକ ପରିଶ୍ରମ କରନ୍ତୁ। ସାମାଜିକ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରନ୍ତୁ। ପ୍ରତିଦିନ ଯଥେଷ୍ଟ ପରିମାଣରେ (୭ରୁ ୯ଘଣ୍ଟା) ଶୁଅନ୍ତୁ। ଯେଉଁ କାର୍ଯ୍ୟରେ ସୁଖ ଅନୁଭବ କରୁଛନ୍ତି, ସେଥିରେ ନିଜକୁ ନିୟୋଜିତ କରନ୍ତୁ। ଅନ୍ୟମାନଙ୍କୁ ସାହାଯ୍ୟ କରନ୍ତୁ। ନୂଆ କିଛି ଶିଖିବାକୁ ଚେଷ୍ଟା କରନ୍ତୁ। ଉଦାହରଣସ୍ୱରୂପ ଗୀତ, ବାଦ୍ୟଯନ୍ତ୍ର, କମ୍ପ୍ୟୁଟର ଇତ୍ୟାଦି। ନିଜକୁ ସବୁବେଳେ ଖୁସି ରଖିବାକୁ ଚେଷ୍ଟା କରନ୍ତୁ।




**-ଡା. ସମ୍ରାଟ କର,**
**ମୋ :୯୧୩୨୪୩୩୩୩୩**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ମିକିନା
ପରିବାରବର୍ଗ


ରିଚା
ପରିବାରବର୍ଗ


କୁନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସରକାର ଜଣେ ୨ ଜଣ ଶିଳ୍ପପତିଙ୍କ ପାଇଁ ନୁହେଁ: ରାହୁଲ

**ଭୋପାଳ,୩୦।୯ :** କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର ମଧ୍ୟପ୍ରଦେଶର ଶାଜାପୁର ଜିଲାରେ ନିର୍ବାଚନ ପ୍ରଚାର କରିଛନ୍ତି। କାଲାପିପାଲ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପୋଲାଇକାଲାଠାରେ ଏକ ନିର୍ବାଚନୀ ସଭାରେ ରାହୁଲ ଦୁର୍ନୀତି ପ୍ରସଙ୍ଗକୁ ନେଇ ରାଜ୍ୟ ଭାଜପା ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଏଠାରେ ଆଦର୍ଶର ଲଢ଼େଇ ଚାଲିଛି। ଗୋଟିଏ ପଟେ କଂଗ୍ରେସ ଏବଂ ଅନ୍ୟ ପଟେ ଭାଜପା ତଥା ଆରଏସଏସ। ଗୋଟିଏ ପାର୍ଶ୍ୱରେ ଗାନ୍ଧିଜୀ ଏବଂ ଅନ୍ୟ ପଟେ ଗଡ୍‌ସେ। ଗୋଟିଏ ପାର୍ଶ୍ୱରେ ଘୃଣା ଏବଂ ଅନ୍ୟ ପଟେ ପ୍ରେମ ଅଛି। ଭାଜପା ଲୋକମାନେ ଯୁଆଡେ ଯାଆନ୍ତି ଘୃଣା ବଢାନ୍ତି। ତେଣୁ ମଧ୍ୟପ୍ରଦେଶର କୃଷକ ଏବଂ ଯୁବକମାନେ ସେମାନଙ୍କୁ ଘୃଣା କରିବା ଆରମ୍ଭ କରି ଦେଇଛନ୍ତି। ଏହି ଲୋକମାନେ ଜନସାଧାରଣଙ୍କ ପାଇଁ ଯାହା ଖରାପ କରିଥିଲେ, ବର୍ତ୍ତମାନ ଜନସାଧାରଣ ସେମାନଙ୍କ ପ୍ରତି ଘୃଣା ପ୍ରଦର୍ଶନ କରୁଛନ୍ତି। ଏହି କାରଣରୁ, ଆମେ ଏଠାରେ ଜନ ଆକ୍ରୋଶ ଯାତ୍ରା ଆରମ୍ଭ କରିଛୁ। ଆମର ଯାତ୍ରା ରାଜ୍ୟର ପ୍ରାୟ ୩୭୦ କିଲୋମିଟର ଅତିକ୍ରମ କରିଛି। କୃଷକ, ଯୁବକ, ମା ଏବଂ ଭଉଣୀମାନଙ୍କୁ ଆମେ ଭେଟିଛୁ। ରାଜ୍ୟରେ ଭାଜପା ଲୋକେ ଯେଉଁ ଦୁର୍ନୀତି କରିଛନ୍ତି ତାହା ସମଗ୍ର ଦେଶରେ କରାଯାଇ ନାହିଁ। ପିଲାମାନଙ୍କର ପାଣି, ମଧ୍ୟାହ୍ନ ଭୋଜନ ପାଣି, ସ୍କୁଲ ୟୁନିଫର୍ମ ପାଣି ଚୋରି ହୋଇଛି। ମହାକାଳ କରିଡରରେ ଭାଜପା ଟଙ୍କା ଚୋରି କରିଛି। ବ୍ୟାପମ ସ୍କାମରେ ଏକ କୋଟି ଯୁବବର୍ଗ କ୍ଷତିଗ୍ରସ୍ତ ହୋଇଛନ୍ତି। ସିଟ ବିକ୍ରି ହେଉଛି। ପେପର ଲିକ ହେଉଛି। ରାଜ୍ୟରେ ତାଙ୍କର ଏକଚାଟିଆ ରାଜୁତି ଚାଲିଛି। କୃଷକମାନେ ଆମକୁ କହିଛନ୍ତି ସରକାର ଏଠାରେ ଉଚିତ ମୂଲ୍ୟ ଦେଉ ନାହାଁନ୍ତି। ଯଦି ଆପଣ ଛତିଶଗଡ଼ର କୃଷକମାନଙ୍କୁ ପଚାରିବେ, ତେବେ ଆପଣ ଜାଣିବେ ଧାନ ଚାଷ ପାଇଁ ଆମେ କେତେ ଟଙ୍କା ଦେଉଛୁ। ଆମେ ପ୍ରତ୍ୟେକ ପ୍ରତିଶ୍ରୁତି ପୂରଣ କରିଛୁ। ମଧ୍ୟପ୍ରଦେଶ, କର୍ନାଟକ, ଛତିଶଗଡ଼ ସମେତ ପ୍ରତ୍ୟେକ ରାଜ୍ୟରେ କୃଷକଙ୍କ ଋଣ ଛାଡ କରାଯାଇଥିଲା। କମଲନାଥଜୀ କୃଷକଙ୍କ ଋଣ ଛାଡ କରିଥିଲେ। ଏଠାରେ ଭାଜପା ଲୋକେ ଆପଣଙ୍କୁ ପ୍ରତାରଣା କରି ସରକାର ଗଢ଼ିଛନ୍ତି। ଭାରତ ଇତିହାସରେ ପ୍ରଥମ ଥର ପାଇଁ କୃଷକମାନେ ଟିକସ ଦେଉଛନ୍ତି। ଚାଷୀଙ୍କୁ ଦମନ ଏବଂ ହଟାଇବା ପାଇଁ ସେମାନେ କଳା ନିୟମ ଆଣିଥିଲେ। ଭାରତର ସମସ୍ତ କୃଷକ ଏକତ୍ରିତ ହୋଇ ସେମାନଙ୍କ ବିରୁଦ୍ଧରେ ଠିଆ ହୋଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ କହିଥିଲେ ସେ ଏହି ନିୟମକୁ କୃଷକଙ୍କ ସୁବିଧା ପାଇଁ ଆଣିଛନ୍ତି। କୃଷକମାନେ ସେମାନଙ୍କ ପାଇଁ ଲାଭଦାୟକ ନିୟମ ବିରୋଧରେ କାହିଁକି ରାସ୍ତାକୁ ଓହ୍ଲାଇଲେ ? ସରକାର ଲୋକଙ୍କ ପାଇଁ ହେବା ଉଚିତ,କୌଣସି ସଂସ୍ଥା କିମ୍ବା ଜଣେ ଦୁଇ ଜଣ ଶିଳ୍ପପତିଙ୍କ ପାଇଁ ନୁହେଁ। ମୁଁ ସଂସଦରେ ଆଦାନୀଜୀଙ୍କ ବିଷୟରେ କହିବା ଆରମ୍ଭ କରିବା ମାତ୍ରେ ମୋର ଲୋକସଭା ସଦସ୍ୟତା ତୁରନ୍ତ ରଦ୍ଦ ହୋଇଥିଲା। ଏହାର ଜବାବ ସାଧାରଣ ଜନତା ଦେବେ ବୋଲି ରାହୁଲ କହିଛନ୍ତି।


ରାହୁଲ ଗାନ୍ଧୀ


ଆଦିବାସୀଙ୍କ ପାଇଁ ସ୍ୱତନ୍ତ୍ର ଟିପ୍ରାଲାଣ୍ଡ ରାଜ୍ୟ ଦାବି କରି ଅଗରତାଲାଠାରେ ଶନିବାର 'ଟିପ୍ରା ମୋଥା'ର ସର୍ମଥକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଦେଇଥିବା ପ୍ରତିଶ୍ରୁତି ପାଳନ କରାଯାଉନି: ଭାଜପା

**ଭୁବନେଶ୍ୱର, ୩୦।୯(ସୁନିତ୍ ମିଶ୍ର)**

### ଗାଁ ସାଥୀଙ୍କ ଆନ୍ଦୋଳନ ସ୍ଥଳରେ ପ୍ରତିନିଧି ଦଳ

ଲୋୟର ପିଏମ୍‌ଜିରେ ଗତ ୨୫ ତାରିଖରୁ ରାସ୍ତାରେ ଝାଡୁ ମାରି, ଦଣ୍ଡବତ କରି ଗାଁ ସାଥୀମାନେ ଦାବି ଉପସ୍ଥାପନା କରିଛନ୍ତି। ହେଲେ ରାଜ୍ୟ ସରକାର ଏଥିପ୍ରତି ଆଦୌ କର୍ଣ୍ଣପାତ କରୁନାହାନ୍ତି। ପଞ୍ଚାୟତ ଓ ବ୍ଲକରେ ଗାଁ ସାଥୀଙ୍କ ପ୍ରତି ଅବିଚାର କରାଯାଉଛି। ଅତୀତରେ ସରକାର ସେମାନଙ୍କ ସମ୍ପର୍କରେ ନେଇଥିବା ନିଷ୍ପତି ବାରମ୍ବାର ବଦଳାଇଛନ୍ତି। ଏଥି ସହିତ ଦେଇଥିବା ପ୍ରତିଶ୍ରୁତି ପାଳନ ନ କରିବାରୁ ସରକାରଙ୍କ ଉପରେ ସେମାନେ ଭରସା ତୁଟାଇଲେଣି ବୋଲି ଭାଜପା କହିଛି। ଭାଜପାର ଏକ ପ୍ରତିନିଧି ଦଳ ଶନିବାର ଗାଁ ସାଥୀଙ୍କ ଆନ୍ଦୋଳନ ସ୍ଥଳକୁ ଯାଇ ସେମାନଙ୍କୁ ଭେଟି ଆଲୋଚନା କରିଛନ୍ତି। ଏହି ଅବସରରେ ଭାଜପା ପକ୍ଷରୁ କୁହାଯାଇଛି, ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ତାକୁ ପୂରଣ ନ କରିବା ଯୋଗୁ ବାଧ୍ୟହୋଇ ଗାଁ ସାଥୀମାନେ ରାଜଧାନୀରେ ଆନ୍ଦୋଳନ କରୁଛନ୍ତି। ସେମାନଙ୍କୁ ନ୍ୟାୟ ଓ ପାରିଶ୍ରମିକ ବୃଦ୍ଧି ପାଇଁ ୮ ହଜାର ଟଙ୍କାରୁ ଅଧିକ ପ୍ରୋତ୍ସାହନ ରାଶି, ପଞ୍ଚାୟତିରାଜ ବିଭାଗରେ ସ୍ଥାୟୀ ନିଯୁକ୍ତି ଇତ୍ୟାଦି ସହ ୫ ଦଫା ଦାବି କରୁଛନ୍ତି। ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଗାଁ ସାଥୀ ଓ ପ୍ରତ୍ୟେକ ମେଟ୍‌ମାନଙ୍କୁ ୧୦୦ ଦିନରୁ ୧୦ ଦିନ ନିଶ୍ଚିତ କାମ ଯୋଗାଇବା ପାଇଁ ସରକାରୀ ନିଷ୍ପତି ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ନ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଭାଜପା କହିଛି।

## 'ଭିନ୍ନକ୍ଷମଙ୍କ ପାଇଁ ଦରଦ ନାହିଁ'

**ଭୁବନେଶ୍ୱର, ୩୦।୯(ସୁନିତ୍ ମିଶ୍ର):** ଭିନ୍ନକ୍ଷମଙ୍କ ସାମାଜିକ, ଆର୍ଥିକ ସୁରକ୍ଷା ତଥା ସଶକ୍ତିକରଣ ନିମନ୍ତେ ''ଭିନ୍ନକ୍ଷମ କମିଶନ'' ଗଠନ କରାଯାଇଥିଲା। କିନ୍ତୁ ଦୁର୍ଭାଗ୍ୟର କଥା ଦୀର୍ଘ ଦେଢ଼ବର୍ଷ ଧରି ଭିନ୍ନକ୍ଷମ କମିଶନ ପଦବୀ ପୂରଣ ନ ହେବା ଭିନ୍ନକ୍ଷମ ସମାଜ ପାଇଁ ରାଜ୍ୟ ସରକାରଙ୍କ ଦରଦ ନ ଥିବା ଦର୍ଶାଉଛି। ମେୟର ସୁଲୋଚନା ଦାସ ନିର୍ବାଚନ ଲଢ଼ିବା ନିମନ୍ତେ ଗତ ୨୦୨୨ ମାର୍ଚ୍ଚରେ ଭିନ୍ନକ୍ଷମ କମିଶନ ପଦରୁ ଇସ୍ତଫା ଦେଇଥିଲେ। ସେବେଠାରୁ ଏପର୍ଯ୍ୟନ୍ତ ଏହି ପଦବୀ ଖାଲି ପଡିଛି ବୋଲି ଭାଜପା ରାଜ୍ୟ ମୁଖପାତ୍ର ସୋନାଲୀ ସାହୁ ଶନିବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ କହିଛନ୍ତି।

# ଭାଜପା ନେତାଙ୍କ ଗୀତରେ ନାଚିଲେ କଂଗ୍ରେସ କର୍ମୀ


**୧୩ତମ ଜନ୍ମଦିନ ଶୁଭେଚ୍ଛା**



ସାଇଶ୍ରଦ୍ଧା ପଟ୍ଟନାୟକ (ରିଚା)
ବୋଧଖଣ୍ଡି, ବାଳକାଟି, ଖୋର୍ଦ୍ଧା
ଆଜି ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥ, ମା' ତାରିଣୀ, ସାଇବାବାଙ୍କ ନିକଟରେ ପ୍ରାର୍ଥନା, ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।
ଶୁଭେଚ୍ଛା ସହ: ଅଜା, ଆଇ, ମାମୁ, ମାଇଁ, ଡାଡି, ମମି, ବାବା, ମାମା, ଦାଦା, ଖୁଡୀ, ସୋନୁଭାଇ, ରିଷି, ରିକି, ଆଶୁ, ଓ ପରିବାରବର୍ଗ।
ଧ-୭୫୦୪୪


**ଇନ୍ଦୋର,୩୦।୯ :** ମଧ୍ୟପ୍ରଦେଶର ଇନ୍ଦୋରରେ ସଂଘଟିତ ଏକ ଘଟଣାକୁ ନେଇ ସେଠାକାର ରାଜନୈତିକ ମହଲ ସରଗରମ ହୋଇଛି। ଏଠାରେ କଂଗ୍ରେସ କର୍ମୀମାନେ ଭାଜପା ନେତାଙ୍କ ଗୀତରେ ମନ ଭରି ନାଚିଛନ୍ତି। ଏହାର ଭିଡିଓ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ପ୍ରକୃତପକ୍ଷେ, ଗଣେଶ ମୂର୍ତ୍ତି ବିସର୍ଜନ ସମୟରେ ବରିଷ୍ଠ ଭାଜପା ନେତା ତଥା ଇନ୍ଦୋର-୧ ବିଧାନସଭା ପ୍ରାର୍ଥୀ କୈଳାସ ବିଜୟଭର୍ଗୀୟ ଏବଂ ତାଙ୍କ ସମର୍ଥକମାନେ ଯାଉଥିଲେ। ସେହି ରାସ୍ତାରେ କଂଗ୍ରେସ ଦଳର ଏକ ସଭା ଚାଲିଥିଲା। କୈଳାସ 'ୟେ ଦେଶ ହୈ ବୀର ଜୱାନ କା' ଗୀତ ଗାଉଥିଲେ। ଏହି ଗୀତ ଶୁଣି ସଭାରେ ଉପସ୍ଥିତ ଥିବା କଂଗ୍ରେସ

### ଭାଇରାଲ ଭିଡିଓକୁ ନେଇ ଚର୍ଚ୍ଚା...

କର୍ମୀମାନେ ମଧ୍ୟ ନାଚିବା ଆରମ୍ଭ କରିଥିଲେ। ଏହା ଦେଖି କୈଳାସଙ୍କ ଉତ୍ସାହ ଆହୁରି ବଢ଼ି ଯାଇଥିଲା। ସେ ଗୀତକୁ ପୁଣି ଗାଇବା ଆରମ୍ଭ କରିଥିଲେ। ଭାଇରାଲ ହୋଇଥିବା ଭିଡିଓରେ ଏହା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ଭାଜପା ଦ୍ୱିତୀୟ ପ୍ରାର୍ଥୀ ତାଲିକା ପ୍ରକାଶ କରିଛି ଯେଉଁଥିରେ କୈଳାସ ବିଜୟଭର୍ଗୀୟଙ୍କୁ ଇନ୍ଦୋର -୧ରୁ ଦଳର ପ୍ରାର୍ଥୀ କରାଯାଇଛି। ନାମ ଘୋଷଣା ପରେ କୈଳାସ ଏବେ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଅବଶ୍ୟ ପ୍ରଥମେ ପ୍ରାର୍ଥୀ ତାଲିକାରେ ତାଙ୍କ ନାମ ଦେଖି ସେ ଆଶ୍ଚର୍ଯ୍ୟ ହୋଇଯାଇଥିବା କହିଥିଲେ।

# ବାଚସ୍ପତିଙ୍କୁ ଅସମ୍ମାନ କରାଯାଇଛି : ବିଜେଡି

**ସମ୍ବଲପୁର,୩୦।୯(ଶୁଭାଶିଷ ପାଢ଼ୀ):** ବାଚସ୍ପତି ପ୍ରମିଳା ମଲ୍ଲିକଙ୍କୁ ଅସମ୍ମାନ ଘଟଣାରେ ଭାଜପା ବିଧାୟକଙ୍କ ବିରୋଧରେ ପ୍ରତିବାଦ କରୁଛି ବିଜେଡି। ଏ ନେଇ ସମ୍ବଲପୁର ବିଜେଡି ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇ ସମ୍ପୃକ୍ତ ବିଧାୟକଙ୍କ ଆଚରଣକୁ ନିନ୍ଦା କରାଯାଇଛି। ବିଜେଡି କର୍ମକର୍ତ୍ତାମାନେ ଦର୍ଶାଇଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳା ସଶକ୍ତୀକରଣକୁ ପ୍ରାଥମିକତା ଦେଉଛନ୍ତି। ସ୍ୱାଧୀନତା ପରେ ଓଡ଼ିଶାର ପ୍ରଥମ ମହିଳା ଭାବେ ପ୍ରମିଳାଙ୍କୁ ବାଚସ୍ପତି ଆସନରେ ବସାଇଛନ୍ତି। ହେଲେ ମହିଳା ସଶକ୍ତୀକରଣକୁ ଭାଜପା ଗ୍ରହଣ କରିପାରୁ ନାହିଁ। ବିଧାନସଭା ଭଳି ପବିତ୍ର ଗୃହରେ ବାଚସ୍ପତିଙ୍କୁ ଅସମ୍ମାନ କରି କଳା ଅଧ୍ୟାୟ ସୃଷ୍ଟି କରିଛି। ଗୃହର ଗରିମା ଭାଙ୍ଗି ମହିଳା ବାଚସ୍ପତିଙ୍କୁ ଯେଉଁଭଳି ଭାବରେ ଭାଜପାର ଦୁଇ ବିଧାୟକ ଅସମ୍ମାନ କଲେ ତାହା ନିନ୍ଦନୀୟ। ଗୋଟିଏପଟେ କେନ୍ଦ୍ର ସରକାର ସଂସଦରେ ୩୩ ପ୍ରତିଶତ ମହିଳା ସଂରକ୍ଷଣ ବିଲ୍‌କୁ ଗୃହୀତ କରାଇଛନ୍ତି। ହେଲେ ରାଜ୍ୟରେ ଭାଜପା ବିଧାୟକ ମହିଳା ବାଚସ୍ପତିଙ୍କୁ ଅସମ୍ମାନ କରୁଛନ୍ତି। ଏହା ଭାଜପା ନେତାଙ୍କ ଅସଲ ଚେହେରାକୁ ପଦାରେ ପକାଇଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଦୁଇ ଭାଜପା ବିଧାୟକ ତୁରନ୍ତ କ୍ଷମା ମାଗନ୍ତୁ ବୋଲି ସେମାନେ ଦାବି କରିଥିଲେ। ବିଜେଡି ଜିଲା ମହିଳା ସଭାନେତ୍ରୀ ବନ୍ଦିତା ରାଣୀ ମିଶ୍ର, ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ, ସିପ୍ରା ମହାନ୍ତି, ସୁରେଖା ସାହୁ, ଉଷା ପ୍ରଧାନ, ବସନ୍ତ ମିଶ୍ର, ସତୀଶ ବିଶି, ଜଗନ୍ନାଥ ତ୍ରିପାଠୀ ପ୍ରମୁଖ ସାମିଲ ହୋଇଥିଲେ ।


ସମ୍ବଲପୁର ବିଜେଡି ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା।

# ରାଜନୈତିକ ଆକ୍ରୋଶ ରଖି ବଦନାମ କରାଯାଉଛି: ସୁଧାଂଶୁ

### ଶାସକ ଦଳ ନାଁରେ ଅଭିଯୋଗ ଆଣିଲେ ଭାଜପା ନେତା

**ବନ୍ତ,୩୦।୯(ହରିନାରାୟଣ ମହାନ୍ତି)** ରାଜନୈତିକ ଆକ୍ରୋଶ ରଖି ଶାସକ ବିଜେଡି ତାଙ୍କୁ ବଦନାମ କରୁଛି ବୋଲି ଶନିବାର ଭଦ୍ରକ ଜିଲା ବନ୍ତଠାରେ ଖବରଦାତା ସମ୍ମିଳନୀରେ ଭାଜପା ନେତା ଡ. ସୁଧାଂଶୁ ଶେଖର ନାୟକ ଅଭିଯୋଗ ଆଣିଛନ୍ତି। ସେ ତାଙ୍କ ପତ୍ନୀ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷା ରେବତୀ ନାୟକଙ୍କ ସହ ଗତ ୨୭ରେ ଭାଜପାରେ ଯୋଗଦେବା ପରେ ଶାସକ ଦଳ ତାଙ୍କୁ ଟାର୍ଗେଟ କରିଛି। ୨ ଦିନ ତଳେ ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଜରିଆରେ ତାଙ୍କ ବିରୋଧରେ ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟାଦେଶ ନିଜ ନାମରେ ନେବା, ବ୍ଲକ ଅଧ୍ୟକ୍ଷାଙ୍କ ଚାପ ପକାଇ କାର୍ଯ୍ୟାଦେଶ ପାଇବା, ନିମ୍ନମାନର କାର୍ଯ୍ୟ କରିବା, ଡିଗି ପୋଖରୀକୁ ବିନା ଟେଣ୍ଡରରେ ନିଜ ଲୋକଙ୍କ ନାମରେ ନେବା ଆଦି ବିଭିନ୍ନ ଅଭିଯୋଗ କରାଯାଇଥିଲା। ଶନିବାର ସୁଧାଂଶୁ ଏକ ଖବରଦାତା ସମ୍ମିଳନୀ କରି ତାହାର ଜବାବ ଦେଇଛନ୍ତି।

୨୦୧୮ରେ ମହାବିଦ୍ୟାଳୟ ନାକ୍ ମାନ୍ୟତା ପାଇବା ପାଇଁ ୪୧ ଲକ୍ଷ ଟଙ୍କା ଅନୁଦାନରେ ଗୃହ ନିର୍ମାଣ କରାଯାଇଥିଲା। ସେତେବେଳେ ସେ କଲେଜ କନ୍‌ଷ୍ଟ୍ରକ୍ସନ କମିଟିର ବରିଷ୍ଠ ସଦସ୍ୟ ଥିବାରୁ ତାଙ୍କ ନାମରେ କାର୍ଯ୍ୟାଦେଶ ଦେବା ପାଇଁ କଲେଜ ଅଧ୍ୟକ୍ଷ ବିଧାୟକ ଓ ଏମ୍‌ପିଙ୍କୁ ଚିଠି ଲେଖିଥିଲେ। ସେହି ଅନୁଯାୟୀ ତାଙ୍କ ନାମରେ କାର୍ଯ୍ୟାଦେଶ ହୋଇଥିଲା। ସେତେବେଳେ ବ୍ଲକ ଅଧ୍ୟକ୍ଷା ରେବତୀ ନାୟକ ନ ଥିବାବେଳେ କାର୍ଯ୍ୟାଦେଶ ପାଇଁ ଚାପ ପକାଇବା ପ୍ରଶ୍ନ ଉଠୁଛି କେଉଁଠୁ ବୋଲି ସେ କହିଥିଲେ। କୋଟି କୋଟି ଟଙ୍କାର କାର୍ଯ୍ୟ ବିଭାଗୀୟ କର୍ମଚାରୀଙ୍କ ନାମରେ ହେଉଥିବା ବେଳେ ଜଣେ କଲେଜ କର୍ମଚାରୀଙ୍କ ନାମରେ କାର୍ଯ୍ୟାଦେଶ ହେବାରେ ଅସୁବିଧା କେଉଁଠି ବୋଲି ସେ ପ୍ରଶ୍ନ କରିଥିଲେ। ଡିଗି ପୋଖରୀ ନିଲାମ ଲାଗି ୨୦୨୦ ଅକ୍ଟୋବର ୯ରେ ଡିଏଫ୍‌ଓଙ୍କ ଚିଠି ଅନୁଯାୟୀ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଟେଣ୍ଡର ପ୍ରକ୍ରିୟାରେ ସାମିଲ ହୋଇ ନାୟକଙ୍କ ସମ୍ପର୍କୀୟ ପୋଖରୀ ନିଲାମ ନେଇଥିବା କହିଥିଲେ। ସେଥିରେ ଚଞ୍ଚକତା କେଉଁଠୁ ଆସିଲା ବୋଲି ସୁଧାଂଶୁ କହିଛନ୍ତି। ବରିଷ୍ଠ ନେତା କମଳାକାନ୍ତ ସାହୁ, କେନ୍ଦୁଆପଦା ସରପଞ୍ଚ ଇଂ.ପ୍ରମୋଦ କୁମାର ଜେନା, ସୁଧାକର ଧଳ, ବସନ୍ତ କୁମାର ବିଶ୍ୱାଳ, ଲକ୍ଷ୍ମୀଧର କର, ସୁଧୀର କୁମାର ନାୟକ, ହରେକୃଷ୍ଣ ସେନାପତି, ହରପ୍ରସାଦ ରାଉତ, ତାପସ ଖଣ୍ଡେଇ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।


# Classified Everyday
0674-2580101, 2549949


MATRIMONIAL

**GROOM WANTED**

47 ବର୍ଷର ମହିଳା, P.N.B Bankରେ କାର୍ଯ୍ୟରତ। ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ନିମନ୍ତେ ଯୋଗାଯୋଗ କରନ୍ତୁ। 7656973285. D-1413

Age-34, Govt. ଚାକିରିଆ ବିଧବା ବ୍ରାହ୍ମଣ ଝିଅଙ୍କ ପାଇଁ ଯେ କୌଣସି ଜାତିର ପୁଅ ଦରକାର। 7787907421. D-1410


REAL ESTATE

**SALE**

Khurda ITBP & IRB ପାଖରେ Sthitiban Gharabari plot Electricity ସହିତ ମିଳୁଅଛି। Contact- 9090772843, 9800700664. D-1420

Khurda - Bhubaneswar, ମଧ୍ୟରେ Pitapalli Chhakରେ Sthitiban plot Electricity, Boundary ସହିତ ମିଳୁଅଛି। Contact- 7735888421, 7750068828. D-1421

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ **Grandbazar NH-16** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି ବାସୋପଯୋଗୀ ପ୍ଲଟ୍ ଶସ୍ତାରେ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। **8249422604.** D-75222

BDA & RERA Approved 2BHK, 3BHK flats for sale, Project: Bivab Nest and Bivab Ansh, At- Madanpur, near Infocity-II, Bhubaneswar, Home loan available (All leading Bank). Contact: 9437345524, 9937138980. D-74587

**Residential gharabari plot with boundary wall inside 7 Family Complex, Safety, Secured, Brahmin Culture Family Stayed, 6 K.M. from Nakhara, Cuttack. 7809525452.** D-75045

ନଖରା ତ୍ରିନାଥବଜାର ମହିଧରପଡ଼ା, ପାଖରେ SC plot 7400 sqft 11,00,000/-(Outright) 7978663279. D-75218

ଭୁବନେଶ୍ୱର ଗଙ୍ଗପଡ଼ା **HP** ପେଟ୍ରୋଲ୍‌ପମ୍ପ ନିକଟରେ **sqft.-899/-, Adyanta College** ପାଖରେ **750/- boundary, road,** ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରିହେବ। **9861319999, 9658891108.** D-75220

South facing corner 4BHK Duplex, Balianta Syphon. Land-1400 Construction-2200-89Lakh. 9938219397, 9861022055. D-1433

Duplex sale at Bhubaneswar @ 57 lakhs only. Contact: 9777433701. D-75223

କଟକ ଜଗତ୍‌ପୁରଠାରେ ନୂଆ ତିଆରି ହୋଇଥିବା 2BHK ଘର (1000sqft.) ବିକ୍ରିହେବ। Price- 27laks. Contact: 8984352783. D-1435

**GA free hold plot 2100sqft. At- IRC Village, BBSR, No Broker. Ph No- 8144410585.** D-1424

ପୁରୀ ସାତପଡ଼ା ବ୍ରହ୍ମଗିରି ରୋଡ୍ (NH-316) ପାଖରେ Commercial plot ବିକ୍ରି ହେବ। ମୋବାଇଲ ନଂ.- 7008384659. D-75303

3BHK Apartment Rasulgarh-89,00,000, 3BHK Duplex near Tankapani-79,00,000, 3BHK Duplex near Nandankanan-92,00,000, Gangapada 9Acre, Pitapalli 5Acre. Residential Land DPS back-990, Jaanla-990, Patrapada-2200, Tamando-1500/2700. 8984071303, 8249630501. D-1434

**LEASE**

Wanted Wedding Mandap with parking of 20000 square feet and above for long term lease in Bhubaneswar/ Puri. Contact- 9437029152. D-1443

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Full body Massage expert boy's Therapist home Service availble Ph- 8093303918. D-1442

**Relax, Refresh your body, Mind at Saikrupa Spa with best therapies. 8984068077.** D-1358

Asribadda Panchakarma herbal SPA Kesharimall, Bhubaneswar. Contact: 8926173473. D-75042

**Newly open SPA positively health benefits with expert therapist. 9938843929.** D-75150

Spa Kerala body Massage only best Therapist @699/- Bhubaneswar. 9337672475. D-1438

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ମନେ ପଡ଼ନ୍ତି

**ଷୋଡ଼ଶ ଶ୍ରାଦ୍ଧବାର୍ଷିକୀ**



**୰ଜ୍ୟୋତ୍ସ୍ନାରାଣୀ ମହାପାତ୍ର**
ହାଡ଼ଗଡ଼ିଆ ସାହି, ପୁରୀ
ଆବିର୍ଭାବ: ୨୨।୦୪।୧୯୬୨
ତିରୋଧାନ: ୨୯।୦୯।୨୦୦୩
ଏହାଭିତରେ ଷୋହଳ ବର୍ଷ ବିତିଗଲାଣି ସବୁକିଛି କାଲି ପରି ଲାଗୁଛି। ଯେଉଁଠି ଥାଅ, ଭଲରେ ଥାଅ। ତୁମର ଆଶୀର୍ବାଦ ଆମ ଉପରେ ରହିଥାଉ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:- ପୁଅ-ମୁନା, ଲୁନା, ବୋହୂ-ଅଞ୍ଜଳି, ସ୍ୱାମୀ, ପରିବାର ଓ ବନ୍ଧୁବର୍ଗ।
ଧ-୧୪୪୧

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**୰ରଘୁନାଥ ସାହୁ**
ମଧୁସୂଦନ ନଗର, ଭୁବନେଶ୍ୱର
ଆବିର୍ଭାବ: ୨୬।୦୧।୧୯୫୩
ତିରୋଧାନ: ୧୧।୦୯।୨୦୨୨
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ତୁମର ଅନୁପସ୍ଥିତି ଆମକୁ ପ୍ରତିମୁହୂର୍ତ୍ତରେ ବ୍ୟଥିତ କରୁଛି। ତୁମ ନିଃସ୍ୱାର୍ଥପରତା, କର୍ତ୍ତବ୍ୟନିଷ୍ଠା, ପରୋପକାରିତା ଆଉ ସମୟାନୁବର୍ତ୍ତିତା ଆମ ପଥ ପ୍ରଦର୍ଶକ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।
ତୁମର ଶୋକସନ୍ତପ୍ତ: ପତ୍ନୀ, ଅଳିଅଳ କନ୍ୟା: ଜ୍ୟୋତ୍ସ୍ନା, ପୁତ୍ର: ଦେବାଶିଷ
ଧ-୧୪୪୪

## ଏ ସପ୍ତାହର ପ୍ରଶ୍ନ

୧– .............. ଗ୍ରହରେ ସର୍ବାଧିକ ସଂଖ୍ୟାରେ ଉପଗ୍ରହ ରହିଛି ?
୨– ସବୁଠୁ ଦ୍ରୁତ ବେଗରେ ଉଡ଼ିପାରୁଥିବା ପକ୍ଷୀ ............. ?
୩– ଅକ୍ଟୋପସ୍‌ର ............ଟି ହୃତ୍‌ପିଣ୍ଡ ରହିଛି ?
୪– ମଣିଷ ଶରୀରର ଶକ୍ତ ମାଂସପେଶୀ ............... ?
୫– ଫିଫାର ଫୁଲ୍ ଫର୍ମ .................. ?

## ଗତ ଥରର ଉତ୍ତର

୧ ମଧ୍ୟପ୍ରଦେଶ
୨ ଅଗଷ୍ଟ ୨୩
୩ ଦଲାଇ ଲାମା ଓ ଡେସ୍‌ମଣ୍ଡ ଟୁଟୁ
୪ ସ୍ୱିଜରଲାଣ୍ଡ
୫ ଅହିରାଜ

## ଉତ୍ତରଦାତା


ଶେଖ୍ ୟାକୁବ୍
ଗୋପ


ପ୍ରଦୀପ କୁମାର ନାଏକ
ବଲାଙ୍ଗୀର


ନିର୍ବିକଳ୍ପ ନାଥ
ଭଦ୍ରକ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସବୁଠୁ ଉଚ୍ଚା ପକ୍ଷୀ



୧– କମନ୍ ଅଷ୍ଟ୍ରିଚ୍............................ ୨.୮ ମିଟର
୨– ସୋମାଲି ଅଷ୍ଟ୍ରିଚ୍............................ ୨.୭୨ ମିଟର
୩– ଏମୁ ............................ ୧.୯ ମିଟର
୪– ସଦର୍ନ କ୍ୟାଜୋୟାରୀ............................ ୧.୮ ମିଟର
୫– ଡାଲମାଟିଆନ୍ ପେଲିକାନ୍ ............................ ୧.୭୫ ମିଟର
୬– ନର୍ଦନ କ୍ୟାଜୋୟାରୀ ............................ ୧.୭ ମିଟର
୭– ମ୍ୟୁଟ୍ ସ୍ୱାନ୍ ଓ ଟ୍ରମ୍ପେଟର ସ୍ୱାନ୍ ............................ ୧.୭ ମିଟର
୮– ଗ୍ରେଟର ରେଆ ............................ ୧.୫ ମିଟର
୯– ମାରାବୋଉ ଷ୍ଟର୍କ ............................ ୧.୫ ମିଟର
୧୦– ଶୋଏବିଲ୍ ............................ ୧.୫ ମିଟର

## ଜାଣନ୍ତୁ ଦୁନିଆ

# ଟେକ୍ନୋଲୋଜି

**ବର୍ତ୍ତମାନ ଆମେ ଟେକ୍ନୋଲୋଜି ଉପରେ ଏତେ ନିର୍ଭରଶୀଳ ଯେ, ଏହା ବିନା କୌଣସି କାର୍ଯ୍ୟ କଳ୍ପନା କରିବା ଯେପରି ଅସମ୍ଭବ ମନେହେଉଛି। ତେବେ ଆସନ୍ତୁ ଜାଣିବା ଏହି ଟେକ୍ନୋଲୋଜିକୁ ନେଇ କେତୋଟି କୌତୂହଳପୂର୍ଣ୍ଣ ତଥ୍ୟ...**

⏭ଆମେରିକାର ପଦାର୍ଥବିଜ୍ଞାନୀ ଜନ୍ ମୌଚ୍‌ଲୀ ଏବଂ ଇଞ୍ଜିନିୟର ଜେ. ପ୍ରେସ୍ପର୍ ଏକର୍ଟଙ୍କ ଦ୍ୱାରା ୧୯୪୩ ମସିହାରେ ପୃଥିବୀର ପ୍ରଥମ କମ୍ପ୍ୟୁଟର ଏନିଆକ୍ (ଇଲେକ୍ଟ୍ରୋନିକ୍ ନ୍ୟୁମେରିକାଲ ଇଣ୍ଟିଗ୍ରେଟର ଆଣ୍ଡ କମ୍ପ୍ୟୁଟର) ଉଦ୍ଭାବନ କରାଯାଇଥିଲା। ଏହାର ଲମ୍ବା ୫୦ ଫୁଟ୍ ଏବଂ ଚଉଡା ୩୦ ଫୁଟ ଥିଲା। ଏହି ବୃହଦାକାର କମ୍ପ୍ୟୁଟରର ଦାମ୍ ୪,୫୦,୦୦୦ ଡଲାର ଥିଲା।

⏭୧୯୬୯ ମସିହା ଅକ୍ଟୋବର ୨୯ ତାରିଖରେ ଆମେରିକାର ସୁରକ୍ଷା ବିଭାଗର ଆଡଭାନ୍ସ ରିସର୍ଚ୍ଚ ପ୍ରୋଜେକ୍ଟସ୍ ଏଜେନ୍ସି ଦ୍ୱାରା ୪ଟି ୟୁନିଭର୍ସିଟିକୁ କମ୍ପ୍ୟୁଟର ନେଟ୍‌ୱର୍କିଂ ଦ୍ୱାରା ଯୋଡି ରଖାଯାଇଥିଲା, ଯାହାର ନାମ ଅର୍ପାନେଟ୍ (ଆଡ୍‌ଭାନ୍ସ ରିସର୍ଚ୍ଚ ପ୍ରୋଜେକ୍ଟସ୍ ଏଜେନ୍ସି ନେଟ୍‌ୱର୍କ) ରଖାଯାଇଥିଲା।

⏭୧୯୮୩ ଅକ୍ଟୋବରରେ ମାଇକ୍ରୋସଫ୍ଟ ଦ୍ୱାରା ୱାର୍ଡ ପ୍ରୋସେସିଂ ସଫ୍ଟୱେର ଏମ୍‌ଏସ୍ ୱାର୍ଡ ଆରମ୍ଭ କରାଯିବା ପରେ କମ୍ପ୍ୟୁଟରରେ ଟାଇପ୍ କରିବା ସହଜ ହୋଇପାରିଲା।

⏭ବ୍ରିଟିଶ୍ ବୈଜ୍ଞାନିକ ଟିମ୍ ବର୍ନର୍ସ ଲି ୧୯୯୦ ମସିହାରେ ୱାର୍ଲ୍ଡ ୱାଇଡ୍ ୱେବ୍(ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ)ର ଆବିଷ୍କାର କରିଥିଲେ। ୧୯୯୨ରେ ଇଲିନୋଇସ୍ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରଥମ ୱେବ୍ ବ୍ରାଉଜର୍ ଲଞ୍ଚ କରାଯାଇଥିଲା।

⏭ଟେକ୍ନୋଲୋଜି ଦୁନିଆରେ ଆହୁରି ଉନ୍ନତି ଘଟିଲା ସ୍ମାର୍ଟଫୋନ୍ ଆସିବାପରେ। ଆଇବିଏମ୍ ଦ୍ୱାରା ୧୯୯୨ ମସିହାରେ ସ୍ମାର୍ଟଫୋନ୍ ଆରମ୍ଭ କରାଯାଇଥିଲା, ଯାହାକୁ ଫ୍ରାଙ୍କ୍ କାନୋଭା ତିଆରି କରିଥିଲେ।

⏭ଇଣ୍ଟରନେଟ୍‌ର ସବୁଠୁ ବଡ଼ ସର୍ଚ୍ଚ ଇଞ୍ଜିନ୍ ଗୁଗୁଲ୍ ୧୯୯୮ ମସିହା ସେପ୍ଟେମ୍ବର ୨୭ ତାରିଖରେ ଲ୍ୟାରୀ ପେଜ୍ ଏବଂ ସର୍ଗି ବ୍ରେନ୍‌ଙ୍କ ଦ୍ୱାରା ଏକ ରିସର୍ଚ୍ଚ ପ୍ରୋଜେକ୍ଟ ଭାବେ ଆରମ୍ଭ କରାଯାଇଥିଲା।



# ନୂଆ ଜାଗାରେ ଜବ୍...

**ନୂଆ ଜବ୍ ପାଇଁ ହେଉ ଅବା ଟ୍ରାନ୍ସଫର ହେଲେ କିମ୍ବା ଜବ୍ ପରିବର୍ତ୍ତନ କରୁଥିଲେ, ନୂଆ ସ୍ଥାନକୁ ଯିବାକୁ ହୋଇଥାଏ। ହେଲେ ପ୍ରାରମ୍ଭିକ ସମୟରେ ଏକ ନୂଆ ସହରରେ ଆଡ୍‌ଜଷ୍ଟ କରିବା କୌଣସି ଚ୍ୟାଲେଞ୍ଜଠୁ କମ୍ ନୁହେଁ ...**



**କିପରି ନେବେ ଘର:** ଜବ୍ ପାଇଁ କୌଣସି ନୂଆ ସ୍ଥାନକୁ ଯିବାକୁ ହେଲେ ପ୍ରଥମେ ଅଫିସ୍‌ଠାରୁ ଅଳ୍ପ ଦୂରରେ ଘର ଖୋଜନ୍ତୁ। ସେଠାରେ ଯଦି ପୂର୍ବରୁ କେହି ବନ୍ଧୁ କିମ୍ବା ପରିଚିତ ରହୁଥା'ନ୍ତି, ତେବେ ସେମାନଙ୍କ ସହାୟତା ମାଗନ୍ତୁ; ଅଧିକ ଉପକୃତ ହେବେ। ଯଦି ଏଭଳି ସୁବିଧା ନାହିଁ, ତେବେ ଇଣ୍ଟରନେଟ୍‌ର ସାହାଯ୍ୟ ନିଅନ୍ତୁ। ବର୍ତ୍ତମାନ କେତେକ ୱେବ୍‌ସାଇଟ୍‌ରେ ଅଧିକାଂଶ ସହରରେ ଥିବା ରେଣ୍ଟେଡ୍ ହାଉସ୍ ବିଷୟରେ ସୂଚନା ମିଳିଯାଉଛି, ଯେଉଁଥିରୁ ଆପଣ ନିଜ ଆବଶ୍ୟକତା ଅନୁଯାୟୀ ଘର ଏବଂ କେତେଟଙ୍କା ଭଡ଼ା ଆଦି ଜାଣିପାରିବେ।

**ଏକା ରହୁଥିଲେ:** ଯଦି ସାଙ୍ଗରେ କେହି ପରିବାର ସଦସ୍ୟ ରହିବା ପାଇଁ ଚାହାନ୍ତି, ତେବେ ଯେକୌଣସି ସ୍ଥାନରେ ଭଲ ଘର ନେଇପାରିବେ। ହେଲେ ଏକା ରହିବାକୁ ପଡୁଥିଲେ ସର୍ବଦା ଅଧିକ ଲୋକ ରହୁଥିବା ଭଳି ସ୍ଥାନ ଯେପରି ଆପାର୍ଟମେଣ୍ଟ କିମ୍ବା କୌଣସି ଘରୋଇ ଲୋକଙ୍କ ଘରେ ଭଡ଼ା ରହିବା ନିରାପଦ। ଏହାବ୍ୟତୀତ ଅନେକ ସ୍ଥାନରେ ମେସ୍‌ର ବ୍ୟବସ୍ଥା ମଧ୍ୟ ରହିଛି, ଯେଉଁଠି ରହିବା ବି ଭଲ।

**ମେଡ୍ ରଖୁଥିଲେ:** କାର୍ଯ୍ୟବ୍ୟସ୍ତତା ଭିତରେ ଘର କାମ କରିବା ଅନେକ କର୍ମଜୀବୀଙ୍କ ପାଇଁ ସହଜ ହୋଇ ନ ଥାଏ। ତେଣୁ ସେମାନେ ମେଡ୍ ଏବଂ ରୋଷେଇ ପାଇଁ କୁକ୍ ମଧ୍ୟ ରଖିଥାଆନ୍ତି। ହେଲେ ନୂଆ ଜାଗାରେ ଏମାନଙ୍କୁ ରଖୁଥିଲେ କୌଣସି ବିଶ୍ୱସ୍ତ ଏଜେନ୍ସିରୁ ହିଁ ମେଡ୍ ରଖନ୍ତୁ। ସେମାନଙ୍କ ଆଧାରକାର୍ଡ ଏବଂ ଅନ୍ୟ ପରିଚୟ ପତ୍ର ଦେଖନ୍ତୁ। ଘରେ ଥିବା ବେଳେ ସେମାନଙ୍କୁ ଆସିବାକୁ କୁହନ୍ତୁ। ନ ଥିବା ବେଳେ ବିଶ୍ୱାସରେ କାହାକୁ ଚାବି ଦେଇଦେବାର ଭୁଲ୍ ଆଦୌ କରନ୍ତୁ ନାହିଁ।

**ଟ୍ରାନ୍ସପୋର୍ଟ ସୁବିଧା:** ଯଦି ଆପଣଙ୍କର ପର୍ସନାଲ ଗାଡ଼ି ଅଛି, ତେବେ ଭଡ଼ାଘରେ ଏହାର ପାର୍କିଂ ସୁବିଧା ଅଛିକି ନାହିଁ ପ୍ରଥମେ ବୁଝିନିଅନ୍ତୁ। ଯଦି ଗାଡ଼ି ନାହିଁ ଏବଂ ଆପଣଙ୍କୁ ପବ୍ଲିକ୍ ଟ୍ରାନ୍ସପୋର୍ଟ ଉପରେ ନିର୍ଭର କରିବାକୁ ପଡ଼େ, ତେବେ ଘର ଭଡ଼ା ନେବା ପୂର୍ବରୁ ପାଖରେ ଏହି ବ୍ୟବସ୍ଥା ଅଛି କି ନାହିଁ ବୁଝିନିଅନ୍ତୁ।

**ମାର୍କେଟ୍:** ନିଜର ପ୍ରତ୍ୟେକ ଆବଶ୍ୟକ ସାମଗ୍ରୀ କିଣିବା ଲାଗି ମାର୍କେଟ୍ ଯିବାକୁ ପଡ଼ିଥାଏ। ତେଣୁ ନୂଆ ସ୍ଥାନରେ ଘର ଭଡ଼ା ନେବାବେଳେ ପାଖରେ ମାର୍କେଟ୍ ଅଛି କି ନାହିଁ ଦେଖିନିଅନ୍ତୁ।

**ମେଡିକାଲ୍ ସୁବିଧା:** ସେହିପରି ରହିବା ପୂର୍ବରୁ ନିକଟରେ କେଉଁଠି ମେଡିକାଲ ଅଛି ମଧ୍ୟ ଭଲ ଭାବେ ବୁଝିନିଅନ୍ତୁ, କାରଣ ଏହାଦ୍ୱାରା କେବେ ଦେହ ଖରାପ ହେଲେ ତୁରନ୍ତ ଡାକ୍ତରଙ୍କ ନିକଟକୁ ଯାଇ ଚିକିତ୍ସା କରାଇବା ସହଜ ହୋଇପାରିବ।

**ଆପଣାନ୍ତୁ କ୍ୟାଶ୍‌ଲେସ୍ ବ୍ୟବସ୍ଥା:** ନୂଆ ସ୍ଥାନରେ ରହିବାକୁ ହେଲେ ବିଶେଷକରି ଏକା ରହୁଥିଲେ ସୁରକ୍ଷା ଦୃଷ୍ଟିରୁ ପାଖରେ ଅଧିକ ଟଙ୍କା ନ ରଖି କ୍ୟାଶ୍ ବଦଳରେ କାର୍ଡ କିମ୍ବା ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍ ଭଳି କ୍ୟାଶ୍‌ଲେସ୍ ସୁବିଧା ଆପଣାନ୍ତୁ। ଏଟିଏମ୍‌ରୁ ଟଙ୍କା ବାହାର କରିବାକୁ ଥିଲେ ସବୁବେଳେ ଦିନ ସମୟରେ ଜନଗହଳିପୂର୍ଣ୍ଣ ସ୍ଥାନରେ ଥିବା ଏଟିଏମ୍ ବ୍ୟବହାର କରନ୍ତୁ।

**ଲୋକ ସମ୍ପର୍କ ବଢ଼ାନ୍ତୁ–** ଆଜିକାଲି ସମସ୍ତେ ନିଜ ନିଜ କାମରେ ବ୍ୟସ୍ତ। ହେଲେ ଜବ୍ ପାଇଁ ନୂଆ ସ୍ଥାନରେ ରହୁଥିଲେ ଘର ମାଲିକ, ପାଖ ପଡ଼ୋଶୀଙ୍କଠାରୁ ଆରମ୍ଭ କରି ଅଫିସ୍‌ରେ ବସ୍ ଓ ସହକର୍ମୀଙ୍କ ସହ ସୁସମ୍ପର୍କ ରଖନ୍ତୁ। କାରଣ ସମସ୍ତଙ୍କ ସହ ଭଲ ସମ୍ପର୍କ ରଖିଲେ ନୂଆ ଜାଗାରେ ହଠାତ୍ ଆବଶ୍ୟକ ବେଳେ ପରିବାର ସଦସ୍ୟଙ୍କ ଅନୁପସ୍ଥିତିରେ ଏହିମାନେ ନିଶ୍ଚୟ ସାହାଯ୍ୟ କରିବେ।







## କ'ଣ କୁହନ୍ତି ଏମାନେ...



**ଅମ୍ରିତ୍ କୁମାର ଜେନା** (ସଫ୍ଟୱେର୍ ଇଞ୍ଜିନିୟର, ବାଙ୍ଗାଲୋର୍)– ଜବ୍ ପାଇଁ ଯେବେ ଯାଜପୁରରୁ ବାଙ୍ଗାଲୋର ଆସିଲି, ଏକ ନୂଆ ଜାଗାରେ କେମିତି ରହିବି ବଡ଼ ଚିନ୍ତା ଥିଲା। ଅଫିସ୍‌ରେ ଜଏନ୍ କରିବା ପୂର୍ବରୁ ଯୋଗାଯୋଗ କରି ମୋର ଏଠାରେ ଥିବା ଦୁଇ ଜଣ ସାଙ୍ଗଙ୍କୁ ଭେଟିଲି। ଆମେ ତିନିଜଣ ମିଶି ସମସ୍ତଙ୍କୁ ଅଫିସ୍ ଯିବାକୁ ସୁବିଧା ହେଉଥିବା ଭଳି ସ୍ଥାନରେ ଘର ଭଡ଼ା ନେଇ ରହିଲୁ। ଫଳରେ ମୋ ସହ ଘରଲୋକଙ୍କୁ ବି ମୁଁ ଏଠାରେ ଏକୁଟିଆ ରହିବାର ଭୟ ଦୂର ହୋଇଛି। ସ୍ୱାସ୍ଥ୍ୟ ସଚେତନତା ଦୃଷ୍ଟିରୁ ଆମେ ବାହାରେ ନ ଖାଇ ଏକାଠି ରାନ୍ଧି ଖାଇବାକୁ ବି ସୁବିଧା ହେଉଛି। ତା'ଛଡ଼ା ତିନିଜଣଙ୍କ ଅଫିସ୍ ଟାଇମ୍ ଅଲଗା ହୋଇଥିବାରୁ ଘର ସବୁବେଳେ ଫାଙ୍କା ରହିବାକୁ ମଧ୍ୟ ପଡୁନାହିଁ, ଯଦ୍ଦ୍ୱାରା ଚୋରି ଆଶଙ୍କା ବି କମ୍।



**ଦୀପ୍ତିମୟୀ ସ୍ୱାଇଁ** (କର୍ମଜୀବୀ, ଭୁବନେଶ୍ୱର)– ପାଠପଢ଼ା ପରେ ଚାକିରି କରି ରୋଜଗାରକ୍ଷମ ହେବାକୁ କିଏ ବା ନ ଚାହେଁ! ହେଲେ ଯେବେ ଚାକିରି ମିଳିଲା ମନ ଯେତିକି ଖୁସି ଥିଲା, ପ୍ରଥମ ଥର ଘରଠାରୁ ଦୂରରେ ଏକାକୀ ନୂଆ ସହରରେ କିପରି ରହିବି ଚିନ୍ତା ଲାଗୁଥିଲା। ପରିବାର ଲୋକଙ୍କ ସହ ଆସି ଅଫିସ୍‌ରେ ଜଏନ୍ କରିବା ପୂର୍ବରୁ ଘର ଖୋଜିଲି। ଏକା ଭଡ଼ା ରହିବା ଅପେକ୍ଷା ଅଫିସ୍ ହଷ୍ଟେଲ୍‌ରେ ଅନ୍ୟମାନଙ୍କ ସହିତ ରହିବା ଅଧିକ ନିରାପଦ ମନେହେଲା। ତା'ଛଡ଼ା ଏଠାରେ ନିଜେ ରାନ୍ଧିବାର ଟେନ୍‌ଶନ୍ ବି ନାହିଁ। ତେବେ ଏସବୁ ବ୍ୟତୀତ ମୋ ମତରେ ଏକ ଅଜଣା ଜାଗାରେ ନିଜକୁ ଆଡ୍‌ଜଷ୍ଟ କରିବା ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସମସ୍ତଙ୍କ ସହ ବିଶେଷକରି ନିଜ ରୁମ୍‌ମେଟ୍‌ମାନଙ୍କ ସହ ଉତ୍ତମ ବନ୍ଧୁତା ସ୍ଥାପନ କରିବା। ଫଳରେ ଆବଶ୍ୟକ ସମୟରେ ସେହିମାନେ ହିଁ ପ୍ରଥମେ ସହାୟତାର ହାତ ବଢ଼ାଇବେ।



**ଭାଗବତ ବେହେରା** (କର୍ମଜୀବୀ, ପୁରୀ)– ଭୁବନେଶ୍ୱରରେ ଏକ ଘରୋଇ ଡାକ୍ତଖାନାରେ କାର୍ଯ୍ୟରତ। ପ୍ରତିଦିନ ଘରୁ ଏତେ ଦୂର ଯିବାଆସିବା କରିବା ସମ୍ଭବ ନ ଥିଲା। ତେଣୁ ଜଣେ ପରିଚିତଙ୍କ ସହାୟତାରେ ଭଲ ଘରଟିଏ ଖୋଜି ଭଡ଼ା ନେଇ ରହୁଛି। ଘର ଖୋଜିବା ବେଳେ ଅଫିସ୍‌ଠୁ କମ୍ ଦୂର ହେବା ସହ ଏହା ପାଖରେ ମାର୍କେଟ୍ ଓ ଅନ୍ୟାନ୍ୟ ସୁବିଧା ଅଛି ନା ନାହିଁ ଦେଖିଥିଲି। ଧୀରେ ଧୀରେ ଘରମାଲିକ ଏବଂ ପାଖ ପଡ଼ୋଶୀଙ୍କ ସହ ମିଳାମିଶା କଲି ଏବଂ ସ୍ଥାନୀୟ ଅଞ୍ଚଳ ବିଷୟରେ ଭଲ ଭାବେ ଜାଣିଲି। ଫଳରେ ଖୁବ୍ କମ୍ ଦିନ ଭିତରେ ଏହି ସ୍ଥାନ ମୋତେ ନା ଆଉ ନୂଆ ଭଳି ମନେହେଲା ନା ଏକା ରହିବାର ଭୟ ରହିଲା। ତେବେ ଏସବୁ ବ୍ୟତୀତ ଏକା ରହୁଥିବାରୁ ସୁରକ୍ଷା ଦୃଷ୍ଟିରୁ ବାହାରକୁ ଯିବା ବେଳେ ଭଲ ଭାବେ ଘର ବନ୍ଦ କରିବା ଏବଂ ପାଖରେ କମ୍ କ୍ୟାଶ୍ ରଖିବା ଆଦି ପ୍ରତି ଧ୍ୟାନ ଦେଇଥାଏ।

## ୟୁଥ୍ ଆଲର୍ଟ

# କଫି ପିଉଥିଲେ...

**ଶରୀରକୁ ଫୂର୍ତ୍ତି କରିବା ଲାଗି ଅନେକେ କଫି ପିଇଥାଆନ୍ତି। ଏମିତିକି କାହା କାହାର ଏକ କପ୍ କଫି ସହିତ ସକାଳ ନିଦ ଭାଙ୍ଗେ। ହେଲେ ଆପଣ ଜାଣନ୍ତି କି, ଦିନ ଭିତରେ ବାରମ୍ବାର ବା ଆବଶ୍ୟକଠାରୁ ଅଧିକ କଫି ପିଇବା ମଧ୍ୟ ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହୋଇପାରେ...**



⏭କଫି ପିଇବା ଅନେକଙ୍କର ଏକ ଅଭ୍ୟାସ। ମନ ଏବଂ ଶରୀରକୁ ରିଲାକ୍ସ କରିବା ଲାଗି ଅନେକେ ଦିନରେ ଏକାଧିକ ଥର ମଧ୍ୟ କଫି ପିଇଥାଆନ୍ତି। ହେଲେ ଏହା ଏକ ଆଡିକ୍ସନରେ ପରିଣତ ହୋଇଯିବାରୁ ଯେଉଁଦିନ କଫି ନ ମିଳେ ମୁଣ୍ଡ ବିନ୍ଧିବା, ଅଳସୁଆ ବା ମାନ୍ଦା ଲାଗିବା ଭଳି ସମସ୍ୟା ଉପୁଜିଥାଏ।

⏭ଆଡ୍ରେନାଲ୍ ଗ୍ଲାଣ୍ଡ ପ୍ରାକୃତିକ ଉପାୟରେ ଶରୀରକୁ ଶକ୍ତି ଯୋଗାଇଥାଏ। କଫିରେ ଥିବା ପ୍ରଚୁର ପରିମାଣରେ କଫିନ୍ ଆଡ୍ରେନାଲ୍ ଗ୍ଲାଣ୍ଡକୁ ଶରୀରକୁ ଶକ୍ତି ଯୋଗାଉଥିବା ହର୍‌ମୋନ କ୍ଷରଣ କରିବାରେ ସାହାଯ୍ୟ କରିଥାଏ। ହେଲେ ବାରମ୍ବାର କଫି ପିଇବା ଦ୍ୱାରା ଆଡ୍ରେନାଲ୍ ଗ୍ଲାଣ୍ଡ ଉପରେ ଚାପ ପଡ଼ିଥାଏ। ଫଳରେ ତାହା ପ୍ରାକୃତିକ ଉପାୟରେ ଶକ୍ତି ଯୋଗାଇ ନ ପାରିବା ସହ ଆଡ୍ରେନାଲ୍ ଫଟିଗ୍, ବର୍ନଆଉଟ୍ କିମ୍ବା ହର୍ମୋନ ଇମ୍‌ବାଲାନ୍ସ ଭଳି ସମସ୍ୟା ଉପୁଜିଥାଏ।

⏭ମାନସିକ ଚାପ ଦୂର କରିବା ଲାଗି ଅନେକେ କଫି ପିଅନ୍ତି। ଏହାଦ୍ୱାରା କିଛି ସମୟ ପାଇଁ ଏଥିରୁ ମୁକ୍ତି ମିଳିଥାଏ। ହେଲେ ଟେନ୍‌ସନ୍ ଫ୍ରି ହେବା ଆଳରେ ବାରମ୍ବାର କଫି ପିଇଲେ ଶରୀରରେ କର୍ଟିସଲ୍ ଏବଂ ଇନ୍‌ସୁଲିନ୍ କ୍ଷରଣ ବୃଦ୍ଧି କରିଥାଏ। ଫଳରେ ଶରୀରରେ ଚର୍ବି ଅଂଶ ବଢ଼ିଥାଏ। କେବଳ ଏତିକି ନୁହେଁ, ବାରମ୍ବାର କଫି ପିଇବା ଦ୍ୱାରା ଇନ୍‌ସୁଲିନ୍ କ୍ଷରଣ କମିଥାଏ, ଯାହାକି ଡାଇବେଟିସ୍ ହେବାର ମୁଖ୍ୟ କାରଣ।

⏭କଫି ଏସିଡିକ୍ ବା ଏଥିରେ ଅମ୍ଳଭାଗ ଅଧିକ। ତେଣୁ ଅଧିକ କଫି ପିଇବା ଦ୍ୱାରା ଏସିଡିଟି, ଛାତି ଜଳିବା, ପିଏଚ୍ ବାଲାନ୍ସ ଅସନ୍ତୁଳିତ ହେବା, ବଦହଜମୀ ହେବା ସହ ହାଡ଼ ଏବଂ ଜଏଣ୍ଟରେ ଯନ୍ତ୍ରଣା ହେବା ଆଦି ସମସ୍ୟା ଦେଖାଦେଇଥାଏ।

⏭କଫିରେ ଅଧିକ ମାତ୍ରାରେ ଥିବା ଅକ୍ସାଲେଟ୍ସ ରକ୍ତରେ ଥିବା କ୍ୟାଲ୍‌ସିୟମ୍ ସହିତ ମିଶି କ୍ୟାଲ୍‌ସିୟମ୍ ଅକ୍ସାଲେଟ୍ ସୃଷ୍ଟି କରିଥାଏ। ଯାହାର ମାତ୍ରା ଶରୀରରେ ଅଧିକ ହେବା ଦ୍ୱାରା କିଡ୍‌ନୀ ଷ୍ଟୋନ୍ ହେବାର ଆଶଙ୍କା ବଢ଼ାଇଥାଏ।



# ବୋପାନ୍ନା-ଭୋସଲେଙ୍କୁ ମିକ୍ସଡ ଡବଲ୍ସ ସ୍ୱର୍ଣ୍ଣ

**ହାଙ୍ଗଝୋ,୩୦।୯(ପି.ଟି.)**

ଶନିବାର ଏସିଆନ୍ ଗେମ୍ସ ୨୦୨୩ର ଟେନିସ୍ ମିକ୍ସଡ ଡବଲ୍ସରେ ଭାରତର ରୋହନ ବୋପାନ୍ନା ଓ ଋତୁଜା ଭୋସ୍‌ଲେଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି। ଶନିବାର ଅନୁଷ୍ଠିତ ଫାଇନାଲରେ ଭାରତୀୟ ଯୋଡି ୨-୬, ୬-୩ ଓ ୧୦-୪ ସେଟ୍‌ରେ ଚାଇନିଜ୍ ତାଇପେର ସୁଙ୍ଗ ହାଓ ହୁଆଙ୍ଗ ଓ ଏନ୍ ଶୁଓ ଲିଆଙ୍ଗଙ୍କୁ ପରାସ୍ତ କରିଛନ୍ତି। ଟୁର୍ନାମେଣ୍ଟରେ ଦ୍ୱିତୀୟ ସିଡ୍‌ର ମାନ୍ୟତା ପାଇଥିବା ଭାରତୀୟ ଯୋଡି ଆରମ୍ଭରୁ ପଛୁଆ ରହିଥିଲା। ପ୍ରଥମ ସେଟ୍‌କୁ ୨-୧ରେ ହାରିବା ପରେ ପରବର୍ତ୍ତୀ ଦୁଇ ସେଟ୍‌କୁ ଦଳ ସହଜରେ ଜିତି ନେଇଥିଲା। ଆରମ୍ଭରୁ ଋତୁଜାଙ୍କ ସର୍ଭିସ୍ ଠିକ୍ ନ ଥିବା ବେଳେ ଦ୍ୱିତୀୟ ସେଟ୍‌ରୁ ସେ ଚମତ୍କାର ପ୍ରଦର୍ଶନ କରିଥିଲେ। ତେବେ ବୋପାନ୍ନାଙ୍କ ଅଭିଜ୍ଞତା ଭାରତ ପାଇଁ ବେଶ୍ ଲାଭଦାୟକ ହୋଇଥିଲା। ଏହା ସହିତ ଭାରତ ଟେନିସ୍ ଇଭେଣ୍ଟରେ ଦ୍ୱିତୀୟ ପଦକ ହାସଲ କରିଥିବା ବେଳେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ସହିତ ଅଭିଯାନ ଶେଷ କରିଛି। ଏହା ପୂର୍ବରୁ ସାକେତ ମାଇନେନି ଓ ରାମକୁମାର ରାମନାଥନ ଭାରତ ପାଇଁ ପୁରୁଷ ଡବଲ୍ସରେ ରୌପ୍ୟ ପଦକ ଜିତିଥିଲେ। ପ୍ରଥମ ସେଟ୍‌ରେ ଋତୁଜାଙ୍କ ରିଟର୍ନରେ ସମସ୍ୟା ରହିଥିବା ବେଳେ ଦ୍ୱିତୀୟ ସେଟ୍‌ରେ ବୋପାନ୍ନା ଉଭୟଙ୍କ ସାଇଡ୍ ପରିବର୍ତ୍ତନ କରିଥିଲେ। ସାଇଡ୍ ଚେଞ୍ଜ ହେବା ପରେ ୨୭ ବର୍ଷୀୟା ଋତୁଜା ଚମତ୍କାର ପ୍ରଦର୍ଶନ କରିଥିଲେ। ପ୍ରଥମ ଦୁଇ ସେଟ୍ ପରେ ମ୍ୟାଚ୍ ୧-୧ରେ ରହିଥିବା ବେଳେ ଅନ୍ତିମ ସେଟ୍ ଟାଇବ୍ରେକରରେ ଫଇସଲା ହୋଇଥିଲା। ଭାରତୀୟ ଯୋଡି ଏଥିରେ ୧୦-୪ରେ ବାଜି ମାରି ନେଇଥିଲେ। ଉଭୟ ନିଜର ଖେଳ ଶୈଳୀ ସହିତ ଅଭ୍ୟସ୍ତ । ତେଣୁ ପ୍ରଥମ ସେଟ୍ ହାରିବା ପରେ ସାଇଡ ବଦଳେଇବାକୁ ନିଷ୍ପତ୍ତି ନେଇଥିଲୁ, ଯାହା ଫଳପ୍ରଦ ହୋଇଥିଲା ବୋଲି ମ୍ୟାଚ ପରେ ପ୍ରତିକ୍ରିୟାରେ କହିଛନ୍ତି ରୋହନ ବୋପାନ୍ନା। ସମ୍ଭବତଃ ନିଜ କ୍ୟାରିୟରର ଅନ୍ତିମ ଏସିଆନ୍ ଗେମ୍ସ ଖେଳୁଥିବା ବୋପାନ୍ନା ବର୍ତ୍ତମାନ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ହକି ମ୍ୟାଚ୍ ଦେଖିବେ ବୋଲି କହିଛନ୍ତି। ପୂର୍ବରୁ ମ୍ୟାଚ୍ ଦେଖିବା ପାଇଁ ଯୋଜନା କରିଥିଲେ ମଧ୍ୟ ଏହା ସମ୍ଭବ ହୋଇ ନ ଥିଲା।


ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ ଜିତିବା ପରେ ଭାରତୀୟ ଖେଳାଳିଙ୍କ ସହ ବୋପାନ୍ନାଙ୍କ ସେଲ୍ଫି।

## ଭାରତକୁ ଟେନିସ୍‌ରେ ଦ୍ୱିତୀୟ ପଦକ

ଅନ୍ୟ ମ୍ୟାଚରେ ଭାରତକୁ ସମର୍ଥନ କରିବା ପାଇଁ ଏହା ଶ୍ରେଷ୍ଠ ମୁହୂର୍ତ୍ତ ବୋଲି ବୋପାନ୍ନା କହିଛନ୍ତି। ଅନ୍ୟପକ୍ଷରେ ପ୍ରଥମ ଏସିଆନ୍ ଗେମ୍ସ ପଦକ ହାସଲ କରିଥିବା ଋତୁଜା ପ୍ରଥମ ସେଟ୍‌ରେ ନର୍ଭସ ଥିବା ସ୍ୱୀକାର କରିଛନ୍ତି। ପ୍ରଥମ ଥର ପାଇଁ ଏତେ ସଂଖ୍ୟକ ଦର୍ଶକଙ୍କ ସମ୍ମୁଖରେ ଖେଳୁଥିବାରୁ ମୁଁ ସାମାନ୍ୟ ନର୍ଭସ ରହିଥିଲି। ସର୍ଭିସ୍‌ରେ ସମସ୍ୟା ରହିଥିବା ବେଳେ ଦ୍ୱିତୀୟ ସେଟ୍ ବେଳକୁ ଏଥିରେ ସୁଧାର ଆଣିବାରେ ସମର୍ଥ ହୋଇଥିଲି ବୋଲି ଋତୁଜା କହିଛନ୍ତି। ତେବେ ଏସିଆନ୍ ଗେମ୍ସ ଟେନିସରେ ଭାରତୀୟ ଦଳର ଏହା ସବୁଠାରୁ ଖରାପ ପ୍ରଦର୍ଶନ। ୨୦୦୨ ଓ ୨୦୦୬ରେ ଭାରତୀୟ ଦଳ ୪ଟି ପଦକ ହାସଲ କରିଥିବା ବେଳେ ୨୦୧୦ ଓ ୨୦୧୪ରେ ୫ଟି ଲେଖାଏ ପଦକ ହାସଲ କରିଥିଲା। ୨୦୧୮ ଜାକାର୍ତ୍ତା ଇଭେଣ୍ଟରେ ଭାରତ ୩ ପଦକ ହାସଲ କରିଥିଲା। ସିଙ୍ଗଲ୍ସରେ ଭାରତୀୟ ଖେଳାଳିଙ୍କ ପଦକ ନୈରାଶ୍ୟଜନକ ରହିଥିବା ବେଳେ ପୁରୁଷ ଡବଲ୍ସରେ ପଦକ ଫେଭରିଟ୍ ରୋହନ ବୋପାନ୍ନା ଓ ୟୁକି ଭାମ୍ବ୍ରି ନିରାଶ କରିଥିଲେ।

## ଏସିଆନ ଗେମ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୧୧୪ | ୬୮ | ୩୪ | ୨୨୬ |
| ଜାପାନ | ୨୮ | ୩୮ | ୩୮ | ୧୦୪ |
| ଦ.କୋରିଆ | ୨୭ | ୨୯ | ୮୩ | ୧୦୯ |
| ଭାରତ | ୧୦ | ୧୪ | ୧୪ | ୩୮ |
| ଉଜ୍‌ବେକିସ୍ତାନ | ୧୦ | ୧୧ | ୧୬ | ୩୭ |
| ଥାଇଲାଣ୍ଡ | ୮ | ୪ | ୧୪ | ୨୬ |
| ଚାଇନିଜ ତାଇପେ | ୭ | ୯ | ୯ | ୨୫ |
| ହଂକଂ | ୫ | ୧୫ | ୧୮ | ୩୮ |
| ଉ.କୋରିଆ | ୫ | ୭ | ୪ | ୧୬ |
| ଇରାନ | ୩ | ୧୧ | ୧୧ | ୨୫ |
| କାଜାଖସ୍ତାନ | ୩ | ୪ | ୧୯ | ୨୬ |
| ମାଲେସିଆ | ୩ | ୩ | ୧୨ | ୧୮ |
| ଇଣ୍ଡୋନେସିଆ | ୩ | ୩ | ୧୦ | ୧୬ |
| ବାହାରିନ | ୩ | ୧ | ୨ | ୬ |
| ସିଙ୍ଗାପୁର | ୨ | ୫ | ୪ | ୧୧ |
| ଭିଏତନାମ | ୧ | ୨ | ୧୨ | ୧୫ |
| କାତାର | ୧ | ୨ | ୨ | ୫ |
| ଫିଲିପାଇନ୍ସ | ୧ | ୧ | ୬ | ୮ |
| ୟୁଏଇ | ୧ | ୧ | ୪ | ୬ |
| ମକାଓ | ୧ | ୧ | ୨ | ୪ |
| ତାଜିକିସ୍ତାନ | ୧ | ୧ | ୨ | ୪ |
| କୁଏତ୍ | ୧ | ୧ | ୧ | ୩ |
| କିର୍ଗିଜସ୍ତାନ | ୧ | ୦ | ୨ | ୩ |
| ସାଉଦି ଆରବ | ୧ | ୦ | ୧ | ୨ |
| ମଙ୍ଗୋଲିଆ | ୦ | ୨ | ୫ | ୭ |
| ଜୋର୍ଡାନ | ୦ | ୨ | ୧ | ୩ |
| ବ୍ରୁନେଇ | ୦ | ୧ | ୦ | ୧ |
| ଓମାନ | ୦ | ୧ | ୦ | ୧ |
| ଶ୍ରୀଲଙ୍କା | ୦ | ୧ | ୦ | ୧ |
| ଆଫଗାନିସ୍ତାନ | ୦ | ୦ | ୩ | ୩ |
| ଲାଓସ | ୦ | ୦ | ୨ | ୨ |
| ବାଂଲାଦେଶ | ୦ | ୦ | ୧ | ୧ |
| ଇରାକ | ୦ | ୦ | ୧ | ୧ |
| ଲେବାନନ | ୦ | ୦ | ୧ | ୧ |

# ସରବଜୋତ୍, ଦିବ୍ୟାଙ୍କୁ ରୌପ୍ୟ

**ହାଙ୍ଗଝୋ,୩୦।୯(ପି.ଟି.)**

ଚଳିତ ଏସିଆନ ଗେମ୍ସର ଶୁଟିଂରେ ଭାରତୀୟ ଶୁଟରଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। ଶନିବାର ଭାରତୀୟ ୧୦ ମିଟର ଏୟାର ପିସ୍ତଲ ଟିମ୍ ଏକ ରୌପ୍ୟ ପଦକ ହାସଲ କରିବା ଫଳରେ ଗୋଟିଏ ସଂସ୍କରଣରେ ଶୁଟିଂରେ ସର୍ବାଧିକ ପଦକ ହାସଲର ରେକର୍ଡ ଭାଙ୍ଗିଛି ଭାରତ। ୨୦୦୬ ଦୋହା ଏସିଆନ ଗେମ୍ସରେ ଭାରତ ଶୁଟିଂରୁ ୧୪ ପଦକ ପାଇଥିବା ବେଳେ ଚଳିତ ସଂସ୍କରଣରେ ୧୯ ପଦକ ହାସଲ କରିଛି। ଏହା ମଧ୍ୟରେ ୬ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ସାମିଲ ରହିଛି। ଶନିବାର ବାର୍ଥ ଡେ ବୟ ସରବଜୋତ ସିଂ ଓ ଦିବ୍ୟା ଟିଏସ୍ ଚମତ୍କାର ପ୍ରଦର୍ଶନ କରିଥିଲେ। ତେବେ ଶେଷ ଆଡକୁ ସାମାନ୍ୟ ଖରାପ ପ୍ରଦର୍ଶନ କାରଣରୁ ଅଳ୍ପକେ ସ୍ୱର୍ଣ୍ଣ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ଚାଇନାର ଝାଙ୍ଗ ବୋୱେନ୍ ଓ ଜିଆଙ୍ଗ ରାନକ୍ସିନ୍ ୧୬-୧୪ରେ ଏହି ଫାଇନାଲ ମ୍ୟାଚ୍ ଜିତି ନେଇଥିଲେ। ଉଭୟ ସରବଜୋତ ଓ ଦିବ୍ୟା ଚଳିତ ଏସିଆନ ଗେମ୍ସରେ ନିଜର ଦ୍ୱିତୀୟ ପଦକ ହାସଲ କରିଛନ୍ତି। ସରବଜୋତ ପୂର୍ବରୁ ୧୦ ମିଟର ଏୟାର ପିସ୍ତଲ ପୁରୁଷ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ଓ ଦିବ୍ୟା ୧୦ ମିଟର ଏୟାର ପିସ୍ତଲ ମହିଳା ଟିମ୍‌ରେ ଏକ ରୌପ୍ୟ ପଦକ ହାସଲ କରିଥିଲେ। ଶନିବାର ଭାରତୀୟ ଯୋଡିଙ୍କ ଆରମ୍ଭ ବେଶ୍ ଚମତ୍କାର ରହିଥିଲା। ଉଭୟ ୧୧-୭ରେ ଅଗ୍ରଣୀ ମଧ୍ୟ ହାସଲ କରିଥିଲେ। ତେବେ ୧୫ ତମ ଶଟ୍‌ରେ ଚାଇନା ଖେଳାଳି ପଛରୁ ଆସି ମ୍ୟାଚ୍ ଜିତିବାରେ ସମର୍ଥ ହୋଇଥିଲେ। ଚାଇନାର ଦୁଇ ଖେଳାଳି ୧୦.୭ ଓ ୧୦.୩ ପଏଣ୍ଟ ଶୁଟ୍ କରିଥିବା ବେଳେ ସରବଜୋତ ୯.୯ ଓ ଦିବ୍ୟା ୧୦.୫ ପଏଣ୍ଟ ଶୁଟ କରିଥିଲେ। ଏହା ପୂର୍ବରୁ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡରେ ୫୭୭ ପଏଣ୍ଟ ସହିତ ଏକ ନମ୍ବର ସ୍ଥାନରେ ରହି ଭାରତୀୟ ଖେଳାଳି ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲେ।

## ଶୁଟିଂରେ ଭାରତର ଶ୍ରେଷ୍ଠ ପ୍ରଦର୍ଶନ

**ଟ୍ରାପ୍‌ରେ କିନାନ୍ ଦ୍ୱିତୀୟ:** ଭାରତୀୟ ଟ୍ରାପ୍ ଶୁଟର କିନାନ୍ ଚେନାଇ ଯୋଗ୍ୟତା ପର୍ଯ୍ୟାୟରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ପ୍ରଥମ ଦିନରେ ୭୩ ପଏଣ୍ଟ ସହ ସେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ପ୍ରତି ରାଉଣ୍ଡରେ ୨୫ ଶଟ୍ ରହିଥିବା ବେଳେ କିନାନ୍ ଚମତ୍କାର ୭୩ ପଏଣ୍ଟ ଅର୍ଜନ କରିଥିଲେ। ଅନ୍ୟତମ ଭାରତୀୟଙ୍କ ମଧ୍ୟରେ ଜୋରାୱର ସିଂ ସାନ୍ଧୁ ୭୨ ପଏଣ୍ଟ ସହିତ ଷଷ୍ଠ ସ୍ଥାନରେ ରହିଥିବା ବେଳେ ପୃଥ୍ୱୀରାଜ ୭୦ ପଏଣ୍ଟ ସହ ୧୯ ତମ ସ୍ଥାନରେ ରହିଥିଲେ। ଭାରତୀୟ ଦଳ ୨୧୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ କୁଏତ୍ ୨୧୭ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିଲା।



ରୌପ୍ୟ ପଦକ ସହ ସରବଜୋତ ସିଂ ଓ ଦିବ୍ୟା ଟିଏସ୍।

# ପ୍ରୀତି ପାୱାରଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା

**ହାଙ୍ଗଝୋ,୩୦।୯(ପି.ଟି.)**

ଭାରତୀୟ ବକ୍ସର ପ୍ରୀତି ପାୱାର ଚଳିତ ଏସିଆନ୍ ଗେମ୍ସ ସେମିଫାଇନାଲରେ ପ୍ରବେଶ କରି ପଦକ ନିଶ୍ଚିତ କରିଛନ୍ତି। ଏହା ସହିତ ଆସନ୍ତା ପ୍ୟାରିସ୍ ୨୦୨୪ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେହିପରି ଅଲିମ୍ପିକ୍ସ ପଦକ ବିଜୟିନୀ ଲଭଲିନା ବୋର୍ଗୋହେନ୍ ମଧ୍ୟ ସେମିରେ ପ୍ରବେଶ କରିଛନ୍ତି। ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିବା ପାଇଁ ଲଭଲିନାଙ୍କୁ ଆଉ ଏକ ବିଜୟ ଆବଶ୍ୟକ। ମହିଳା ୫୪ କିଗ୍ରା କ୍ୱାର୍ଟର ଫାଇନାଲରେ ୧୯ ବର୍ଷୀୟା ପ୍ରୀତି ଚମତ୍କାର ପ୍ରଦର୍ଶନ କରିଥିଲେ। କାଜାଖସ୍ତାନର ଜାଇନା ସେକେରବେକୋଭାଙ୍କୁ ୪-୧ରେ ପରାସ୍ତ କରିବା ସହିତ ଭାରତ ପାଇଁ ଏକ ପଦକ ନିଶ୍ଚିତ କରିଥିବା ବେଳେ ପ୍ରଥମ ଥର ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେହିପରି ୭୫ କିଗ୍ରା ଓଜନ ବର୍ଗରେ ଅଲିମ୍ପିକ୍ସ ପଦକ ବିଜୟିନୀ ଲଭଲିନା ବୋର୍ଗୋହେନ୍ ୫-୦ରେ ଦକ୍ଷିଣ କୋରିଆର ସେଓଙ୍ଗ ସୁଏଓନଙ୍କୁ ପରାସ୍ତ କରିଛନ୍ତି। ପ୍ରଥମ ରାଉଣ୍ଡ ବାଇ ପାଇଥିବା ଲଭଲିନା ନିଜ ଉଚ୍ଚତାର ଫାଇଦା ଉଠାଇଥିଲେ। ସମସ୍ତ ୫ ଜଜ୍ ଲଭଲିନାଙ୍କ ସପକ୍ଷରେ ରାୟ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ମହିଳା ବକ୍ସିଂ ଇଭେଣ୍ଟର ୫୦, ୫୪, ୫୭ ଓ ୬୦ କିଗ୍ରା ଓଜନ ବର୍ଗରେ ସେମି ଫାଇନାଲିଷ୍ଟଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା ମିଳୁଥିବା ବେଳେ ୬୬ ଓ ୭୫ କିଗ୍ରା ବର୍ଗର ଫାଇନାଲିଷ୍ଟଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା ମିଳିଥାଏ।

# ବର୍ଷା ଭାରତ-ଇଂଲଣ୍ଡ ୱାର୍ମଅପ୍ ଧୋଇନେଲା


ବର୍ଷା କାରଣରୁ ଆସାମର ବରସାପରା ଷ୍ଟାଡିୟମ୍ କଭର ହୋଇଛି।

**ଗୁଆହାଟୀ, ୩୦।୯(ପି.ଟି.)**

ସ୍ଥାନୀୟ ବରସାପାରା କ୍ରିକେଟ ଷ୍ଟାଡିୟମରେ ଶନିବାର ଭାରତ ଓ ଇଂଲଣ୍ଡ ମଧ୍ୟରେ ବିଶ୍ୱକପ୍ ୱାର୍ମଅପ୍ ମ୍ୟାଚ ବର୍ଷା ଯୋଗୁ ସମ୍ଭବ ହୋଇପାରି ନାହିଁ। ମଧ୍ୟାହ୍ନରେ ବର୍ଷା ଯୋଗୁ ଟସ୍ ପଡ଼ିବାରେ ବିଳମ୍ବ ଘଟିଥିଲା। ପାଗ ଖରାପ ରହିବାରୁ ଅମ୍ପାୟର ସନ୍ଧ୍ୟା ୬ଟା ପୂର୍ବରୁ ମ୍ୟାଚକୁ ବାତିଲ କରିଦେବାକୁ ନିଷ୍ପତ୍ତି ନେଇଥିଲେ। ଅହମଦାବାଦଠାରେ ଅକ୍ଟୋବର ୫ରୁ ଆରମ୍ଭ ହେବାକୁଥିବା ୫୦ ଓଭର ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟ ପୂର୍ବରୁ ଭାଗ ନେଉଥିବା ସମସ୍ତ ୧୦ଟି ଦଳ ପାଇଁ ଦୁଇଟି ଲେଖାଏ ୱାର୍ମଅପ୍ ମ୍ୟାଚ ଖେଳିବାର ବ୍ୟବସ୍ଥା ରହିଛି। ବିଶ୍ୱକପ୍‌ର ଉଦ୍‌ଘାଟନୀ ମ୍ୟାଚ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯିବ। ଇଂଲଣ୍ଡ ଏହାର ପ୍ରଥମ ୱାର୍ମଅପ୍ ମ୍ୟାଚର ଦିନକ ପୂର୍ବରୁ ଭାରତରେ ପହଞ୍ଚିଛି। ଦଳ ଗୁଆହାଟୀରେ ରହି ଅକ୍ଟୋବର ୨ରେ ଏହାର ଦ୍ୱିତୀୟ ତଥା ଶେଷ ୱାର୍ମଅପ୍ ମ୍ୟାଚ ବାଂଲାଦେଶ ବିପକ୍ଷରେ ଖେଳିବ। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ବିପକ୍ଷରେ ୨-୧ରେ ସିରିଜ ବିଜୟ ପରେ ଗୁଆହାଟୀରେ ପହଞ୍ଚିଥିବା ଭାରତ ବର୍ତ୍ତମାନ ଥିରୁଭାନନ୍ତପୁରମ ଗସ୍ତ କରିବ। ଦଳ ସେଠାରେ ଅକ୍ଟୋବର ୩ରେ ନେଦରଲାଣ୍ଡ୍ସ ବିପକ୍ଷରେ ଏହାର ଦ୍ୱିତୀୟ ୱାର୍ମଅପ୍ ମ୍ୟାଚ ଖେଳିବ। ଶୁକ୍ରବାରଠାରୁ ୱାର୍ମଅପ୍ ମ୍ୟାଚ ଆରମ୍ଭ ହୋଇଛି। ଶ୍ରୀଲଙ୍କା ଏଠାରେ ୭ ଉଇକେଟରେ ବାଂଲାଦେଶଠାରୁ ପରାଜିତ ହୋଇଥିବା ବେଳେ ହାଇଦ୍ରାବାଦଠାରେ ଏକ ହାଇସ୍କୋରିଂ ମ୍ୟାଚରେ ନ୍ୟୁଜିଲାଣ୍ଡ ପାକିସ୍ତାନକୁ ହରାଇ ଦେଇଛି। ୱାର୍ମଅପ୍ ମ୍ୟାଚଗୁଡ଼ିକ ତିନୋଟି ଭେନ୍ୟୁ ଯଥା ଗୁଆହାଟୀ, ଥିରୁଭାନନ୍ତପୁରମ ଓ ହାଇଦ୍ରାବାଦରେ ଖେଳାଯାଉଛି।

**ଦିନିକିଆ ବିଶ୍ୱକପ**
ICC MEN'S CRICKET WORLD CUP
INDIA 2023
**ଆଉ ୫ ଦିନ**

# ୨୭ ଆଥ୍‌ଲେଟଙ୍କୁ ସମ୍ବର୍ଦ୍ଧିତ କଲେ କ୍ରୀଡ଼ାମନ୍ତ୍ରୀ

**ଭୁବନେଶ୍ୱର, ୩୦।୯(ବିଜୟ ରଣା)**

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ବିଭିନ୍ନ ଚାମ୍ପିୟନଶିପ୍‌ରେ ସଫଳତା ହାସଲ କରିଥିବା ୨୭ ଜଣ ଆଥ୍‌ଲେଟଙ୍କୁ ଆର୍ଥିକ ପୁରସ୍କାର ସହ ସମ୍ବର୍ଦ୍ଧିତ କରିଛନ୍ତି। ମୋଟ ପୁରସ୍କାର ରାଶିର ପରିମାଣ ହେଉଛି ୧୨,୩୦,୦୦୦ ଟଙ୍କା। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଗର୍ବ ଅମିତ କୁମାର ଭୂୟାଁଙ୍କୁ ୩.୭୫ ଲକ୍ଷ ଟଙ୍କା ପୁରସ୍କାର ସହ ସମ୍ବର୍ଦ୍ଧିତ କରିଥିଲେ। ୨୦୨୩ରେ ଅନୁଷ୍ଠିତ ୫୫ତମ ଏସିଆନ ବଡି ବିଲ୍‌ଡିଂ ଓ ଫିଜିକ୍ ସ୍ପୋର୍ଟ୍ସ ଚାମ୍ପିୟନଶିପ୍‌ରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହି ଚାମ୍ପିୟନଶିପ୍‌ରେ ରାଜ୍ୟର ଅନ୍ୟଜଣେ ପ୍ରତିଭାବାନ ଆଥ୍‌ଲେଟ ଜଗନ୍ନାଥ ଖୁଣ୍ଟିଆ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ତାଙ୍କୁ ୧.୨୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସ୍ପେଶାଲ ଅଲିମ୍ପିକ୍ସ ଭାରତ ନ୍ୟାଶନାଲ ଚାମ୍ପିୟନଶିପ୍, ୨୦୨୩ର ୩ ଆଥ୍‌ଲେଟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ୫କିମି ଟାଇମ୍ ଇଭେଣ୍ଟ ଏବଂ ୧୦କିମି ରୋଡ୍ ରେସ୍ ଇଭେଣ୍ଟରେ ୩ୟ ସ୍ଥାନ ଅଧିକାର କରିଥିବା ସାଇକ୍ଲିଷ୍ଟ ସିଦ୍ଧାର୍ଥ ମହାନ୍ତିଙ୍କୁ ୧୦,୦୦୦ ଟଙ୍କା ମିଳିଥିବା ବେଳେ ୫ କିମି ଟାଇମ ଇଭେଣ୍ଟରେ ୩ୟ ସ୍ଥାନ ପାଇଁ ସାଇକ୍ଲିଷ୍ଟ ଦେବାଶିଷଙ୍କୁ ମଧ୍ୟ ୧୦,୦୦୦ ଟଙ୍କା ମିଳିଥିଲା। ୨ କିମି ଟାଇମ ଇଭେଣ୍ଟରେ ଏକ ସ୍ୱର୍ଣ୍ଣ ଜିତିଥିବାରୁ ତାଙ୍କୁ ୩୦,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ରୋଲର ସ୍କେଟର ଦଧିଚି ଉଭୟ ୧୦୦୦ ମିଟର ଓ ୫୦୦ମିଟର ରେସ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ପ୍ରତ୍ୟେକ ସଫଳତା ପାଇଁ ୨୦,୦୦୦ ଟଙ୍କା ଲେଖାଏ ଆର୍ଥିକ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ସେହିପରି କାୟାକିଙ୍ଗ ଓ କାନୋଇଂ ସିନିୟର ନ୍ୟାଶନାଲ କାନୋଇ ସ୍ପ୍ରିଣ୍ଟ ଚାମ୍ପିୟନଶିପ୍ ୨୦୨୩ ସମେତ ବିଭିନ୍ନ ଇଭେଣ୍ଟରେ ସଫଳତା ଅର୍ଜନ କରିଥିବା ୨୨ ଆଥ୍‌ଲେଟଙ୍କ ମଧ୍ୟରେ ମୋଟ ୬,୩୦,୦୦୦ ଟଙ୍କା ବାଣ୍ଟି ଦିଆଯାଇଥିଲା। ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ସଫଳତା ଅର୍ଜନ କରିଥିବା ଏହି ଆଥ୍‌ଲେଟମାନଙ୍କର ଶୁଭକାମନା କରିବା ସହ ଆଗକୁ ସେମାନଙ୍କ ଭଲ ପ୍ରଦର୍ଶନ ଜାରି ରଖିବାକୁ କହିଥିଲେ। ରାଜ୍ୟରେ ବିଭିନ୍ନ ଖେଳର ପ୍ରଚାର ଓ ପ୍ରସାର ସହ ନୂଆ ନୂଆ ପ୍ରତିଭା ସୃଷ୍ଟି କରିବା ଦିଗରେ ସରକାର ପ୍ରତିଶ୍ରୁତବଦ୍ଧ ବୋଲି ସେ କହିଥିଲେ।



ସମ୍ବର୍ଦ୍ଧିତ ଆଥ୍‌ଲେଟଙ୍କ ସହ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା।

# ଐତିହାସିକ ପଦକ ପକ୍କା କଲେ ସୁତୀର୍ଥା, ଆହିକା


ସେମିଫାଇନାଲ ପ୍ରବେଶ ପରେ ସୁତୀର୍ଥା ମୁଖାର୍ଜୀ ଓ ଆହିକା ମୁଖାର୍ଜୀ।


୧୦୦ ମିଟର ବାଧା ଦୌଡ଼ ଅବସରରେ ଜ୍ୟୋତି ୟାରାଜୀ(ବାମ)।

**ହାଙ୍ଗଝୋ,୩୦।୯(ପି.ଟି.)**

ବିଶ୍ୱ ଚାମ୍ପିୟନ ଚାଇନା ଖେଳାଳି ଚେନ୍ ମାଙ୍ଗ ଓ ୟିଦି ୟାଙ୍ଗଙ୍କୁ ପରାସ୍ତ କରି ଏସିଆନ୍ ଗେମ୍ସ ଟେବୁଲ ଟେନିସ ସେମିଫାଇନାଲରେ ପ୍ରବେଶ କରିଛନ୍ତି ଭାରତର ମହିଳା ଡବଲ୍ସ ଖେଳାଳି ସୁତୀର୍ଥା ମୁଖାର୍ଜୀ ଓ ଆହିକା ମୁଖାର୍ଜୀ। ଏହା ସହିତ ଟେବୁଲ ଟେନିସ୍‌ରେ ଭାରତର ଏକ ଐତିହାସିକ ପଦକ ପକ୍କା ହୋଇଛି। ପୂର୍ବରୁ ଭାରତ ମହିଳା ଟେବୁଲ ଟେନିସରେ ପଦକ ହାସଲ କରିପାରି ନାହିଁ। ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ଥିବା ଚାଇନିଜ୍ ଯୋଡିଙ୍କୁ ୧୧-୫, ୧୧-୫, ୫-୧୧, ୧୧-୯ ସେଟ୍‌ରେ ପରାସ୍ତ କରିଥିଲେ ସୁତୀର୍ଥା ଓ ଆହିକା। ପ୍ରାଧାନ୍ୟ ବିସ୍ତାର କରି ଖେଳିବା ସହ ପ୍ରଥମ ସେଟ୍‌କୁ ମାତ୍ର ୮ ମିନିଟରେ ଜିତିଥିଲେ ଭାରତୀୟ ଯୋଡି। ଦ୍ୱିତୀୟ ସେଟ୍‌କୁ ୯ ମିନିଟରେ ଜିତିବା ସହିତ ଭାରତୀୟ ଯୋଡି ମ୍ୟାଚକୁ ନିୟନ୍ତ୍ରଣରେ ରଖିଥିଲେ। ତୃତୀୟ ରାଉଣ୍ଡରେ ଘରୋଇ ଦଳର ଖେଳାଳି ବିଜୟୀ ହୋଇଥିବା ବେଳେ ଚତୁର୍ଥ ରାଉଣ୍ଡ ମ୍ୟାଚ୍ ଜିତି ସୁତୀର୍ଥା ଓ ଆହିକା ଇତିହାସ ରଚିଥିଲେ। ତେବେ ମନିକା ବାତ୍ରା ପରାଜିତ ହେବା ସହିତ ମହିଳା ସିଙ୍ଗଲ୍ସରେ ଭାରତର ଅଭିଯାନ ଶେଷ ହୋଇଛି। ବିଶ୍ୱ ମାନ୍ୟତାର ୪ ନମ୍ବର ସ୍ଥାନରେ ଥିବା ୟିଦି ୟାଙ୍ଗ ୮-୧୧, ୧୨-୧୦, ୬-୧୧, ୪-୧୧, ୧୪-୧୨ ଓ ୫-୧୧ ସେଟ୍‌ରେ ମନିକାଙ୍କୁ ହରାଇଥିଲେ।

**ଆଥଲେଟିକ୍ସ:** ଆଥଲେଟିକ୍ସରେ ଭାରତୀୟ ଖେଳାଳିଙ୍କୁ ସକରାତ୍ମକ ଆରମ୍ଭ ମିଳିଛି। ୧୦୦ ମିଟର ବାଧାଦୌଡରେ ଜ୍ୟୋତି ୟାରାଜୀ ଓ ନିତ୍ୟା ରାମରାଜଙ୍କ ସହିତ ଲଙ୍ଗ ଜମ୍ପର ମୁରଲୀ ଶ୍ରୀଶଙ୍କର ଓ ଜେସ୍‌ୱିନ ଆଲଡ୍ରିନ୍ ଫାଇନାଲରେ ପ୍ରବେଶ କରିଛନ୍ତି। ଏସିଆନ୍ ଚାମ୍ପିୟନ ଜ୍ୟୋତି ୟାରାଜୀ ୧୦୦ ମିଟର ବାଧାଦୌଡରେ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ସହିତ ୧୩.୦୩ ସେକେଣ୍ଡର ସମୟ ନେଇ ଫାଇନାଲରେ ପ୍ରବେଶ କରିଥିଲେ। ଅନ୍ୟ ପକ୍ଷରେ ନିତ୍ୟା ରାମରାଜ ୧୩.୩୦ ସେକେଣ୍ଡର ସମୟ ନେଇ ଫାଇନାଲରେ ପହଞ୍ଚିଥିଲେ। ଏହାକୁ ମିଶାଇ ଜ୍ୟୋତି କ୍ରମାଗତ ଭାବରେ ସପ୍ତମ ଥର ପାଇଁ ଜାତୀୟ ରେକର୍ଡ ଭାଙ୍ଗିଛନ୍ତି।

**ବ୍ୟାଡମିଣ୍ଟନ:** ଭାରତୀୟ ବ୍ୟାଡମିଣ୍ଟନ ପୁରୁଷ ଦଳଗତ ଇଭେଣ୍ଟରେ ଫାଇନାଲରେ ପ୍ରବେଶ କରିବା ସହିତ ସ୍ୱର୍ଣ୍ଣ ପଦକରୁ ଗୋଟିଏ ପାଦ ଦୂରରେ ରହିଛି। ଶନିବାର ଦକ୍ଷିଣ କୋରିଆ ବିପକ୍ଷରେ ସଂଘର୍ଷପୂର୍ଣ୍ଣ ୩-୨ରେ ବିଜୟୀ ହୋଇଥିଲା ଭାରତ। ଏଚ୍. ଏସ୍. ପ୍ରଣୟ ପ୍ରଥମ ମ୍ୟାଚ୍ ଜିତି ଭାରତକୁ ୧-୦ରେ ଆଗୁଆ କରିଥିଲେ। ତେବେ ଡବଲ୍ସ ଯୋଡି ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ପରାଜିତ ହୋଇଥିଲେ। ପରବର୍ତ୍ତୀ ମ୍ୟାଚରେ ଲକ୍ଷ୍ୟ ସେନ୍ ଚମତ୍କାର ବିଜୟ ସହିତ ଭାରତକୁ ୨-୧ରେ ଆଗୁଆ କରିଥିଲେ। ତେବେ ଏମ୍. ଆର. ଅର୍ଜୁନ ଓ ଧ୍ରୁବ କପିଳା ପରାଜିତ ହେବାରୁ ମ୍ୟାଚ୍ ୨-୨ ସ୍ଥିତିକୁ ଆସିଥିଲା। ଅନ୍ତିମ ମ୍ୟାଚରେ କିଡାମ୍ବୀ ଶ୍ରୀକାନ୍ତ ଦମଦାର ପ୍ରଦର୍ଶନ କରିବା ସହିତ ମ୍ୟାଚ୍‌କୁ ଜିତି ଭାରତକୁ ଫାଇନାଲରେ ପହଞ୍ଚାଇଥିଲେ।

**୩ଏ ସାଇଡ୍ ବାସ୍କେଟବଲ୍:** ୩ଏ ସାଇଡ୍ ବାସ୍କେଟବଲରେ ଭାରତୀୟ ମହିଳା ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ବେଳେ ପୁରୁଷ ଦଳ ବିଦାୟ ନେଇଛି। ମହିଳା ଦଳ ମାଲେସିଆକୁ ୧୬-୬ରେ ପରାସ୍ତ କରିଥିବା ବେଳେ ବୈଷ୍ଣବୀ ଯାଦବ ଏକାକୀ ୯ ପଏଣ୍ଟ ସ୍କୋର କରିଥିଲେ। କ୍ୱାର୍ଟର ଫାଇନାଲରେ ଦଳ ଚାଇନିଜ୍ ତାଇପେକୁ ଭେଟିବ। ଅନ୍ୟ ପକ୍ଷରେ ପୁରୁଷ ଦଳ ୧୭-୧୯ରେ ଇରାନ ନିକଟରୁ ପରାଜିତ ହୋଇଛି।

**ଭାରୋତ୍ତୋଳନ:** ଅଲିମ୍ପିକ୍ସ ପଦକ ବିଜୟିନୀ ଭାରୋତ୍ତୋଳିକା ମୀରାବାଇ ଚାନୁ ଆହତ ହୋଇ ବିଦାୟ ନେଇଛନ୍ତି। ୱେଟ୍ ଉଠାଇବା ସମୟରେ ପାଦ ଖସିବା କାରଣରୁ ପଛ ପଟୁଆ ତଳେ ପଡି ଯାଇଥିଲେ ଚାନୁ। ସ୍ନାଚ୍‌ରେ ୮୩ କିଗ୍ରା ଉତ୍ତୋଳନ କରିଥିବା ଚାନୁ କ୍ଲିନ୍ ଆଣ୍ଡ ଜର୍କରେ ୧୧୭ କିଗ୍ରା ଓଜନ ଉଠାଇବା ପ୍ରୟାସରେ ଆହତ ହୋଇଥିଲେ। ୧୯୧ କିଗ୍ରାର ମୋଟ ଉତ୍ତୋଳନ ସହିତ ସେ ଚତୁର୍ଥ ସ୍ଥାନରେ ରହିଥିଲେ।

**କାନୋଇଁ ଓ କାୟାକିଂ:** ଭାରତୀୟ ଖେଳାଳି କାନୋଇଁ ଓ କାୟାକିଂ ଇଭେଣ୍ଟରେ ଚମତ୍କାର ପ୍ରଦର୍ଶନ ଜାରି ରଖିଛନ୍ତି। କାନୋଇଁ ଇଭେଣ୍ଟରେ ନୀରଜ ବର୍ମା ଫାଇନାଲରେ ପ୍ରବେଶ କରିଛନ୍ତି। ୧୦୦୦ ମିଟର ସେମିରେ ନୀରଜ ୪:୩୧.୬୨ ସେକେଣ୍ଡର ସମୟ ନେଇଥିଲେ। ସୋମବାର ଏହି ଇଭେଣ୍ଟର ଫାଇନାଲ ଅନୁଷ୍ଠିତ ହେବ। ମହିଳା କାୟାକ ଯୋଡି ବିନିତା ଚାନୁ ଓଇନାମ ଓ ପାର୍ବତୀ ଗୀତା ଫାଇନାଲରେ ପ୍ରବେଶ କରିଛନ୍ତି। ୫୦୦ମିଟର ସ୍ପ୍ରିଣ୍ଟ ସେମିରେ ୨:୦୭.୦୩୬ ସେକେଣ୍ଡର ସମୟ ନେଇ ଫାଇନାଲରେ ପ୍ରବେଶ କରିଥିଲେ। କାନୋଇଁ ଓ କାୟାକିଂ ଇଭେଣ୍ଟରେ ଭାରତ ଏସିଆନ୍ ଗେମ୍ସରେ ମାତ୍ର ଗୋଟିଏ ପଦକ ହାସଲ କରିବାରେ ସମର୍ଥ ହୋଇଛି।

**ଚେସ୍ :** ଚେସ୍‌ର ଦଳଗତ ଇଭେଣ୍ଟରେ ଭିଏତନାମକୁ ପରାସ୍ତ କରିଛି ଭାରତୀୟ ମହିଳା ଦଳ। ଶନିବାର ୨.୫ ଓ ୧.୫ ପଏଣ୍ଟରେ ଭାରତ ବିଜୟୀ ହୋଇଥିଲା। କୋନେରୁ ହମ୍ପି, ଭାନ୍ତିକା ଅଗ୍ରୱାଲ ନିଜର ମ୍ୟାଚ ଅମୀମାଂସିତ ରଖିଥିବା ବେଳେ ଆର. ବୈଶାଳୀ ବିଜୟୀ ହୋଇଥିଲେ।


କିଡାମ୍ବୀ ଶ୍ରୀକାନ୍ତ

# ପାକିସ୍ତାନ ବିପକ୍ଷରେ ଭାରତର ବୃହତ୍ ବିଜୟ

**ହାଙ୍ଗଝୋ,୩୦।୯(ପି.ଟି.)**

ଅଧିନାୟକ ହରମନ୍‌ପ୍ରୀତ୍ ସିଂଙ୍କ ୪ ଗୋଲ ବଳରେ ପାକିସ୍ତାନକୁ ୧୦-୨ରେ ପରାସ୍ତ କରିଛି ଭାରତୀୟ ପୁରୁଷ ହକି ଦଳ। ପୁଲ୍ ଏରେ ସ୍ଥାନ ପାଇଥିବା ଭାରତ ଏହି ବିଜୟ ସହିତ ସେମି ଫାଇନାଲରେ ପ୍ରବେଶ କରିଛି। ପାକିସ୍ତାନ ବିପକ୍ଷରେ ଏହା ଭାରତୀୟ ଦଳର ସର୍ବବୃହତ ବିଜୟ। ହରମନ୍‌ପ୍ରୀତ (୧୧, ୧୭, ୩୩ ଓ ଓ ୩୪ ମିନିଟ)ରେ ଗୋଲ ସ୍କୋର କରିଥିଲେ। ବରୁଣ କୁମାର ୪୧ ଓ ୫୪ ମିନିଟରେ ଡବଲ ଗୋଲ ସ୍କୋର କରିଥିବା ବେଳେ ମନଦୀପ୍ ସିଂ(୮), ସୁମିତ(୩୦), ସମଶେର ସିଂ(୪୬) ଓ ଲଳିତ କୁମାର ଉପାଧ୍ୟାୟ(୪୯) ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପାକିସ୍ତାନ ପକ୍ଷରୁ ମହମ୍ମଦ ଖାନ୍(୩୮ ମିନିଟ) ଓ ଅବଦୁଲ୍ ରାଣା(୪୫ ମିନିଟ) ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ। ଭାରତ ଓ ପାକିସ୍ତାନ ମଧ୍ୟରେ ଏହା ୧୮୦ ତମ ମ୍ୟାଚ ହୋଇଥିବା ବେଳେ ଗୋଲ ବ୍ୟବଧାନରେ ଏହା ସର୍ବବୃହତ ବିଜୟ। ଏହା ପୂର୍ବରୁ ପାକିସ୍ତାନ ୧୯୮୨ରେ ଓ ଭାରତ ୨୦୧୭ରେ ୭-୧ରେ ବିଜୟ ହାସଲ କରିଥିଲା।


ପାକିସ୍ତାନକୁ ହରାଇବା ପରେ ଉଲ୍ଲସିତ ଭାରତୀୟ ଦଳ।

## ଏସିଆନ ଗେମ୍ସରେ ଭାରତର ପଦକ

(ଶନିବାର)

**ସ୍ୱର୍ଣ୍ଣ:**
* ରୋହନ ବୋପାନ୍ନା-ଋତୁଜା ଭୋସେଲ: ମିକ୍ସଡ ଡବଲ୍ସ ଟେନିସ।
* ପୁରୁଷ ସ୍କ୍ୱାଶ ଦଳ : ପୁରୁଷ ଟିମ୍ ଇଭେଣ୍ଟ।

**ରୌପ୍ୟ:**
* ସରବଜୋତ ସିଂ- ଦିବ୍ୟା ଟିଏସ୍ :୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟ
* କାର୍ତ୍ତିକ କୁମାର: ୧୦,୦୦୦ ମିଟର ଚାଲି

**ବ୍ରୋଞ୍ଜ:**
* ଗୁଲବୀର୍ ସିଂ : ୧୦,୦୦୦ ମିଟର ଚାଲି।

# ୧୦,୦୦୦ ମିଟର ଚାଲିରେ ଭାରତକୁ ରୌପ୍ୟ, ବ୍ରୋଞ୍ଜ


୧୦ ହଜାର ମିଟା ଚାଲିରେ ରୌପ୍ୟ ବିଜେତା କାର୍ତ୍ତିକ କୁମାର(ବାମ) ଓ ବ୍ରୋଞ୍ଜ ବିଜେତା ଗୁଲବୀର ସିଂ।

**ହାଙ୍ଗଝୋ,୩୦।୯(ପି.ଟି.)**

ଭାରତୀୟ ଲଙ୍ଗ ଡିଷ୍ଟାନ୍ସ ରନର କାର୍ତ୍ତିକ୍ କୁମାର ଓ ଗୁଲବୀର ସିଂ ଏସିଆନ୍ ଗେମ୍ସ ୧୦ ହଜାର ମିଟର ଚାଲିରେ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। କାର୍ତ୍ତିକ ୨୮:୧୫.୩୮ ସେକେଣ୍ଡର ଟାଇମିଂ ସହିତ ରୌପ୍ୟ ପଦକ ହାସଲ କରିଥିବା ବେଳେ ଗୁଲବୀର ସିଂ ୨୮: ୧୭.୨୧ର ଟାଇମିଂ ସହ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଉଭୟ ଭାରତୀୟ ଖେଳାଳି ରେସ୍‌ର ଅନ୍ତିମ ୧୦୦ ମିଟରେ ପଦକ ରେସ୍‌ରେ ସାମିଲ ହୋଇଥିଲେ। ୩ ଜଣ ରେସ୍ ୱାକର ପରସ୍ପର ସହିତ ଧକା ହୋଇ ଟ୍ରାକରେ ପଡିଯିବା କାରଣରୁ ଦୁଇ ଭାରତୀୟଙ୍କୁ ପଦକ ଦୌଡରେ ସାମିଲ ହେବାର ସୁଯୋଗ ପାଇଥିଲେ। ବାହାରିନ୍‌ର ବିରହାନୁ ୟେମାଟାୱ ବାଲେ ୨୮:୧୩.୬୨ ସେକେଣ୍ଡର ଟାଇମିଂ ସହିତ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

# ଲ୍ୟୁକ୍ ୱିଲିୟମ୍ସ ଆର୍‌ସିବି ମୁଖ୍ୟ କୋଚ୍

## ଓମେନ୍ସ ପ୍ରିମିୟର ଲିଗ୍

**ବେଙ୍ଗାଲୁରୁ, ୩୦।୯(ପି.ଟି.)**

ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଦ୍ୱିତୀୟ ସଂସ୍କରଣ ପାଇଁ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ଅଷ୍ଟ୍ରେଲିଆର ଲ୍ୟୁକ୍ ୱିଲିୟମ୍ସଙ୍କୁ ଦଳର ମୁଖ୍ୟ କୋଚ ଭାବେ ନିଯୁକ୍ତି ଦେଇଛି। ଗତ ମାର୍ଚ୍ଚ ମାସରେ ୫ଟି ଦଳକୁ ନେଇ ପ୍ରତିଯାଗିତାର ଉଦ୍‌ଘାଟନୀ ସଂସ୍କରଣରେ ଦଳ ଅନ୍ତିମ ସ୍ଥାନରେ ରହିଥିଲା। ଦଳ ଖେଳିଥିବା ୮ଟି ମ୍ୟାଚ ମଧ୍ୟରୁ ଦୁଇଟିରେ ବିଜୟ ଲାଭ କରିଥିଲା। ଖରାପ ପ୍ରଦର୍ଶନ ପରେ ଆର୍‌ସିବି ମୁଖ୍ୟ କୋଚ୍ ବେନ୍ ସୱେରଙ୍କୁ ପଦବୀରୁ ହଟାଇ ଦେଇଥିଲା। ୪୩ ବର୍ଷୀୟ ୱିଲିୟମ୍ସଙ୍କଠାରୁ କୋଚିଂ ନେଇ ଆଡିଲେଡ୍ ଷ୍ଟ୍ରାଇକର୍ସ ୨୦୨୨-୨୩ରେ ମହିଳା ବିଗ୍ ବଶ୍ ଲିଗ୍ ଜିତିଥିଲା। ଏହାର ପୂର୍ବ ଦୁଇ ଥର ଦଳ ଫାଇନାଲରେ ପ୍ରବେଶ କରିପାରିଥିଲା। ଚଳିତବର୍ଷ ସର୍ଦ୍ଦର୍ନ ବ୍ରେଭ୍‌କୁ ଦି ହଣ୍ଡ୍ରେଡ୍ ଓମେନ୍ସ ପ୍ରତିଯୋଗିତା ଜିତାଇବାରେ ଦଳର ସହକାରୀ କୋଚ୍ ଭାବେ ୱିଲିୟମ୍ସ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ୱିଲିୟମ୍ସ ଆହୁରି ମଧ୍ୟ ୫୦ ଓଭର ଓମେନ୍ସ ନ୍ୟାଶନାଲ କ୍ରିକେଟ ଲିଗ୍‌ରେ ସାଉଥ ଅଷ୍ଟ୍ରେଲିଆନ ସ୍କୋପିଅନ୍ସ ଟିମ୍ ସହ ସମ୍ପୃକ୍ତ ଥିଲେ। ଏହି ଦଳ ଦୁଇଥର ରନରଅପ୍ ହୋଇପାରିଛି। ଏହାଛଡ଼ା ଚଳିତବର୍ଷ ପ୍ରଥମ ଭାଗରେ ଅଷ୍ଟ୍ରେଲିଆ 'ଏ' ଦଳର ଇଂଲଣ୍ଡ ଟୁର୍ ସମୟରେ ସେ ଅଷ୍ଟ୍ରେଲିଆ 'ଏ' ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ତୁଲାଇଛନ୍ତି।



# ନଜରରେ ପୂଜାରା, ଉନାଡକଟ୍, ବିହାରୀ

## ଇରାନୀ ଟ୍ରଫି ଆଜିଠାରୁ

**ରାଜକୋଟ୍, ୩୦।୯(ପି.ଟି.)**

ରଣଜୀ ଟ୍ରଫି ଚାମ୍ପିୟନ ସୌରାଷ୍ଟ୍ର ଓ ଭାରତ ମଧ୍ୟରେ ଇରାନୀ ଟ୍ରଫି ମ୍ୟାଚ ରବିବାରଠାରୁ ଆରମ୍ଭ ହେବ। ଏଥିରେ ଭେଟେରାନ ଚେତେଶ୍ୱର ପୂଜାରା ଓ ହନୁମା ବିହାରୀଙ୍କ ଭଳି ଷ୍ଟାର ଖେଳାଳି ପ୍ରଭାବୀ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ନଜରରେ ରହିବାକୁ ଚାହିଁବେ। ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ ଷ୍ଟାଡିୟମ ହେଉଛି ପୂଜାରାଙ୍କ ଅନ୍ୟତମ ଫେଭରିଟ୍ ଭେନ୍ୟୁ। ଗତ ଜୁଲାଇରେ ୱେଷ୍ଟଇଣ୍ଡିଜ ଟୁର୍‌ରୁ ବାଦ୍ ପଡ଼ିବା ପରେ ତାଙ୍କ ଟେଷ୍ଟ କ୍ୟାରିୟର ପ୍ରତି ବିପଦ ଦେଖାଦେଇଛି। ୩୫ ବର୍ଷୀୟ ଖେଳାଳି ଇଂଲିଶ କାଉଣ୍ଟି କ୍ରିକେଟରେ ସସେକ୍ସ ତରଫରୁ ଖେଳିବାବେଳେ ଚମତ୍କାର ଫର୍ମରେ ଥିଲେ। ମାତ୍ର ତାହା ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ପ୍ରତିଫଳିତ ହୋଇପାରି ନ ଥିଲା। ଭାରତବର୍ଷ ପରବର୍ତ୍ତୀ ଭାଗରେ ଦକ୍ଷିଣ ଆଫ୍ରିକା ଗସ୍ତ କରିବ। ଆସନ୍ତାବର୍ଷ ଇଂଲଣ୍ଡ ଟୁର୍‌ରେ ଆସିବ। ପୂଜାରା ଏହି ସୁଯୋଗ ହାତଛଡ଼ା କରିବାକୁ ଚାହିଁବେ ନାହିଁ।



କିନ୍ତୁ ସୌରାଷ୍ଟ୍ରର ଏହି ଷ୍ଟାର ବ୍ୟାଟରଙ୍କୁ ପେସ୍ ବୋଲର ବିଦ୍ୱାଥ କାଭେରାପ୍ପା, ନବଦ୍ୱୀପ ସାଇନି ଏବଂ ସ୍ପିନର ବି. ସାଇ ସୁଦର୍ଶନ ଏବଂ ଶାମ୍ସ ମୁଲାନୀଙ୍କ ବୋଲିଂ ଆକ୍ରମଣ ବିରୋଧରେ ପ୍ରଭାବୀ ପ୍ରଦର୍ଶନ କରିବାକୁ ହେବ। ସୌରାଷ୍ଟ୍ର ଅଧିନାୟକ ଜୟଦେବ ଉନାଡକଟ୍ ଏଥିରେ ଭଲ ପ୍ରଦର୍ଶନ କରିପାରିଲେ ଟେଷ୍ଟ ଦଳରେ ହୁଏତ ସେ ତାଙ୍କ ସ୍ଥାନ ବଜାୟ ରଖିପାରନ୍ତି। ୨୦୨୨-୨୩ ଘରୋଇ ସର୍କିଟରେ ଚମତ୍କାର ଫର୍ମ ଯୋଗୁ ଏହି ବାମହାତୀ ଖେଳାଳିଙ୍କୁ ୱେଷ୍ଟଇଣ୍ଡିଜ ଟୁର୍‌ରେ ଭାରତୀୟ ଦଳରେ ସାମିଲ କରାଯାଇଥିଲା। କିନ୍ତୁ ସେଠାରେ ୩ଟି ଇନିଂସରେ ତାଙ୍କ ୨୬ ଓଭର ବୋଲିଂରେ ସେ ଉଇକେଟ ଶୂନ୍ୟ ରହିଥିଲେ। ଅବଶିଷ୍ଟ ଭାରତ ଏକାଦଶର ଅଧିନାୟକ ହନୁମା ବିହାରୀ ଗତ ବର୍ଷ ବର୍ମିଂହାମ୍‌ଠାରେ ଇଂଲଣ୍ଡ ବିପକ୍ଷ ଏକମାତ୍ର ଟେଷ୍ଟ ଖେଳିବା ପରେ ଭାରତୀୟ ଦଳକୁ ଫେରିପାରି ନାହାନ୍ତି। ୨୯ ବର୍ଷୀୟ ଏହି ଖେଳାଳି ଗତ ଜୁଲାଇରେ ବେଙ୍ଗାଲୁରୁରେ ଦକ୍ଷିଣାଞ୍ଚଳକୁ ଦୁଲିପ ଟ୍ରଫି ଜିତାଇବାରେ ସଫଳ ହୋଇଥିଲେ। ଫାଇନାଲରେ ସେ ୬୩ ଓ ୪୨ ରନର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ଇରାନୀ ଟ୍ରଫିରେ ଭଲ ପ୍ରଦର୍ଶନ କରି ଭାରତୀୟ ଦଳରେ ମିଡଲ ଅର୍ଡର ସ୍ଥାନ ଫେରିବା ଲକ୍ଷ୍ୟରେ ସେ ଅଛନ୍ତି। ଏହି ସ୍ଥାନ ବର୍ତ୍ତମାନ ଅଜିଙ୍କ୍ୟ ରାହାନେ ଅକ୍ତିଆର କରିନେଇଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ କ୍ରିକେଟକୁ ଫେରି ରାହାନେ ଆଶାନୁରୂପ ପ୍ରଦର୍ଶନରେ ବିଫଳ ହୋଇଛନ୍ତି। ଅନ୍ୟପକ୍ଷରେ ମୁମ୍ବାଇର ସର୍ଫରାଜ ଖାନ୍ ଓ କର୍ନାଟକର ମୟଙ୍କ ଅଗ୍ରୱାଲ ଓପନିଂରେ ଏକ ସ୍ଥାନ ହାସଲ କରିବା ଲକ୍ଷ୍ୟରେ ଅଛନ୍ତି। ଗତ ଘରୋଇ ସିଜନରେ ଉଭୟେ ବହୁ ରନ୍ ସ୍କୋର କରିଥିଲେ। ଅଗ୍ରୱାଲ ସର୍ବାଧିକ ୯୯୦ ରନ ସଂଗ୍ରହ କରିଥିଲେ। ତେବେ ଶୁବମନ ଗିଲ୍ ଓ ଯଶସ୍ୱୀ ଜୟସ୍ୱାଲ ଭାରତୀୟ ଦଳର ସ୍କିମ୍‌ରେ ସେମାନଙ୍କ ସ୍ଥାନ ସୁଦୃଢ଼ କରିସାରିଛନ୍ତି।

**ଅବଶିଷ୍ଟ ଭାରତ ଦଳ:** ହନୁମା ବିହାରୀ (ଅଧିନାୟକ), କେ.ଏସ୍. ଭରତ, ମୟଙ୍କ ଅଗ୍ରୱାଲ, ୟାଶ ଧୂଲ, ଶାମ୍ସ ମୁଲାନୀ, ସାଇ ସୁଦର୍ଶନ, ସର୍ଫରାଜ ଖାନ୍, ପୁଲକିତ ନାରଙ୍ଗ, ସୌରଭ କୁମାର, ୟାଶ ଦୟାଲ, ନବଦୀପ ସଇନି, ବିଦ୍ୱାଥ କାଭେରାପ୍ପା, ଆକାଶ ଦୀପ, ରୋହନ କୁନୁମାଲ ଓ ଧ୍ରୁବ ଜୁରେଲ।

**ସୌରାଷ୍ଟ୍ର ଦଳ:** ଜୟଦେବ ଉନାଡକଟ୍ (ଅଧିନାୟକ), ଚେତେଶ୍ୱର ପୂଜାରା, ଶେଲ୍‌ଡନ ଜ୍ୟାକସନ, ଅର୍ପିତ ଭାସାଭାଦା, ହାର୍ଭିକ ଦେଶାଇ, ଧର୍ମେନ୍ଦ୍ର ସିଂ ଜାଡେଜା, ପ୍ରେରକ ମଙ୍କଡ, ଚିରାଗ ଜାନି, ଜୟ ଗୋହିଲ, ପାର୍ଥ ଭୁଟ୍, ବିଶ୍ୱରାଜ ସିଂ ଜାଡେଜା, ସମର୍ଥ ଭ୍ୟାସ୍, ୟୁବରାଜ ସିଂ ଡୋଡିୟା, କୁଶାଙ୍ଗ ପଟେଲ, ସ୍ନେଲ ପଟେଲ, ଦେବାଙ୍ଗ କରମଟା।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ